

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-220 ◆BHUBANESWAR ◆SUNDAY ◆4 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୦ ◆ଭୁବନେଶ୍ୱର ◆ରବିବାର ◆୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)



ଓଡ଼ିଶା ସରକାର

DSPL-615

ଆମ ଓଡ଼ିଶା
ନବୀନ ଓଡ଼ିଶା



ନୂଆ ଦିଲ୍ଲୀ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ
ଓଡ଼ିଆ ପାଠ୍ୟକ୍ରମରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର
ପ୍ରତିଷ୍ଠା ପାଇଁ

ଓଡ଼ିଶା ସରକାର ଏବଂ
ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆ ଦିଲ୍ଲୀ
ମଧ୍ୟରେ ବୁଝାମଣା ସ୍ମାରକ ପତ୍ର ସ୍ୱାକ୍ଷର

୪ ଫେବୃଆରୀ ୨୦୨୪
ଅପରାହ୍ଣ ୩ଟା ୩୦

ଓଡ଼ିଆ ଭାଷାରେ ପ୍ରଗତିଶୀଳ ଗବେଷଣା ନିମନ୍ତେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା ଓ ସହଯୋଗିତା!!!
ଆମର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ ଭିତ୍ତି ନିର୍ମାଣ।

ଉଚ୍ଚ ଶିକ୍ଷା ବିଭାଗ

OIPR-11001/13/0064/2324

# ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ

## ୨୦ ଲକ୍ଷ ଟଙ୍କା ଅର୍ଥରାଶି ସହ ମାନପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୨ (ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାର ବିକାଶ ନିମନ୍ତେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଭାଷାବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ଓ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଦୁଇ ଓଡ଼ିଆ ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ ଓ ପ୍ରଫେସର ଆର୍ଲୋ ଗ୍ରୀଫିଥଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।






ପଦ୍ମଭୂଷଣ ପ୍ରତିଭା ରାୟ, ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର ଓ ପ୍ରଫେସର ଆର୍ଲୋ ଗ୍ରୀଫିଥଙ୍କୁ ସମ୍ବର୍ଦ୍ଧନା

### ମୋ ଜୀବନର ଶ୍ରେଷ୍ଠ ସମ୍ମାନ: ଦେବୀପ୍ରସନ୍ନ

ପ୍ରଥମ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମୁଁ ଦେଶବିଦେଶରେ ବହୁ ଜାଗାରେ ସମ୍ମାନିତ ହୋଇଛି। କିନ୍ତୁ ଆଜିକାର ସମ୍ମାନ ମୋ ଜୀବନର ସବୁଠାରୁ ବଡ଼ ସମ୍ମାନ। ଏ ସମ୍ମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମ୍ମାନ ବୋଲି ସେ ପ୍ରକାଶ କରି ଧନ୍ୟବାଦ ଜଣାଇଥିଲେ।

### ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ: ସୀତାକାନ୍ତ

ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର କହିଛନ୍ତି ଯେ ଓଡ଼ିଆ ଭାଷାର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। ଭାଷା ସାହିତ୍ୟରେ କେବଳ ଆତ୍ମ ସନ୍ତୋଷ ପାଇଁ ନୁହେଁ, ପାଠକ ସୃଷ୍ଟି କରିବାର ମଧ୍ୟ ଆବଶ୍ୟକତା ରହିଛି। ଆଜିର ଏହି ସମ୍ମିଳନୀ ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଓଡ଼ିଆ ଭାଷା ଆହୁରି ଆଗକୁ ବଢ଼ିବ ବୋଲି ସେ ଆଶାପ୍ରକାଶ କହିଥିଲେ।

### ଆଜି ଏକ ପର୍ବ ଓ ଉଲ୍ଲାସର ଦିନ: ପ୍ରତିଭା ରାୟ

ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ କହିଛନ୍ତି ଯେ ଆଜି ଆମ ସମସ୍ତଙ୍କ ପାଇଁ ଏହା ଏକ ଉଲ୍ଲାସ ଦିନ, ପର୍ବର ଦିନ ଓ ଆନନ୍ଦର ଦିନ। ମାନବ ଜାତିର ବିସ୍ମୟକର ଉଦ୍ଭାବନ ହେଉଛି ଭାଷା। ହଜାର ହଜାର ବର୍ଷରେ ଭାଷାଟିଏ ଜନ୍ମ ନିଏ। କିନ୍ତୁ ଲିଖନ, ପଠନ ଓ ବ୍ୟବହାର ନ ହେଲେ, ଭାଷାଟିଏ ମରିଯାଏ। ମୁଖ୍ୟମନ୍ତ୍ରୀଙ୍କର ଏହି ସମ୍ମିଳନୀର ଆୟୋଜନ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଭାଷାକୁ ଆହୁରି ପରିପୁଷ୍ଟ କରିବ। ଏହି ବିଶ୍ୱ ଓଡ଼ିଆ ଭାଷା କୁମ୍ଭକୁ ଓଡ଼ିଆ ଭାଷା ସାହିତ୍ୟର ପୂର୍ଣ୍ଣ ଜାଗୃତି ପର୍ବ ଭାବରେ ସେ ବର୍ଣ୍ଣନା କରିଥିଲେ।

# 'ଅକ୍ଷର ଭୂମି'ର ଉଚ୍ଚ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୨ (ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳା ମଣ୍ଡଳ ପ୍ରାଙ୍ଗଣରେ ଅକ୍ଷର ଭୂମିର ଉଦ୍‌ଘାଟନ କରିଛନ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସ୍ମୃତିକୁ ଚିରସ୍ମରଣୀୟ କରିବା ସହ ଏହି ସମ୍ମିଳନୀର ସ୍ମାରକୀ ଭାବେ ଅକ୍ଷର ଭୂମି, ଓଡ଼ିଆ ଭାଷା କଳା ଓ ସଂସ୍କୃତିର ଜୟଗାନ କରିବା ସହ ଏହା ଓଡ଼ିଆ ଭାଷାର ଗୌରବ ବିଷୟରେ ଆଗାମୀ ପିଢ଼ିକୁ ପ୍ରେରଣା ଦେବ। କଳିଙ୍ଗ ଶୈଳୀରେ ନିର୍ମିତ ଏହି ସୁଦୃଶ୍ୟ କଳାକୃତି ଅକ୍ଷର ଭୂମିର ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଆ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରକୁ ଯେପରି କଳାତ୍ମକ ଭାବେ ସେଠାରେ ସଜ୍ଜିତ କରି ରଖାଯାଇଛି, ତାହା ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟକୁ ସଫଳ ଭାବେ ଉପସ୍ଥାପିତ କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେବା ସହ ତା'ର ଉଚ୍ଚ ପ୍ରଶଂସା କରିଛନ୍ତି। ଅକ୍ଷର ଭୂମିର ନିର୍ମାଣ ଦାୟିତ୍ୱ ନେଇଥିବା ଏବଂ ତାକୁ ସଫଳ ଭାବେ ସମ୍ପନ୍ନ କରିଥିବା ପୂର୍ତ୍ତ ବିଭାଗକୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।








# ରୋବଟ୍ ମୁହଁରେ କାଳଜୟୀ ସାହିତ୍ୟ

## ଭର୍ଚୁଆଲ୍‌ରେ ଭାଷା ସମ୍ମିଳନୀ ଦେଖିଲେଣି ୯ ହଜାର ପ୍ରବାସୀ ● କି' ବୋର୍ଡରେ ଓଡ଼ିଆ ଅକ୍ଷର

**ଭୁବନେଶ୍ୱର, ୩।୨(ସମିସ):** 'ମାତୃଭୂମି ମାତୃଭାଷାରେ ମମତା ଯାହା ହୃଦେ ଜନମି ନାହିଁ, ତାକୁ କାହିଁ ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ...', 'ଦେଖରେ ନଳିନୀ ନଳିନୀ ନଳିନୀରେ ପୂରିତ, ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରରେ ଶୋଭିତ...'। ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ପୁରୋଧା ପ୍ରକୃତି କବି ଗଙ୍ଗାଧର ମେହେରଙ୍କ କବିତା ପଙ୍‌କ୍ତି ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଏହି ରୀତି ସାହିତ୍ୟ, ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ଭାବେ ପରିଚିତ। ପ୍ରତିଟି ଓଡ଼ିଆ ତା' ଜୀବନକାଳରେ ଏଭଳି ଓଡ଼ିଆ ଉକ୍ତି କେବେ ନା କେବେ ନିଜ ଅନ୍ତର୍ମନରେ ସ୍ଥୂଳ ଓ ସୂକ୍ଷ୍ମ ବିଶେଷରେ ଆବୃତ୍ତି କରିଥିବ ନିଶ୍ଚିତ। ଓଡ଼ିଆମାନେ ଆବୃତ୍ତି କରୁଥିବା ଏହି କାଳଜୟୀ କବିତାକୁ ଏବେ ରୋବଟ୍ ଆବୃତ୍ତି କରୁଛି। ଓଡ଼ିଆ ଲିପିର ବିକାଶ ହେବା ସହ କମ୍ପ୍ୟୁଟରରେ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅତି ସୁନ୍ଦର ଭାବେ ଖଞ୍ଜି ଦିଆଯାଇଛି। ଜନତା ମଇଦାନରେ ଅନୁଷ୍ଠିତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ରେ ଏହାର ଝଲକ୍ ଦେଖିବାକୁ ମିଳିଛି। ତରୁଣଙ୍କଠାରୁ ପ୍ରବୀଣ; ସମସ୍ତେ ଏହି ରୋବଟ୍ ପାଖରେ ଦଣ୍ଡେ ଅଟକି ତା' ପାଟିରୁ ମିଠା ମିଠା ଆମ ମାତୃଭାଷା ଶୁଣି ଖୁସି ହେଉଛନ୍ତି।

ଜନତା ମଇଦାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଥିବା ପ୍ରାଚୀନ ଓ ମଧ୍ୟଯୁଗୀୟ କକ୍ଷକୁ ଲାଗି ଏକ ଝାପସା ଅନ୍ଧାର ଗମ୍ବୁଜ(ଡୋମ୍) ରହିଛି। ଏହାରି ଭିତରେ ଚାରୋଟି ହ୍ୟୁମାନୋଇଡି ରୋବଟ୍ ଓ ମୋବାଇଲ ରୋବଟ୍ ରହିଛି। ଏହି ରୋବଟ୍‌ଗୁଡ଼ିକ ସ୍ୱୟଂଚାଳିତ। ହ୍ୟୁମାନୋଇଡି ରୋବଟ୍ ଏକାଧିକ ଓଡ଼ିଆ କାଳଜୟୀ କବିତା ଆବୃତ୍ତି କରୁଛି। ଏଥିସହ 'ନମସ୍କାର, ବିଶ୍ୱର ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀକୁ ମୁଁ ଆପଣଙ୍କୁ ସ୍ୱାଗତ କରୁଛି' ବୋଲି କହିବା ସହ ଆଗନ୍ତୁକମାନଙ୍କ ସହ ହାତ ମିଳାଉଛି। ସେହିଭଳି ସେଠାରେ ଥିବା ଦୁଇଟି ମୋବାଇଲ ରୋବଟ୍ ଦିଗସୂଚକ ଭାବେ କାର୍ଯ୍ୟ କରୁଛନ୍ତି। ତା' ସାମ୍ନାରେ ଛିଡ଼ା ହେଲେ ତା'ର ଛୋଟଛୋଟ ଚକା ମାଧ୍ୟମରେ ସେ ଗଡ଼ିଯାଇ ଲୋକମାନଙ୍କ ବାଟ କଢ଼େଇ ନେଉଛି। ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ସଦର ମହକୁମାରୁ ଆସିଥିବା ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହାକୁ ଦେଖି ଅଭିଭୂତ ହେଉଛନ୍ତି। ରୋବଟ୍ ଭିତରେ ଭାଷାର ଏକ ମଡେଲ୍ ସୃଷ୍ଟି କରାଯାଇଛି, ଯେଉଁଥିରେ ବିଭିନ୍ନ ଭାଷା ସହ ଓଡ଼ିଆ ଭାଷାକୁ ଖଞ୍ଜି ଦିଆଯାଇଛି। କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟାପକ ବ୍ୟବହାର ଦ୍ୱାରା ଏହା ସମ୍ଭବ ଓ ସଫଳ ହୋଇପାରିଛି। ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ରୋବଟ୍‌ର ବ୍ୟାପକ ବ୍ୟବହାର ହେବ। ତେଣୁ ଏବେଠାରୁ ରୋବଟ୍‌ରେ ଓଡ଼ିଆ ଭାଷା ବୁଝିବା ଓ କହିବା ପାଇଁ ବିକଶିତ କରାଯାଉଛି। ଫଳରେ ଆଗାମୀ ଦିନରେ ରୋବଟ୍ ଅନ୍ୟ ଭାଷା ବୁଝିବା ସହ ଓଡ଼ିଆ ଭାଷା ବୁଝିପାରିବ ଓ କହିପାରିବ।

ଏହି ଗମ୍ବୁଜ ଭିତରେ ଅନ୍ୟତମ ଆକର୍ଷଣ ପାଲଟିଛି 'ମେଟାଭର୍ସ'। ଏଥିରେ ସମସ୍ତେ ଭର୍ଚୁଆଲ୍ ଦୁନିଆ ଦେଖିବାର ସୁଯୋଗ ପାଉଛନ୍ତି। ସେହିଠାରେ ଛିଡ଼ା ହୋଇ ମଧ୍ୟ ସେ ସମ୍ପୂର୍ଣ୍ଣ ସମ୍ମିଳନୀ ଭିତରର ଦୃଶ୍ୟକୁ ଉପଭୋଗ କରିପାରୁଛନ୍ତି। ମେଟାଭର୍ସ କଣ୍ଟ୍ରୋଲ୍‌କୁ ବ୍ୟବହାର କରି ତା' ଭିତରେ ନିଜକୁ ଗତିଶୀଳ କରାଇ ପାରୁଛନ୍ତି। ଗୋଟିଏ କକ୍ଷରୁ ଅନ୍ୟ କକ୍ଷକୁ ଯାଇ ସମସ୍ତ ପ୍ରଦର୍ଶିତ ବସ୍ତୁକୁ ଉପଭୋଗ କରୁଛନ୍ତି। ଦୁଇ ତିନୋଟି ମେଟାଭର୍ସ ପାଇଁ ଏକାଧିକ ଛାତ୍ରଛାତ୍ରୀ ଅପେକ୍ଷା କରି ଛିଡ଼ା ହେଉଛନ୍ତି, ଜଣଙ୍କ ପରେ ଜଣେ ଏହି ଭର୍ଚୁଆଲ ଦୁନିଆକୁ ଉପଭୋଗ କରି ଖୁସି ହେଉଛନ୍ତି। ସେହିଭଳି କମ୍ପ୍ୟୁଟର କି'-ବୋର୍ଡରେ ଓଡ଼ିଆ ଅକ୍ଷରକୁ ନେଇ ଏଥିରେ ପ୍ରଦର୍ଶନୀ କରାଯାଇଛି। ଇଂରାଜୀ, ହିନ୍ଦୀ ଅକ୍ଷର ସହ ଭବିଷ୍ୟତ ଓଡ଼ିଆ ଅକ୍ଷର ମଧ୍ୟ ଏହି କି'-ବୋର୍ଡରେ ଉପଲବ୍ଧତା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ଫଳରେ କମ୍ପ୍ୟୁଟର ଅତି ସହଜରେ ଯେମିତି ଇଂରାଜୀକୁ ଟାଇପ୍ କରାଯାଇ ପାରୁଛି, ଠିକ୍ ସେମିତି ଓଡ଼ିଆକୁ ମଧ୍ୟ କରାଯାଇପାରିବ।

ଏ ସମ୍ପର୍କରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର କହିଛନ୍ତି, ସାରା ବିଶ୍ୱରେ ଥିବା ଓଡ଼ିଆମାନେ ଏହି ସମ୍ମିଳନୀକୁ ନିଜ ଘରେ ବସି ଉପଭୋଗ କରିବା ପାଇଁ ଆମେ ମେଟାଭର୍ସ ମାଧ୍ୟମରେ ସମସ୍ତ ସୁବିଧା କରିଛୁ। ଦିନ ୧୧ଟାରେ ମେଟାଭର୍ସ ଲାଇଭ୍ କରାଯାଇଥିଲା, ସନ୍ଧ୍ୟା ସୁଦ୍ଧା ପାଖାପାଖି ୯ ହଜାର ଲୋକ ଏହାକୁ ଦେଖିଛନ୍ତି। ବିଶେଷକରି ଏଠାରେ ପ୍ରଦର୍ଶିତ ପ୍ରତ୍ୟେକ ଜିନିଷକୁ ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ମଧ୍ୟ ଦେଖି ବେଶ୍ ଖୁସିବ୍ୟକ୍ତ କରୁଛନ୍ତି। ଏହାସହ ଓଡ଼ିଶା ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ଏକ ୱେବ୍‌ସାଇଟ୍ ବିକଶିତ କରାଯାଇଛି, ଯେଉଁଥିରେ ଓଡ଼ିଆ ଜାଣିବାକୁ ଆଗ୍ରହୀ ବ୍ୟକ୍ତିମାନେ ଏହି ୱେବ୍‌ସାଇଟ୍‌କୁ ବ୍ୟବହାର କରି ଓଡ଼ିଆ ବର୍ଣ୍ଣମାଳ ସହ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟବହାର ହେଉଥିବା ଓଡ଼ିଆ ପଢ଼ିପାରିବେ ଓ ଶିଖିପାରିବେ।




# ଓଡ଼ିଆ ଭାଷା ଐତିହ୍ୟରେ ନିମଗ୍ନ ହେଲେ ଯୁବପିଢ଼ି

**ଭୁବନେଶ୍ୱର, ୩।୨(ସମିସ):** ଆଜିର ଆଧୁନିକ ଯୁଗରେ ହିନ୍ଦୀ ଓ ଇଂରାଜୀ ଭାଷାର ବହୁଳ ପ୍ରଚଳନ ସାଧାରଣ କଥା। କିନ୍ତୁ ଜାତୀୟ ଓ ଅନ୍ତର୍ଜାତୀୟ ଭାଷାର ସାର୍ବଜନୀନ ବ୍ୟବହାର ଭିତରେ ଓଡ଼ିଶା ଭାଷା ପ୍ରତି ଯୁବଗୋଷ୍ଠୀଙ୍କ ଉତ୍ସାହ ଆଦୌ ମଳିନ ପଡ଼ିନାହିଁ। ଏହାର ଝଲକ ଦେଖିବାକୁ ମିଳିଛି, ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ। ଆଜି ଉଦ୍‌ଘାଟନୀ ଦିବସକୁ ବହୁ ସଂଖ୍ୟାରେ ଆସିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉତ୍ସାହ ଦେଖିବା ପରି ଥିଲା। ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ଆଧୁନିକ ଯୁଗର ପିଲାମାନଙ୍କର ନିଜ ମାତୃଭାଷା ପ୍ରତି ଥିବା ଅହେତୁକ ଦୁର୍ବଳତା ଦେଖିବା ପରି ଥିଲା। ଓଡ଼ିଶା ଭାଷାର ଇତିହାସ, ଉପଲବ୍ଧି, ଐତିହ୍ୟ ସହିତ ପରିଚିତ ହେବାରେ ସେମାନେ ଅବହେଳା କରିନଥିଲେ। ସମ୍ମିଳନୀ ସ୍ଥଳେ ଏଥିପାଇଁ ବ୍ୟାପକ ଆୟୋଜନ ମଧ୍ୟ କରାଯାଇଛି। ସେଠାକୁ ଆସିଥିବା ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀ ଏହି ସୁଯୋଗକୁ ହାତଛଡ଼ା ମଧ୍ୟ କରି ନଥିଲେ। କିଏ ହାଜରେ ଜବକାଚ ଧରି ପୋଥି ପଢୁଥିଲା ତ ଆଉ କିଏ ବହୁ ପ୍ରାଚୀନ ଲିପି ଭିତରେ ନିମଗ୍ନ ହୋଇଯାଉଥିଲା। ସମ୍ମିଳନୀ ସ୍ଥଳେ ରାଜ୍ୟର ବିଭିନ୍ନ ପ୍ରାଚୀନ ମନ୍ଦିରର ଶିଳାଲେଖ, ଦାସିଆ ଅଜାଙ୍କ ସନ୍ତକ, ରାଜ୍ୟ ସଂଗ୍ରହାଳୟରୁ ଆସିଥିବା ଓଡ଼ିଆ ଭାଷା ସମ୍ପର୍କିତ ବିରଳ ସାମଗ୍ରୀକୁ ତନ୍ନତନ୍ନ କରି ଦେଖିବାର ସୁଯୋଗ ମିଳିଥିଲା ସେମାନଙ୍କୁ। ଏଠାକୁ ଆସିଥିବା କିଛି ଛାତ୍ରଛାତ୍ରୀ କହିଛନ୍ତି, ଭାଷା ହେଉଛି ଆମ ପରିଚୟ। ଆମେ ଯେତେ ଆଧୁନିକ ହେଲେ ବି, ଇଂରାଜୀରେ ପାଠ ପଢ଼ିଲେ, କଥା ହେଲେ ବି ଆମ ମାତୃଭାଷା ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମ ଭାଷା, ସଂସ୍କୃତି, ଐତିହ୍ୟକୁ ପଛରେ ଛାଡ଼ି ଆମେ କେବେ ଆଗକୁ ଯାଇପାରିବା ନାହିଁ। ଆମ ଭାଷା ସହିତ ଥିବା ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମ ପାଇଁ ବହୁତ ବଡ଼ ସୁଯୋଗ ଆଣି ଦେଇଛି ବୋଲି ସେମାନେ କହିଥିଲେ।






# ବନ୍ଦେ ଉତ୍କଳ ଜନନୀରେ କମ୍ପିଲା ଓଡ଼ିଶା

**ଭୁବନେଶ୍ୱର, ୩।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ବିଶ୍ୱବ୍ୟାପୀ ହେବ। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବେ ଭବିଷ୍ୟତ ତଥା ଯୁବପିଢ଼ିଙ୍କ ପାଖରେ ଓଡ଼ିଆ ଭାଷା କିଭଳି ଆହୁରି ଆଦୃତି ଲାଭ କରିବ ସେଥିପାଇଁ ରାଜ୍ୟ ସରକାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ କରୁଛନ୍ତି। ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀର ବିଧିବଦ୍ଧ ଭାବେ ଉଦଘାଟିତ କରିଥିବା ବେଳେ ରାଜ୍ୟବ୍ୟାପୀ ଏହାକୁ ଅତ୍ୟନ୍ତ ଆଗ୍ରହର ସହ ପାଳନ କରାଯାଇଛି। ଶନିବାର ସକାଳେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରାଜ୍ୟବ୍ୟାପୀ ଅତ୍ୟନ୍ତ ଆଗ୍ରହର ସହ ଓଡ଼ିଶାର ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାସହ ରାଜ୍ୟବ୍ୟାପୀ ସାହିତ୍ୟ ଚର୍ଚ୍ଚା ସହ ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ପାଇଁ ବିଭିନ୍ନ ଆଲୋଚନାଚକ୍ର ମାନ ଅନୁଷ୍ଠିତ ହୋଇଯାଇଛି।

### ସାରା ବିଶ୍ୱରେ ଗୁଞ୍ଜରିଲା ଓଡ଼ିଆ ଅସ୍ମିତା ଗାଥା

### ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ନେଇ ଆଜି ପଞ୍ଚାୟତସ୍ତରରୁ ରାଜ୍ୟ ରାଜଧାନୀ ଯାଏଁ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ପୂର୍ବାହ୍ନ ୧୧ଟା ପରେ ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ସହ ସାଧାରଣ ଲୋକେ ବନ୍ଦେ ଉତ୍କଳ ଜନନୀ ଗାନ କରିଛନ୍ତି। କେବଳ ଓଡ଼ିଶା ନୁହେଁ, ଦେଶ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଅତ୍ୟନ୍ତ ଆଗ୍ରହର ସହ ଓଡ଼ିଆଙ୍କୁ ଚିର ଉଦବୁଦ୍ଧ କରୁଥିବା ଏହି ପ୍ରାଣସ୍ପର୍ଶୀ ସଙ୍ଗୀତ ଗାନ କରିଛନ୍ତି। ଏପରିକି ବହୁ ପ୍ରବାସୀ ଓଡ଼ିଆ ସଂଗଠନ ମଧ୍ୟ ପ୍ରଥମ ବିଶ୍ୱ ସମ୍ମିଳନୀ ପ୍ରରିପେକ୍ଷୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରିଥିବା ଜଣାପଡ଼ିଛି। ସରକାରୀ ସ୍ତରରେ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରେର ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିବା ବେଳେ ବହୁ ସାଧାରଣ ଲୋକେ ସ୍ୱେଚ୍ଛାକୃତ ଭାବେ ଏନେଇ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି। ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ, ସ୍ୱନାମଧନ୍ୟ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲା ସ୍ଥାନୀୟ ପ୍ରଶାସନ। ସେହିପରି ରାଜ୍ୟବ୍ୟାପୀ ବିଭିନ୍ନ ସାହିତ୍ୟ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ସାହିତ୍ୟ ଚର୍ଚ୍ଚମାନ ଆୟୋଜନ କରାଯିବା ସହ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ପର୍କରେ ସାରଗର୍ଭକ ଆଲୋଚନାମାନ ହୋଇଥିଲା। ବିଭିନ୍ନ ସ୍ଥାନରେ କବିତା ଆବୃତ୍ତି, କବିତା ଓ ଗଳ୍ପ ଲିଖନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି। ତିନିଦିନ ଧରି ରାଜ୍ୟସ୍ତରରେ ସମ୍ମିଳନୀ ହେବାକୁ ଥିବାବେଳେ ସରକାରଙ୍କ ଏପରି ପ୍ରୟାସକୁ ବିଭିନ୍ନ ମହଲରେ ସାଧୁବାଦ ଜଣାଯାଇଛି। ସରକାରଙ୍କ ଏପରି ପ୍ରୟାସ ଓଡ଼ିଆ ଭାଷାକୁ ଆହୁରି ଲୋକପ୍ରିୟ କରାଇବ। ବିଶେଷକରି ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଆମ ଭାଷା କିପରି ଆଗକୁ ବଢ଼ିପାରିବ ସେନେଇ ଏହି ସମ୍ମିଳନୀରେ ନିଷ୍କର୍ଷ ବାହାରିବା ସୁନିଶ୍ଚିତ। ଏ ସମ୍ପର୍କରେ ଭାଷାବିତ ଓ ବୁଦ୍ଧିଜୀବୀ ମାନେ ସମ୍ମିଳନୀର ବିଭିନ୍ନ ସୋପାନରେ ବିଚାର- ବିମର୍ଶ ବେଶ୍ ସହାୟକ ହୋଇପାରିବ।

# ଆଡ଼ଭାନୀଙ୍କୁ ଭାରତ ରତ୍ନ



■ ନୂଆଦିଲ୍ଲୀ,୩।୨(ଏଜେନ୍ସି): ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ କରାଯିବ। ଏନେଇ ଶନିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ଫଟୋ ସେୟାର କରି ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତୀୟ ରାଜନୀତିରେ ଆଡଭାନୀଙ୍କ ଅନନ୍ୟ ଭୂମିକାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିଥିଲା ବେଳେ ରାଷ୍ଟ୍ର ଗଠନ ପାଇଁ ଜଣେ ନିଷ୍ଠାବାନ ସାଂସଦ ଏବଂ କେନ୍ଦ୍ରମନ୍ତ୍ରୀ ଭାବେ ଆଡଭାନୀଙ୍କ କର୍ମନିଷ୍ଠାକୁ ମଧ ସେ ପ୍ରଶଂସା କରିଛନ୍ତି। ବିଜେପି ଶାସନକାଳର ଏହି ସ୍ୱର୍ଣ୍ଣିମ କାଳରେ ଆଡଭାନୀଙ୍କ ଭଳି ଜଣେ ବର୍ଷିଆନ ନେତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଉଥିବାରୁ ଏହା ତାଙ୍କର ଦୀର୍ଘ ଜୀବନର ତ୍ୟାଗ ଓ ନିଷ୍ଠାକୁ ସ୍ୱୀକୃତି ଦେବ ବୋଲି ମୋଦୀ କହିଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଖୁସିର ଲହର ଖେଳି ଯାଇଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ଠାରୁ ଆରମ୍ଭ କରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ, ମନୋହର ଲାଲ ଖଟ୍ଟରଙ୍କ ଭଳି ବହୁ ବରିଷ୍ଠ ନେତା ଖୁସି ବ୍ୟକ୍ତ କରିଛନ୍ତି।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-220 ◆BHUBANESWAR ◆SUNDAY ◆4 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୦ ◆ଭୁବନେଶ୍ୱର ◆ରବିବାର ◆୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)







## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ 'ଭାଷା' ରତୁ



- ଓଡ଼ିଆ ଭାଷାକୁ ନେଇ ସମଗ୍ର ରାଜ୍ୟରେ ଉଲ୍ଲାସ-ଉତ୍ସାହ
- ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରେ ପ୍ରକମ୍ପିତ ହେଲା ସମଗ୍ର ରାଜ୍ୟ
- ସମ୍ମିଳନୀର ପ୍ରସ୍ତାବ ଅନୁଯାୟୀ ସ୍ୱତନ୍ତ୍ର ଭାଷା ନୀତି ପ୍ରସ୍ତୁତ ହେବ
- ୪ ଦେଶର ଭାଷା ବିଶେଷଜ୍ଞଙ୍କ ସହ ଶତାଧିକ ବିଦ୍ୱାନ ଏକାଠି
- ଓଡ଼ିଆ ଜାତି, ଓଡିଆ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ: ମୁଖ୍ୟମନ୍ତ୍ରୀ

**ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମାନ**

■ ଭୁବନେଶ୍ୱର, ୩।୨ (ସମିସ): ଶୀତ ଓ ବସନ୍ତର ମଧ୍ୟଭାଗରେ ରାଜ୍ୟରେ ଆସିଛି 'ଭାଷା' ରତୁ । ଭାଷାକୁ ନେଇ ଓଡ଼ିଶା ସହ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଉଲ୍ଲାସ, ଉତ୍ସାହ। ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଭାଷା ସୂତ୍ରରେ ବାନ୍ଧିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ପରିକଳ୍ପନା ସ୍ୱରୂପ ରାଜ୍ୟରେ ଆରମ୍ଭ ହୋଇଛି ତିନିଦିନିଆ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ସ୍ଥାନୀୟ ଜନତା ମଇଦାନରେ ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଖ୍ୟାତ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରିଛନ୍ତି। ଅନୁରୂପ ଭାବରେ ପ୍ରଖ୍ୟାତ ସାହିତ୍ୟିକ ପ୍ରତିଭା ରାୟ, ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ଓ ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ସମସ୍ତେ ଓଡ଼ିଆ। ଓଡ଼ିଆ ଆମ ଭାଷା ଓ ଆମ ପରିଚୟ। ଭାଷା ଗୋଟିଏ ଜାତିର ମୁକୁଟ। ଏହା ଆମ ସମସ୍ତଙ୍କୁ ଏକତାର ମହାମନ୍ତ୍ର ଦେଇଥାଏ। ବର୍ତ୍ତମାନ ନୂଆ ସଂସ୍କୃତି ଓ ବୈଷୟିକ ଜ୍ଞାନର ପ୍ରଭାବ ଭାଷା ଉପରେ ରହୁଛି। ତେଣୁ ଭାଷାର ସବୁ ଦିଗ ଉପରେ ଆଲୋଚନା କରାଯିବା ଉଚିତ। ଏହି ସମ୍ମିଳନୀରେ ଆମେ ଆମ ଭାଷାର ଇତିହାସ ଜାଣିବା। ବର୍ତ୍ତମାନକୁ ଦେଖିବା ଓ ଭବିଷ୍ୟତ ପାଇଁ ରାସ୍ତା ତିଆରି କରିବା। ଓଡ଼ିଆ ଭାଷାର ଉନ୍ନତି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲାଯାଇଛି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଆ ଭାଷା ଶିକ୍ଷାକୁ ଉତ୍ସାହିତ କରାଯାଇଛି। ଏହି ସମ୍ମିଳନୀର ସ୍ମାରକୀ ଭାବେ 'ଅକ୍ଷର ଭୂମି' ଓଡ଼ିଆ ଭାଷାର ଜୟଗାନ କରୁଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଆଦିକବି ସାରଳା ଦାସଙ୍କୁ ପ୍ରଣିପାତ କରିଛନ୍ତି। ଏହା ସହ ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରିଥିବା ସବୁ ଲେଖକ, ସାହିତ୍ୟିକ ଓ କବିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସହ ସେମାନଙ୍କୁ ଭାଷା ସମ୍ମିଳନୀକୁ ସ୍ୱାଗତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଆମେ ସମସ୍ତେ ଗୋଟିଏ ମଞ୍ଚରେ ଓଡ଼ିଆ ଭାଷା ପାଇଁ ଏକାଠି ହୋଇଛୁ। ଦେଶ ବିଦେଶରେ ଥିବା ଓଡ଼ିଆମାନେ ମଧ୍ୟ ଏଥିରେ ଯୋଡ଼ି ହୋଇଛନ୍ତି। ବିଶିଷ୍ଟ ଲେଖକ ଓ ଗବେଷକମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଏହା ଏକ ଗୌରବର ସମୟ ବୋଲି ସେ କହିଛନ୍ତି। ଭଲ ସାହିତ୍ୟ ସୃଷ୍ଟି ଓ ଓଡ଼ିଆ ଭାଷାର ଅଧିକ ବ୍ୟବହାର ଉପରେ ଏଠାରେ ଆଲୋଚନା ହେବ। ଏହି ସମ୍ମିଳନୀରେ ଯାହା ପ୍ରସ୍ତାବ ଆସିବ, ରାଜ୍ୟ ସରକାର ତାକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ଭାଷା ନୀତି ପ୍ରସ୍ତୁତ କରିବେ । ଓଡ଼ିଆ ଜାତିର ଭବିଷ୍ୟତ ବିକାଶ ରାସ୍ତାକୁ ଏହା ପ୍ରଶସ୍ତ କରିବ ବୋଲି ମତଦେଇ ଓଡ଼ିଆ ଜାତିର ଓ ଓଡ଼ିଆ ଭାଷାର ଭବିଷ୍ୟତ ଉଜ୍ଜଳ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ▶ପୃଷ୍ଠା-୧୮

## ସମ୍ବଲପୁରରେ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍ ଲୋକାର୍ପିତ

# ଓଡ଼ିଶା ହେବ ଶିକ୍ଷା ଓ କୌଶଳ ବିକାଶର କେନ୍ଦ୍ର: ପ୍ରଧାନମନ୍ତ୍ରୀ



**୬୮୧୬୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ**

■ ସମ୍ବଲପୁର/ବୁର୍ଲା, ୩।୨ (ସମିସ): ଭବିଷ୍ୟତ ଓଡ଼ିଶା ହେବ ଶିକ୍ଷା ଓ କୌଶଳ ବିକାଶର କେନ୍ଦ୍ର । ବ୍ରହ୍ମପୁରରେ ଆଇଜର, ଭୁବନେଶ୍ୱରରେ ଆଇଆଇଟି ଓ ସମ୍ବଲପୁରରେ ଆଇଆଇଏମ୍ ପରି ସଂସ୍ଥା ଓଡ଼ିଶା ଭୂମିକୁ ଗର୍ବିତ କରିଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସମ୍ବଲପୁରସ୍ଥିତ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜିର ଦିନଟି ଓଡ଼ିଶା ପାଇଁ ଏକ ଗୌରବର ଦିନ। ଓଡ଼ିଶାର ବିକାଶ ଯାତ୍ରାର ଦିନ। ଶିକ୍ଷା, ରେଳ, ରାସ୍ତା, ବିଜୁଳି ଓ ଶକ୍ତି କ୍ଷେତ୍ରରେ ୬୮୧୬୦ କୋଟିର ପ୍ରକଳ୍ପର ଓଡ଼ିଶାର ଗରିବ, ଶ୍ରମିକଙ୍କ ପାଇଁ ସମର୍ପିତ। ଏହାଦ୍ୱାରା ଅଧିକ ରୋଜଗାର ସୃଷ୍ଟି ହେବ, ରାଜସ୍ୱ ବୃଦ୍ଧି ସାଙ୍ଗକୁ ଦେଶର ଅଭିବୃଦ୍ଧି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ପୁଣି କହିଛନ୍ତି ଯେ ଶିକ୍ଷା, କୌଶଳ ବିକାଶର କେନ୍ଦ୍ର ରୂପେ ଓଡ଼ିଶାକୁ ପରିଣତ କରିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛି। ପେଟ୍ରୋଲ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଓଡ଼ିଶା ଶିଖର ଛୁଇଁଛି। ଗତବର୍ଷରେ ଓଡ଼ିଶାରେ ପେଟ୍ରୋକେମିକାଲ କ୍ଷେତ୍ରରେ ୧୨୫ହଜାର କୋଟି ଟଙ୍କା ନିବେଶ ହୋଇଛି। ସେହିପରି ରେଳ ବିକାଶରେ ୧୦ବର୍ଷରେ ୧୨ ଗୁଣା ଅଧିକ ପୁଞ୍ଜି ନିବେଶ ହୋଇଛି। ୫୦ହଜାର କିମି ଗ୍ରାମୀଣ ସଡ଼କ ଓ ୪୦୦୦ କିମି ନୂଆ ▶ପୃଷ୍ଠା-୧୮

## ଆମ ଯୁବଶକ୍ତି ହେବେ ବିଶ୍ୱର ପଥପ୍ରଦର୍ଶକ: ମୁଖ୍ୟମନ୍ତ୍ରୀ

> ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ସମୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଆମ ପାଇଁ ଗୌରବର ବିଷୟ

■ ସମ୍ବଲପୁର, ୩।୨ (ସମିସ): ପ୍ରଧାନମନ୍ତ୍ରୀ ଭାରତ ପାଇଁ ଏକ ନୂତନ ଦିଗ ନିର୍ଦ୍ଧାରଣ କରିଛନ୍ତି ଏବଂ ଆମେ ଏକ ଅର୍ଥନୈତିକ ଶକ୍ତିକେନ୍ଦ୍ର ହେବା ପଥରେ ଅଗ୍ରସର ହେଉଛୁ। ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଲାଗି ଉଦ୍ୟମ କରୁଛୁ। ଆମ ଯୁବଗୋଷ୍ଠୀଙ୍କ ଶକ୍ତି, ପ୍ରତିଭା ଏବଂ ଅଭିନବ ଦକ୍ଷତା ଆମ ଦେଶକୁ ଏକ ଭବିଷ୍ୟତକୁ ନେଇଯିବ ଯାହା ସମଗ୍ର ବିଶ୍ୱ ପାଇଁ ଆଲୋକବର୍ତ୍ତିକା ହେବ। ଆଜି ଆମେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରୁଛୁ ଏବଂ ଏହି ସମୟରେ ଭାରତୀୟ ଭାଷା ପ୍ରତି ଅହେତୁକ ଦୁର୍ବଳତା ବହନ କରୁଥିବା ପ୍ରଧାନମନ୍ତ୍ରୀ ନିଜେ ଓଡ଼ିଶାରେ ଉପସ୍ଥିତ ରହିବା ଆମ ପାଇଁ ଗୌରବର ବିଷୟ ▶ପୃଷ୍ଠା-୧୮

# ଘର ପିଣ୍ଡାରୁ ବିଶ୍ୱ ଜଗତରେ ସଶକ୍ତ ହେବ ଓଡ଼ିଆ ଭାଷା: ସୁଜାତା କାର୍ତ୍ତିକେୟନ



- ଯିଏ ମାତ୍ର ଓଡ଼ିଶା ପ୍ରେମୀ, ତାହା ପାଇଁ ଭାଷା ସମ୍ମିଳନୀ ଏକ ପର୍ବ
- ଆମ ମାଟିର ଭାଷାକୁ ସଶକ୍ତ, ସମୃଦ୍ଧ ଓ ବୁଦ୍ଧିମନ୍ତ କରିବାକୁ ଆହ୍ୱାନ
- ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ଼ ଭୂମିକା ରହିଛି

■ ଭୁବନେଶ୍ୱର, ୩।୨ (ସମିସ): ଜନତା ମଇଦାନରେ ଆରମ୍ଭ ହୋଇଥିବା ଭାଷା ସମ୍ମିଳନୀ ପର୍ବଟି କେବଳ ଲେଖକ, କବି ବା ଭାଷାବିତ୍‌ମାନଙ୍କର ନୁହେଁ; ଏହି ପର୍ବ ଆମ ସମସ୍ତଙ୍କର। ବଲାଙ୍ଗିରର ଚାଷୀ ଭାଇଙ୍କଠାରୁ ଆରମ୍ଭ କରି ବର୍ମିଂହାମ୍‌ରେ ବସିଥିବା ଛାତ୍ରଛାତ୍ରୀମାନଙ୍କର ଏହି ପର୍ବ। ଏହା ସମ୍ବଲପୁରୀ, କୁଇ ଓ ସାନ୍ତାଳୀଙ୍କର ମଧ୍ୟ ପର୍ବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି। ଓଡ଼ିଆ ଭାଷାର ଉତ୍ଥାନ ଓ ଗରିମାମୟ ଇତିହାସକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ନେତୃତ୍ୱ ନେଇଥିବା ଶ୍ରୀମତୀ କାର୍ତ୍ତିକେୟନ ସ୍ୱାଗତଭାଷଣ ଦେଇ କହିଛନ୍ତି ଯେ ଓଡ଼ିଶା ଯାହାର ମାତୃଭୂମି ଓ କର୍ମଭୂମି ଏହି ସମ୍ମିଳନୀ ସେମାନଙ୍କ ପାଇଁ ଏକ ପର୍ବ। ଯିଏ ▶ପୃଷ୍ଠା-୧୮

## ଲୋକକଥା




ଭାଷା ମହାକୁମ୍ଭେ ବୁଡ଼ଦେଇ ସର୍ବେ  
ଭାଷାକୁ ସମୃଦ୍ଧ କର,  
ଭାଷାରୁ ଯେତେକ ଅଳିଆ ହଟେଇ  
ସ୍ୱଚ୍ଛ କର ଭାଷା ଘର।  
ଜାଗହେ କଲମ ବୀର,  
ଏ ଉଦ୍ୟମ ପାଇଁ ଶ୍ରେୟ ଯୋଗ୍ୟ ସତେ  
ଆମ ରାଜ୍ୟ ସରକାର॥

## କାମଚଳା ବଜେଟରେ ରାଜ୍ୟ ମନ୍ତ୍ରୀ ପରିଷଦର ମୋହର

# ୧.୨ ଲକ୍ଷ କୋଟି ଟପିପାରେ ଅଟକଳ

■ ଭୁବନେଶ୍ୱର, ୩।୨ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଆଗାମୀ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ୍‌ରେ ମୋହର ବାଜିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ ଆଗାମୀ ବିଧାନସଭାରେ ଅର୍ଥମନ୍ତ୍ରୀ କାମଚଳା ବଜେଟ୍ ଆଗତ କରିବେ ଓ ଏହାର ପରିମାଣ ୧.୨ ଲକ୍ଷ କୋଟି ଟପିପାରେ ବୋଲି ଆକଳନ କରାଯାଉଛି। ସେହିପରି ଆଗାମୀ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟ୍ ଅଧିବେଶନରେ ଚିଠା ବଜେଟ ପରିମାଣ ମୋଟ ୨.୬ ଲକ୍ଷ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ଆସନ୍ତା ୫ରୁ ଶୋଡ଼ଶ ବିଧାନସଭାର ପଞ୍ଚଦଶ ଅର୍ଥାତ୍ ତଥା ବଜେଟ ଅଧିବେଶନ ଆରମ୍ଭ ହେବ। ୮ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ ଆଗତ କରିବେ। ଏଥିରେ ୨୦୨୪-୨୫ ଆର୍ଥିକ ବର୍ଷ ପ୍ରଥମ ୪ ମାସ ପାଇଁ ପ୍ରଚଳିତ ପ୍ରତିଷ୍ଠାନ, ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ପାଇଁ ଆବଶ୍ୟକ ସମ୍ବଳ ବିନିଯୋଗ ହୋଇପାରିବ। ଅପରପକ୍ଷେ ବଜେଟରେ ରାଜ୍ୟ ସରକାର କେନ୍ଦ୍ରୀୟ ସହାୟତା ଉପରେ ନିର୍ଭର ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ଷ ଶେଷରେ ରାଜସ୍ୱ ବଳକା, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ବୃଦ୍ଧିକୁ ଗୁରୁତ୍ୱ ଦେଇପାରନ୍ତି ବୋଲି ▶ପୃଷ୍ଠା-୧୮






# ଦେଶ ବିଦେଶ



## ପଞ୍ଜାବ ରାଜ୍ୟପାଳ ବନୱାରିଲାଲଙ୍କ ଇସ୍ତଫା



**ଚଣ୍ଡିଗଡ଼, ୩।୨ (ଏଜେନ୍ସି):** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବାର ଦିନକ ପରେ ଶନିବାର ପଞ୍ଜାବ ରାଜ୍ୟପାଳ ତଥା କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ପ୍ରଶାସକ ବନୱାରିଲାଲ ପୁରୋହିତ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଏବଂ ଅନ୍ୟ କିଛି ପ୍ରତିବଦ୍ଧତା ଯୋଗୁଁ ସେ ଇସ୍ତଫା ଦେଇଥିବା କହିଛନ୍ତି। ସେ ଇସ୍ତଫା ପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାଖକୁ ପଠାଇ ଦେଇଛନ୍ତି। ଏହାକୁ ସ୍ୱୀକାର କରିବାକୁ ଅନୁରୋଧ କରିଛନ୍ତି। ଶ୍ରୀ ପୁରୋହିତ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଜେପି ସହ ଜଡ଼ିତ ଥିଲେ। ୨୦୨୧ ଅଗଷ୍ଟ ୨୧ରେ ସେ ପଞ୍ଜାବ ରାଜ୍ୟପାଳ ନିଯୁକ୍ତ ହୋଇଥିଲେ। ସେ ୨ ବର୍ଷ ୫ ମାସ ୨ ଦିନ ପାଇଁ ରାଜ୍ୟପାଳ ରହିଥିଲେ। ଏହା ପୂର୍ବରୁ ୨୦୧୭-୨୧ ପର୍ଯ୍ୟନ୍ତ ତାମିଲନାଡୁର ଏବଂ ୨୦୧୬-୧୭ ଯାଏଁ ଆସାମର ରାଜ୍ୟପାଳ ଥିଲେ। ସେ ୧୯୪୦ ଏପ୍ରିଲ ୧୬ରେ ରାଜସ୍ଥାନର ନବଲଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଏହା ମଧ୍ୟରେ କ୍ୟାପ୍ଟେନ ଅମରିନ୍ଦର ସିଂହ ପଞ୍ଜାବର ନୂଆ ରାଜ୍ୟପାଳ ହେବା ନେଇ ଚର୍ଚ୍ଚା ହେଉଛି। ମାତ୍ର ରାଜ୍ୟ ବିଜେପି ମୁଖ୍ୟ ସୁନୀଲ ଜାଖର ଏହାକୁ ଖାରଜ କରିଦେଇଛନ୍ତି।

● ଇଡିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଜବତ ସାମଗ୍ରୀ ମାଲିକଙ୍କୁ ଫେରାଅ

**ନୂଆଦିଲ୍ଲୀ, ୩।୨ (ଏଜେନ୍ସି):** ଏକ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମନି ଲଣ୍ଡରିଂ ନିରୋଧୀ ଆଇନ ଅଧିନ (ପିଏମଏଲଏ)ରେ ଜବତ ସାମଗ୍ରୀ ଫେରାଇବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ତଦନ୍ତର ବର୍ଷେ ଭିତରେ ଅଭିଯୋଗ ସାବ୍ୟସ୍ତ ନ ହୁଏ ତେବେ ଜବତ ସାମଗ୍ରୀ ମାଲିକଙ୍କୁ ପ୍ରଦାନ କରିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ (ବିପିସିଏଲ)ର ମହେନ୍ଦ୍ର କୁମାର ଖଣ୍ଡେଲୱାଲଙ୍କ ଆବେଦନ ଉପରେ ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ଇଡି ଚଢ଼ଉ ସମୟରେ ରେକର୍ଡ କାଗଜପତ୍ର ସମେତ ସୁନା ଏବଂ ହୀରା ଅଳଙ୍କାର ଜବତ କରିଥିଲା। ଏହାର ମୂଲ୍ୟ ୮୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଚଢ଼ଉକୁ ବର୍ଷେରୁ ଅଧିକ ସମୟ ହୋଇଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜବତ ସାମଗ୍ରୀ ଫେରା ଯାଇନାହିଁ। ଆବେଦନର ଶୁଣାଣି କରି ଜଷ୍ଟିସ ନବୀନ ଚାୱଲା କହିଥିଲେ ଯେ ବର୍ଷେ ଭିତରେ ଅଭିଯୋଗ ସାବ୍ୟସ୍ତ ନ ହେଲେ ପିଏମଏଲଏର ଧାରା ୮ (୩) ଅନୁଯାୟୀ ଜବତ ସାମଗ୍ରୀର ଅବଧି ଶେଷ ହୋଇଯାଇଥାଏ। ଏଭଳି ସ୍ଥିତିରେ ଯାହା ସବୁ ଜବତ କରାଯାଇଛି ତାହା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

● ଡାହା ମିଛେଇ ପୁନମ୍ ପାଣ୍ଡେ

## ନିଜେ ରଚିଥିଲେ ମୃତ୍ୟୁ ନାଟକ



**ମୁମ୍ବାଇ, ୩।୨ (ଏଜେନ୍ସି):** ଅଭିନେତ୍ରୀ ତଥା ମଡେଲ ପୁନମ ପାଣ୍ଡେ ନିଜକୁ ଡାହା ମିଛୋଇ ସାବ୍ୟସ୍ତ କରିଛନ୍ତି। ପୁନମଙ୍କ ପରଲୋକ ହୋଇନାହିଁ। ଏବେ ବି ସେ ଜୀବିତ ଅଛନ୍ତି। ଯେଉଁ ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ସେ ନିଜ ମୃତ୍ୟୁ ଖବର ପୋଷ୍ଟ କରାଇ ଥିଲେ; ଦିନକ ପରେ ସେହି ସାଇଟରେ ନିଜେ ବଞ୍ଚିଥିବା କହିଛନ୍ତି। ସେ ମରିନାହାନ୍ତି, ବରଂ ମରିବାର ନାଟକ କରୁଥିଲେ ବୋଲି କହିଛନ୍ତି। ମିଛ ଖବର ପ୍ରଚାରପ୍ରସାର କରି ସମସ୍ତଙ୍କୁ ଚମକାଇ ଦେଇଥିବା ପୁନମଙ୍କ ପାଇଁ ଏବେ ଖାଲି ଗାଳି ବର୍ଷା ହେବାରେ ଲାଗିଛି। ତାଙ୍କ ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ଲୋକ ଅଶ୍ରାବ୍ୟ ଭାଷାରେ ଯାହା ଆସିଲା ତାହା ଲେଖି ଚାଲିଛନ୍ତି। ଏଥିପାଇଁ ସେଲିବ୍ରିଟିମାନେ ମଧ୍ୟ ପୁନମଙ୍କୁ ବିରୋଧ କରିଛନ୍ତି। ତାଙ୍କୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ପୁନମ ଭରସାର ପାତ୍ର ନୁହଁନ୍ତି ବୋଲି ଅନେକ ଉଲ୍ଲେଖ କରିଛନ୍ତି। ଏହା ସହିତ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି। ତେବେ ପୁନମ ସ୍ପଷ୍ଟୀକରଣ ଦେଇ ଲୋକଙ୍କୁ ଗର୍ଭାଶୟ କର୍କଟ ପ୍ରତି ସଚେତନ କରାଇବାକୁ ଏପରି ନାଟକ ରଚିଥିଲେ ବୋଲି କହିଛନ୍ତି।

## ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ ହେବ କ୍ଷେପଣାସ୍ତ୍ର ପରୀକ୍ଷଣ

**ନୂଆଦିଲ୍ଲୀ, ୩।୨ (ଏଜେନ୍ସି):** ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ସମୁଦ୍ର ଉପକୂଳରେ କ୍ଷେପଣାସ୍ତ୍ର ପରୀକ୍ଷଣ ହେବାକୁ ଯାଉଛି। ଭାରତୀୟ ପ୍ରତିରକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଫେବୃଆରୀ ଶେଷ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରେ ଦୀଘା ଉପକୂଳରେ ଏହି ପରୀକ୍ଷଣ କରାଯିବ। ସାଧାରଣତଃ ଓଡ଼ିଶାର ବାଲେଶ୍ୱର ସ୍ଥିତ ଟେଷ୍ଟିଂ ରେଞ୍ଜରେ କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇଥାଏ। କିନ୍ତୁ ଅଲ୍‌ଭି ରିଡେଲ କଇଁଛଙ୍କ ସୁରକ୍ଷା ଦୃଷ୍ଟିରୁ କ୍ଷେପଣାସ୍ତ୍ର ପରୀକ୍ଷଣକୁ ସାମୟିକ ସମୟ ପାଇଁ ବନ୍ଦ ରଖାଯାଇଛି। ମାତ୍ର ଆଗାମୀ ପରୀକ୍ଷଣ ଉଭୟ ସ୍ଥାନରେ ହେବ। ଦୁଇ କ୍ଷେପଣାସ୍ତ୍ର ମାର୍ଗରେ ପରସ୍ପର ମଧ୍ୟରେ କେଉଁ ଭଳି ପ୍ରତିକ୍ରିୟା ଦେଉଛନ୍ତି କିମ୍ବା ଅଲଗା ହେଇ ଯାଉଛନ୍ତି ତାହା ଦେଖିବା ପାଇଁ ଏହି ପରୀକ୍ଷଣ କରାଯାଉଛି। ଏହା ଦ୍ୱାରା ଭାରତୀୟ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ବିକାଶ ପାଇଁ ଆଉ କ'ଣ କରିବାକୁ ପଡ଼ିବ ତାହାର ଅନୁଧ୍ୟାନ କରାଯିବ। ହଳଦିଆ ଜିଲ୍ଲାପାଳ ତନବୀର ଅଫଜଲଙ୍କ ସୂଚନା ଅନୁଯାୟୀ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ରାଜ୍ୟ ସରକାର ଜମି ଦେଇଛନ୍ତି। ସେଠାରେ କ୍ଷେପଣାସ୍ତ୍ର ଲଞ୍ଚିଂ ପ୍ୟାଡ୍ ବନାଯାଉଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ହାଇଡ୍ରାମା

# ଭିତରେ କେଜ୍ରିୱାଲ, ବାହାରେ ପୁଲିସ

**ନୂଆଦିଲ୍ଲୀ,୩।୨(ଏଜେନ୍ସି)**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସମନକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ହରଡ଼ଘଣାରେ ପଡିଛନ୍ତି। ତାଙ୍କୁ ଇଡି ପକ୍ଷରୁ ପାଞ୍ଚ ପାଞ୍ଚ ଥର ସମନ କରାଯାଇଥିଲେ ମଧ୍ୟ ସେ ହାଜର ହୋଇନାହାନ୍ତି। ଏହାମଧ୍ୟରେ ଯେ କୌଣସି ସମୟରେ ଇଡି ଷଷ୍ଠ ସମନ ଜାରି କରିବା କିମ୍ବା କେଜ୍ରିୱାଲଙ୍କୁ ଗିରଫ କରିପାରେ ବୋଲି ଜୋରଦାର ଚର୍ଚ୍ଚା ଚାଲିଛି। ଏହାମଧ୍ୟରେ ପୁଣି ଏକ ଘଟଣାକୁ ନେଇ କେଜ୍ରିୱାଲ ଫସିଛନ୍ତି। ବିଜେପି ବିରୋଧରେ ଲାଞ୍ଚ ଅଭିଯୋଗ ଆଣି ସେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳକୁ ନିଶାଣ କରିବା ସହିତ ଏଥିପାଇଁ ତାଙ୍କ ନିକଟରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି ବୋଲି କହିଥିଲେ। କିନ୍ତୁ ଏବେ ଏହି ବିଷୟରେ ସବିଶେଷ ତଥ୍ୟ ଏବଂ ପ୍ରମାଣ ପାଇବାକୁ ଖୋଦ୍ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୁଲିସ କେଜ୍ରିୱାଲଙ୍କ ବାସଭବନରେ ପହଞ୍ଚିଥିଲା ବେଳେ ଗତକାଲି ଠାରୁ କେଜ୍ରିୱାଲ ସାମ୍ନାକୁ ଆସୁନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଣ୍ଡିଗଡ଼ ମେୟର ନିର୍ବାଚନ ଫଳାଫଳକୁ ନେଇ ଆପ୍ ଗତକାଲି ଦିଲ୍ଲୀ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲା। ଏହି ସମୟରେ କେଜ୍ରିୱାଲ ବିଜେପି ଉପରେ ବର୍ଷିବା ସହିତ ଏହି ଦଳ ଦେଶରେ ଗଣତନ୍ତ୍ରକୁ ହତ୍ୟା କରିଛି ବୋଲି କହିଥିଲେ। କେବଳ ଚଣ୍ଡିଗଡ଼ ନୁହେଁ, ବିଜେପି ୭ ଆପ୍ ବିଧାୟକଙ୍କୁ ପ୍ରଭାବିତ କରି ଦିଲ୍ଲୀ ସରକାରକୁ ଭାଙ୍ଗିବାକୁ ଚାହୁଁଛି ବୋଲି କହିଥିଲେ। ଏପରିକି ଏହି ପ୍ରତ୍ୟେକ ବିଧାୟକଙ୍କୁ ୨୫ କୋଟି ଟଙ୍କା ଲାଞ୍ଚ ଦେବାକୁ ବିଜେପି ପ୍ରସ୍ତୁତ ହୋଇଥିଲା ଏବଂ ଏହାର ଭିଡିଓ ତାଙ୍କ ନିକଟରେ ରହିଛି ବୋଲି କେଜ୍ରିୱାଲ କହିଥିଲେ। କିନ୍ତୁ ଏହି ଘଟଣାକୁ ବିଜେପି ଗୁରୁତର ସହ ଗ୍ରହଣ କରିବା ସହିତ କେଜ୍ରିୱାଲଙ୍କୁ ଚ୍ୟାଲେଞ୍ଜ କରି ତାଙ୍କ ବିରୋଧରେ ଥାନାରେ ମାମଲା ଦାଏର କରିଥିଲା। କେଜ୍ରିୱାଲ ଏହି ବିଷୟ କହିବାର ୬ ଘଣ୍ଟା ପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୁଲିସ ଘଟଣାର ପ୍ରମାଣ ମାଗିବା ଲକ୍ଷ୍ୟରେ ନୋଟିସ୍ ଧରି କେଜ୍ରିୱାଲଙ୍କ ବାସଭବନରେ ପହଞ୍ଚିଥିଲା। ଗତକାଲି ସନ୍ଧ୍ୟାରେ ପୁଲିସ ତାଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ ବି ସେଠାକାର ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ଘରେ ନାହାନ୍ତି କହି ପୁଲିସ ଅଧିକାରୀମାନଙ୍କୁ ଫେରାଇ ଦେଇଥିଲେ। କିନ୍ତୁ କଥା ଏତିକିରେ ସରିନଥିଲା। ଶନିବାର ସକାଳୁ ପୁଣିଥରେ ପୁଲିସ କେଜ୍ରିୱାଲଙ୍କ ବାସଭବନରେ ପହଞ୍ଚିଥିଲା। ହେଲେ ସନ୍ଧ୍ୟା ଯାଏଁ କେଜ୍ରିୱାଲ ବାହାରକୁ ବାହାରି ନଥିଲେ। ଦିନ ସାରା କ୍ରାଇମବ୍ରାଞ୍ଚ ପୁଲିସ ବାହାରେ ଡେରା ପକାଇଥିଲା ବେଳେ କେଜ୍ରିୱାଲ ଘର ଭିତରେ ଥାଇ ନୋଟିସ୍ ନେଇ ନଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଦସ୍ତଖତ କରି ନୋଟିସ୍ ନେବାକୁ ଚାହିଁଥିଲେ ମଧ୍ୟ ପୁଲିସ ଅଧିକାରୀମାନେ କେବଳ କେଜ୍ରିୱାଲଙ୍କ ହାତରେ ହିଁ ନୋଟିସ୍ ଧରାଇବେ ବୋଲି କହିଥିଲେ। ଯାହାକୁ ନେଇ ଶନିବାର ଦିନ ସାରା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ହାଇଡ୍ରାମା ଚାଲିଥିଲା। ସବୁ ଗଣମାଧ୍ୟମ ଦିନ ସାରା ଏଠାରେ ଡେରା ପକାଇଥିଲା ବେଳେ ଏହି ପ୍ରସଙ୍ଗକୁ ନେଇ ଦିନ ସାରା ଚର୍ଚ୍ଚା ଚାଲିଥିଲା। କେଜ୍ରିୱାଲ ବିଜେପି ବିରୋଧରେ ଯେଉଁ ଅଭିଯୋଗ ଆଣିଥିଲେ ତାହାକୁ ଯାଞ୍ଚ କରିବାକୁ ଯଦି ଖୋଦ୍ ପୁଲିସ ତାଙ୍କ ଘରେ ପହଞ୍ଚିଥିଲା, ତେବେ ସେ ଏହାକୁ କାହିଁକି ଏଡାଇଲେ ବୋଲି ରାଜନୀତିକ ମହଲରେ ପ୍ରଶ୍ନ ଉଠିଛି। ଯଦି ତାଙ୍କ ନିକଟରେ ପ୍ରମାଣ ଥିଲା ତେବେ ସେ ନୋଟିସ୍ ଗ୍ରହଣ କରି ବିଜେପି ବିରୋଧରେ ମାମଲା ରୁଜୁ କରିପାରିଥାଆନ୍ତେ। କିନ୍ତୁ ଓଲଟା ପୁଲିସ ତାଙ୍କ ନିକଟରେ ପହଞ୍ଚିବା ଏବଂ ସେ ଘରୁ ନ ବାହାରିବା ଅନ୍ୟ କିଛି ଇଙ୍ଗିତ କରୁଛି ବୋଲି ଚର୍ଚ୍ଚା ଚାଲିଛି। ସେପଟେ ବିଭିନ୍ନ ଘଟଣାକୁ କେଜ୍ରିୱାଲ ପୂର୍ବରୁ ଫାଙ୍କି ଦେଇ କ୍ଷମା ମାଗିବାର ନଜିର ରହିଥିଲା ବେଳେ ଏହି ଘଟଣାରେ ସେଭଳି କିଛି ଆଶଙ୍କା କରି ପୁଲିସ ତାଙ୍କ ହାତରେ ହିଁ ନୋଟିସ୍ ଧରାଇବାକୁ ଜିଦ୍ କରି ବସିଛି ବୋଲି କୁହାଯାଉଛି। ତେବେ ନିଜ ମନ୍ତବ୍ୟକୁ ନେଇ କେଜ୍ରିୱାଲ ପୁଣିଥରେ ଫସିବା ଘଟଣା ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି।

● ନିଜସ୍ୱ ମନ୍ତବ୍ୟକୁ ନେଇ ନିଜେ ଫସିଲେ କେଜ୍ରିୱାଲ

● ବିଜେପି ବିରୋଧରେ ଆଣିଥିଲେ ଲାଞ୍ଚ କାରବାର ଅଭିଯୋଗ



### କେଜ୍ରିୱାଲଙ୍କ ବିରୋଧରେ କୋର୍ଟଗଲା ଇଡି

ଦିଲ୍ଲୀ ଅବକାରୀ ଦୁର୍ନୀତିକୁ ନେଇ ପଚରାଉଚରା କରିବାକୁ ଇଡି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପାଞ୍ଚ ପାଞ୍ଚ ଥର ସମନ କରିସାରିଛି। କିନ୍ତୁ କେଜ୍ରିୱାଲ ଏହାକୁ ସମ୍ପୂର୍ଣ୍ଣ ଏଡାଇ ଚାଲିଛନ୍ତି। ଇଡି ପଞ୍ଚମ ସମନ ଜାରି କରି ତାଙ୍କୁ ଚଳିତ ମାସ ୨ ତାରିଖରେ ହଜାର ହେବାକୁ କହିଥିଲା। କିନ୍ତୁ କେଜ୍ରିୱାଲ ହାଜର ହେବା ପରିବର୍ତ୍ତେ ଦଳୀୟ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହାପୂର୍ବରୁ ସେ ବିଭିନ୍ନ କାରଣ ଦର୍ଶାଇ ହାଜର ନ ହେବା ସହିତ ଇଡି ସମନ ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ ବୋଲି କହିଥିଲେ। ଏଭଳି ସ୍ଥିତିରେ ହେ କେଜ୍ରିୱାଲଙ୍କ ବିରୋଧରେ ଶନିବାର କୋର୍ଟର ଦ୍ୱାରସ୍ଥ ହୋଇଛି। ଦିଲ୍ଲୀସ୍ଥିତ ରାଉଜ୍ ଆଭେନ୍ୟୁ କୋର୍ଟରେ ଇଡି ପକ୍ଷରୁ ପିଟିସନ ଦିଆଯାଇଥିଲା ବେଳେ ଆସନ୍ତା ୭ ତାରିଖରେ ଏହି ପ୍ରସଙ୍ଗରେ ଶୁଣାଣି କରିବାକୁ କୋର୍ଟ କହିଛନ୍ତି। ଏହାକୁ ନେଇ କେଜ୍ରିୱାଲଙ୍କ ଚିନ୍ତା ବଢିଛି। ଗୋଟିଏ ପଟେ କ୍ରାଇମବ୍ରାଞ୍ଚ ପୁଲିସ କେଜ୍ରିୱାଲଙ୍କ ରକ୍ତଚାପ ବଢାଇଥିଲା ବେଳେ ଇଡି କୋର୍ଟକୁ ଯିବା ଘଟଣା ମଧ୍ୟ ତାଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା କୁହାଯାଉଛି।

ହେମନ୍ତଙ୍କୁ କୋର୍ଟଙ୍କ ଅନୁମତି

## ବହୁମତ ସାବ୍ୟସ୍ତବେଳେ ଉପସ୍ଥିତ ରହିବେ

**ରାଞ୍ଚି, ୩।୨ (ଏଜେନ୍ସି):** ଝାଡ଼ଖଣ୍ଡରେ ଚମ୍ପାଇ ସୋରେନଙ୍କ ସରକାର ଗଠନ ହୋଇସାରିଛି। ଏହି ସରକାର ସୋମବାର ଅଗ୍ନିପରୀକ୍ଷା ଦେବାକୁ ଯାଉଛି। ଏଥିପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇଛି। ଏହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଉପସ୍ଥିତ ରହିବେ। ରାଞ୍ଚିର ଏକ ସ୍ୱତନ୍ତ୍ର କୋର୍ଟ ଏଥିପାଇଁ ତାଙ୍କୁ ଶନିବାର ଅନୁମତି ପ୍ରଦାନ କରିଛନ୍ତି। ଏହି ମାମଲାରେ ଆଡଭୋକେଟ ଜେନେରାଲ ରାଜୀବ ରଞ୍ଜନ କୋର୍ଟରେ ହିମନ୍ତଙ୍କ ପକ୍ଷ ରଖିଥିଲେ। ଏବେ ମହାମେଣ୍ଟର ସମସ୍ତ ବିଧାୟକ ତେଲଙ୍ଗାନାରେ ଅଛନ୍ତି। ଘୋଡ଼ାବେପାରରୁ ଦୂରେଇ ରଖିବା ପାଇଁ ସମସ୍ତଙ୍କୁ ହାଇଦରାବାଦର ଏକ ହୋଟେଲରେ ଅଛନ୍ତି। ସୂଚନାଯୋଗ୍ୟ ଯେ ଜମି ଦୁର୍ନୀତି ମାମଲାରେ ଇଡି ୩୧ ତାରିଖରେ ହିମନ୍ତଙ୍କୁ ଗିରଫ କରିଥିଲା। ଏହା ପରେ ସେ ପଦରୁ ଇସ୍ତଫା ଦେଇଥିଲେ।

ମାଳଦ୍ୱୀପର ଅଭିଯୋଗ

## ମତ୍ସ୍ୟଜୀବୀଙ୍କୁ ଜେରା କରିଥିଲା ଆଇସିଜି

**ମାଲେ, ୩।୨ (ଏଜେନ୍ସି):** ମାଳଦ୍ୱୀପ ପୁଣି ଭାରତ ବିରୋଧରେ ଅଭିଯୋଗ ଲଗାଇଛି। ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଗତ ୩୧ ତାରିଖରେ ବିନା ଅନୁମତିରେ ଦେଶର ତିନୋଟି ମାଛ ଧରା ଜାହାଜକୁ ପ୍ରବେଶ କରିଥିଲା। ଏହି ଜାହାଜ ମାଳଦ୍ୱୀପର ଏକ୍ସକ୍ଲୁଜିଭ ଇକୋନମିକ ଜୋନ (ଇଇଜେଡ୍)ରେ ଥିଲା। ଏହା ସତ୍ତ୍ୱେ ଆଇସିଜି ସବୁ ଜାହାଜର ତଲାସୀ ନେଇଥିଲା। ଏପରି କରି ଭାରତ ଅନ୍ତର୍ଜାତୀୟ ଆଇନ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ମାଳଦ୍ୱୀପର ମହମ୍ମଦ ମୁଇଜ୍ଜୁ ସରକାର ଏହି ଘଟଣାକୁ ନେଇ ଭାରତକୁ ସ୍ପଷ୍ଟୀକରଣ ମାଗିଛନ୍ତି। କେଉଁ ଆଧାରରେ ଆଇସିଜି ଜାହାଜ ୨୪୬ ଏବଂ ୨୫୩ର ଗାର୍ଡ ମାଳଦ୍ୱୀପ ମତ୍ସ୍ୟଜୀବୀଙ୍କୁ ପଚରାଉଚୁରା କଲେ ତାହାର ଜବାବ ଦେବାକୁ କୁହାଯାଇଛି। ତେବେ ଏ ପର୍ଯ୍ୟନ୍ତ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷରେ ମଇ ୧୦ ସୁଦ୍ଧା ମାଳଦ୍ୱୀପରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିବ ପାଇଁ ଭାରତ ରାଜି ହୋଇଛି। ମାର୍ଚ୍ଚ ୧୦ ପ୍ରଥମ ପର୍ଯ୍ୟାୟ ପ୍ରତ୍ୟାହାର ଶେଷ ହେବ। ଶୁକ୍ରବାର ଦିଲ୍ଲୀରେ ଅନୁଷ୍ଠିତ ଭାରତ ଏବଂ ମାଳଦ୍ୱୀପ ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି।

ଥାନାରେ ଶିବସେନା ନେତାଙ୍କୁ ଗୁଳିମାଡ଼

## ବିଜେପି ବିଧାୟକ ଗଣପତ ଗିରଫ



**ମୁମ୍ବାଇ, ୩।୨ (ଏଜେନ୍ସି):** ମହାରାଷ୍ଟ୍ରର କଲ୍ୟାଣ ପୂର୍ବ ଆସନର ବିଜେପି ବିଧାୟକ ଗଣପତ ଗାଏକ୍ୱାଡଙ୍କ ଦାଦାଗିରି ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କ୍ଷମତା ବଳରେ ବଳୀୟାନ ଏହି ବିଧାୟକ ଉଲ୍ଲାସନଗରର ଏକ ଜମି ବିବାଦକୁ ନେଇ ନିଜ ମେଣ୍ଟ ସହଯୋଗୀ ତଥା ଶିବସେନା ନେତା ମହେଶ ଗାଏକ୍ୱାଡଙ୍କୁ ଥାନା ଭିତରେ ଇନ୍ସପେକ୍ଟରଙ୍କ ସାମ୍ନାରେ ଗୁଳି ମାଡ଼ କରିଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଉଭୟ ନେତା ହିଲ୍ ଲାଇନ ଥାନାରେ ପହଞ୍ଚି ଥିଲେ। ଉଭୟେ ପରସ୍ପର ବିରୋଧରେ ଏତଲା ଦେବାକୁ ଯାଇଥିଲେ। ଏଠାରେ ପ୍ରଥମେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଗଣପତ ମହେଶଙ୍କ ଉପରକୁ ୬ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ୨ଟି ଗୁଳି ମହେଶ ଏବଂ ଆଉ ୨ଟି ତାଙ୍କ ସହଯୋଗୀ ରାହୁଲ ପାଟିଲଙ୍କ ଦେହରେ ବାଜିଥିଲା। ଏହାକୁ ନେଇ ଥାନାରେ ହଙ୍ଗାମା ସୃଷ୍ଟି ହୋଇଥିଲା। ଉଭୟଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ରାତିରେ ବିଜେପି ବିଧାୟକଙ୍କୁ ହେପାଜତକୁ ନିଆଯାଇଥିଲା। ଶନିବାର ସକାଳେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗଣପତଙ୍କୁ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦେଇଛନ୍ତି। ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ଦଳ (ଏସଆଇଟି) ଗଠନ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବିଧାୟକ ଘଟଣାକୁ ନେଇ କୌଣସି ପଶ୍ଚାତାପ କରିନାହାନ୍ତି। ସେ ଦମ୍ଭର ସହ ମହେଶଙ୍କୁ ଗୁଳି ମାରିଥିବା କହିଛନ୍ତି। ଯଦି ପୁଅକୁ ଥାନାରେ ଭିତରେ ମାଡ଼ ମରାଯିବ ତେବେ କ'ଣ କରିବି ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଦ୍ୱାରଲୀ ପରିସରରେ ଥିବା ସମ୍ପତ୍ତିର ମାଲିକାନା ହକ୍‌କୁ ନେଇ ଗଣପତ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିବାଦ ଚାଲିଥିଲା। ଏହି ଅଞ୍ଚଳର ଲୋକ ଶିବସେନା ସହର ମୁଖ୍ୟ ମହେଶଙ୍କ ସମ୍ପର୍କରେ ଥିଲେ। ସେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଘନିଷ୍ଠ ଭାବେ ପରିଚିତ। ଗତ ୩୧ ତାରିଖରେ ବିଧାୟକ ଗଣପତ ଏବଂ ମହେଶଙ୍କ ଲୋକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହାକୁ ନେଇ ଗଣପତ ନିଜ ପୁଅ ବୈଭବ ଏବଂ ସମର୍ଥକଙ୍କ ସହ ଥାନାରେ ପହଞ୍ଚି ଥିଲେ। ଏହି ଘଟଣାକୁ ନେଇ ସାଂସଦ ସଞ୍ଜୟ ରାଉତ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି। ଏହି ମାମଲା ସିନ୍ଦେଙ୍କ ଗୃହଜିଲ୍ଲାର। ମୁଖ୍ୟମନ୍ତ୍ରୀଙ୍କ ଲାଗି ଗୁଳି ଚଳାଇବାକୁ ପଡ଼ଲା ବୋଲି ଜଣେ ବିଧାୟକ କହୁଛି। ଯଦି କ୍ଷମତାସୀନ ଦଳର ବିଧାୟକ ଏପରି କହିବେ ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଦେବା ଉଚିତ। ସିନ୍ଦେ ମୁଖ୍ୟମନ୍ତ୍ରୀ ରହିଲେ ରାଜ୍ୟରେ କେବଳ ଗୁଣ୍ଡା ସୃଷ୍ଟି ହେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁଣ୍ଡାଙ୍କ ଆଡ୍ଡା ବନିଯାଇଛି। କେଉଁ ଦିନ ସେଠାରେ ମଧ୍ୟ ଗୁଳିମାଡ଼ ହେବ।

## ମହିଳା ବିଚାରପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲକ୍ଷ୍ନୌ, ୩।୨ (ଏଜେନ୍ସି):** ଉତ୍ତରପ୍ରଦେଶ ବଦାୟୁଁର ଜଣେ ମହିଳା ସିଭିଲ ଜଜ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ୨୯ ବର୍ଷୀୟ ଜ୍ୟୋତ୍ସ୍ନା ରାୟ ବଦାୟୁଁର ଜୁନିୟର ଡିଭିଜନ ମୁନସିଫ ମାଜିଷ୍ଟ୍ରେଟ ପଦରେ ଥିଲେ। ଶନିବାର ସକାଳେ ଏହି ସୂଚନା ମିଳିବା ପରେ ଝରକା ଭାଙ୍ଗି ଫ୍ୟାନ୍‌ରୁ ତାଙ୍କ ମୃତଦେହ ବାହାର କରାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ମାମଲା ଭଳି ଲାଗୁଛି। କାରଣ ଭିତର ପଟୁ କବାଟ ଦିଆଯାଇଥିଲା। ମହିଳା ବିଚାରପତି କିଛି ଦିନ ହେଲା ଚିନ୍ତାରେ ଥିଲେ ବୋଲି କୁହାଯାଉଛି।

### ପଦାର୍ଥ ବିଜ୍ଞାନରେ PhD ଲାଭ



ଗବେଷକ ସୁଶୀଲ୍ କୁମାର ପଣ୍ଡା Ravenshaw University ରୁ ପଦାର୍ଥ ବିଜ୍ଞାନ (Physics) ରେ ସମ୍ମାନଜନକ ଡ଼କ୍ଟୋରେଟ୍ (PhD) ଉପାଧି ଲାଭ କରିଛନ୍ତି। ସେ Prof Rita Paikray, Guide (Ravenshaw University) ଏବଂ Prof Bedangadas Mohanty, Co-Guide (NISER, Bhubaneswar) ଙ୍କ ତତ୍ତ୍ୱାବଧାନରେ High Energy Physics ର "Freeze-out and Thermodynamic Scenario of the Systems Produced During High Energy Collisions" ଉପରେ ଗବେଷଣା କରୁଥିଲେ। Shri Panda ଏହା ପୂର୍ବରୁ Institute of Physics, BBSR ରୁ Pre-Doctoral ଏବଂ Utkal University Vani Vihar ରୁ Physics ରେ MPhil Degree ହାସଲ କରିଥିଲେ। ସେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ଗଗନଧୁଳି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପର୍ଶୁରାମ ପଣ୍ଡା ଓ ଶ୍ରୀମତି ତୁଳସୀମଣି ପଣ୍ଡାଙ୍କ ମଧ୍ୟମ ପୁତ୍ର ଏବଂ ବର୍ତ୍ତମାନ BSNL Bhubaneswar Telecom District ରେ ଜଣେ AGM ଭାବେ କାର୍ଯ୍ୟରତ। ଶ୍ରୀ ପଣ୍ଡା ଏହାର ଶ୍ରେୟ ପାଇଁ Guide Prof Rita Paikray, Co Guide Prof Bedangadas Mohanty, NISER Bhubaneswar ର Collaborator Dr Subhasish Samant, Dr Ajay Kumar Dash, Referee Prof Sadhana Das ( IIT, Bombay ), Prof Anju Bhasin ଏବଂ ନିଜର ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ/ ସମୀର କୁମାର ପରିଡ଼ା
(ଭୁବନେଶ୍ୱର)
ଆବିର୍ଭାବ: ୧୮/୦୪/୧୯୭୦ • ତିରୋଧାନ: ୨୪/୦୧/୨୦୨୪
ସମୟ ଅତିକ୍ରାନ୍ତ ହୁଏ, ଅଟକାଇ ହୁଏ ନାହିଁ। ମୃତ୍ୟୁ ଚାଲିଆସେ, ସମୟ ଅସମୟ ଜାଣେ ନାହିଁ। ଜୀବନ ଆଗେଇ ଚାଲେ, ଦୁଃଖ ଭୁଲି ହୁଏ ନାହିଁ। ତୁମର ଅକାଳ ମୃତ୍ୟୁ ଆମ ସମସ୍ତଙ୍କୁ ଘୋର ଆଘାତ ଦେଇଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ/ ଚିତ୍ତରଞ୍ଜନ ଦାସ
କମର୍ଦ୍ଦା, ବାଲେଶ୍ୱର
ଆବିର୍ଭାବ: ୧୩.୦୩.୧୯୫୫
ତିରୋଧାନ: ୨୫.୦୧.୨୦୨୪
ତୁମେ ଏ ଇହ ଜଗତରୁ ପରକରି ଚାଲିଗଲ ସିନା କିନ୍ତୁ ତୁମ ବିନା ଆମେ ସମସ୍ତେ ନିର୍ବିକାର ହୋଇଯାଇଛୁ। ଈଶ୍ୱରଙ୍କ କୋଳ ତୁମ ଅମ୍ଳାନ ଆତ୍ମାକୁ କୋଳାଗ୍ରତ କରୁ। ତୁମ ସ୍ମୃତିରେ ଶୋକସନ୍ତପ୍ତ ପରିବାରବର୍ଗ, ତୁମ ହାତଗଢ଼ା ଛାତ୍ରଛାତ୍ରୀ, କମର୍ଦ୍ଦାର ଅଗଣିତ ହିତେଷୁଙ୍କ ତରଫରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ
ବଡପୁଅ-ଲଲାଟେନ୍ଦୁ, ବଡବୋହୂ-ରଶ୍ମୀରେଖା, ସାନପୁଅ - ଲଳିତେନ୍ଦୁ, ସାନବୋହୂ - ଲୋପାମୁଦ୍ରା, ଝିଅ-ଲୋପାମୁଦ୍ରା, ନାତୁଣୀ-ଶ୍ରଦ୍ଧାସ୍ୱରୂପା, ସ୍ନେହାଶ୍ରୀ, ଶୁଭଶ୍ରୀ, ନାତି-ସାର୍ଥକସୌମ୍ୟ, ବନ୍ଧୁ ଓ ପରିବାରବର୍ଗ


● ପରୀକ୍ଷା ଜାଲିଆତିରେ ଲାଗିବ କଟକଣା

## ପବ୍ଲିକ୍ ଏଗ୍‌ଜାମିନେସନ୍ ବିଲ୍ ଆଣିବେ ସରକାର

**ନୂଆଦିଲ୍ଲୀ, ୩।୨ (ଏଜେନ୍ସି)**

ପ୍ରଶ୍ନପତ୍ର ପ୍ରଘଟ ଉପରେ କଟକଣା ଲଗାଇବା ପାଇଁ କେନ୍ଦ୍ର ସରକାର ନୂଆ ବିଲ୍ ଆଣିବାକୁ ଯାଉଛନ୍ତି। ଏହି ବିଲ୍‌କୁ ସୋମବାର ଲୋକସଭାରେ ଉପସ୍ଥାପନ କରାଯିବ। ଏହାର ନାମ ପବ୍ଲିକ ଏଗ୍‌ଜାମିନେସନ (ପ୍ରଭେନସନ ଅଫ୍ ଅନ୍‌ଫେୟାର ମିନ୍ସ) ବିଲ୍, ୨୦୨୪ ରଖାଯାଇଛି। ଏହି ବିଲ୍‌ରେ ୟୁପିଏସ୍‌ସି, ଏସଏସ୍‌ସି, ରେଳବାଇ ଦ୍ୱାରା ଆୟୋଜିତ ପରୀକ୍ଷା ଏବଂ ସିୟୁଇଟି, ଏନ୍‌ଇଇଟି, ଏନ୍‌ଟିଏ, ଜେଇଇ ସହିତ ଅନ୍ୟ ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ, ସଂଗଠିତ ଠକେଇ, ଜାଲିଆତି ଆଦିକୁ ବନ୍ଦ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର କ୍ୟାବିନେଟ ଏହି ଚିଠା ପ୍ରସ୍ତାବକୁ ମଞ୍ଜୁରି ଦେଇଛି। ଏହି ବିଲ୍‌ରେ ଜାଲିଆତି ପାଇଁ ୫ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲଗାଯିବାର ବ୍ୟବସ୍ଥା ରହିଛି। ଏହା ସହିତ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ମଧ୍ୟ ବ୍ୟବସ୍ଥା କରାଯାଇଛି। ଦଣ୍ଡ ବାବଦକୁ ପରୀକ୍ଷା ବାତିଲ ହେବାର ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ। ଜାଲିଆତିରେ ସାମିଲ ଥିବା ଫାର୍ମକୁ ନିଷିଦ୍ଧ କରିଦିଆଯିବ। ଏହି ବିଲ୍ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ମଧ୍ୟ ପ୍ରଦାନ କରିବ।

## ଇମ୍ରାନ-ବୁସରାଙ୍କୁ ୭ ବର୍ଷ ଜେଲ୍

**ଇସଲାମାବାଦ, ୩।୨ (ଏଜେନ୍ସି):** ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ତାଙ୍କ ପତ୍ନୀ ବୁସରା ବିବିଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଶନିବାର ବେଆଇନ ବିବାହ ମାମଲାରେ ଉଭୟଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ବୁସରାଙ୍କ ପୂର୍ବତନ ସ୍ୱାମୀ ଖାବର ଫରିଦ ମାନେକାଙ୍କ ଆବେଦନ ଉପରେ ଶୁଣାଣି କରି ଆଦିୟାଲା ଜିଲ୍ଲା କୋର୍ଟରେ ପ୍ରସ୍ତୁତ ମେକ୍‌ସିଫ୍ଟ କୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଚାରପତି ଉଭୟଙ୍କ ବିବାହକୁ ଇସଲାମ ବିରୋଧୀ କହିଛନ୍ତି। ଏହା ସହିତ ୫ ଲକ୍ଷ ଟଙ୍କା (ପାକିସ୍ତାନୀ) ଜରିମାନା ଲଗାଇଛନ୍ତି। ଏହି ସମୟରେ ଇମ୍ରାନ ସପତ୍ନୀକ କୋର୍ଟରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଶୁକ୍ରବାର ୧୪ ଘଣ୍ଟା ପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇଥିଲା। ପରେ କୋର୍ଟ ରାୟକୁ ସଂରକ୍ଷିତ ରଖି ଦେଇଥିଲେ। ମାନେକା ଅଭିଯୋଗ କରିଥିଲେ ଯେ ଇଦତ ଅବଧି ଶେଷ ହେବା ପୂର୍ବରୁ ବୁସରା ଇମ୍ରାନକୁ ବିବାହ କରିଥିଲେ। ଇମ୍ରାନଙ୍କ ପାଇଁ ତାଙ୍କ ବୈବାହିକ ଜୀବନ ବରବାଦ ହୋଇଯାଇଥିଲା।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-220 ♦BHUBANESWAR ♦SUNDAY ♦4 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୦ ♦ଭୁବନେଶ୍ୱର ♦ରବିବାର ♦୪ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


## ଓଇଆରସିରେ ପକ୍ଷ ରଖିଲା ଟିପିସିଓଡିଏଲ

■ **ଭୁବନେଶ୍ୱର,୩।୨(ସମିସ):** ଶନିବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିତରଣ ଲିମିଟେଡ୍(ଟିପିସିଓଡିଏଲ) ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦରବୃଦ୍ଧି ସମ୍ପର୍କିତ ଶୁଣାଣି ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଟାଟା ପାୱାର(କେନ୍ଦ୍ରୀୟ) ମୋଟ ୫୯୫୨.୮୮ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ରହିଥିବା ଆୟୋଗଙ୍କ ନିକଟରେ ଦର୍ଶାଇଛି। ଅପରପକ୍ଷେ ଶୁଣାଣି ବେଳେ କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନକରିବାକୁ ଆୟୋଗଙ୍କ ନିକଟରେ ଅନୁରୋଧ କରିଛି।୨୦୨୪-୨୫ରେ ଟାଟା ପାୱାର(କେନ୍ଦ୍ରୀୟ) ଗ୍ରୀଡ୍‌କୋ ନିକଟରୁ ମୋଟ ୧୨୩୦୫.୮୪ ନିୟୁତ ୟୁନିଟ ବିଦ୍ୟୁତ୍ କିଣିବାକୁ ପ୍ରସ୍ତାବ ଦେଇଥିବା ବେଳେ ଏଥିମଧ୍ୟରୁ ୯୯୪୪.୩୫ ନିୟୁତ ୟୁନିଟ ବିଦ୍ୟୁତ୍ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ତନ୍ମଧ୍ୟରୁ ଏଲ୍‌ଟି ସେଲ୍ ବାବଦରେ ୫୫୯୧.୯୪ ନିୟୁତ ୟୁନିଟ ବିଦ୍ୟୁତ୍ ବ୍ୟବହାର କରିବାକୁ ଟାଟା ପାୱାର ଆକଳନ କରିଥିବା ବେଳେ ଏହା ମୋଟ ବିଦ୍ୟୁତ୍ ପରିମାଣର ୫୬.୨୩ ପ୍ରତିଶତ ବୋଲି କହିଛି। ସେହିପରି ୨୦୨୪-୨୫ରେ ବୈଷୟିକ ଓ ବାଣିଜ୍ୟିକ ଜନିତ କ୍ଷତି ପ୍ରାୟ ୨୦ ପ୍ରତିଶତ ରହିବ ବୋଲି ଏହି ବିତରକ କମ୍ପାନୀ ଆକଳନ କରିଛି। ଟାଟା ପାୱାର(କେନ୍ଦ୍ରୀୟ)ର ଏହି ଆବେଦନର ଶୁଣାଣି ବେଳେ ମୋଟ ୧୫ଜଣ ଆପତ୍ତିକର୍ତ୍ତା ଭାଗ ନେଇ ସେମାନଙ୍କ ମତାମତ ରଖିଥିଲେ। ଶୁଣାଣି ପରେ ଆୟୋଗ ନିଜର ରାୟକୁ ସଂରକ୍ଷିତ ରଖିଛନ୍ତି।

### ସମ୍ବଲପୁରରେ ବିଜେପିର 'ଗ୍ୟାରେଣ୍ଟି' ସମାବେଶ

# କଂଗ୍ରେସ ଓଡ଼ିଶା ବିରୋଧୀ, ଆଦିବାସୀ ବିରୋଧୀ: ମୋଦୀ

■ **ସମ୍ବଲପୁର,୩।୨(ସମିସ):** ସମ୍ବଲପୁରର ରେମେଡ଼ ପଡ଼ିଆଠାରେ ଦଳ ପକ୍ଷରୁ ଆୟୋଜିତ 'ଗ୍ୟାରେଣ୍ଟି' ସମାବେଶରେ କଂଗ୍ରେସକୁ ଅତ୍ୟନ୍ତ କଟୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କଂଗ୍ରେସକୁ ଓଡ଼ିଶା ବିରୋଧୀ, ଆଦିବାସୀ ବିରୋଧୀ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ରଦାନ କରିଥିବା ଅନୁଦାନ ଓ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।



ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ପର୍ଯ୍ୟାପ୍ତ

**ଦ୍ରୌପଦୀ ମୁର୍ମୁଙ୍କୁ କଂଗ୍ରେସର ଅପମାନ ସାରା ଆଦିବାସୀ ସମ୍ପ୍ରଦାୟର ଅପମାନ**

**କଂଗ୍ରେସ ସରକାର ତୁଳନାରେ ଏବେ ରାଜ୍ୟରୁ ତିନିଗୁଣ ଅଧିକ ଧାନ କ୍ରୟ ହେଉଛି**

ସୁବିଧା ରହିଛି। କଳା, ସଂସ୍କୃତି ବିଶ୍ୱ ଦରବାରରେ ପରିଚିତ ହେବା ସହ ରୋଜଗାର ସୃଷ୍ଟି କରିଛି। ଆଦିବାସୀଙ୍କ ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି। ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ରାଜ୍ୟକୁ ଦିଆଯାଉଛି। ଓଡ଼ିଶା ପାଇଁ ବିଜେପି ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି। କିଛି ରାଜନୈତିକ ଦଳ ଓଡ଼ିଶା ପ୍ରତି ଅତୀତରେ ଅନ୍ୟାୟ କରିଥିବା ବେଳେ ଏବେ ଓଡ଼ିଶାର ସମ୍ମାନ ବଢ଼ିଛି। ଜି-୨୦ ସମ୍ମିଳନୀରେ ଓଡ଼ିଶାର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର କୋଣାର୍କର ଚକ୍ରକୁ ମଧ୍ୟ ପ୍ରତୀକ ଭାବେ ନିଆଯାଇଛି। ବିଶ୍ୱର ସମସ୍ତ ନେତା ଏହି ଚକ୍ର ଆଗରେ ଫଟୋ ଉଠାଇଥିଲେ। ଓଡ଼ିଶାରେ ହୀରାକୁଦ ଭଳି ପର୍ଯ୍ୟଟନର ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ସମ୍ବଲପୁର ମେକ୍ ଇନ୍ ଇଣ୍ଡିଆର ଏକ କେନ୍ଦ୍ରରେ ପରିଣତ ହୋଇଛି। ଶହଶହ ଲଘୁ ଉଦ୍ୟୋଗ, ଅନେକ ହସ୍ତତନ୍ତ ବୃଦ୍ଧି ପାଇଛି। ଓଡ଼ିଶାର ବହୁ ପ୍ରବାସୀ ଅନ୍ୟ ରାଜ୍ୟରେ କାମ କରୁଛନ୍ତି। ଗୁଜରାଟର ବିକାଶରେ ସେମାନଙ୍କ ଭୂମିକା ରହିଛି। ଏକ ବ୍ୟକ୍ତି, ଏକ ରାସନ କାର୍ଡ ଦ୍ୱାରା ସେମାନଙ୍କ ରାସନ ସମସ୍ୟା ଦୂର ହୋଇଛି। କଂଗ୍ରେସ ଓ ତାର ସହଯୋଗୀ ରାଜନୈତିକ ଦଳ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ପାଇଁ ବିରୋଧ କରିଥିଲେ। ଏହା ଉଭୟ ଜନଜାତି ଏବଂ ଓଡ଼ିଶା ପାଇଁ ଅସମ୍ମାନର କଥା। ବିଜେପି ଭିତ୍ତିଭୂମି ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ପୂର୍ବେ ସରକାର ଗୁଡିକ ଆଦିବାସୀଙ୍କୁ ଭୋଟ ବ୍ୟାଙ୍କ ପାଇଁ ବ୍ୟବହାର କରୁଥିଲେ। ବର୍ତ୍ତମାନ ସରକାର ଆଦିବାସୀଙ୍କ କଲ୍ୟାଣ ପାଇଁ ବଜେଟ୍‌ରେ ବହୁଗୁଣ ପାଣ୍ଠିର ବ୍ୟବସ୍ଥା କରିଛି। ୨୦୧୪ପୂର୍ବରୁ ସରକାର କରୁଥିବା ଘୋଷଣାରେ ଘୋଟାଲା ଭରି ରହୁଥିଲା। ବର୍ତ୍ତମାନ ସ୍ଥିତି ବଦଳିଛି; ଯୁବକଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି। ସେମାନଙ୍କ ପାଖରେ ମୋଦୀଙ୍କ ଗ୍ୟାରେଣ୍ଟି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି ଯେ ଏବେ ଦେଶରେ ୨୫କୋଟି ଲୋକ ଗରିବରୁ ଆସି ସଶକ୍ତ ହୋଇପାରିଛନ୍ତି। ଯୁବକ, ମହିଳା, ଚାଷୀ, ମତ୍ସ୍ୟଜୀବୀ ଆଦିଙ୍କ ପାଇଁ ବର୍ତ୍ତମାନ ଦେଶରେ ବିକାଶର ନୂଆ ରାସ୍ତା ଖୋଲିଛି। ଚଳିତ ବଜେଟ୍‌ରେ ୨କୋଟିରୁ ଅଧିକ ପକ୍କା ଘର ପାଇଁ ବ୍ୟବସ୍ଥା କରାଯାଇଛି। ଚାଷୀ ଓ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ କିସାନ ସମୃଦ୍ଧି ସ୍ୱନିଧି ଯୋଜନା କରାଯାଇଛି। ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାରେ ୩୦ହଜାର ଟଙ୍କା ଲେଖାଏଁ ଜମା କରାଯାଇଛି। ବିଜେପି ସରକାର ଦ୍ୱାରା ଶସ୍ୟର ସହାୟକ ମୂଲ୍ୟ ଦେଢଗୁଣ ବୃଦ୍ଧି କରାଯାଇଛି। ୨୦୧୪ପର୍ଯ୍ୟନ୍ତ ପୂର୍ବ ୧୦ବର୍ଷରେ ୩୬ହଜାର କୋଟି ଟଙ୍କା ଧାନ କିଣା ଯାଉଥିଲା। ଏବେ ତାହା ୧ଲକ୍ଷ ୧୦ହଜାର କୋଟି ଟଙ୍କାରେ ପହଞ୍ଚିଛି। ନେନୋ ୟୁରିଆ ଭଳି ନାନୋ ଡିଏପି ସାର ପ୍ରଚଳନ କରାଯିବ। ମହିଳାମାନଙ୍କ ପାଇଁ ଉଜ୍ୱଳା ଯୋଜନା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ସମ୍ମାନ ବଢ଼ିଛି। ଏବେ ଛାତ ଉପର ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଯୋଜନା କରାଯାଇଛି। ଏହାଦ୍ୱାରା ଲୋକେ ବିନା ମୂଲ୍ୟରେ ବିଦ୍ୟୁତ୍ ପାଇବେ ଏବଂ ସେମାନେ ଉତ୍ପାଦନ କରୁଥିବା ବିଦ୍ୟୁତ୍‌କୁ ବିକ୍ରି କରି ଲାଭବାନ ହୋଇପାରିବେ। ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମାରେ ସାମିଲ କରାଯାଇଛି। ୫୫ଲକ୍ଷ ଉଜ୍ୱଳା ଗ୍ୟାସ ସଂଯୋଗ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି ଯୋଜନା ଦ୍ୱାରା ମହିଳାମାନଙ୍କର ବଳ ବଢ଼ାଇବାରେ ସହାୟକ ହୋଇଛି ବୋଲି ଉଲ୍ଲେଖ କରି ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ସାଧୁ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସରକାରଙ୍କ ସମୟରେ ପଦ୍ମଶ୍ରୀ ଦିଆଯାଇଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ସହ ବୀର ସୁରେନ୍ଦ୍ର ସାଏ, ସନ୍ଥ କବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଦେଶଭକ୍ତି ଓ ସ୍ୱାଭିମାନର ପ୍ରତୀକ ଭାବେ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି। ଏହି ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜଳସମ୍ପଦ ଶକ୍ତିମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହ ରାଜ୍ୟ ବିଜେପିର ନେତା, ବିଧାୟକ ଓ ସାଂସଦମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କୁ ଦଳ ପକ୍ଷରୁ ମା' ସମଲେଶ୍ୱରୀ ଓ ଗଙ୍ଗାଧର ମେହେରଙ୍କ ଫଟୋ ଉପହାର ପ୍ରଦାନ କରାଯାଇଥିଲା।

## ୧୪ ବର୍ଷରେ ବାହାରିଲେନି ଗୋଟିଏ 'କୁମ୍‌କୀ' ହାତୀ

■ **ଭୁବନେଶ୍ୱର,୩।୨(ସମିସ):** ଓଡ଼ିଶାକୁ ୪ଟି ତାଲିମପ୍ରାପ୍ତ କୁମ୍‌କୀ ହାତୀ ସହ ୪ଜଣ ମାହୁନ୍ତ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାମିଲନାଡୁ ସରକାରଙ୍କୁ ନିବେଦନ କରାଯାଇଛି। ଏନେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତାମିଲନାଡୁ ସରକାରଙ୍କୁ ପତ୍ର ଲେଖିଛନ୍ତି। କିନ୍ତୁ ରାଜ୍ୟରେ ଗତ ୧୪ ବର୍ଷ ଧରି କୁମ୍‌କୀ ହାତୀ ତାଲିମ୍ ଓ ଦକ୍ଷ ମାହୁନ୍ତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପାଣି ଭଳି ଟଙ୍କା ଖର୍ଚ୍ଚ ଜାରି ରହିଥିବା ବେଳେ ବାହାର ରାଜ୍ୟରୁ କାହିଁକି ଆଣିବାକୁ ଆବଶ୍ୟକତା ପଡ଼ିଲା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ଅନ୍ୟ ରାଜ୍ୟ ଆଗରେ ହାତ ପତଉଛି ଓଡ଼ିଶା**
**■ ତାଲିମ ନାଁରେ ଗଲାଣି କୋଟି କୋଟି ଟଙ୍କା**
**■ ଆସାମରୁ ଆସି ମଉଜ କରୁଛନ୍ତି ମାହୁନ୍ତ**
**■ ତାଲିମ ନାଁରେ ଚାଲିଗଲା ନନ୍ଦ ହାତୀର ଜୀବନ**

ଆସାମର ଦୀପେନ କାଲିଟା ନାମକ ଜଣେ ବ୍ୟକ୍ତିଙ୍କୁ ମାହୁନ୍ତ ନିଯୁକ୍ତି କରି ଉଭୟ ହାତୀ ଓ ମାହୁନ୍ତଙ୍କୁ କୁମ୍‌କୀ ତାଲିମ୍ ଦେବା ନାଁରେ କୋଟି କୋଟି ଟଙ୍କା ନେଉଛନ୍ତି। ଏହି ବ୍ୟକ୍ତିଜଣଙ୍କ ଏଥିପାଇଁ ଆସାମରୁ ଏକାଧିକ ମାହୁନ୍ତଙ୍କୁ ଆଣି ଓଡ଼ିଶାରେ ରଖିବା ସହ କିଛି ହାତୀଙ୍କ ଦେଖାଶୁଣା କରୁଛନ୍ତି। ତାଲିମ ଆଳରେ ଚନ୍ଦକାଠାରୁ ଆରମ୍ଭ କରି କପିଳାସ ଓ ଶିମିଳିପାଳ ଆଦିରେ ଆସାମ ଏକାଧିକ ମାହୁନ୍ତ ବେଶ୍ ଆରାମ କରୁଛନ୍ତି। ମାତ୍ର ୧୪ ବର୍ଷ ମଧ୍ୟରେ ଏମାନେ ଗୋଟିଏ ହେଲେ ହାତୀକୁ କୁମ୍‌କୀ ତିଲିମ୍ ଦେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ନ କରିପାରିବା ଓ ଓଡ଼ିଶାର ଜଣେ ମଧ୍ୟ ମାହୁନ୍ତଙ୍କୁ ଦକ୍ଷ ନ କରିପାରିଥିବା ଜଣାପଡ଼ିଛି। ଫଳରେ ଓଡ଼ିଶା ତାମିଲନାଡୁ ସହ ଅନ୍ୟ ରାଜ୍ୟମାନଙ୍କ ନିକଟରେ କୁମ୍‌କୀ ହାତୀ ପାଇଁ ହାତ ପତଉଛି।

ବଡ଼ କଥା ହେଉଛି, ଏତେ ବର୍ଷ ହେବ ଏହି ସଂସ୍ଥା ତାଲିମ କାର୍ଯ୍ୟ ଜାରି ରଖିବା ଓ ଏହାଦ୍ୱାରା କୌଣସି ସୁଫଳ ନ ମିଳିବା ସତ୍ତ୍ୱେ ମଧ୍ୟ ଏହି ସଂସ୍ଥାର କାର୍ଯ୍ୟକାଳ ଅବଧିକୁ ବାରମ୍ବାର ବୃଦ୍ଧି କରାଯାଉଛି। ଫଳରେ ପ୍ରାଥମିକ ଭାବେ ୩ବର୍ଷ ପାଇଁ ହୋଇଥିବା ଚୁକ୍ତିନାମା ଏବେ ଆସି ୧୪ ବର୍ଷରେ ପହଞ୍ଚିଛି। ସାଧାରଣ ହାତୀଙ୍କୁ ନିୟମିତ ଭାବେ ତାଲିମ୍ ଦେବା ଓ ହାତୀର ପ୍ରତ୍ୟେକଟି ଗତିବିଧିକୁ ଅନୁଧ୍ୟାନ କରିବା ସହ ସମ୍ପୃକ୍ତ ହାତୀ ସହ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ମାହୁନ୍ତଙ୍କୁ ଯୋଡ଼ି ଏହି କୁମ୍‌କୀ ତାଲିମ୍ ଦିଆଯାଇଥାଏ। କୁମ୍‌କୀ ତାଲିମପ୍ରାପ୍ତ ହାତୀ ମାହୁନ୍ତର ପ୍ରତ୍ୟେକଟି କଥା ମାନିବା ସହ ସମସ୍ତ କମାଣ୍ଡ ଗ୍ରହଣ କରିଥାଏ। ଯଦିଓ ଏହି ପ୍ରକ୍ରିୟା ସମୟ ସାପେକ୍ଷ ମାତ୍ର ୮-୧୦ ବର୍ଷ ମଧ୍ୟରେ ଉଭୟ ହାତୀ ଓ ମାହୁନ୍ତଙ୍କ ପାଇଁ କୁମ୍‌କୀ ତାଲିମ ନେବା ପାଇଁ ଯଥେଷ୍ଟ ହୋଇଥାଏ। କୁମ୍‌କୀ ତାଲିମପ୍ରାପ୍ତ ହାତୀଙ୍କୁ ହାତୀମଣିଷ ଲଢ଼େଇ ରୋକିବାରେ ନିୟୋଜିତ ସହ ବଣୁଆ ହାତୀଙ୍କୁ ଘଉଡ଼ାଇବା ଓ ଅନ୍ୟ ହାତୀ କିମ୍ବା ବାଘଙ୍କୁ ଟ୍ରାଙ୍କୁଲାଇଜ୍ କରିବା ଭଳି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ତେଣୁ ହାତୀବହୁଳ ରାଜ୍ୟଗୁଡ଼ିକରେ କୁମ୍‌କୀ ହାତୀଙ୍କର ଚାହିଦା ଓ ଆବଶ୍ୟକତା ବେଶ ଅଧିକ ରହିଥାଏ।

ଓଡ଼ିଶାରେ ଏହି ହାତୀଙ୍କ ଅଭାବ ହେତୁ ରାଜ୍ୟ ବନ ବିଭାଗ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏଭଳି ହାତୀଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ୨୦୧୦ ମସିହାରେ ଆସାମର ଦୀପେନ କାଲିଟା ନାମକ ଜଣେ ବ୍ୟକ୍ତିଙ୍କ ସହ ରାଜ୍ୟ ବନ ବିଭାଗ ଚୁକ୍ତି କରିଥିଲା। ସେ ଜଣେ ମାହୁନ୍ତ ପିଛା ସେ ସମୟରେ ପ୍ରାୟ ୨୫ହଜାର ଟଙ୍କା ଓ ସେବା ପ୍ରଦାନକାରୀ ଭାବେ ସେ ମାସକୁ ୫୦ ହଜାର ଟଙ୍କା ନେଉଥିଲେ। ଏବେ ଏହିଭଳି ଭାବେ ସେ ୨୦୧୦ ମସିହାରୁ ଟଙ୍କା ନେଉଥିବା ବେଳେ ତାଙ୍କ ଦ୍ୱାରା ରାଜ୍ୟରେ କେତେ ମାହୁନ୍ତ ସୃଷ୍ଟି ହୋଇଛନ୍ତି ଓ କେତେ ହାତୀ କୁମ୍‌କୀ ତାଲିମ୍ ନେଇଛନ୍ତି, ସେ ଉତ୍ତର ଦେବାକୁ ମଧ୍ୟ ବନ ବିଭାଗ ଅକ୍ଷମ। ଅନ୍ୟପଟେ ଏହି ସଂସ୍ଥା ଦ୍ୱାରା ତାଲିମ୍ ନେଉଥିବା ହାତୀ ନନ୍ଦର ୨୦୨୨ରେ ମୃତ୍ୟୁ ହୋଇଥିବା ବେଳେ ପୂର୍ବରୁ ଅନ୍ୟ ଜଣେ ମାହୁନ୍ତର ମଧ୍ୟ ଜୀବନ ଯାଇଛି। ଏହା ସତ୍ତ୍ୱେ ସଂସ୍ଥା ପ୍ରତି ନିରନ୍ତର ଉଦାର ମନୋଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ■ ସାଇବର ଅପରାଧ ତଦନ୍ତକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

## ସତ୍ୟପାଠ ଦେବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ନିର୍ଦ୍ଦେଶ

■ **କଟକ, ୩।୨(ସମିସ):** ଏକ ସାଇବର ଅପରାଧ ମାମଲାରେ ସାଇବର ଥାନା ଆଖିଦୃଶିଆ ତଦନ୍ତ କରିପାରିନଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ବିଭିନ୍ନ ପୁଲିସ ଥାନାରେ ରୁଜୁ ହୋଇଥିବା ସାଇବର ଅପରାଧ ମାମଲାରେ ତଦନ୍ତର ସ୍ଥିତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି ସତ୍ୟପାଠ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରଭା ବେହେରାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ କଟକ ସାଇବର୍ ଥାନାରେ ରୁଜୁ ମାମଲାର ତଦନ୍ତ ସଂକ୍ରାନ୍ତରେ ଥାନା ଅଧିକାରୀ ଦେଇଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଗମ୍ଭୀରତାର ସହ ଏହି ମାମଲା ଗ୍ରହଣ କରାଯାଇନଥିବା ନେଇ ଅଦାଲତ ଆଶଙ୍କା ବ୍ୟକ୍ତ କରିଛନ୍ତି। କେବଳ ହାଇକୋର୍ଟଙ୍କ ଗତ ଜାନୁଆରୀ ୮ର ନିର୍ଦ୍ଦେଶ ପରେ ହିଁ ଥାନା ପକ୍ଷରୁ ଅଭିଯୋଗ ଆଧାରରେ ସମ୍ପୃକ୍ତ ବ୍ୟାଙ୍କକୁ ଗତ ଜାନୁଆରୀ ୧୩ରେ ଦସ୍ତାବିଜ ଦାଖଲ ପାଇଁ ଚିଠି କରାଯାଇଥିବା ସତ୍ୟପାଠରୁ ଜଣାପଡ଼ିଥିଲା।

ପ୍ରକାଶ ଯେ ଆବେଦନକାରୀ ମଧ୍ୟ ସାଇବର ଠକେଇର ଶିକାର ହୋଇଥିଲେ। ତାଙ୍କର ଏସ୍‌ସିବି ମେଡିକାଲ କଲେଜ କ୍ୟାମ୍ପସ ଷ୍ଟେଟ୍‌ବ୍ୟାଙ୍କ ଶାଖାର ଜମା ଖାତାରୁ ଟଙ୍କା ଗାଏବ ହୋଇଥିଲା। ପେଟିଏମ ଜରିଆରେ ଏହି ଠକେଇ ହୋଇଥିଲା। ଏ ନେଇ ସେ କଟକ ସାଇବର୍ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ୬କୁ ଧାର୍ଯ୍ୟ ହୋଇଛି।

## ପର୍ଯ୍ୟଟକଙ୍କୁ ଟାଣିବ ଓଡ଼ିଶା ବ୍ଲୁ-ଫ୍ଲାଗ୍ ବିଚ୍

■ **ଭୁବନେଶ୍ୱର, ୩।୨ (ସମିସ):** ପର୍ଯ୍ୟଟନ ଦୃଷ୍ଟିରୁ ଯେଉଁ ରାଜ୍ୟ ଯେତେ ସମୃଦ୍ଧ, ଅର୍ଥନୈତିକ ଅଭିବୃଦ୍ଧିରେ ସେହି ରାଜ୍ୟ ସେତେ ସ୍ୱଚ୍ଛଳ। ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ବର୍ତ୍ତମାନ ବିଚ୍-ଟୁରିଜିମ୍ ବା ବେଳାଭୂମି ବୁଲିବାକୁ ବହୁ ମାତ୍ରାରେ ପସନ୍ଦ କରାଯାଉଛି। ଏଭଳି ସୁବିଧା ଥିବା ସ୍ଥାନକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ନିକଟରେ ବ୍ରହ୍ମପୁରର ସୁନାପୁର ବେଳାଭୂମିକୁ ଅନ୍ତର୍ଜାତୀୟ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ମିଳିବା ପରେ ରାଜ୍ୟରେ ଏବେ ବ୍ଲୁ-ଫ୍ଲାଗ୍ ବିଚ୍ ସଂଖ୍ୟା ୨କୁ ବୃଦ୍ଧି ହୋଇଛି। ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି ପରେ ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍‌ର ଏହି ବେଳାଭୂମିକୁ ଏହି ଅନ୍ତର୍ଜାତୀୟ ମାନ୍ୟତା ମିଳିଛି।

ପୂର୍ବରୁ ଦେଶର ବଛାବଛା ୧୨ଟି ବେଳାଭୂମିକୁ ଏହି ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ବେଳେ ଓଡ଼ିଶାରୁ ୨ଟି ବେଳାଭୂମି ଏଥିରେ ସ୍ଥାନିତ ରହିଛି। ଯାହାକି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶା ପାଇଁ ଏହା ସମ୍ମାନଜନକ ଓ ଅର୍ଥନୈତିକ ଅଭିବୃଦ୍ଧିର ବଡ଼ କାରଣ ହେବ ବୋଲି ଆଶା କରାଯାଉଛି। ସାଧାରଣତଃ ଦେଶ ତଥା ଦେଶବାହାରୁ ଆସୁଥିବା ପର୍ଯ୍ୟଟକମାନେ ବ୍ଲୁଫ୍ଲାଗ୍ ବିଚ୍‌କୁ ଅଧିକ ପସନ୍ଦ କରିଥାନ୍ତି। ମୁଖ୍ୟତଃ ଏଠାରେ ମିଳୁଥିବା ସୁବିଧା ସୁଯୋଗ ଯୋଗୁଁ ପର୍ଯ୍ୟଟକମାନେ ଏଥିପ୍ରତି ଆକୃଷ୍ଟ ହୋଇଥାନ୍ତି। ବ୍ଲୁ-ଫ୍ଲାଗ୍ ବିଚ୍‌ରେ ପର୍ଯ୍ୟଟକମାନଙ୍କୁ କିଛି ନିର୍ଦ୍ଦିଷ୍ଟ ସୁବିଧା ସୁଯୋଗ ଉପଲବ୍ଧ କରାଇବା ନେଇ ମାନଦଣ୍ଡ ରହିଛି। ଏଥିରେ ପ୍ରଥମତଃ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ପାର୍କିଂ ବ୍ୟବସ୍ଥା ରହିବା ସହ ବେଳାଭୂମିକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖାଯିବ। ବିଚ୍‌କୁ ସବୁଜିମାଭରା କରାଯିବା ସହ ପର୍ଯ୍ୟଟକଙ୍କ ବସିବା ପାଇଁ ସେଡ୍ ବ୍ୟବସ୍ଥା ଓ ଚେୟାର ମଧ୍ୟ ରହିବ। ସମୁଦ୍ରରେ ଗାଧୋଇବା ପରେ ପର୍ଯ୍ୟଟକଙ୍କ ପାଇଁ ବାଥରୁମ୍ ଓ ଚେଞ୍ଜିଙ୍ଗ୍ ରୁମ୍ ଆଦିର ସୁବିଧା ସହ ଶୌଚାଳୟ, ପାନୀୟଜଳ, ଜଗିଂ

**■ ପୁରୀ ପରେ ସୁନାପୁର ବିଚ୍ ପାଇଛି ମାନ୍ୟତା**
**■ ୩ ବର୍ଷରେ ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍ ବୁଲିଲେଣି ୨୨ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ**
**■ ସୁନାପୁରରେ ଇକୋ ରିଟ୍ରିଟ୍ ସହ ବ୍ଲୁ-ଫ୍ଲାଗ୍ ବିଚ୍‌ରେ ମିଳିବ ମଜା**

ପାଇଁ ଫୁଟ୍‌ପାଥ୍ ବ୍ୟବସ୍ଥା ସହ ଆଶୁ ଚିକିତ୍ସା ବ୍ୟବସ୍ଥା ମଧ୍ୟ ରହିବ। ପିଲାଙ୍କ ଖେଳିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୱାଚ୍ ଟାୱାର, ସିସିଟିଭି ଆଦିର ବ୍ୟବସ୍ଥା କରାଯିବ। ସେହିପରି ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଲାଇଫ୍ ଗାର୍ଡ ମଧ୍ୟ ମୁତୟନ କରିବାର ନିୟମ ରହିଛି।

ପୁରୀରେ ୨୦୨୦ ମସିହାରେ ଗାନ୍ଧୀ ଘାଟଠାରୁ ହୋଟେଲ୍ ମେ' ଫେୟାର୍ ପର୍ଯ୍ୟନ୍ତ ପ୍ରାୟ ୮୭୦ ମିଟର ଅଞ୍ଚଳକୁ ବ୍ଲୁ-ଫ୍ଲାଗ୍ ବିଚ୍‌ର ମାନ୍ୟତା ମିଳିଛି। ଏଠାରେ ପ୍ରାୟ ୩୩ଟି ମାନଦଣ୍ଡ ପୂରଣ କରାଯାଇଛି। ପର୍ଯ୍ୟଟକଙ୍କୁ ଏଠାରେ ମିଳୁଥିବା ସୁବିଧା ଯୋଗୁଁ ମାତ୍ର ୩ବର୍ଷ ମଧ୍ୟରେ ଏଠାକୁ ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଏବେ ଏହି ତାଲିକାରେ ସୁନାପୁର ବିଚ୍ ଯୋଡ଼ିହେବା ପରେ ଗଞ୍ଜାମ ଜିଲ୍ଲାକୁ ପର୍ଯ୍ୟଟକମାନେ ଯିବା ପାଇଁ ପସନ୍ଦ କରିବେ। ଏହାଦ୍ୱାରା ବିଚ୍ ସମେତ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାରେ ଥିବା ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ପ୍ରତି ମଧ୍ୟ ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ସଂସ୍ଥା ଫାଉଣ୍ଡେସନ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଏଜୁକେଶନ (ଏଫ୍‌ଇଇ) ପକ୍ଷରୁ ବ୍ଲୁ-ଫ୍ଲାଗ୍ ବିଚ୍‌ର ମାନ୍ୟତା ଦିଆଯାଇଥାଏ। ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ଅନୁଧ୍ୟାନ କରିବା ପରେ ଏହି ସଂସ୍ଥା ମାନ୍ୟତା ପ୍ରଦାନ କରିଥାଏ। ସୁନାପୁର ବିଚ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇକୋ-ରିଟ୍ରିଟ୍ ଆୟୋଜନ କରାଯାଉଛି। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ରାଜ୍ୟରେ ୪୮୦ କିମି ବିଶିଷ୍ଟ ସମୁଦ୍ର ତଟ ରହିଥିବା ବେଳେ ଗଞ୍ଜାମଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ୬ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ବେଳାଭୂମିକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବା ସହ ସ୍ଥାନୀୟ ଲୋକମାନେ ମଧ୍ୟ ବେଶ୍ ଲାଭବାନ ହୋଇପାରୁଛନ୍ତି।

## ଫେବୃଆରୀ ୨୦ରୁ ମାଟ୍ରିକ୍ ପରୀକ୍ଷା

**■ ଦେଢ଼ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ଯିବେ ଛାତ୍ରଛାତ୍ରୀ**
**■ ପରୀକ୍ଷା ଦେବେ ୫ଲକ୍ଷ ୫୧ହଜାର ୭୧୧ ଛାତ୍ରଛାତ୍ରୀ**

■ **କଟକ,୩।୨(ସମିସ):** ଫେବୃଆରୀ ୨୦ ତାରିଖରୁ ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା। ଏହି ପରୀକ୍ଷାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ଏହି କ୍ରମରେ କପି ରୋକିବାକୁ ନୂଆ ଫର୍ମୂଲା ଆପଣାଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଏଣିକି ପରୀକ୍ଷା ପାଇଁ ଧାର୍ଯ୍ୟ ସମୟର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ପ୍ରବେଶ କରିବେ ପରୀକ୍ଷାର୍ଥୀ। ଅର୍ଥାତ୍ ସକାଳ ୯ଟାରେ ପରୀକ୍ଷା ଥିବା ବେଳେ ସାଢ଼େ ୭ଟାରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ଛଡ଼ାଯିବ। ୮ଟା ୧୫ମିନିଟ୍ ପରେ ଆଉ କାହାକୁ ପରୀକ୍ଷା ହଲ୍‌କୁ ପ୍ରବେଶ ଅନୁମତି ମିଳିବ ନାହିଁ। କେବଳ ସେତିକି ନୁହେଁ, ଏଥର ପ୍ରଥମଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ହେବେ ପର୍ଯ୍ୟବେକ୍ଷକ। ପ୍ରଶ୍ନପତ୍ର ଆସିବାଠାରୁ ପରୀକ୍ଷା ଶେଷ ହୋଇ ଉତ୍ତରଖାତା ଯିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ପର୍ଯ୍ୟବେକ୍ଷକ ତଦାରଖ କରିବେ। ଏହି ଦାୟିତ୍ୱ ବିଇଓ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦିଆଯିବ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ।

ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ସାଢ଼େ ୭ଟାରେ ପିଲାମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରି ନିଜ ସ୍ଥାନରେ ବସିପାରିବେ। ୮ଟା ସୁଦ୍ଧା ସମସ୍ତେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ତେବେ ଆଉ ୧୫ମିନିଟ୍ ଅଧିକ ସମୟ ରଖାଯାଇଛି। ପରୀକ୍ଷା କେନ୍ଦ୍ରରେ ଦେଢ଼ ଘଣ୍ଟା ପୂର୍ବରୁ ପ୍ରବେଶ ଦ୍ୱାରା ନିଜ ସିଟ୍ ଖୋଜି ବସିବା ପାଇଁ ପରୀକ୍ଷାର୍ଥୀଙ୍କୁ ସୁବିଧା ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫ଲକ୍ଷ ୫୧ ହଜାର ୭୧୧ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ବୋର୍ଡ ପକ୍ଷରୁ ୩ ହଜାର ୭୩ଟି ପରୀକ୍ଷା କେନ୍ଦ୍ର ଏବଂ ଦୁର୍ଗମ ଅଞ୍ଚଳର ୨୧ଟି ଥାନାକୁ ନୋଡାଲ୍ ସେଣ୍ଟର କରାଯାଇଛି। ୨୦ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ମାର୍ଚ୍ଚ ୧୬ ତାରିଖରୁ ଖାତାଦେଖା ଆରମ୍ଭ ହେବ। ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ଖାତା ଦେଖା ସରିବ। ଚଳିତ ବର୍ଷଠାରୁ ପୁଣି ପୁରୁଣା ଢାଞ୍ଚାରେ ପରୀକ୍ଷା ହେବ। ଅର୍ଥାତ ୫୦ ମାର୍କ ସବଜେକ୍ଟିଭ୍ ଏବଂ ୫୦ ମାର୍କ ଅବଜେକ୍ଟିଭ୍ ପ୍ରଶ୍ନ ଆସିବ।

### ଭୁବନେଶ୍ୱର ଏମ୍‌ସରେ ଯୋଡ଼ିହେଲା ଏକାଧିକ ନୂତନ ବ୍ୟବସ୍ଥା

# ଟ୍ରମା କେୟାର୍, ଧର୍ମଶାଳା ଓ 'ହେଲା' ଲୋକାର୍ପିତ

■ **ଭୁବନେଶ୍ୱର, ୩।୨ (ସମିସ):** ରୋଗୀସେବା କ୍ଷେତ୍ରରେ ଭୁବନେଶ୍ୱର ଏମ୍‌ସରେ ଏକାଧିକ ନୂତନ ବ୍ୟବସ୍ଥା ଯୋଡ଼ି ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ୍ ମାଣ୍ଡଭିୟ ଆଜି ଆଭାସୀ ମାଧ୍ୟମରେ ଏମ୍‌ସ ଧର୍ମଶାଳା, ନୂତନ ଟ୍ରମା କେୟାର୍ ସେଣ୍ଟର୍ ଏବଂ ହାଇ

**ଆଭାସୀରେ ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**

ଏନର୍ଜି ଲିନିୟର୍ ଆକ୍ସେଲରେଟର୍ (ହେଲା) ମେସିନ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମାଣ୍ଡଭିୟ କହିଛନ୍ତି ଯେ ଏହି ନୂତନ ସୁବିଧାଗୁଡ଼ିକ ସାମଗ୍ରିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଯଥେଷ୍ଟ ମଜଭୁତ କରିବା ସହିତ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଣ ବୃଦ୍ଧି କରିବ। ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଥିଲେ, ଏହି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା ରୋଗୀସେବା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବିଶେଷକରି ଏମ୍‌ସକୁ ଚିକିତ୍ସା ନିମନ୍ତେ ଆସୁଥିବା




ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟଙ୍କ ପାଇଁ ଧର୍ମଶାଳା କୋଠା ଅତ୍ୟନ୍ତ ସହାୟକ ହେବ। ସେହିଭଳି ଆଇସିୟୁ, ମଡ୍ୟୁଲାର୍ ଓଟି, ୱାର୍ଡ ଏବଂ ଅନ୍ୟାନ୍ୟ ଉଚ୍ଚ-ଯନ୍ତ୍ରପାତି ସହିତ ସଜ୍ଜିତ ନୂତନ ଟ୍ରମା କେୟାର୍ ସେଣ୍ଟର୍ ତ୍ୱରିତ ଓ ଗୁଣବତ୍ତାପୂର୍ଣ୍ଣ ଜରୁରୀକାଳୀନ ସେବା ଯୋଗାଇଦେବ। ଅପରପକ୍ଷେ, ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ନୂତନ ହେଲା ମେସିନ୍ ବିକିରଣ ଚିକିତ୍ସା ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କ ଅପେକ୍ଷା ସମୟକୁ ହ୍ରାସ କରିବ ଏବଂ ସାମଗ୍ରିକ କର୍କଟ ଚିକିତ୍ସା ଯୋଗାଇବାରେ ଏହା ସହାୟକ ହେବ ବୋଲି ଡ. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପି.ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ ପରିଡ଼ା, ଡିଡିଏ ରଶ୍ମିରଂଜନ ସେଠୀ, ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅତିଥିଗଣ ଏମ୍ସ ମୁଖ୍ୟ ଅଡିଟୋରିୟମରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୫୯ଟି କୋଠରୀଯୁକ୍ତ ୪୯୨ ଶଯ୍ୟାବିଶିଷ୍ଟ ତିନି ମହଲା ଧର୍ମଶାଳା ନାଲକୋର ସିଏସଆର ପାଣ୍ଠି ବିନିଯୋଗରେ ନିର୍ମାଣ କରାଯାଇଛି। ଏଠାରେ ଭୋଜନ ସୁବିଧା ସହିତ ପୁରୁଷ ଏବଂ ମହିଳାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କ ଏହି ଧର୍ମଶାଳାରେ ସୁଲଭ ମୂଲ୍ୟରେ ରହିପାରିବେ। ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ନୂତନ ଟ୍ରମା କେୟାର୍ ସେଣ୍ଟର୍‌ରେ ମୋଟ ୮୬ଟି ଶଯ୍ୟା ଓ ୧୯ ଟି ଆଇସିୟୁ ରହିଛି। ଏହି ନୂତନ କେନ୍ଦ୍ରରେ ଫଲୋଅପ୍ କ୍ଲିନିକ୍, ସିଟି ସ୍କାନ୍, ତିନୋଟି ମଡ୍ୟୁଲାର୍ ଓଟି, ଇଣ୍ଟରଭେନସନାଲ କ୍ୟାଥଲ୍ୟାବ ସମେତ ଅନ୍ୟାନ୍ୟ ପରୀକ୍ଷା ସେବା ଉପଲବ୍ଧ। ଏଥିସହ ଏହି ଟ୍ରମା କେୟାର୍ ସେଣ୍ଟର୍ ଆବାସିକ ଡାକ୍ତର ଏବଂ ଅନ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ତାଲିମ୍ ପ୍ରଦାନରେ ସକ୍ଷମ ହେବ। ସେହିପରି ଅତ୍ୟାଧୁନିକ 'ହେଲା' ମେସିନ୍ ବିକିରଣ ସେବା ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କ ଏକ ବିଶେଷ ବ୍ୟବସ୍ଥା କରିବ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ବିଶ୍ରା, ୩।୨(ସମିସ):** ବିଶ୍ରା ବ୍ଲକ କପାଟମୁଣ୍ଡାପଞ୍ଚାୟତକାର୍ଯ୍ୟାଳୟନିକଟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କପାଟମୁଣ୍ଡା ସରପଞ୍ଚ ମୋତିଲାଲ ଲାକ୍ରା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟା ଉଦ୍‌ଘାଟନ କରିଥିଲେ। ଶିବିରରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ପଞ୍ଚାୟତବାସୀଙ୍କୁ ଅବଗତ କରାଯିବା ସହ ଯୋଜନା ପାଇଁ ପଞ୍ଚାୟତ ସ୍ତରରେ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ବିଶ୍ରା ଏବିଡିଓ ବାସନ୍ତୀ ମାଝୀ, ଭାଲୁଲତା ସରପଞ୍ଚ ବିଚା ଓରାମ, ସମିତି



ସଭ୍ୟା ସୁଷମା ଓରାମ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ଯନ୍ତ୍ରୀ ସଞ୍ଜୟ ତନ୍ତୀ ପ୍ରମୁଖ ଉପସ୍ଥିତ ରହି ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସ୍‌ପିସିଏଲ ପିପି-୨ ସମ୍ପ୍ରସାରିତ ପ୍ରକଳ୍ପ ଲୋକାର୍ପିତ

**ରାଉରକେଲା, ୩।୨(ସମିସ)**

ରାଉରକେଲା ଏନଏସପିସିଏଲ ପାୱାର ପ୍ଲାଣ୍ଟ-୨ର ସମ୍ପ୍ରସାରିତ ପ୍ରକଳ୍ପ (୧x୨୫୦ ମେଗାୱାଟ)କୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସମ୍ବଲପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ।

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ନିର୍ଭରଯୋଗ୍ୟ ଶକ୍ତି ଯୋଗାଇବା ଉଦ୍ଦେଶ୍ୟରେ ଏନଟିପିସି-ସେଲ ପାୱାର୍ କମ୍ପାନୀ ଲିମିଟେଡ୍‌ର ୨୫୦ ମେଗାୱାଟ ପ୍ରକଳ୍ପ ସ୍ଥାପନ



କରାଯାଇଛି, ଯାହାକି ଆର୍ଥିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅନ୍ୟୂନ ୨୩୧୩ କୋଟି ଟଙ୍କାରେ ନିର୍ମିତ ଏହି କାରଖାନାରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଦିଆଯାଇ ରୋଜଗାରକ୍ଷମ କରାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଏହି ଲୋକାର୍ପଣ ଉତ୍ସବ ଅବସରରେ ଏନଏସପିସିଏଲ ପ୍ଲାଣ୍ଟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନଏସପିସିଏଲ, ରାଉରକେଲାର କର୍ମଚାରୀ, କଣ୍ଟ୍ରାକ୍ଟର କର୍ମଚାରୀ ଏବଂ ସହଯୋଗୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଅତନୁ ଭୌମିକ୍, କାର୍ଯ୍ୟ ବିଭାଗ ଇଡି ଏସ୍‌ଆର ସୂର୍ଯ୍ୟବଂଶୀ, ଏମଏମ ବିଭାଗ ଇଡି ସୋମନାଥ ତ୍ରିପାଠୀ, ପି ଆଣ୍ଡ ଏ ବିଭାଗ ଇଡି ତରୁଣ ମିଶ୍ର, ଖଣି ବିଭାଗ ଇଡି ଆଲୋକ ବର୍ମା, ଏଫ ଆଣ୍ଡ ଏ ବିଭାଗ ଇଡି ଏ. ବେହୁରିଆ, ମହାପ୍ରବନ୍ଧକ ଓ ବିଜନେସ୍ ମୁଖ୍ୟ ସୁବ୍ରତ ଦେ ଏବଂ ମହାପ୍ରବନ୍ଧକ (ଓଏସ) ତ୍ରିଦିବ ଦେବ, ମହାପ୍ରବନ୍ଧକ (ଏଚଆର) ପ୍ରେମଲତା, ଏନଏସପିସିଏଲ ରାଉରକେଲାର ଜେନେରାଲ୍ ମ୍ୟାନେଜର (ଓ ଆଣ୍ଡ ଏମ୍) ପିସି ହୁଦାର, ଏନଏସପିସିଏଲ ରାଉରକେଲାର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଏନଏସପିସିଏଲ ଓ ଆରଏସପିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉଠା ଜଳସେଚନ ନିଗମ ଅଧ୍ୟକ୍ଷଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ, କାର୍ଯ୍ୟ ସମୀକ୍ଷା

**ରାଉରକେଲା, ୩।୨(ସମିସ):** ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ରାଉରକେଲା ଡିଭିଜନ କାର୍ଯ୍ୟାଳୟ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ଓ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୃଷିର ଉନ୍ନତି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଶା ଉଠା ଜଳସେଚନ ନିଗମର ବିଭିନ୍ନ ଯୋଜନାର ସଠିକ୍ ରୂପାୟନ ହେଉଛି କି ନାହିଁ ସେ ବିଷୟରେ ପତ୍ରୀ ତଦାରଖ କରିଥିଲେ। ଏଥିସହ ରାଉରକେଲା ଡିଭିଜନ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପ ବିଭାଗଗୁଡ଼ିକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ



ନୂଆଗାଁ ବ୍ଲକ ଗସ୍ତକରି କେତେକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ଗୋଷ୍ଠୀ ନଳକୂପ ପ୍ରକଳ୍ପ ପରିଦର୍ଶନ କରିବା ସହ ସମ୍ପୃକ୍ତ ଅଞ୍ଚଳର କୃଷକମାନଙ୍କ ସହ ଆଲୋଚନା କରିଥିଲେ। ବାରିଲେପଟାରେ ୨୫ ଏକର ଓ ଡୋଲଙ୍ଗସରାରରେ ୪୦ ଏକର ପରିମିତ ଜମିରେ ହୋଇଥିବା ପନିପରିବା ଚାଷଜମି ବୁଲି ଦେଖିଥିଲେ।

କୃଷକମାନେ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା କେବଳ ଧାନଚାଷ ନୁହେଁ ବରଂ ରବି ଓ ଖରିଫ୍ ଋତୁରେ ବିଭିନ୍ନ ପନିପରିବା ଓ ଫୁଲଚାଷ କରି ଉପକୃତ ହେଉଥିବାରୁ ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଓଏଲ୍‌ଆଇସି ଅଧ୍ୟକ୍ଷ ପତ୍ରୀ କହିଛନ୍ତି ଯେ ଉଠା ଜଳସେଚନ ସଂକ୍ରାନ୍ତୀୟ ଯେଉଁସବୁ ସମସ୍ୟା ରହିଛି, ସେସବୁକୁ ସମାଧାନ କରି ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ବିଭାଗ ଉଦ୍ୟମ ଅବ୍ୟାହତ ରଖିବ। ସରକାର କୃଷିର ଉନ୍ନତି ସହିତ କୃଷକଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଉଠା ଜଳସେଚନ ନିଗମର ସହଭାଗିତା ଜାରି ରହିବ ବୋଲି ପ୍ରକାଶ କରିଥିଲେ। ସମୀକ୍ଷା ବୈଠକ ଓ ପ୍ରକଳ୍ପ ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଓଏଲ୍‌ଆଇସି ମ୍ୟାଟେରିଆଲ୍ ପ୍ରୋକ୍ୟୋରମେଣ୍ଟ ଓ କ୍ୱାଲିଟି କଣ୍ଟ୍ରୋଲ ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ତିରୁପତି ନନ୍ଦ, ସେଲିଷ୍ଟିନ ସୁରିନ, ତାରିଣୀ ଚନ୍ଦ୍ର ବେହେରା, କୁନାଲ ଟପନ୍, ସୁଶୀଲ ବାଖାଲା, କନିଷ୍ଠ ଯନ୍ତ୍ରୀ ସ୍ୱରୂପ ପରିଡ଼ା, ଶୁଭମ ପାଲଙ୍କ ସହ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ପୂର୍ବତନ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖୁଲ ଏକ୍କା, ସମିତି ସଭ୍ୟା ସୁନିତା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ଥାଲାସେମିଆ ଶିଶୁରୋଗୀଙ୍କ ପାଇଁ ରକ୍ତଦାନ

**ବଣାଇଁ, ୩।୨(ସମିସ):** ଥାଲାସେମିଆ ରୋଗରେ ପୀଡ଼ିତ ଜଣେ ଚାରି ବର୍ଷର ଶିଶୁ ପାଇଁ ନ୍ୟାସନାଲ ଷ୍ଟୁଡେଣ୍ଟ ୟୁନିଅନ ଅଫ ଇଣ୍ଡିଆ ବଣାଇଁ ନିର୍ବାଚନ ମଣ୍ଡଳୀ ସଭାପତି ଏମଡି ଉବେଦ ଏବଂ ତାଙ୍କ ଟିମ୍ ଶନିବାର ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଦାନ କରି ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସହାୟତା କରିଛନ୍ତି। ବଣାଇଁ ବ୍ଲକ ଦଲକି ଗ୍ରାମର ମାର୍କଣ୍ଡ ହେମ୍ବ୍ରମଙ୍କ ଚାରିବର୍ଷର ଝିଅ ରିଆ ହେମ୍ବ୍ରମ ଅସୁସ୍ଥ ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ଥାଲାସେମିଆ ରୋଗରେ ପୀଡ଼ିତ ଥିବା ଏବଂ ତାଙ୍କ ପାଇଁ ୧ ୟୁନିଟ ବି ପଜିଟିଭ ରକ୍ତ ଆବଶ୍ୟକ ଥିବା ଜଣାପଡ଼ିଥିଲା। ପରିବାର ଲୋକେ କୌଣସି ସୂତ୍ରରୁ ସୂଚନା ପାଇ ଫୋନ ଯୋଗେ ବଣାଇଁ ଏନ୍‌ଏସୟୁଆଇ ସଭାପତି ଏମଡି ଉବେଦଙ୍କ ସହ ଯୋଗାଯୋଗ କରିଥିଲେ।

ଉବେଦ ଓ ତାଙ୍କ ଟିମ୍‌ର ସମସ୍ତ ସଦସ୍ୟ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ୧ ୟୁନିଟ ରକ୍ତଦାନ କରିଥିଲେ। ଆଗକୁ ଅଧିକ ରକ୍ତ ଆବଶ୍ୟକ ପଡ଼ିଲେ ମଧ୍ୟ ତାଙ୍କ ଟିମ୍ ରକ୍ତଦାନ କରି ରୋଗୀଙ୍କୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ଚାରିବର୍ଷ ହେବ ତାଙ୍କ ସଂଗଠନ ରକ୍ତଦାନ ମାଧ୍ୟମରେ ଗରିବ, ଅଭାବୀ ଲୋକଙ୍କ ସେବା କରି ଅନେକ ଜୀବନ



ବଞ୍ଚାଇବାରେ ସହାୟତା କରି ଆସୁଛନ୍ତି। ନିଜେ ଆହତ ଥାଇ ମଧ୍ୟ ଆଜି ଉବେଦ ଡାକ୍ତରଖାନା ପହଞ୍ଚି ଶିଶୁକନ୍ୟାକୁ ସହାୟତାର ହାତ ବଢ଼ାଇଥିବାରୁ ଏନ୍‌ଏସୟୁଆଇ ସୁନ୍ଦରଗଡ଼ ଜିଲ୍ଲା ସଭାପତି ସୋହେଲ ଖାନ୍ ଏବଂ ରାଜ୍ୟ ସଭାପତି ୟାସିର ନୱାଜ ତାଙ୍କୁ ଏବଂ ସଂଗଠନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।

**● ରାଜଗାଙ୍ଗପୁରରେ ଉନ୍ନୟନ କାର୍ଯ୍ୟ ବାଟବଣା**

## ଅଢ଼େଇ ବର୍ଷ ପରେ ବି ସରିନି ପାର୍କ କାମ

**ରାଜଗାଙ୍ଗପୁର, ୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକା ଅନ୍ତର୍ଗତ ୧୭ନଂ ୱାର୍ଡରେ ନିର୍ମାଣ ହେଉଥିବା ପାର୍କ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ଉନ୍ନୟନ କାର୍ଯ୍ୟ ପାଇଁ କୋଟି



କୋଟି ଟଙ୍କା ଅନୁଦାନ ଦେଉଥିବା ବେଳେ ଉକ୍ତ ଅନୁଦାନକୁ ରାଜଗାଙ୍ଗପୁର ପ୍ରଶାସନ ବିନିଯୋଗ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ୱାର୍ଡ ନମ୍ବର ୧୭ରେ ଏକ ପାର୍କ ନିର୍ମାଣ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ଅର୍ଥ ମଞ୍ଜୁର ହେଇଥିଲା। ପାର୍କର ଚାରିପାଖରେ ପାଚେରି ନିର୍ମାଣ ହୋଇଥିଲେ ସୁଦ୍ଧା ପାର୍କ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ପାର୍କର ଚଲାପଥରେ ଲାଗିଥିବା ପେବର୍ ବ୍ଲକଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ସେହିପରି ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଏଭଳି ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଛତାଆମ୍ବ ପଞ୍ଚାୟତ କହାଚୁଆଁ ଗ୍ରାମରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୨୦୧୯-




୨୦ ବର୍ଷରେ ୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ହେଲେ କଲ୍ୟାଣମଣ୍ଡପ ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରାଜଗାଙ୍ଗପୁର ବ୍ଲକ ଓ ପୌରପାଳିକାରେ ଅର୍ଦ୍ଧନିର୍ମିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବଣାଇଁ, ୩।୨(ସମିସ):** ବଣାଇଁ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇଁ ସହକାରୀ ଜିଲ୍ଲାପାଳ ଶୋଭନ ଶ୍ରୀତମ ପଣ୍ଡା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦୀପ୍ତି ପ୍ରକାଶ ବେହେରା, ବରସୁଆଁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଆଞ୍ଚଳିକ ପ୍ରବନ୍ଧକ ସୁଦାମ ମହାକୁଡ଼ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ସଭାପତି ସତ୍ୟବାଦୀ ସାହୁ, କବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଲିକତା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ



ଡ. ବୁଦ୍ଧେଶ୍ୱର ଷଡ଼ଙ୍ଗୀ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ସରୋଜ କୁମାର ଗହିର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନେଶ କୁମାର ମାହାନ୍ତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଇପ୍ସିତା ରଥ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଦୀନବନ୍ଧୁ ସାହୁ, ପ୍ରଶାନ୍ତ ବେହେରା, ସହ ସମ୍ପାଦକ ସତ୍ୟନାରାୟଣ ମିଶ୍ର, ଲକ୍ଷ୍ମୀ ସାହୁ, ଝରଣା ମିଶ୍ର, ଦିବ୍ୟାରାଣୀ ପାଣିଗ୍ରାହୀଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।



## ୨୯ତମ ରାଉରକେଲା ପୁସ୍ତକ ମେଳାର ଦ୍ୱିତୀୟ ଦିବସ

**ରାଉରକେଲା, ୩।୨(ସମିସ):** ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ରାଉରକେଲା ପୁସ୍ତକମେଳାର ଦ୍ୱିତୀୟ ଦିବସରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗ୍ରୁପରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଭାସ୍କର ପୁହାଣ ଓ ସ୍ମିତା ମିଶ୍ର ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଗୁଜରାଟ ରୋଜଡ ବାନପ୍ରସ୍ଥ ସାଧକ ଆଶ୍ରମର ପୂଜ୍ୟ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ ଉପସ୍ଥିତ ଶ୍ରୋତାଙ୍କୁ ମଣିଷ ଜୀବନ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଅର୍ଚ୍ଚନା ମହାନ୍ତି ଓ ପ୍ରଳୟ ଶତପଥୀଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପାଠାଗାର ଉପଦେଷ୍ଟା ଗୋପିନାଥ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ବିଜୟ ପାତ୍ର, ଟୁକୁଲା ପାଢ଼ୀ, ପର୍ଶୁରାମ ପଟ୍ଟନାୟକ, ଦୀନବନ୍ଧୁ ରଥ, ମନୋଜ ପଣ୍ଡା, ଜୟଶ୍ରୀ ଦାସ, ଜ୍ୟୋତିରଞ୍ଜନ ମହାପାତ୍ର, ଟି. ମଧୁସୂଦନ, ପ୍ରଦୀପ କୁମାର ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ପଞ୍ଚାନନ ପାତ୍ର, ଅମରେନ୍ଦ୍ର ପାଢ଼ୀ, ଶ୍ରୀମନ୍ତ ବେହେରା, ପ୍ରଳୟ ଶତପଥୀ, ସୁଶୀଲ କୁମ୍ଭାର, କୁମାର କୁମ୍ଭାର, ଯୋଗେଶ୍ୱର ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଜବତ ହାଇୱାରୁ ବ୍ୟାଟେରୀ ଚୋରି; ଜଣେ ଗିରଫ

ରାଉରକେଲା, ୩।୨(ସମିସ): ଦୁର୍ଘଟଣା ମାମଲାରେ ପୁଲିସ ଜବତ କରିଥିବା ଏକ ହାଇୱାକୁ ମଧ୍ୟ ଦୁର୍ବୃତ୍ତ ଛାଡ଼ିନାହାନ୍ତି। ଉକ୍ତ ଗାଡ଼ିରୁ ବ୍ୟାଟେରୀ ଚୋରି କରି ନେଇଛନ୍ତି। ବ୍ରାହ୍ମଣୀ ତରଙ୍ଗ ଥାନାରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, କିଛିମାସ ପୂର୍ବେ ଉକ୍ତ ଥାନା ଅଞ୍ଚଳରେ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଗାଡ଼ିକୁ ପୁଲିସ ଜବତ କରି ଥାନା ସମ୍ମୁଖ ବ୍ରାହ୍ମଣୀ ବ୍ରିଜ ତଳେ ରଖିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିଲା। ଶନିବାର ଚୋରି ସମ୍ପର୍କରେ ପୁଲିସ ଜାଣିପାରି ତଦନ୍ତ କରିଥିଲା। ଏହି ଚୋରି ଘଟଣାରେ ଜଡ଼ିତ ଥିବା ଭଦ୍ରକ ଧାମନଗରର ମୂଳ ବାସିନ୍ଦା ତଥା ସ୍ଥାନୀୟ ବେଦବ୍ୟାସ ମନ୍ଦିର ରୋଡ ଅଞ୍ଚଳର ଶ୍ରୀକାନ୍ତ ସାହୁ ଓରଫ କାଳିଆ (୨୭)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କାଳିଆଠାରୁ ଚୋରି ହୋଇଥିବା ବ୍ୟାଟେରୀ ଜବତ କରାଯାଇଛି।

## ମହିଳା ଚାଷୀଙ୍କ ନିମନ୍ତେ ସ୍ଥାୟୀ ଜୈବିକ କୃଷି କର୍ମଶାଳା

**ରାଉରକେଲା, ୩।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଓ ଏନଆଇଟି ରାଉରକେଲା ଦ୍ୱାରା ବର୍ଜ୍ୟରୁ ଐଶ୍ୱର୍ଯ୍ୟ କାର୍ଯ୍ୟକ୍ରମ ଅଧୀନ ଫେବୃଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ମହିଳା ଚାଷୀଙ୍କ ନିମନ୍ତେ ଏକ ସ୍ଥାୟୀ ଜୈବିକ କୃଷି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ପାର୍ଶ୍ୱାଞ୍ଚଳ ବ୍ଲକର ୫୫ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ମହିଳା ଚାଷୀମାନଙ୍କୁ ଜୈବିକ ଚାଷ ଉପରେ ତତ୍ତ୍ୱଗତ ଏବଂ ବ୍ୟବହାରିକ ଇନପୁଟ୍ ଦିଆଯାଇଥିଲା। ଛତୁଚାଷର ଜୈବିକ ଉପାୟ, ଜିଆଖତ ପ୍ରସ୍ତୁତି, ଜୈବିକ ଖତ, ଜୈବିକ କୀଟନାଶକ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା







ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏନ୍‌ଆଇଟି ରାଉରକେଲାର ପ୍ରଫେସର ଏବଂ ଗବେଷକ, କେଭିକେର ବୈଜ୍ଞାନିକ ଏବଂ ଜୈବିକ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଭିଜ୍ଞ ବ୍ୟକ୍ତିମାନେ ଏଥିରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଭାରତୀୟ କୃଷି ପ୍ରଣାଳୀରେ ଜୈବିକ କୃଷି ପଦ୍ଧତିର ବ୍ୟବହାରକୁ ସହଜ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ଶେଷରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏନଆଇଟି ରାଉରକେଲା ଓ ଆରଏସପି ସିଏସଆର ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଦ୍ୱାରା ବିବିଧ ରେକର୍ଡ ସହ ବର୍ଷ ଆରମ୍ଭ

**ରାଉରକେଲା, ୩।୨(ସମିସ)**

ଗ୍ରେଟ ପ୍ଲେସ ଟୁ ୱାର୍କ ପ୍ରମାଣପତ୍ରରେ ସମ୍ମାନିତ ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ବିବିଧ ରେକର୍ଡ ସହ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୧୦ ମାସ ଅର୍ଥାତ୍ ୨୦୨୩ ଏପ୍ରିଲରୁ ୨୦୨୪ ଜାନୁଆରୀ ମାସ ମଧ୍ୟରେ କାରଖାନା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଆରଏସପି ୩, ୭୧୭, ୨୧୬ ଟନ୍ ଉତ୍ତପ୍ତ ଧାତୁ, ୩, ୪୬୦, ୭୯୮ ଟନ୍ ଅଶୋଧିତ ଇସ୍ପାତ ଏବଂ ୩, ୪୩୬, ୬୮୫ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ ପୂର୍ବକ ସର୍ବକାଳୀନ ଶ୍ରେଷ୍ଠ ଏପ୍ରିଲ୍-ଜାନୁଆରୀ ପ୍ରଦର୍ଶନ



ହାସଲ କରିଛି। ଏହି ସମସ୍ତ ପ୍ରମୁଖ କ୍ଷେତ୍ରରେ ଏଥିପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ ହୋଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସ ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ୫, ୯୭୪, ୪୬୧ ଟନ୍ ସିଣ୍ଟର ଉତ୍ପାଦନ ସହ ସିଣ୍ଟର ପ୍ଲାଣ୍ଟଗୁଡ଼ିକ କାରଖାନାର ସଫଳତାର ଯାତ୍ରାରେ ବିପୁଳ ଯୋଗଦାନ ଦେଇଥିଲେ। ସିପିପି-୧ ଏବଂ ସିପିପି-୩ରୁ ମିଳିତ ଶକ୍ତି ଉତ୍ପାଦନ ମଧ୍ୟ ଏପ୍ରିଲ-ଜାନୁଆରୀ ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ୭୦.୨୭ ମେଗାୱାଟ୍ ରହିଥିଲା।

କାରଖାନାର ସମସ୍ତ ଆଧୁନିକୀକରଣ ୟୁନିଟ୍ ସମାଧାରାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଏହି ସଫଳତାରେ ପ୍ରମୁଖ ଯୋଗଦାନ ଦେଇଥିଲେ। ୫ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ୍ ୨, ୩୭୯, ୮୮୦ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରିଥିବା ବେଳେ ଏସ୍‌ଏମ୍‌ଏସ୍-୨ ବିଭାଗ ୩, ୦୪୬, ୩୩୧ ଟନ୍ ଅଶୋଧିତ ଇସ୍ପାତ ଟ୍ୟାପ୍ କରି ସର୍ବଶ୍ରେଷ୍ଠ ଏପ୍ରିଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଥିଲା। ଡାଉନଷ୍ଟ୍ରିମ ପ୍ରଦର୍ଶନର ନେତୃତ୍ୱ ନେଇ ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏପ୍ରିଲ-ଜାନୁଆରୀ ମାସ ଅବଧିରେ ୧୯୪୩, ୭୯୩ ଟନ୍ ଏଚଆର କଏଲ ରୋଲିଂ ପୂର୍ବକ ଏହାର ସର୍ବଶ୍ରେଷ୍ଠ ଏପ୍ରିଲ-ଜାନୁଆରୀ ପ୍ରଦର୍ଶନ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ହାସଲ ହୋଇଥିବା ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ୨୦୨୪ ଜାନୁଆରୀରେ ବ୍ଲାଷ୍ଟ ଫର୍ଣ୍ଣେସ-୧ରେ ଉତ୍ତପ୍ତ ଧାତୁ ଟନ ପିଛା ୪୨୨ କିଲୋଗ୍ରାମର ସର୍ବଶ୍ରେଷ୍ଠ କୋକ୍ ହାର ହାସଲ ସାମିଲ ରହିଛି। ଏଥିପୂର୍ବରୁ ୨୦୨୨ ଫେବୃଆରୀରେ ଉତ୍ତପ୍ତ ଧାତୁ ଟନ ପିଛା ୪୨୨ କିଲୋଗ୍ରାମ କୋକ୍ ହାର ବିଭାଗର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଏଥିସମେତ ୨୦୨୪ ଜାନୁଆରୀ ୯ରେ ଏସଏମଏସ-୨ର କାଷ୍ଟର-୩ରେ ୧୪ଟି ଟଣ୍ଡିସ ଫ୍ଲାଇ ଦ୍ୱାରା ୩୦୯ କାଷ୍ଟିଂ ସିକ୍ୱେନ୍ସ ହାସଲ ଏବଂ ଟିଏଲସି-୮ରେ ହାସଲ ହୋଇଥିବା ୨୭୩୭ଟି ହିଟର ଜାତୀୟ ରେକର୍ଡଯୁକ୍ତ ସର୍ବୋଚ୍ଚ ଟର୍ପେଡୋ ଲାଡେଲ ଲାଇଫ ସ୍ଥାପନ ଅନ୍ତର୍ଭୁକ୍ତ ରହିଛି। ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ସୁରକ୍ଷା, ଗୁଣବତ୍ତା ଏବଂ ଗ୍ରହକାଭିମୁଖୀ ଉତ୍ପାଦନ ଉପରେ ବିଶେଷ ଧ୍ୟାନ ଦେଇ ଉତ୍କୃଷ୍ଟତାର ଧାରା ବଜାୟ ରଖିବା ପାଇଁ ସମୁଦାୟିକଙ୍କୁ ଆହ୍ୱାନ ଦେଇଛନ୍ତି।



## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ସବୁଠି 'ବନ୍ଦେ ଉତ୍କଳ ଜନନୀ' ଗୁଞ୍ଜରିତ





**ସୁନ୍ଦରଗଡ଼,୩।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ସହ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ଥାନୀୟ ସଦଭାବନା ଭବନରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏଥିସହ ଭୁବନେଶ୍ୱରଠାରେ ଆୟୋଜିତ ସମ୍ମିଳନୀର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଡା. ପରାଗ ଗାଭାଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ଦାସରଥି ସରାବୁ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ।

ସେହିପରି ଜିଲ୍ଲାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ବିକାଶ ଭବନଠାରେ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ଥିବା ବ୍ୟକ୍ତିମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ଲକ୍, ତହସିଲ, ପୌରାଞ୍ଚଳ, ଗ୍ରାମ ପଞ୍ଚାୟତ ଅଞ୍ଚଳରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସମ୍ମିଳନୀର ସିଧାପ୍ରସାରଣ ହୋଇଥିଲା।

### ହେମଗିରି

ହେମଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୁବନେଶ୍ୱରଠାରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସିଧାପ୍ରଶାରଣକୁ ବହୁ ଜନସାଧାରଣ ତଥା ସ୍କୁଲ ଛାତ୍ରଛାତ୍ରୀ ପ୍ରୋଜେକ୍ଟର ମାଧ୍ୟମରେ ଦେଖିଥିଲେ। ଏହି ଅବସରରେ ବ୍ଲକ୍‌ର ସମସ୍ତ ଓଡ଼ିଆ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ୍ ସଭାପତି ସୁକାନ୍ତ ପତି, କାଶୀନାଥ ରାଉତ, ଜୀବନ ରଞ୍ଜନ ପଟ୍ଟନାୟକ, ସୁନୀଲ ପଣ୍ଡା, ସୁକାନ୍ତ କୁମାର ମିଶ୍ର, ସରପଞ୍ଚ ଗୀତା କୁଅଁରଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଅଧ୍ୟାପକ ଅକ୍ଷୟ କୁମାର ସାହୁ,



ଦୁର୍ଗାମାଧବ, ଅଧ୍ୟାପିକା ଧରିତ୍ରୀ ମିଶ୍ର, ପଦ୍ମାଳୟା ବରିହା, ତପସ୍ୱିନୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ବାଲିଶଙ୍କରା

ବାଲିଶଙ୍କରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଶିକ୍ଷୟିତ୍ରୀ କମଳିନୀ ସିଂ, ବନାନୀବାଲା ନାଏକ, ଧର୍ମେନ୍ଦ୍ର ଓଝା, ମଞ୍ଜୁଶ୍ରୀ କାଲୋ, ମନୋଜ କୁମାର ପାଣି, ସାହିତ୍ୟିକ କ୍ଷିତୀଶ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଜିପିଇଓ ପାସ୍କାଲ ଲାକଡ଼ା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ସିପି ତାପସ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାକୁ କିପରି ସବୁଦିନ ବଞ୍ଚାଇ ରଖାଯାଇପାରିବା ସେ ନେଇ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଅଞ୍ଚଳର କଳାକାରମାନଙ୍କୁ ନେଇ ପାଲା ସଂକୀର୍ତ୍ତନ କରାଯିବା ସହ ରାଜ୍ୟସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଶେଷରେ ଜିପିଇଓ ଲାକଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜଗାଙ୍ଗପୁର

ରାଜଗାଙ୍ଗପୁର ବ୍ଲକରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ମିଶନ ଶକ୍ତି ମହିଳାମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଡିଓ ଅକ୍ଷୟ କୁମାର ବାଗ, ଏବିଡିଓ ଭବାନୀ ଶଙ୍କର ପାଢ଼ୀ, ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ରୂପକ ପଟେଲ, ବିଦ୍ୟୁଲତା ରାଉତ, ବିପିଏମ ବିକ୍ରମ ବାର୍ଲାଙ୍କ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ, ମା' ସରସ୍ୱତୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।




### ବଣାଇଁ

ବଣାଇଁର ବିଭିନ୍ନ କାର୍ଯ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଛି। ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ ବନଖଣ୍ଡ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୂର୍ବାହ୍ନ ୧୧ଟାରେ ସମବେତ ହୋଇ ରାଜ୍ୟ ସଙ୍ଗୀତ ଗାନ କରିଥିଲେ। ବଣାଇଁ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଓଡ଼ିଆ ଜାତିର ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଧୂପଦୀପ ପ୍ରଜ୍ୱଳନ କରି ଉପସ୍ଥିତ ସହକର୍ମୀଙ୍କ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ କାର୍ଯ୍ୟାଳୟରେ ଏକ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବଣାଇଁ ବ୍ଲକ୍ ଛକ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ସାଂଗଠନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବ୍ଲକ ସଭାପତି ରଘୁନାଥ ସାହୁ, ମୁଖପାତ୍ର ସୁନ୍ଦରମଣି ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

### କୁତ୍ରା

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

କୁତ୍ରା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଧ୍ୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କଷ୍ଟଭୂଷଣ ହୋତା, ସମ୍ମାନିତ ଅତିଥି ଭାବେ ଡାଲମିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନ, ଓଡ଼ିଆ ଅଧ୍ୟାପିକା ମମତା ମାଝି, ଅଧ୍ୟାପକ ମୋତିଲାଲ ନାଏକ, ଗଇରବାହଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ, ଓଡ଼ିଆ ଅଧ୍ୟାପକ ସମିର ପୁରୋହିତ, କୁତ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୌତମ ପାତ୍ର ଓ ଲକ୍ଷ୍ମୀପୋଷ ଉଚ୍ଚ ବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ମଧୁସ୍ମିତା ଶତପଥୀ ଯୋଗଦେଇଥିଲେ। ବିଡିଓ ସମରେନ୍ଦ୍ର ସରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି



ଅବସରରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ଓ ସଙ୍ଗୀତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ଲକ କାର୍ଯ୍ୟାଳୟରେ ଏକ ପୁସ୍ତକ ମେଳା ମଧ୍ୟ ଆୟୋଜନ କରାଯାଇଥିଲା। ଶେଷରେ ବ୍ଲକ ଅର୍ଥ ଅଧିକାରୀ ଶର୍ମିଳା ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ରା

ଖୁଣ୍ଟଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ତନୁଜା ନନ୍ଦିନୀ ତନ୍ତୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆ ଭାଷାର ଉତ୍ପତ୍ତି ତଥା ଅଭିବୃଦ୍ଧି ସମ୍ବନ୍ଧରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଲୋଚନା କରିଥିଲେ। ସାରଳା ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଯୁଗାନ୍ତକାରୀ କ୍ରମବିକାଶ ବିଷୟରେ ଆଲୋକପାତ କରିଥିଲେ। 'ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା' ଫକ୍ତିକୁ ଉଦ୍ଧାର କରି ବକ୍ତାମାନେ ଆମ ଉତ୍କଳ ଭୂମିର ଗର୍ବ ଓ ଗୌରବ ମାତୃଭାଷା ଓଡ଼ିଆକୁ ବିଶ୍ୱ ଦରବାରରେ ପହଞ୍ଚାଇବା ତଥା ମାତୃଭାଷାକୁ ସର୍ବୋଚ୍ଚ ସ୍ଥାନ ଦେବାକୁ ଆହ୍ୱାନ ଦେଇଥିଲେ।







## ଓଡ଼ିଆ ଭାଷାର ସଚେତନ କରାଇବ ରଥ




**ରାଉରକେଲା,୩।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ତରଫରୁ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରାଯାଇଛି। ଏହି କ୍ରମରେ ଶନିବାର ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି। ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ମଧୁସୂଦନ ମାର୍ଗରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେ ସବୁଜ ପତାକା ଦେଖାଇ ଏକ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଓଡ଼ିଆ ଭାଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ବୋଲି ଜଣାପଡ଼ିଛି।

## 'ମୁଁ ଓଡ଼ିଆ ମୁଁ ଗର୍ବିତ' ପକ୍ଷରୁ ରାଜ୍ୟ ସଙ୍ଗୀତ ଗାନ

**ରାଉରକେଲା,୩।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଭୁବନେଶ୍ୱରଠାରେ ଉଦଘାଟିତ ହୋଇଛି। ସମଗ୍ର ବିଶ୍ୱରେ ବସବାସ କରୁଥିବା ଓଡ଼ିଆଙ୍କ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ଥିଲା। 'ଭାଷା ହିଁ ଭବିଷ୍ୟତ'ର ଯଥାର୍ଥତା ପ୍ରତିପାଦନ ସ୍ୱରୂପ ସମସ୍ତ ଓଡ଼ିଆ ଏହି ଭାଷାକୁ ବଞ୍ଚାଇବା ପାଇଁ ସବୁ ସ୍ତରରେ ପ୍ରୟାସ ଜାରି ରଖିବା ଜରୁରୀ। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ସମସ୍ତ ଅନୁଷ୍ଠାନ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ରାଉରକେଲା ଭଳି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଥିବା 'ମୁଁ ଓଡ଼ିଆ ମୁଁ ଗର୍ବିତ' ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ସେକ୍ଟର-୪ ସ୍ମାର୍ଟ ଲେଡିଜ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ 'ମୁଁ ଓଡ଼ିଆ ମୁଁ ଗର୍ବିତ' ଅନୁଷ୍ଠାନ ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ, ସମ୍ପାଦକ ସଞ୍ଜୀବ କୁମାର ନାୟକ, ସ୍ମାର୍ଟ ଲେଡିଜ କ୍ଲବ ଆବାହକ ଲୀନା ନାୟକଙ୍କ ସମେତ ଆରତୀ ମହାନ୍ତି, ମମତା ଜେନା, ରଶ୍ମିତା ଭଞ୍ଜଦେଓ, ମମତା ଗୌଡ଼, ସଞ୍ଜୁକ୍ତା ତ୍ରିପାଠୀ, ରିତୁରେଖା ସାହୁ, ଶପ୍ତଶ୍ରୀ ତ୍ରିପାଠୀ, ବିଶ୍ୱରୂପା ପାତ୍ର, ସଞ୍ଜୁକ୍ତା ନାୟକ, ପ୍ରତିରାଣୀ ରାଉତ, ହେମଲତା ପ୍ରସାଦ, ପ୍ରତିଭା ପ୍ରିୟଦର୍ଶିନୀ, ରମେଶ ସାହୁ, ହିମାଂଶୁ ଶେଖର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



DADLS-94
ଓଡ଼ିଶା ସରକାର

ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୪
ସକାଳ ୯ ଘଟିକା ସମୟରେ ରାଜଭବନ ଛକସ୍ଥିତ
ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ
ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ପୂର୍ବାହ୍ନ - ଘ.୧୦.୩୦ ମିନିଟ୍ | ସ୍ଥାନ - ଜନତା ମଇଦାନ
ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିସରରେ
ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତି ଭକ୍ତିଅର୍ଘ୍ୟ ଅର୍ପଣ।
ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0326/2324

## ଆରଏମସି ପକ୍ଷରୁ ଆଲୋଚନାଚକ୍ର

# ଆଭିଜାତ୍ୟ ସମ୍ପନ୍ନ ଓଡ଼ିଆ ଭାଷାକୁ ସମୃଦ୍ଧ କରାଇବ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'





**ରାଉରକେଲା,୩।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରାଯାଉଛି। ଏହି କ୍ରମରେ ଶନିବାର ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଏହି ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ମହାନଗର ନିଗମ ଆୟୁକ୍ତ ତଥା ସ୍ମାର୍ଟ ସିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ସ୍ଥାନୀୟ ମଧୁସୂଦନ ମାର୍ଗରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ସେ ସବୁଜ ପତାକା ଦେଖାଇ ଏକ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ତିନି ଦିନ ଧରି ସହର ପରିକ୍ରମା କରିବା ସହ ଜନସାଧାରଣଙ୍କ ମନରେ ଓଡ଼ିଆ ଭାଷା ପ୍ରୀତି ଜାଗ୍ରତ କରାଇବ।

ଏଥିସହ ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁଙ୍କ ଉପସ୍ଥିତିରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏଥିରେ ଆର୍‌ଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ସମେତ ସ୍ୱଚ୍ଛ କର୍ମୀମାନେ ସାମିଲ ହୋଇଥିଲେ। ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୁକ୍ତ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷାର ଗୌରବମୟ ଅତୀତ, ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୁଲକର୍ଣ୍ଣି କହିଲେ, ମୁଖ୍ୟମନ୍ତ୍ରୀଙ୍କ ଏହି ଦୂରଦର୍ଶୀ କାର୍ଯ୍ୟକ୍ରମ ବେଶ୍ ସୁଦୂରପ୍ରସାରୀ। ପ୍ରତି ପାଞ୍ଚ ବର୍ଷରେ ଏହି ସମ୍ମିଳନୀ ଆୟୋଜନ ହେବାକୁ ଥିବାବେଳେ ଏହା ଭବିଷ୍ୟତ ପିଢ଼ି ମଧ୍ୟରେ ମାତୃଭାଷା ପ୍ରତି ମମତା ଜାଗ୍ରତ କରାଇବାରେ ଉତପ୍ରେରକ ଭାବେ କାର୍ଯ୍ୟ କରିବ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର କେବଳ ସରକାରୀ ସ୍ତରରେ ସୀମିତ ରହିବା ଉଚିତ ନୁହେଁ ବରଂ ପ୍ରତ୍ୟେକ ପରିବାରରେ ଓଡ଼ିଆ ଭାଷାର ବ୍ୟବହାର ଏହି ଆଭିଜାତ୍ୟ ସମ୍ପନ୍ନ ଭାଷାକୁ ଆଗକୁ ନେବାରେ ବହୁତ ସହାୟକ ହେବ। ଆଜିର ଏହି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଇଣ୍ଟରନେଟରେ ମଧ୍ୟ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହେବା ଆବଶ୍ୟକ ବୋଲି ସେ କହିଥିଲେ।

ରାଉରକେଲା ସହରର ପ୍ରତିଷ୍ଠିତ ସାହିତ୍ୟିକ, ଲେଖକମାନେ ଏହି ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଏହି ଓଡ଼ିଆ ଅସ୍ମିତା ସମ୍ମିଳନୀ ପ୍ରତ୍ୟେକ ଓଡ଼ିଆଙ୍କୁ ଭାଷା ସମ୍ପର୍କରେ ସଚେତନ କରାଇବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଲେଖକ, ସାହିତ୍ୟିକ ଡାକ୍ତର ପ୍ରଭାତ ମଲ୍ଲିକ, ରାଜୀବ ପାଣି, ଅଙ୍ଗୁରବାଳା ପରିଡ଼ା, ମୋନାଲିସା ମିଶ୍ର, କୃପାସିନ୍ଧୁ ନାୟକ, ରାଜକୁମାର ମହାନ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସୃଜନିକା



# ତମର ଇଷ୍ଟ

ଡ. ଦ୍ୱିତୀ ଚନ୍ଦ୍ର ସାହୁ



"କି ପାଇଁ ସିନ୍ତି ହେଉଛୁରେ ପାଲଚି। ମୁଇ କେତେଦିନର ମଣିଷ କଇଲୁ। ନଜାଣିଲା ପରିକା ହେଉଚୁ ଯେ ! ତମର କୁମୁଟି ସାଉକାର ଚିହ୍ନି ପାରଲୁ ନାଇଁ କି!" କୁମୁଟି ସାଉକାର ବୁଝାଇଲା ଭଳି କହିଲା।

"ତତେ ଚିନିଚି ବୋଲିକି କା କଇଦେଲି। ଆଉ କିଏ ହେଇଥିଲେ ଗାଁରେ କା ପୂରେଇ ଦେଇ ନ ଥାନ୍ତି। ତୁଇ ନେବୁ ବେଁଲେ ନେ ଆମର ଯାଏ ଆସେ କିଛି ନାଇଁ। ମାତର ଆମ ପରିକା ଆମ ରେଟୁରେ କା ନେବୁ କି କଅ !" - ପାଲଚି ସଫା ସଫା କହିଦେଲା କୁମୁଟି ସାଉକାରକୁ।

ସକାଳରୁ ରଞ୍ଜଘିଁଷ ଚାଲିଛି ଦରକୁ ନେଇ। କାନ୍ଦୁଲ ପାଚିଲା ପରେ ଘରେ ଘରେ ଥୁଆ ହୋଇଛି। ବସ୍ତାରେ ଚୁଟି ବାନ୍ଧି କାନ୍ଥକୁ ଆଉଜେଇ ରଖିଛନ୍ତି ଲୋକେ। କାନ୍ଦୁଲ ବିକିବେ ଆଦିବାସୀ। ଗାଁଯାକର କାନ୍ଦୁଲ ଗୁଟେଇବ ରାବଣା କୁମୁଟି। କିଣିବା ଆଗରୁ ଦର ଛିଡ଼େଇବ। ଗୋଟେ ଦର ଛିଣ୍ଡିଗଲେ ସେ ରେଟ୍‌ରେ ସବୁ କାନ୍ଦୁଲ କିଣି ନେବ। ରାବଣା କୁମୁଟିର ଇମିତି ଲାଇନ ବେପାର। ଲାଇନ ବେପାର ବୋଇଲେ ଅଲଗା କିଛି ନାହିଁ। ଗାଁ ଗାଁ ବୁଲିବ। ଆଦିବାସୀ ପଚଉଥିବା କାନ୍ଦୁଲ, ଝଟା, ବରବଟି, ବାଇଲ, ସୋରିଷ, ଫୁଲ ଛାଞ୍ଚୁଣୀ, ଲହି, ଧାନ ମରିଚ, ତେନ୍ତୁଳି, ପାଳଗୁଣ୍ଡି ଭଳି ଶୁଖିଲା ଜିନିଷ ସବୁ କିଣିବ। ଯୋଉ ଜିନିଷସବୁ କିଛି ଦିନ ତା'ର ଗୋଦାମରେ ରଖିପାରିବ। ଏରିଆ ଯାକର ସେଇ ଏକା ଜିନିଷ କିଣିଲା ପରେ ଟ୍ରକ ଭର୍ତ୍ତି କରି ଆନ୍ଧ୍ର କି ରାୟପୁରକୁ ପଠେଇବ। ସେଥିପାଇଁ ରାବଣା ପାହାନ୍ତିଆରୁ ରାୟଗଡ଼ାରୁ ବାହାରେ ତା'ର ପୁରୁଣା କାଳିଆ ବାଜାଜ ଏମ୍-୮୦ ଗାଡ଼ିରେ। ସୂର୍ଯ୍ୟ ବାହାରିଲା ବେଳକୁ ଆଦିବାସୀ ଗାଁରେ ଥିବ। ଟିକେ ଉଛର ହୋଇଗଲେ ଆଦିବାସୀ ଗାଁ ପଦା ହୋଇଯିବ। ସବୁ ମଣିଷ ଡଙ୍ଗର ଚଢ଼ି ପଡ଼ିବେ ନିଜ କାମଧାମ ପାଇଁ। ବେପାର ତା'ର ବୁଡ଼ିଯିବ ବୋଲି ରାୟଗଡ଼ାରୁ ହିଁ ଅନ୍ଧାର ଥାଇ ବାହାରିପଡ଼େ ସେ।

ଗାଡ଼ି ପଛରେ ଯୁରିଆ ଜରି ଅଖାରେ ସିଲେଇ ହୋଇଥିବା ଦି ଚାରିଟା ବଡ଼ ବ୍ୟାଗ। ତା' ଭିତରେ ଚାରି ପାଞ୍ଚଟା ଝୁଟ ଅଖା। ଅଖା ଭିତରେ କାଠ ମାଣ ଆଉ ଗୋଟେ ବଡ଼ ଜରି। ଦି' ପଟେ ମୁଣା ଥିବା ହ୍ୟାପ୍ ପେଣ୍ଟ। ପେଣ୍ଟ ଉପରେ ଲୁଙ୍ଗି। ଲୁଙ୍ଗିକୁ ଦି ଭାଙ୍ଗ କରି ଜଂଘ ପର୍ଯ୍ୟନ୍ତ ଟେକି ଭିଡ଼ି ଦେଇଥିବ। ଉପରେ ଗୋଟେ ପୁରୁଣା କାଳିଆ ହ୍ୟାପ୍ ଶାର୍ଟ। ତା' ଭିତରେ ହାତକଟା ବାଡ଼ି। ସ୍ୱତନ୍ତ୍ର ଭାବେ ସିଲେଇ ହୋଇଥିବ ଧଳା ଖଦି କପଡ଼ାରେ। ପେଟ ପାଖରେ ହାତ ପଶିଲା ଭଳି ମୁଣା ଥିବ। ସେ ମୁଣାରେ ବଡ଼ ବଡ଼ ନୋଟ୍। ଡେବିରି ପଟ ପେଣ୍ଟ ମୁଣାରେ ସାନ ସାନ ନୋଟ୍। ଖାଇବା ପଟ ମୁଣାରେ ବିଡ଼ି ପ୍ୟାକେଟ୍ ଓ ନିଆପେଡ଼ି। ସାନ ନୋଟ ଓ ବଡ଼ ନୋଟ ମିଶେଇ ଠିକ୍ ହିସାବ କରି ଦେବ। ପାଞ୍ଚ ଫୁଟର ଟିମ୍ପା ମୋଟାରୋଟା ମଣିଷ। କାନରେ ଠିଆଠିଆ ବାଳ। ଅଧା ଚୁଟି ପାଚା। ଏ ଖଣ୍ଡ ମଣ୍ଡଳରେ କୁମୁଟି ସାଉକାର ନହେଲେ ରାବଣା କୁମୁଟି ବୋଲି ସମସ୍ତେ ଚିହ୍ନିଛନ୍ତି।

ଗାଁର ଜାଣିବାଶୁଣିବା ବଡ଼ ଲୋକଙ୍କୁ ଡାକିବ ସେ। କିଣିବା ଜିନିଷର ଦର ଛିଣ୍ଡେଇବ। ନାଇଁ ହିଁ ଭିତରେ ଦର ଛିଣ୍ଡିଗଲେ ଖୁସିରେ ଖଣ୍ଡେ ଖଣ୍ଡେ ବିଡ଼ି ଦେବ। ତା'ପରେ ଗାଡ଼ିର ବ୍ୟାଗ୍ ଭିତରେ ଥିବା ଜରିକୁ ସଦର ଦାଣ୍ଡରେ ପକେଇବ। ଅଖା ରଖିବ। ଜଣ ଜଣ କରି ଜିନିଷ ଆଣି ଜରିରେ କୁଢେଇବେ। ଆଣ୍ଠୁ ଭାଙ୍ଗି ବସିବ। ମାଣ ଧରି ମାପିବ ନିଜେ। ପ୍ରଥମେ ଲାଭ ତାପରେ ଦୁଇ ଗଣିବ। ତା'ର ହିସାବରେ ସେ ଏକ କେବେ ଡାକି ହିସାବ ଆରମ୍ଭ କରିନି। ଲାଭ ଅର୍ଥ ଶୁଭଲାଭ। ଶୁଭରେ ଶୁଭରେ ବେପାର ଆରମ୍ଭ। ତା'ର ଓଜନ ମାପ ନାହିଁ। ସେ କିଣେ ମାଣରେ। ମାଣକୁ ତିନି କେଜି ହିସାବରେ ଲେଖା କରେ। ମାଣ ଉପରେ ଡେବିରି ହାତକୁ ବଙ୍କା କରି ଉଞ୍ଚା କରି ମାପିବ। ମାପିବାର କାଇଦା ସେ ଜାଣେ। ମାପରେ ଅଧିକା ମାରେ। ମାପ ସରିଗଲେ ହିସାବ କରି ହାତକୁ ପଇସା ବଢ଼େଇ ଦେଲା ପରେ ଆର ଜଣକର ମାପ ଆରମ୍ଭ କରେ। ଏମିତି ଗାଁଟା ଯାକର ମାପ ହୋଇଗଲେ ଜରି ଝଡ଼ାଝୁଡ଼ି କରି ଆର ଗାଁକୁ ଯାଏ। ପ୍ରଥମ ଗାଁର ଦର କହି ଦ୍ୱିତୀୟ ଗାଁରେ ଜିନିଷ କିଣେ। ଏମିତି ଖନ୍ଦକୁ ଦେଖି ସେ ଜିନିଷ କିଣି ଆସିଛି। ଯାହାକୁ ଲୋଡ଼ା ତାକୁ ଆଗୁଆ ବଏଣା ଆକାରରେ କିଛି ଟଙ୍କା ଚାଲାଖିରେ ବି ଦେଇଦିଏ। ବେଳ ଆସିଲେ ହିସାବ କରି ଜିନିଷ ଉଠାଏ।

ଆଜି ଆଉ ଗାଡ଼ିରୁ ମାଣ ବାହାରିନି। ସୁ ସୁ କରି ଗୋଟେ ବିଡ଼ି ପୁଡ଼େଇ ଦେଲା ରାବଣା ସକାଳୁ ସକାଳୁ। ତଥାପି କିଛି ଲେଖା ତୁଟୁନି। ପାଲଚିକୁ ପାଖକୁ ଡାକି ଧୀରେ ଫୁସୁଲାଫୁସୁଲି କରୁଥିଲା ସେ। ଏତିକିବେଳେ ପାଲଚିର ମାଇକିନା ଆଲେମି ଏବଂ ତା' ସହିତ ସିନ୍ଧେ, ପୁଲକି, ସିତେ, କନେ ଆସି ପହଞ୍ଚିଗଲେ କୁମୁଟି ସାଉକାର ପାଖରେ।

ଆଲେମି କହିଲା – "ଦେଖେ ସାଉକାର ! ତୁଇ ଆମର ପୁରୁଣା ଲୁକ। ଇମିତି ବେପାର ଆଉ ହେବନି। ଆମର ମିଶନ ଶକ୍ତି ଗ୍ରୁପ୍ ମାଆମାନେ ମାପିବା ମେସିନ କିଣିଚୁ। ତୁଇ ଯଦି ତାଇଁରେ ମାପି ଠିକ୍ ଦରରେ ନେଲେ ନେ। ନହେଲେ ଥାଉ ସେମିତି। ଆମେ ଆଉ କାହାକୁ ଦେଖି ଦେବୁ।"



କୁମୁଟି ପାଟି ଦେଇ ଛାଡୁଥିବା ଧୂଆଁ ଏଥର କାନ ନାକ ଆଖି ଦେଇ ବାହାରୁଥିବାର ଅନୁଭବ କଲା। ସେ ଜାଣିଗଲା ଅସଲ କଥା। ଥରେ ହାତରୁ ବେପାର ଖସିଗଲେ, ଏ ମାଳ ଅଞ୍ଚଳର ସବୁ ମାଲ୍ ଆଉ କିଏ କିଣିନେବ। ବର୍ଷ ବର୍ଷ ଧରି କରୁଥିବା ବେପାର ବୁଡ଼ିଯିବ।

ତୁରନ୍ତ ନିଜର କଥାକୁ ବୁଲେଇ କହିଲା ରାବଣା – "ଭଲ କଥା କା ମାଆମଣେ। ତମର କଥାକା ହେଉ। ଆମେ ମେସିନ୍‌ରେ ଓଜନ କରି ନେବୁ। ତୁମେ ଯେମିତି କଇବ ଆମେ ସିନ୍ତିକା ନେବୁ ଯେ। ସେତିରେ ଗୁଟେ କା ପରପାଟୁ ଅଛି। ତୁମେମଣେ ଯଦି ଦର ନ ଖସେଇଲେ ଆମକୁ ପାଞ୍ଚ ତିନି କିମିତି ମିଳିବ? ଆମ ପିଲା କୁଟୁମ୍ବ ବଞ୍ଚିବ କିମିତି !"

"ହଉ ହେଲା ! ଗୁଟେ କଥା କହି ଦେଉଛି। ପାଞ୍ଚ ଟଙ୍କା ଊଣା କରିଦେଲି। କେଜିକୁ ଚାଳିଶି ପାଞ୍ଚ ଲେଖା ନେଲେ ନେ। ଯଦି ହଁ ବେଁଲେ ମେସିନ ଆଣିବୁ। ଗାଁ ଲୁକ ଜିନିଷ ଆଣିବେ। ତୋର ଇଷ୍ଟ ଦେଖେ !" - ଆଲେମି ଶେଷ କଥା ଶୁଣେଇ ଦେଲା।

ଗାଁ ମୁଖିଆ, ଜାନି, ଦିଶାରି, ବାରିକ ସବୁ ସେମିତି ଖୁଣ୍ଟଟା ଭଳି ଠିଆ ହୋଇଥିଲେ। ସେମାନଙ୍କୁ ଥରେ ରାବଣା ଦେଖିଲା। କିଛି କହିବାକୁ ଆଉ ବାକି ନଥିଲା। ଗାଡ଼ିରୁ ଅଖା ଓ ଜରି କାଢ଼ିଲା। ବ୍ୟାଗ୍‌ରେ କିନ୍ତୁ ମାଣ ସେମିତି ରହିଲା।

ଜରିକୁ ଦାଣ୍ଡରେ ବିଛେଇବା ବେଳେ ରାବଣା କହିଲା – "ତମର ଇଷ୍ଟ କା !" ସେତେବେଳକୁ ଜରି ଲଗା ନୂଆ ଓଜନ ମେସିନ୍ ତା' ଆଗରେ ଠିଆ ହୋଇଥିଲା। ■

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା-୭୬୫୦୦୧
ମୋ: ୯୪୩୭ ୯୦୯ ୬୭୧

ଏ ସପ୍ତାହର କବିତା



## ମହାକର୍ଷଣ

ବାଦଲ ମହାନ୍ତି



ଧାନପତ୍ରର ଘନନୀଳ ରଙ୍ଗ ପରି
ମୋ ବାପାଙ୍କ ଆଖି
ସବୁବେଳେ ସ୍ୱପ୍ନଖୋର୍
ସାତ ବଢ଼ି, ଗୋଟେ ମରୁଡ଼ି ପରେ
ବାପାଙ୍କ କାନ୍ଦକାନ୍ଦ ହସ
ଓ ହସହସ କାନ୍ଦକୁ
କେହି ବି ଭେଟିଲେ ନାହିଁ
ଆମ ଘରେ, ମୋ ବ୍ୟତୀତ ।।

ମୁଁ ବାଲୁଙ୍ଗାରୁ ଧାନ ପାଲଟୁଥିଲି
ହେଲେ, ଗୋଟେ ଘନନୀଳ ରଙ୍ଗର ଆକାଶ
ମୋ ଠୁ ଦୂରେଇ ଗଲା
କେଉଁ ଏକ ଅଭିମାନରେ କେଜାଣି
ମୁଁ ଅସହାୟ ଗୁଡ଼ି ଭଳି
ଖସିପଡୁଥାଏ କ୍ରମଶଃ
ବାପା, ଆକାଶ ଭଳି ନୀରବ ।

ବୋଉ ଯାହା କହୁଥିଲା ସତ
ବାପା ତମେ ସତରେ ବଡ଼ ନିଷ୍ଠୁର
ଆକାଶରୁ ଶୁଭୁଥିଲା
ବାପାଙ୍କର ଅବିକଳ ସ୍ୱର
ଧେତ୍ ବୋକା
ତୋତେ ଆଉ କେତେଥର
ବୁଝେଇଲେ ତୁ ବୁଝିବୁ
ମାଧ୍ୟାକର୍ଷଣ ଓ ମହାକର୍ଷଣ ଶକ୍ତିର ଫରକ? ■

ପ୍ଲଟ ନଂ-୫୨୨୩, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର-୧୨
ମୋ: ୯୭୭୮୦୩୫୭୬୭



## କ୍ଷେତ୍ର ପାଲ - କୋଟା ଗାଁ

ଜୟଦ୍ରଥ ସୁନା



କେ ଜାଣେ ଏଥର ସଭିଏଁ ଗାଁକୁ ଆସୁଛନ୍ତି କି' ନା
ଗାଁ ଜଗିଛୁ ଆମେ ବୁଢ଼ାବୁଢ଼ୀ।

ଏବେ ଟିକି ଟିକି କଥାରେ ବୁଢ଼ୀ ନାକରେ ଖୁବ୍ ରାଗ
ଦେଖିଲୁ ତ ପୁଅ ପୁଅ ବୋହୂ ବୋହୂ ହେଉଥିଲୁ
ପାଇଲୁ ଏକଲା କରି ତୋତେ ଛାଡ଼ିଗଲେ
ମଲେ କି ହଜିଲେ କାହାର ଖୋଜ ଖବର ନାହିଁ ?

ମଝିଆ ପୁଅ ବି ବଦଳି ଗଲା ଏଥର
ଫି ଥର ଫୋନ୍ କରେ
ଆଉ କରୁନି,
ଫୋନ୍ ଦେଖୁ ଦେଖୁ ରାତି ଯାଏ ସକାଳ ଆସେ ।

ସାନ ମଝିଆ ତ ମାଇଝି ବୁଦ୍ଧିଆ ହେଲା
ମାଆ ବୋଲି କେଭେ ପଚାରିଲା ନି
ଯେବେ ଦେଖ କାର୍ ଗାଡ଼ିରେ
ଆଜି ଜୁନାଗଡ଼ କାଲି ଭବାନୀପାଟଣା।

ସବା ସାନ ସବୁ କଥା ବୁଝେ
ଅଥଚ କିଏ ତାକୁ ବୁଝିବେ କି ଜଣା

ଝିଅଟେ ଅଛି ଭବାନୀପାଟଣାରେ
ଯେ ଭଲ ମନ୍ଦରେ ଠିଆ ହଅନ୍ତା ଯେ
ତା'ର ଖବରରେ ଆମେ ବେହଲ।

ଆଉ କାହା କଥା କହିବିରେ ବୁଢ଼ା
ଭଲେ ହେଲା ବଡ଼ ପୁଅଟେ ମୋର ଅଛି
ମାଆ ବୋଲି ଡାକୁଛି ।
ଏକଥା ଶୁଣି ଖୁବ୍ ଜୋର୍‌ରେ ହସେ କ୍ଷେତ୍ର ପାଲ ।

ସେ ଜାଣେ ପୁଅମାନଙ୍କ ଭଲ ମନ୍ଦ
ଗୋଟେ ଝିଅର ହାରି ଗୁହାରି
ଆସିବେ ବୋଲି ଜାଣିଛି
ଏଥର ନୂଆଖାଇରେ ସବୁ ଜମି ଯୁମା
ସୁନାରୁପା, ଖେତଖଳା
ଭାଗ କରି ଦେଇ ସଭିଁଙ୍କୁ
ବୁଢ଼ା ଆରାମ୍‌ରେ ବୁଲିବ ବୋଲି ଭାବିଛି।

ତା'ର ଆଉ ଦୁଃଖ କ'ଣ ଯେ
ପୁଅ ସବୁ ଚାକିରି କଲେ
ଯୋଉଠି ରୁହନ୍ତୁ ଭଲରେ ।
ଖାଲି ଝିଅର ଚାକିରିଟେ ହେଲେ
ଏ ଆଖିକୁ ଟିକେ ଲୁହ ଆସନ୍ତା ବୋଲି
ହସି ହସି କୁହେ କ୍ଷେତ୍ର ପାଲ । ■

ବାଞ୍ଜିପଦର, ରେଗଡ଼ା
ମ. ରାମପୁର, କଳାହାଣ୍ଡି
ମୋ-୬୦୦୮୪୨୦୭୬୭

# ପ୍ରେରଣା ଦେଇଛି ମୋର ଚତୁଃପାର୍ଶ୍ୱର ମହିମାମୟୀ ପ୍ରକୃତି



## ମୁଁ କାହିଁକି ଲେଖେ



ବନଜ ଦେବୀ

ମୁଁ କାହିଁକି ଲେଖେ? ଏ ପ୍ରଶ୍ନ ଅନ୍ୟ କେହି ପଚାରିବା ଆଗରୁ ହିଁ ମୁଁ ନିଜକୁ ପଚାରି ଚାଲିଛି ଅହରହ, ସେଇ ସମାନ ସକାଳ ପହରରୁ ଯେ ସଂଜ ହେଇ ଗଲାଣି। ହେଲେ ଉତ୍ତର ଦେଇ ପାରୁ ନାହିଁ। ତେବେ ସାନ୍ତ୍ୱନାମୂଳକ ଉତ୍ତରଟିଏ ଯେ, "ନ ଲେଖି ମୁଁ ରହିପାରୁନି।"

ବେଳେବେଳେ ନିଜକୁ ଏ ପ୍ରଶ୍ନ ପଚାରିଲାବେଳେ ନିଜ ମନ ଉତ୍ତର ଦିଏ, "ଫୁଲ କାହିଁକି ଫୁଟେ? ଝରଣା କାହିଁକି ବହେ? ସକାଳ କାହିଁକି ହୁଏ।" ଏହା ଯେମିତି ସହଜ ସ୍ୱାଭାବିକ, ଲେଖିବାଟା ମଧ ଠିକ୍ ସେଇ ଧରଣର ବୋଲି ମୋର ମନେ ହୁଏ।

ପ୍ରତିକାର୍ଯ୍ୟ ପଛରେ ନିଶ୍ଚୟ ଏକ କାରଣ ଥାଏ। କାରଣ ଅନୁଭବିବା ଆଗରୁ ହିଁ ଲେଖା ଆରମ୍ଭ କରିଥିଲି। କବିତା କ'ଣ ଏହା ବୁଝିବା ଆଗରୁ ହଁ କବିତା ଲେଖିବା ଆରମ୍ଭ କରିଥିଲି, ସେଇ ବାଳିକା ବୟସରୁ। ଏକ ଆଗ୍ରହ ଓ ଅହେତୁକ ଅନୁରାଗ ଥିଲା। ଏକ ବାଳିକା ସୁଲଭ ଅବୋଧତା। ପରବର୍ତ୍ତୀ ସମୟରେ ସେଇ ଅବୋଧତା ପରିଣତ ହୋଇଗଲା ଏକ ଆକୁଳତାରେ। ସେଇ ଆକୁଳତାକୁ ମୁଁ ଆଉଁଟି ଚାଲିଛି, ଚାଲିଛି ଯେ ଆଜିଯାଏଁ। ଏବେ ତ ସେ ଶୀର୍ଷାନ୍ତ ନାଦରେ। ହେଲେ ଶବ୍ଦ ବାଟବଣା।

ଅବଲୀଳାକ୍ରମେ ଏଇ ଆକୁଳତା ମୋ' ଭିତରେ ସୃଷ୍ଟି କଲା ଏକ ଅନ୍ତଃ-ସଂପୃକ୍ତି। ମୋ' ଚଉପାଶ ସହ ମାଟିଠାରୁ ଆକାଶ ଯାଏଁ ଜଡ଼ରୁ ଚେତନ ଯାଏଁ, ଛୁଇଁଲା ଛୁଇଁଲା ଭାବଟିଏ, ବହିଗଲା ଚାରିଆଡ଼େ ଶତଧାର ହୋଇ। ସଭିଏଁ ଡାକିଲେ ଅବା ମତେ ଆସ, ଆସ ବୋଲି।

ଖୁବ୍ ପିଲାଦିନରୁ ପ୍ରକୃତି ସହ ଥିଲା ମୋର ଏକ ନିବିଡ଼ ଅନ୍ତରଙ୍ଗତା। ଏ ପ୍ରକୃତି ମୋ' ଗାଁର ଛବି ଛବିକା ପ୍ରକୃତି। ମୋ ଗାଁ 'ପୋଷଲ'। ଛୋଟ ଗାଁଟିଏ। ନଡ଼ିଆ, ଆମ୍ବ, ପୋଲାଙ୍ଗ ଗଛ ଗହଳରେ ବୁଦିବୁଦିକା ଘରକୁ ନେଇ ଛୋଟ ଗାଁଟିଏ। ହେଲେ ଭାରି ସୁନ୍ଦର। ଚାରିପାଖରେ ଶ୍ୟାମଳଶ୍ରୀ। ଶରତ ଋତୁରେ ଏହାର ଶୋଭା ଅବର୍ଣ୍ଣନୀୟ। ନୟନ ଯୋରୀରେ ଧଳା ଓ ନାଲି କଇଁ। ଆକାଶରେ ଉଡୁଥିବା ଶଙ୍ଖଚିଲ, ଉଦଉଦରିଆ ହଳଦୀ ବସନ୍ତ ଅପୂର୍ବ ଲାଗେ। ଏ ଗାଁରେ ମୁଁ ଜନ୍ମ ହୋଇ ନାହିଁ। ବଢ଼ି ନାହିଁ ମଧ। ଛୁଟି ଦିନମାନଙ୍କରେ ଆସି, ଏ ଗାଁରେ ମୁଁ ସାମୟିକ ରହିଚି, ହେଲେ ତା'ର ସ୍ମୃତି ଏତେ ବିପୁଳ! ଆମ ଘର ସାମ୍ନାରେ ଥିଲା ଏକ ପ୍ରବୃଦ୍ଧ ଝଙ୍କାଳିଆ ବଉଳଗଛ। ସେ ଗଛରେ ବସା ବାନ୍ଧିଥିଲା ଏକ ହଳଦୀ ବସନ୍ତ। ସେଇ ବଉଳଗଛର ଏକ 'ଆବୁ'ରେ ପିତ୍ତଳର ଆଖି ଖଞ୍ଜି, ନାଲି କନା ଗୁଡ଼ାଇ ସିନ୍ଦୂର ମଖାଇ 'ମା'ମଙ୍ଗଳା' ରୂପେ ପୂଜା କରି ଆସୁଥିଲେ ଗ୍ରାମବାସୀ ପିଢ଼ିକୁ ପିଢ଼ି। ଠାକୁରାଣୀ ଥିବାରୁ ଏହାର ଚାରିପାଖ ସବୁବେଳେ ଲିପାପୋଛା ହୋଇ ରହୁଥିଲା। ଟିକିଟିକି ବଉଳଫୁଲ ବିଞ୍ଚିଯାଇ ଚଉପାଶକୁ ବାସ୍ନାମୟ କରୁଥିଲା। ମୋର ଚାରୁଚପଳ ଶୈଶବ ଓ କୈଶୋର ବିତି ଯାଉଥିଲା ସେଇ ବଉଳଗଛ ତଳେ। ବିତି ଯାଇଥିବା ଫୁଲକୁ ଗୋଟେଇ ଫ୍ରକ୍ ଅଣ୍ଟିରେ ଭରିବାରେ। ତା'ପରେ ଆମ ବାରିପଟେ ପୋଖରୀ ପାହାଚରେ ବସି ସେଇ ମୁଠାମୁଠା ଫୁଲ ପୋଖରୀ ପାଣିକୁ ଫିଙ୍ଗିବାରେ। ଏ ଥିଲା ମୋର ଏକ ଅଜବ ଖେଳ। ବସା ବାନ୍ଧିଥିବା ହଳଦୀ ବସନ୍ତକୁ ମୁଁ ଖୋଜି ଚାଲିଥିଲି ସବୁବେଳେ। ସେଇ ବଉଳଗଛ, ନୟନ ଯୋରୀର ଧଳା, ନାଲି କଇଁ, ହଳଦୀ ବସନ୍ତ, କଜଳପାତି, ଶଙ୍ଖଚିଲ, ଗଢ଼ି ଦେଇଥିଲେ ମୋ ମନରେ ଏକ ଭାବଭୂମି। ଏଇ ମାନେ ମତେ ଏତେ ଆଚ୍ଛନ୍ନ କରିଥିଲେ ଯେ, ଅନାୟାସରେ ଆସିଚନ୍ତି ମୋର ଗପକବିତାକୁ।

ମୋ' ଜୀବନ ବାଟ ସହ, ଯୋଡ଼ି ହୋଇଗଲା ଆଉ ଏକ ସରୁ ପାଦଚଲା ନିଛାଟିଆ ବାଟ। ସେଇ ବାଟ ସାହିତ୍ୟର ବାଟ। ସାହିତ୍ୟ କ'ଣ ବୁଝି ନ ଥିଲି। ହେଲେ ସେଇ ବାଟରେ ଥିଲି ଏକୁଟିଆ ବାଟୋଇଟିଏ। ମୁଁ ଦ୍ୱୈତ ସତ୍ତାର ଅନୁଭବୀଟିଏ। ଗୋଟିଏ ମୋର ଜଞ୍ଜାଳ ଜର୍ଜରିତ ନାରୀସତ୍ତା, ଅନ୍ୟଟି ମୋର କବିସତ୍ତା। ଏ ଦୁହିଁଙ୍କର ନିରନ୍ତର ଲଢ଼େଇ। କେହି ଜିତନ୍ତି ନାହିଁ, କେହି ହାରନ୍ତି ନାହିଁ।

ବେଳେବେଳେ ଭାବେ ଗୋଟାଏ ଜୀବନଟା କାଟିଦେଲି ସାହିତ୍ୟରେ। କୋଉ ପୃଥିବୀଟା ଆଲୋକିତ କଲି? ମୋ ଲେଖାଟା କାହାର କି ଉପକାରରେ ଆସିଲା ? ଏହା କ'ଣ ଭୋକିଲାକୁ ଖାଦ୍ୟ ଦେଲା? ନିରାଶ୍ରୟକୁ ଆଶ୍ରୟ ଦେଲା? ଏହା କ'ଣ କେବେ କେଉଁ ମଣିଷର ଦୁଃଖକୁ ଲାଘବ କଲା? ଏହାର ଉତ୍ତର ମୁଁ ନିଜକୁ ଦେଇପାରିନି। ଅଥଚ ଲେଖିଚାଲିଚି। ପ୍ରତି ପଦକ୍ଷେପ, ମୋ ଭିତରେ କମ୍ପନ ଆଣିଚି। ପ୍ରତି ସଂଜସକାଳ ମତେ ନିତି ନୂଆ ଲାଗିଚି। କେଉଁଠି ବଧୂଟିଏ ଜଳିଗଲେ, ତା'ର ଦାହ ମୋ ଛାତିତଳେ। କେଉଁଠି ବୋମା ଫୁଟିଲେ ସେ ଶବ୍ଦ ମୋ ଭିତର ଛାରଖାର କରିଦିଏ। ସେଦିନ କଅଁଳ ଶିଶୁମାନଙ୍କର ଦୁର୍ଘଟଣାଗ୍ରସ୍ତ ଦୁରବସ୍ଥା ଟିଭିରେ ଦେଖି ହାହାକାର କରିଚି ମୋ ଚେତନା। ନଳାରୁ ଭାତ ଖୁଣ୍ଟି ଖାଉଥିବା ଶିଶୁ, ଅଶୀତିପର ବୃଦ୍ଧାର ପେଟ ପୋଷିବା ପାଇଁ ଜରି ଗୋଟାଇବା ଏସବୁ ଦୃଶ୍ୟ ପୀଡ଼ିତ କରିଚି ମତେ। ସତ୍ୟର ଉତ୍ପୀଡ଼ନ, ମାନବିକତାର ଚରମ ଅପମାନ, ନିର୍ଯାତିତ ପ୍ରେମ, ସାମାଜିକ ପାରିବାରିକ ମୂଲ୍ୟବୋଧ ଓ ସଂସ୍କୃତିର ଅବକ୍ଷୟ ମତେ ଆଲୋଡ଼ିତ କରିଚି। ଆଜିର ଚରମ ଅଭ୍ୟୁଦୟ ଓ ଅବକ୍ଷୟର ମିଳିତ ଭୂଖଣ୍ଡରେ ଠିଆ ହୋଇଥିବା ମଣିଷଟିର ନିରବ ଆର୍ତ୍ତନାଦ ମତେ ଅସ୍ଥିର କରୁଚି। ମନ କହୁଚି, ରାହା କାହିଁ?

ମୁଁ ଲେଖି ଚାଲିଚି, ସୃଜନପୀଡ଼ାରେ। ହେଲେ ମତେ ପ୍ରେରଣା ଦେଇଚି ମୋର ଚତୁଃପାର୍ଶ୍ୱର ମହିମାମୟୀ ପ୍ରକୃତି। ମୋ ଜୀବନଯାତ୍ରା ଜାରି ରହିଚି, ଏଇ ପ୍ରକୃତି ସହ ଅନୁବନ୍ଧିତ ହୋଇ। ମୁଁ ଯଦି କିଛି ଲେଖିଥାଏ, ଯଦି ସ୍ୱପ୍ନ ଦେଖିଥାଏ, ଯଦି ସ୍ୱପ୍ନ ବାଣ୍ଟିଥାଏ, ତାହେଲେ ତାହା ଦେଇଛି, ମୋର ଅନ୍ତରତମା ପ୍ରକୃତି। ମୁଁ ଅନୁଭବିଚି। ଆମେ ସବୁ ଶିଖିଛୁ ପ୍ରକୃତିଠାରୁ। ସବୁ ଉଧାର ଆଣିଚୁ ପ୍ରକୃତିଠାରୁ। ସେ ଆମକୁ ସ୍ୱପ୍ନ ଦେଖା ଶିଖାଇଚି। ବାଟ ଚାଲିବା ଶିଖାଇଚି। ଦୁଃଖ ସହିବା, ବି ଶିଖାଇଚି। ମୁଁ ଭଲପାଏ ମୋର ମାଟିକୁ। ମୋର ଜାତିକୁ। ଭଲପାଏ ମୋର ଭାଷାକୁ, ସଂସ୍କୃତି, ପରମ୍ପରା, ଐତିହ୍ୟକୁ। ଓଡ଼ିଆ ଘରେ ଜନ୍ମ ହୋଇ, ବିଶେଷତଃ ପୁରୀର ଝିଅ ବୋଲି ଗୌରବବୋଧ କରେ ମଧ। ମୁଁ ଭଲପାଏ ଚତୁଃପାର୍ଶ୍ୱକୁ। ଫୁଲକୁ, କଣ୍ଟାକୁ। ଦୁହିଁଙ୍କୁ ହାତରେ ଧରି କହେ, ମୁଁ ଯେ ଦୁହିଁଙ୍କର!! ଏଇ କଥା ପାଇଁ ମୁଁ ଲେଖେ କି? କେଜାଣି!! ■

ଶିବଛାୟା, ରଥରୋଡ୍, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ଦ୍ରୋହୀ ବିଦ୍ରୋହୀ

ଚିତ୍ତରଞ୍ଜନ ଚିରଞ୍ଜିତ

ଯୁବ କଥାଶିଳ୍ପୀ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଉପନ୍ୟାସ 'ଦ୍ରୋହୀ ବିଦ୍ରୋହୀ' ପ୍ରକାଶ ପାଇଛି। ଏଥିରେ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ଉଭୟ ଉପନ୍ୟାସ ମନସ୍ତାତ୍ତ୍ୱିକ। ମଣିଷର ସତ୍ତା ଓ ସ୍ୱରୂପକୁ ଏଥିରେ ମାର୍ମିକ ଢଙ୍ଗରେ ଉପସ୍ଥାପନ କରାଯାଇଛି। ଉପନ୍ୟାସ 'ଦ୍ରୋହୀ'ରେ ଖଳ ପ୍ରବୃତ୍ତିର ଚରିତ୍ରଟିଏ ଯେତେବେଳେ ଆତ୍ମଗୋପନ କରୁଛି, ସେତେବେଳେ ରାତ୍ରି ଆକାଶର ତାରାଗଣ ବି ମଣିଷର ପ୍ରତିରୂପ ଭଳି ଲାଗୁଛି। ତାହା ହିଁ ତା' ପାଇଁ ଜ୍ୱଳନ ଓ ଦହନ ପାଲଟୁଛି। ଯାହାକି, ଏକ ମୃତ୍ୟୁ ସମ ଅବସ୍ଥା। ଯେମିତିକି କାହାଣୀର ମୁଖ୍ୟ ଚରିତ୍ର କହୁଥାଏ, 'କୁସୁମ ତାରା ନ ପାଲଟିବା ଯାଏ, ମୋତେ ଦେଖା ନଯିବା ଯାଏ, ଏ ରାତି ପାଇବନି କି ଏ ଅନ୍ଧାର ହଟିବନି'। ସତେଯେମିତି, ମଣିଷ ତାରା ପାଲଟିବା ଏକ ଅନିବାର୍ଯ୍ୟ।

ସେହିପରି 'ବିଦ୍ରୋହୀ'ରେ ଗୋଟିଏ ଗାଁରେ ଭଗବାନ ବୁଦ୍ଧଙ୍କ ମୂର୍ତ୍ତି ପ୍ରତିଷ୍ଠା ଜନିତ ଅବେଗ ଏବଂ ତାହାକୁ ନେଇ ଗଢ଼ି ଉଠୁଥିବା ଆତ୍ମ-ସଂଘର୍ଷର ଚିତ୍ର ରହିଛି। ଏମିତି ବି ଘଟିଥାଏ, ବୁଦ୍ଧଙ୍କ ଧ୍ୱଂସାବଶେଷ ଆବିଷ୍କୃତ ହେଉଥିବା ଏବଂ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଥିବା ଗାଁ ଏହାର ସ୍ୱରୂପ ଓ ଦର୍ଶନଠାରୁ ସମ୍ପୂର୍ଣ୍ଣ ଭାବରେ ପୃଥକ୍ ହୋଇରହିଥାଏ। ହେଲେ, ଏହି ଉପନ୍ୟାସରେ ବର୍ଣ୍ଣିତ ଗାଁ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ଏହି ଉପନ୍ୟାସରେ ଏକ ସକାରାତ୍ମକ ରୂପକଳ୍ପ ରହିଛି। 'ବିଦ୍ରୋହୀ' ପାଇଁ ବେଳେବେଳେ କୌଣସି ଶବ୍ଦର ଆବଶ୍ୟକତା ପଡ଼ିନଥାଏ, ବରଂ ନିଃଶବ୍ଦ ଭାବେ ଜଣେ ବିଦ୍ରୋହର ସତ୍ତା ଭିତରେ ନିଜକୁ ଆବଦ୍ଧ କରିପାରେ। ଏହି ଉପନ୍ୟାସରେ 'ବିଦ୍ରୋହୀ'ର ଚରିତ୍ର ଠିକ୍ ଏହିଭଳି। ଏହି ଦୁଇଟି ଉପନ୍ୟାସ ବେଶ୍ ସୁଖପାଠ୍ୟ ହୋଇଛି। ଉପନ୍ୟାସର କାହାଣୀ ପାଠକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହେବ ବୋଲି ଆଶା କରାଯାଏ। ■




ତୀରତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ପ୍ରଥମ ସଂସ୍କରଣ : ୨୦୨୩
ମୂଲ୍ୟ: ୨୦୦ ଟଙ୍କା

### କିଆ କେତକୀ

ବାବାଜୀ ଚରଣ ଜେନା

ଗୀତିକବି ବାବାଜୀ ଚରଣ ପଟ୍ଟନାୟକଙ୍କ ଲିଖିତ ପଲ୍ଲୀଗୀତି ସଂକଳନ 'କିଆ କେତକୀ' ପ୍ରକାଶ ପାଇଛି। ପଲ୍ଲୀ ଗୀତ ହେଉଛି ଗୀତି କବିତାର ଅନ୍ୟତମ ବିଭାଗ। ଏହି ପୁସ୍ତକରେ ସଂକଳିତ ଗୀତିଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ପଲ୍ଲୀ ପ୍ରକୃତି ଓ ପଲ୍ଲୀ ଜୀବନର ଚିତ୍ର ଅତି ମାର୍ମିକ ଭବେ ଏହି ପୁସ୍ତକର ଅନେକ ଗୀତରେ ପ୍ରସ୍ଫୁଟିତ ହୋଇଉଠିଛି। ଏହି ପୁସ୍ତକରେ ୧୦୬ଟି ପଲ୍ଲୀଗୀତ ସଂକଳିତ ହୋଇଛି। 'କିଆ କେତକୀ', 'ମହିକ ଉଠିଲା ଧରା', 'ଶ୍ରାବଣ ଝଡ଼ି', 'ଧାଡ଼ି ଧାଡ଼ି ଧାନ କ୍ଷେତ', 'ନଈରେ ତ ନୂଆ ପାଣି', 'ଅଲଣା କଥା', 'ଫୁଲେଇ ଲେଖିଛି', 'ଲାଉ ଖିରିସା','ସେ' କାଳ ପଖାଳ', 'ଶ୍ରାବଣ ଝଡ଼ି', 'ଢିଙ୍କିରେ କୁଟିଲି ଧାନ', 'ବାରି ଲେଉଟିଆ ଶାଗ', 'ଖାଣ୍ଟି ଓଡ଼ିଆଣୀ', 'କାଉ କଳାକୁ ଲୋ କୋଇଲି କଳା','କେରାଣ୍ଡି ମାଛର ରାଇ', 'ଡେଇଁ ଡେଇଁ ଗଲା ବଣି', 'ପାଟିକୁ କଲରା ପିତା', 'ମନେ ପଡ଼େ ଗାଁ', 'ମାଘରେ କୋହଲା ପାଗ' ଆଦି ଗୀତି କବିତା ବେଶ୍ ମନଛୁଆଁ ହୋଇଛି। ଏହି ସଂକଳନର ଅନେକ ଗୀତି କବିତାରେ ପଲ୍ଲୀ ପ୍ରକୃତିର ମନୋରମ ଚିତ୍ର ପ୍ରତିଫଳିତ ହୋଇଛି। ଗାଁ ବଣ, ବିଲ, ନଈ, ଗଡ଼ିଆ ଆଦି ସବୁ କିଛି କବିଙ୍କ ଲେଖନୀରେ ହୋଇଉଠିଛି ଜୀବନ୍ତ। ସେହିପରି 'କୁଆଁର ପୂନେଇ ଜହ୍ନ', 'ରଜ ଆସିଛି', 'ଚିତଉ ପିଠା' ଆଦି କବିତାରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମହକକୁ ନିବିଡ଼ ଭାବେ ଅନୁଭବ କରିହୁଏ। ସରଳ ଶବ୍ଦ ପ୍ରୟୋଗ, ସାଙ୍ଗୀତିକତା, ପଲ୍ଲୀ ଜୀବନାନୁଭବ ଏହି ପଲ୍ଲୀଗୀତିଗୁଡ଼ିକ ଅଧିକ ଆକର୍ଷଣୀୟ କରିଛି। 'କିଆ କେତକୀ'ର ପଲ୍ଲୀଗୀତଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■



ଖୁଲଣା ଜେନା, ଅହଲ୍ୟା ନିବାସ,
ପୋପରଡ଼ା, ନୂଆ ବଜାର, କଟକ
ପ୍ରଥମ ପ୍ରକାଶ : ୨୦୨୩
ମୂଲ୍ୟ: ୧୫୦ ଟଙ୍କା



# ଓଡ଼ିଆ ଲିପିର ଉତ୍ପତ୍ତି ଓ କ୍ରମବିକାଶ

'ଲିପ୍ୟତେ ଜତି ଲିପିଃ'। ଉଚ୍ଚାରିତ ଧ୍ୱନିକୁ ସେ ରୂପାୟିତ କରେ ତାହାକୁ ଲିପି କୁହାଯାଏ। ଯେପର୍ଯ୍ୟନ୍ତ ମୁଖନିଃସୃତ ବାକ୍ ଲିପିବଦ୍ଧ ରୂପ ନ ନେଇଛି, ସେ ପର୍ଯ୍ୟନ୍ତ ତାହା 'ଧ୍ୱନି'। ଯେତେବେଳେ ଏହା ଲିପିବଦ୍ଧ ରୂପ ନିଏ, ସେତେବେଳେ ଏହା 'ବର୍ଣ୍ଣ'। ଭାଷାର କ୍ରମବିକାଶ ପଥରେ ଲିପି ହେଉଛି ଏକ ଉଲ୍ଲେଖଯୋଗ୍ୟ ଆବିଷ୍କାର। ଲିପି ବିନା ପୃଥିବୀର ବହୁ ଭାଷା ଲୋପ ପାଇଯାଇଅଛି। ଲିପି ହିଁ ଭାଷାକୁ ବଞ୍ଚାଇ ରଖିଛି। କେବଳ ଭାଷା ବା ସାହିତ୍ୟ ନୁହେଁ, ମାନବ ସଭ୍ୟତା ଓ ସଂସ୍କୃତିର କ୍ରମବିକାଶ ପଥରେ ଲିପି ହେଉଛି ଏକ ପ୍ରଧାନ ସହାୟକ।

ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ଜଣାଯାଏ, ଖ୍ରୀଷ୍ଟପୂର୍ବ ଦୁଇ ହଜାର ବର୍ଷ ପୂର୍ବେ ଲିପିର ପ୍ରଥମ ଉଦ୍‌ଭାବନ ହୋଇଥିଲା। ଚିତ୍ରଲିପି ହେଉଛି ଲିପିର ପ୍ରାଥମିକ ରୂପ। କ୍ରମଶଃ ଏହା ଭାବ ସାଂକେତିକ ପ୍ରଭୃତି ରୂପ ଦେଇ ଶେଷରେ ନିର୍ଦ୍ଦିଷ୍ଟ ଭାଷା ବା ଭାଷା ସମୂହ ପାଇଁ ନିର୍ଦ୍ଦିଷ୍ଟ ରୂପ ପରିଗ୍ରହ କରିଅଛି।

ଲିପିତତ୍ତ୍ୱବିତ୍‌ମାନଙ୍କ ମତରେ ସୈନ୍ଧବ ଲିପି ହେଉଛି ଭାରତବର୍ଷରେ ଆବିଷ୍କୃତ ପ୍ରାଚୀନତମ ଲିପି। ସିନ୍ଧୁ ଉପତ୍ୟକାର ଅଧିବାସୀମାନେ ଖ୍ରୀ. ପୂ. ଦୁଇ ହଜାର ବର୍ଷ ପୂର୍ବେ ଏକପ୍ରକାର ଅଦ୍ଭୁତ ଲିପି ବ୍ୟବହାର କରୁଥିଲେ। ତାହାର ନମୁନା ତତ୍‌କାଳୀନ ମୃତ୍ତିକା ନିର୍ମିତ ମୁଦ୍ରା ଓ ଗୃହୋପକରଣମାନଙ୍କରୁ ମିଳିଥାଏ। (୧) ଏହା ଚିତ୍ରଲିପି ଓ ଧ୍ୱନିସାଂକେତିକ ଲିପିର ମଧ୍ୟବର୍ତ୍ତୀ ଅବସ୍ଥା (୨) ଭାରତବାସୀଙ୍କର ଲିପିଜ୍ଞାନ ସଂପର୍କରେ ସୈନ୍ଧବ ଲିପି ଐତିହାସିକ ପ୍ରମାଣ ପ୍ରଦାନ କରୁଥିଲେ ମଧ୍ୟ ଅଶୋକ ଲିପି ସାହାଯ୍ୟରେ ଏହି ଲିପିଗୁଡ଼ିକୁ ପାଠ କରିବା ସମ୍ଭବପର ହେଉନାହିଁ କିମ୍ବା ଆଧୁନିକ ଭାରତୀୟ ଲିପିଗୁଡ଼ିକ ସହିତ ଏହାର ପାରମ୍ପରିକ ସମ୍ପର୍କ ନାହିଁ।

ଭାରତବର୍ଷରୁ ଆବିଷ୍କୃତ ଓ ପଠିତବ୍ୟ ଲିପିମାନଙ୍କ ମଧ୍ୟରେ ପ୍ରାଚୀନ ବ୍ରାହ୍ମୀ ଲିପି ହିଁ ହେଉଛି ସର୍ବପ୍ରଥମ। ସେ ସମୟରେ ପଞ୍ଜାବ ଅଞ୍ଚଳରେ ଖରୋଷ୍ଠୀ ଲିପିର ପ୍ରଚଳନ ଥିଲେ ହେଁ ଭାରତୀୟ ଭାଷାରେ ଲିଖିତ ଗ୍ରନ୍ଥମାନଙ୍କରେ ମୁଖ୍ୟତ ବ୍ରାହ୍ମୀଲିପି ବ୍ୟବହୃତ ହେଉଥିଲା। (୩)ଖରୋଷ୍ଠୀ ଭାରତୀୟ ଲିପି ହୋଇ ନ ଥିବାରୁ ତାହା କ୍ରମଶଃ ପରିତ୍ୟକ୍ତ ହୋଇଥିଲା। (୪) ଭାରତରେ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରେ ଯାସ୍କଙ୍କ ନିରୁକ୍ତ, ପାଣିନିଙ୍କ ଅଷ୍ଟାଧ୍ୟାୟୀ ଓ ପତଞ୍ଜଳିଙ୍କ ମହାଭାଷ୍ୟ ପ୍ରାଚୀତମ। ଏଗୁଡ଼ିକ ବ୍ରାହ୍ମୀଲିପିରେ ଲିଖିତ ହୋଇଥିଲା। ତେଣୁ ବ୍ରାହ୍ମୀଲିପିର ଉଦ୍ଭବ କାଳ ଖ୍ରୀଷ୍ଟପୂର୍ବ ୫୦୦ ବର୍ଷ ତଳୁ ବୋଲି ଅନୁମାନ କରାଯାଇପାରେ। (୫) ଭାରତୀୟମାନଙ୍କ ବିଶ୍ୱାସ ବ୍ରହ୍ମ (ବେଦ)ର ସ୍ଥାୟିତ୍ୱ



ନିମିତ୍ତ ଆର୍ଯ୍ୟମାନେ ଯେଉଁ ଲିପିର ଆବିଷ୍କାର କରିଥିଲେ, ତାହା 'ବ୍ରାହ୍ମୀ' ନାମରେ ଅଭିହିତ। ଅନୁମାନ କରାଯାଇପାରେ, ଖ୍ରୀ.ପୂ. ପ୍ରାୟ ଏକ ହଜାର ବର୍ଷ ତଳେ ବ୍ରାହ୍ମୀଲିପିର ଉଦ୍ଭବ ହୋଇଥିଲା।

ବର୍ତ୍ତମାନ ବିଭିନ୍ନ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କ ପାଇଁ ଯେଉଁସବୁ ଲିପିର ବ୍ୟବହାର ହେଉଅଛି, ସେସବୁର ମୂଳ ହେଉଛି ବ୍ରାହ୍ମୀ। (୬) ଅନ୍ୟାନ୍ୟ ଭାରତୀୟ ଲିପି ପରି ଓଡ଼ିଆ ଲିପି ମଧ୍ୟ ବ୍ରାହ୍ମୀଲିପିର କ୍ରମ ବିବର୍ତ୍ତନ ଫଳରେ ଜନ୍ମଲାଭ କରିଛି। (୭)

ପ୍ରାଚୀନ ବ୍ରାହ୍ମୀଲିପିରୁ ଆଧୁନିକ ଓଡ଼ିଆ ଲିପିର ବିକାଶ ପର୍ଯ୍ୟନ୍ତ ନିମ୍ନଲିଖିତ କ୍ରମ-ଉତ୍ତରଣ ଲକ୍ଷ୍ୟ କରାଯାଏ।

# ଓଡ଼ିଆ ଭାଷାରେ ପ୍ରଚଳିତ ଯାବନିକ ଶବ୍ଦାବଳୀର ଭାଷାତାତ୍ତ୍ୱିକ ବିବେଚନ

କେତେକ ଯାବନିକ ଶବ୍ଦ ଓଡ଼ିଆ ଭାଷାରେ ପ୍ରଚଳିତ ହେବା ବେଳେ ଅଳ୍ପ-ବହୁତ ପରିବର୍ତ୍ତିତ ଅର୍ଥଗ୍ରହଣ କରିଥାନ୍ତି। ନିମ୍ନରେ ଏହାର କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ।

## ଯାବନିକ ଶବ୍ଦ

ଅରମନ୍, କାୟଦା, କିସ୍ମତ୍, ଖାନା, ଖାନ୍‌ଦାନ୍, ଖିଲାପ, ଖଇରାତ, ଗଫ୍‌ଲତ, ତାମସା, ତକରାର, ତୁଫାନ, ଦରିଆ, ଦିମାଗ୍, ଦୁଆ, ରୋଜଗାର, ମୂଳ ଅର୍ଥ, ଇଚ୍ଛା, ନିୟମ, ଭାଗ୍ୟ, ଘର, ପରିବାର, ପ୍ରତିବାଦ, ସୁକାର୍ଯ୍ୟ, ଦାନଧର୍ମ, ଅବହେଳା, ଆନ୍ଦୋଳନ, ଓଲଟପାଲଟ, ପ୍ରାଚୁର୍ଯ୍ୟ, ନଈ, ବୁଦ୍ଧି, ପ୍ରାର୍ଥନା, ପୃଥିବୀ, ଓଡ଼ିଆ ଭାଷାରେ ପ୍ରଚଳିତ ଅର୍ଥ, ରାଗ, ହିଂସା, ପ୍ରତିଶୋଧ, କୌଶଳ, ଭାଗ, ଲାଞ୍ଚ, ଘର, ଖାଦ୍ୟ, ସମ୍ଭ୍ରାନ୍ତ, ଅବହେଳା, ଅପବ୍ୟୟ, ସନ୍ଦେହ, ଦୋଷ, କେଁ, ସୁଆଙ୍ଗ, କଳି, ଝଡ଼, ସମୁଦ୍ର, ଆସ୍ପର୍ଦ୍ଧା, ପ୍ରଚାର, ହୁରି, ଆୟ

ଯାବନିକ ଶବ୍ଦ ଓ ପ୍ରତ୍ୟୟଗୁଡ଼ିକ ଠିକ୍ ଓଡ଼ିଆ ଶବ୍ଦ ଓ ପ୍ରତ୍ୟୟ ଭଳି ସ୍ୱାଧିକାର ନେଇ ଓଡ଼ିଆ ଶବ୍ଦ ଓ ପ୍ରତ୍ୟୟ ସହ କ୍ଷୀର ନୀର ପରି ମିଶି ରହିଛି। ଏପରି କି କେତେକ ଇଂରେଜୀ ଶବ୍ଦ ସହ ଯାବନିକ ଶବ୍ଦ ଓ ପ୍ରତ୍ୟୟର ମିଶ୍ରଣ ହୋଇଛି ଅତି ବିଚିତ୍ର ଅଥଚ ସ୍ୱାଭାବିକ ଭାବରେ। ଓଡ଼ିଆ ବିଶେଷ୍ୟ ପାଇଁ ଯାବନିକ ବିଶେଷଣ ଓ ଯାବନିକ ବିଶେଷ୍ୟ ପାଇଁ ଓଡ଼ିଆ ବିଶେଷଣର ବ୍ୟବହାର ମଧ୍ୟ ସାବଲୀଳ ଭାବରେ ସମ୍ଭବ ହୋଇପାରିଛି।

# ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷା ଗୋଷ୍ଠୀର ପ୍ରଭାବ

**ଓଡ଼ିଆ ଭାଷାରେ ଆଦିବାସୀ ଭାଷାର ପ୍ରଭାବ:** ବର୍ତ୍ତମାନ ପୃଥିବୀରେ ପ୍ରାୟ ୬, ୯୧୨ ଜୀବନ୍ତ ଭାଷା କଥିତ ହେଉଅଛି ( ) ଏଗୁଡ଼ିକୁ କେତୋଟି ଭାଷା ପରିବାରରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଏହି ଭାଷା ପରିବାରଗୁଡ଼ିକ ମଧ୍ୟରେ ୮ଟି ପରିବାର ମୁଖ୍ୟ। ଯଥା ଇଣ୍ଡୋ-ୟୁରୋପୀୟ ବା ଇଣ୍ଡୋଜର୍ମାନିକ୍, ସେମିଟିକ୍-ହେମିଟିକ୍, ଫିନୋ-ଉଗ୍ରୀଆନ୍, ତୁର୍କୀ-ମଙ୍ଗୋଲ-ମାଞ୍ଚୁ, ଇଣ୍ଡୋ-ଚାଇନିଜ୍ ବା ଚିନୋ-ତିବବ୍‌ତାନ୍, ଦ୍ରାବିଡ଼, ବାଣ୍ଟୁ ଓ ଅଷ୍ଟ୍ରିକ୍ ଭାଷା ପରିବାର।

ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା:- (କ) ଅଷ୍ଟ୍ରିକ୍ ପରିବାରୀୟ, (ଖ) ଦ୍ରାବିଡ ପରିବାରୀୟ।

**(କ) ଅଷ୍ଟ୍ରିକ୍ ପରିବାରୀୟ-** ଅଷ୍ଟ୍ରେଲିଆ, ପୂର୍ବଭାରତ, ଦକ୍ଷିଣ ଭାରତ, ଚୀନର ଦକ୍ଷିଣ ପୂର୍ବାଞ୍ଚଳ, ଶ୍ୟାମ, ବ୍ରହ୍ମଦେଶ, ନିକୋବର, ଖାସୀ, ଜୟନ୍ତୀ, ପ୍ରଶାନ୍ତ ମହାସାଗରସ୍ଥ ଦ୍ୱୀପପୁଞ୍ଜ ପ୍ରଭୃତିର ପାର୍ବତୀ ଅଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା କଥିତ ଭାଷାକୁ କୁହାଯାଏ ଅଷ୍ଟ୍ରିକ୍ ଭାଷା ପରିବାର। ସାଧାରଣତଃ ଅଷ୍ଟ୍ରେଲିଆ ଓ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳରେ ଏହି ଭାଷା କଥିତ ହେଉଥିବାରୁ ଏହାକୁ ଆଧୁନିକ ଭାଷାବିତ୍‌ମାନେ ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ନାମରେ ମଧ୍ୟ ଅଭିହିତ କରିଛନ୍ତି। ଏହାର ଅନ୍ୟ ଏକ ନାମ ଆଗ୍ନେୟ ପରିବାର।

ମାଳୟୀ, ନିକୋବରୀ, ମନ୍‌ଖ୍ମେର, ପଲୌଗ, ୱା, ଖାସୀ, ଜାଭାନିଜ, ବାଲିନିଜ୍ ଫର୍ମୋଜାନ୍, ଫିଲପାଇନିଜ, ମୁଣ୍ଡା ପ୍ରଭୃତି ହେଉଛି ଅଷ୍ଟ୍ରିକ୍ ପରିବାରର ଉଲ୍ଲେଖଯୋଗ୍ୟ ଭାଷା। ଏଗୁଡ଼ିକ ମଧ୍ୟରେ ମୁଣ୍ଡା ହେଉଛି ଅଧିକ ଉନ୍ନତ ଭାଷା ଓ ଏହା ଉପରେ ଅଧିକ ଭାଷାତାତ୍ତ୍ୱିକ ଅଧ୍ୟୟନ କରାଯାଇଅଛି।

ମୁଣ୍ଡାର ପ୍ରଧାନ କ୍ଷେତ୍ର ହେଉଛି ଭାରତ। ମୁଣ୍ଡାମାନେ ହେଉଛନ୍ତି ଭାରତର ଆଦିମ ଆଦିବାସୀ। ଭାରତକୁ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଆସିବା ପୂର୍ବରୁ ଏମାନେ ଏଠାରେ ବାସ କରୁଥିଲେ। ମୁଣ୍ଡା ଭାଷା ଉତ୍ତର ପ୍ରଦେଶରେ କିଛି ଅଂଶ, ନେପାଳର କିଛି ଅଂଶ, ମଧ୍ୟପ୍ରଦେଶର ସୀମାନ୍ତ, ବିହାରର ଦକ୍ଷିଣରେ ଥିବା ପାହାଡ଼ମାଳା, ପଶ୍ଚିମ ବଙ୍ଗଳା, ତାମିଲନାଡୁର କେତେକ ଅଞ୍ଚଳ ଓ ଓଡ଼ିଶାର ଅରଣ୍ୟାଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା କଥିତ ହୋଇଥାଏ। ଭାରତରେ ପ୍ରଚଳିତ ଅନ୍ୟ ତିନୋଟି ଭାଷା ପରିବାର (ଭାରତୀୟ ଆର୍ଯ୍ୟ, ଚୀନ-ତିବବତୀୟ ଓ ଦ୍ରାବିଡ଼ ଭାଷା) ଉପରେ ଏହାର ଉଲ୍ଲେଖନୀୟ ପ୍ରଭାବ ପଡ଼ିଅଛି। ଓଡ଼ିଶାର ଆଦିବାସୀମାନଙ୍କ ଦ୍ୱାରା କଥିତ କୋହ୍ଲ, ସଉରା, ସାନ୍ତାଳୀ, ହୋ, ମାହାଳୀ, ପରଜା, ଗଦ୍‌ବା, ଜୁଆଙ୍ଗ, ଦିଡ଼୍‌ଡ଼ାଇ, ବଣ୍ଡା ଆଦି ଅଷ୍ଟ୍ରିକ୍ ଭାଷା ପରିବାର (ମୁଣ୍ଡାଗୋଷ୍ଠୀ)ର ଅନ୍ତର୍ଗତ।

**(ଖ) ଦ୍ରାବିଡ଼ ପରିବାରୀୟ-** ଓଡ଼ିଶାର କନ୍ଧ ଭାଷା, ଗଣ୍ଡଭାଷା, ଓରାଓଁ (କୁରୁଖ୍) ଭାଷା, ପର୍ଜା ଭାଷା ପ୍ରଭୃତି ଦ୍ରାବିଡ଼ ପରିବାରର ଅନ୍ତର୍ଭୁକ୍ତ। କନ୍ଧ ଭାଷାର ଅନ୍ୟ ନାମ କୁଇ ଭାଷା।

# ଓଡ଼ିଆ ଭାଷାରେ ଦ୍ରାବିଡ଼ ଧ୍ୱନି

ଟ, ଠ, ଡ, ଢ, ଣ - ଏହି ମୂର୍ଦ୍ଧନ୍ୟ ଧ୍ୱନିଗୁଡ଼ିକ ମୂଳ ଇଣ୍ଡୋୟୁରୋପୀୟ ଭାଷା ପରିବାର ବା ପୃଥିବୀର ଅନ୍ୟ ମୂଳ ଇଣ୍ଡୋୟୁରୋପୀୟ ଭାଷା ପରିବାର ବା ପୃଥିବୀର ଅନ୍ୟ କୌଣସି ଭାଷା ପରିବାରରେ ବ୍ୟବୃହତ ହେଉନଥିଲେ। ମୂଳତଃ ଏହା ଦ୍ରାବିଡ଼ ଭାଷା ପରିବାରର ଧ୍ୱନି। ସଂସ୍କୃତ ଭାଷା ଦ୍ରାବିଡ଼ ଭାଷାରୁ ଏହି ଧ୍ୱନିଗୁଡ଼ିକ ଗ୍ରହଣ କରିଅଛି। ଓଡ଼ିଆ ଭାଷା ଦ୍ରାବିଡ଼ ଭାଷାରୁ ପ୍ରତ୍ୟକ୍ଷ ଭାବରେ ଅଥବା ସଂସ୍କୃତ ମାଧ୍ୟମରେ ପରୋକ୍ଷ ଭାବରେ ଏହି ଧ୍ୱନିଗୁଡ଼ିକ ଗ୍ରହଣ କରିଅଛି।

## ଓଡ଼ିଆ ଭାଷାରେ ଦ୍ରାବିଡ଼ ପ୍ରତ୍ୟୟ

ପ୍ରାୟ ସବୁ ଦ୍ରାବିଡ଼ ଭାଷାରେ କର୍ମକାରକ ଦ୍ୱିତୀୟ ବିଭକ୍ତିରେ ଓ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତିରେ 'କୁ' (କ୍କୁ) ପ୍ରତ୍ୟୟର ବ୍ୟବହାର ଅଛି। ଓଡ଼ିଆ 'କୁ', 'କି', 'କଇ', 'କେ' ପ୍ରଭୃତି ପ୍ରତ୍ୟୟର ମୂଳ ହେଉଛି ଏହି ଦ୍ରାବିଡ଼ ପ୍ରତ୍ୟୟ 'କୁ' ବା (କ୍କୁ) ପ୍ରତ୍ୟୟର ବ୍ୟବହାର ଅଛି। ଓଡ଼ିଆ 'କୁ', 'କି', 'କଇ', 'କେ' ପ୍ରଭୃତି ପ୍ରତ୍ୟୟର ମୂଳ ରୂପେ ମଧ୍ୟ ଏହି ଦ୍ରାବିଡ଼ ପ୍ରତ୍ୟୟ 'କୁ' ଗୃହୀତ ହୋଇଥାଏ।

## ଓଡ଼ିଆ ଆଦିବାସୀ ଦ୍ରାବିଡ଼

ଅତି ପ୍ରାଚୀନ କାଳରୁ ଅଷ୍ଟ୍ରିକ୍ ଜାତି ସହିତ ଦ୍ରାବିଡ଼ ଜାତି ଏକତ୍ର ମିଳିମିଶି ବାସ କରି ଆସିଅଛନ୍ତି। ତେଣୁ ଏମାନଙ୍କ ଭାଷାରେ ପାରସ୍ପରିକ ଶବ୍ଦ - ବିନିମୟ ହୋଇଥିବା ଅତି ସ୍ୱାଭାବିକ। ଏହି କାରଣରୁ ଅନେକ ଶବ୍ଦ ଉଭୟ ଭାଷାରେ ବ୍ୟବହୃତ ହୋଇଥାଏ ଓ ଏଗୁଡ଼ିକ ମୂତତଃ କେଉଁ ଭାଷାର ନିର୍ଣ୍ଣୟ କରିବା କଷ୍ଟକର ବ୍ୟାପାର। ଏହିଭଳି ଅନେକ ଶବ୍ଦ ଓଡ଼ିଆରେ ବ୍ୟବହୃତ ଯାହା ଦ୍ରାବିଡ଼ ଓ ଆଦିବାସୀ ଉଭୟ ଭାଷାରେ ପ୍ରଚଳିତ। ଏହାର କେତୋଟି ଦୃଷ୍ଟାନ୍ତ ହେଉଛି -

| ଓଡ଼ିଆ | ଆଦିବାସୀ | ଦ୍ରାବିଡ଼ |
|---|---|---|
| ଅଗାଡ଼ି | ଅଗେଡ୍‌ଡ଼ା | ଅଗାଡ଼ି, ଅଗାଡୁ |
| ଅଡ଼ା | ଅଡ଼, ଅଡ଼ା, ଅଢ଼ା | ଅଡ୍‌ଡ଼ା |
| ଆଡ଼ି | ଆରି | ଆଡ଼ି |
| ଓଡ଼ | ଓଡ଼, ଓର | ଓର |
| କକା | କକା | କୁକୁ |
| କାଲ | କଲାନ୍ | କେଲ |
| କୁରୁଳିବା | କୁରୁନ୍ | କୁର୍ଦ୍ଦୁଙ୍ଗ |
| ଖଲି | ଖଲ୍ଲି | କଲି |
| ଖାଲ | ଖାଲ | କଲ |
| ଚାଳ | ଚାଳ | ଚାର୍ |
| ଚୁଆ | ଚୁଆ, ଚୁୟା | ଚୁଆ |
| ଚୁଟି | ଚୁଟେ | ଜୁଟୁ |
| ଟୋପର | ଟୋପର | ଟପ୍‌ପର |
| ଡିବି | ଡିବି, ଡିବିରି, ଡିବାରି | ଡିବି |

# ସାରୋଳଦାସ ଓ ଓଡ଼ିଆ ଅସ୍ମିତା

ରଞ୍ଜିତ କୁମାର ପରିଡ଼ା

ସାରୋଳଦାସ ଓଡ଼ିଆ ମାଟିର ମହାକବି। ସେ ମହାଭାରଥ, 'ଚଣ୍ଡୀ ପୁରାଣ' ଓ 'ବିଚିତ୍ର ରାମାୟଣ'ର ରଚୟିତା। ମହାଭାରଥ ତାଙ୍କର ସର୍ବଶ୍ରେଷ୍ଠ କୃତି। ପ୍ରାଚୀନ ଉତ୍କଳର ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି, ସମାଜ, ଦର୍ଶନ, ଧର୍ମ, ସଙ୍ଗୀତ, ନୃତ୍ୟ, କଳା ଏଠି ଏକାକାର। କବିଙ୍କ ପରିଚୟ, ଗ୍ରନ୍ଥର ନାଁକୁ ନେଇ ଆଜି ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। କେତେକ ଗବେଷକ କବିଙ୍କ ନାଁ ସାରଳା ଦାସ, ଶାରଳା ଦାସ, ସାରୋଳ ଦାସ ନୁହେଁ; ପୁଣି ସାରୋଳଦାସ ବହିର ନାଁ ମହାଭାରତ ନୁହେଁ ମହାଭାରଥ ବୋଲି କହୁଛନ୍ତି। ଆର୍ତ୍ତବଲ୍ଲଭ ମହାନ୍ତି ଏହାର ନାମକରଣ ସଂପର୍କରେ କହନ୍ତି "ଯୁଗତେ ସେ ଯହୁଁ ହୋଇଲା ମହାଭାର, ତହୁଁ ମହାଭାରଥ ନାମ ଦେଲେ କଶ୍ୟପ ଅଙ୍ଗିରା"। ପୁଣି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ମହଭାରଥ'ର ସଂପାଦକମାନେ ଲେଖିଛନ୍ତି- "ଭାରଥ ଗ୍ରନ୍ଥ ଯହୁଁ ହୋଇଲା ମହାଭାରା/ ତହୁଁ ମହାଭାରଥ ନାମ ଦେଲେ କଶ୍ୟପ ଅଂଗିରା"। ତେଣୁ ଶୁଦ୍ଧ ସଂପାଦନା ଦୃଷ୍ଟିରୁ ବିଚାର କଲେ, ମହାଭାରଥ ଓ ସାରୋଳଦାସ ଅଧିକ ଗ୍ରହଣୀୟ ମନେହୁଏ।

ସାରୋଳଦାସ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମକାଳର ମଣିଷ। ପଞ୍ଚଦଶ ଶତାବ୍ଦୀର ମଧ୍ୟକାଳରେ'ମହାଭାରଥ' ଲିଖିତ। 'କଳିକାଳ ଧ୍ୱଂସିଣ ଭୋଗେଣ କୋଟିପୂଜା/ ପ୍ରଳମ୍ବିତେ ଖଟଇ ଶ୍ରୀ କପିଳେଶ୍ୱର ମହାରାଜା" ଉକ୍ତିରୁ ସାରୋଳଦାସଙ୍କ ସମୟ ନିରୂପଣ କରାଯାଏ। କବି ଚିତ୍ରୋତ୍ପଳା ନଦୀ କୂଳରେ ଝଙ୍କଡ଼ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଦେବୀ ସାରୋଳା ହେଉଛନ୍ତି ସାରୋଳଦାସଙ୍କ ଆରାଧ୍ୟ। ବିଭିନ୍ନ ସ୍ଥାନରେ ସାରୋଳଙ୍କୁ ଦୁର୍ଗା, ଶ୍ରୀଚଣ୍ଡୀ, ସରସ୍ୱତୀ, ସର୍ବମଙ୍ଗଳା, ବିମଳା, ଅମ୍ବିକା, ମାହେଶ୍ୱରୀ, ପରମବୈଷ୍ଣବୀ ନାମରେ କବି ବନ୍ଦନା କରିଛନ୍ତି।

ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ ମୂଳ ସଂସ୍କୃତ ମହାଭାରତକୁ ଆଦର୍ଶ ଭାବରେ ଗ୍ରହଣ କରି ସାରୋଳଦାସ ନିଜ କବିତ୍ୱ ଶକ୍ତି ଓ କଳ୍ପନା ବିଳାସ ମାଧ୍ୟମରେ ଏହାକୁ ନୂଆ ରୂପ ଦେଇଛନ୍ତି। ମୂଳ ସଂସ୍କୃତ ମହାଭାରତରେ ପଦ ସଂଖ୍ୟା ଦୃଷ୍ଟିରୁ କେବଳ ନୁହେଁ, ପର୍ବଗୁଡ଼ିକର ନାମ ଓ ବିଷୟକ୍ରମରେ ମଧ୍ୟ ସାରୋଳଦାସ ଅନେକ ପରିବର୍ତ୍ତନ କରିଛନ୍ତି। ମୂଳଗ୍ରନ୍ଥର ସୌପ୍ତିକପର୍ବ, ଅନୁଶାସନିକପର୍ବ, ମହାପ୍ରସ୍ଥାନିକ ପର୍ବ ସାରୋଳଦାସଙ୍କ 'ମହାଭାରଥ'ରେ ମିଳେନାହିଁ। ମଧ୍ୟପର୍ବ, ଗଦାପର୍ବ ଓ କାଙ୍ଗସିକା ପର୍ବ ନାମରେ ତିନୋଟି ନୂତନ ପର୍ବର ସଂଯୋଜନା କରାଯାଇଛି। ବିଷୟ ଉପସ୍ଥାପନ ଓ ଚରିତ୍ର ସଂସ୍ଥାପନରେ ଉଭୟ ଗ୍ରନ୍ଥରେ ବ୍ୟତିକ୍ରମ ଦେଖିବାକୁ ମିଳେ। ମୂଳ ମହାଭାରତରେ ଆଦୌ ବର୍ଣ୍ଣିତ ହୋଇନଥିବା "ଧୃତରାଷ୍ଟ୍ରକୁ କନ୍ୟା ନାହିଁ କି ଗାନ୍ଧାରୀକୁ ବର ନାହିଁ," ସାହାଡ଼ା ବୃକ୍ଷ ସହ ଗାନ୍ଧାରୀଙ୍କ ବିବାହ ଓ ପରେ ଧୃତରାଷ୍ଟ୍ରଙ୍କ ସହ ବିବାହର ଜନଶ୍ରୁତ ଘଟଣାକୁ କବି ସଂଯୋଜିତ କରିଛନ୍ତି। ଦୂତୀ ସହିତ କୃଷ୍ଣଙ୍କର ଅବୈଧ ପ୍ରଣୟ ଓ ଖନିକାରର ଜନ୍ମବୃତ୍ତାନ୍ତ, ମହାଭାରତ ଯୁଦ୍ଧରେ ପ୍ରବାହିତ ରକ୍ତ ନଦୀରେ ଦୁର୍ଯ୍ୟୋଧନର ସନ୍ତରଣ, ଯାଜପୁରର ହରିସାହୁ କନ୍ୟାକୁ ଯୁଧିଷ୍ଠିରଙ୍କ ବିବାହ ଇତ୍ୟାଦି ପ୍ରସଙ୍ଗ କବିଙ୍କ କଳ୍ପନାଶକ୍ତିର ପରିଚୟ ବହନ କରେ। ନାମକରଣରେ ମଧ୍ୟ ବ୍ୟାସଦେବ ଓ ସାରୋଳଦାସଙ୍କ ସ୍ୱତନ୍ତ୍ରତା ଦେଖିବାକୁ ମିଳେ। କୌରବମାନଙ୍କ ନାମକରଣରେ ବ୍ୟାସଦେବ ଓ ସାରୋଳଦାସଙ୍କ ମଧ୍ୟରେ ବିଭିନ୍ନତା ପରିଲକ୍ଷିତ ହୁଏ। ଗାନ୍ଧାରୀ ଶତପୁତ୍ରର ଜନନୀ ହେବା ପ୍ରସଙ୍ଗରେ ପ୍ରଦତ୍ତ ଆଖ୍ୟାୟିକାର ମଧ୍ୟ ବହୁ ପାର୍ଥକ୍ୟ ରହିଛି। ଏଥିରୁ ସ୍ପଷ୍ଟ ଅନୁମେୟ ସାରୋଳଦାସ ବ୍ୟାସ ପରମ୍ପରାର ବିଶ୍ୱସ୍ତ ଅନୁଗାମୀ ନୁହନ୍ତି, ଜଣେ ସ୍ୱତନ୍ତ୍ର ସର୍ଜନ ପ୍ରତିଭାର ଅଧିକାରୀ।

ସାରୋଳଦାସ ବ୍ୟାସକୃତ ଚରିତ୍ରମାନଙ୍କୁ ଆପଣାର କରିନେଇଛନ୍ତି, ଓଡ଼ିଆ କରିଦେଇଛନ୍ତି। ଚରିତ୍ରମାନଙ୍କର ରୂପ, ବେଶ ପୋଷାକ, ଖାଦ୍ୟପେୟ, ଭାଷା, ଆଚାର, ବିଚାର, ନାଚ, ଗୀତ ସବୁଥିରେ ଓଡ଼ିଆତ୍ୱ ଅନୁଭବ କରିହୁଏ। ଶ୍ରୀକୃଷ୍ଣଙ୍କୁ ତତ୍‌କାଳୀନ ସମାଜରେ ବାସ କରୁଥିବା ଜଣେ କାମୁକ, କୁଚକ୍ରୀ ଅଥଚ ଧର୍ମ ସଂସ୍ଥାପନା ଲାଗି ଭଗବାନ ବିଷ୍ଣୁଙ୍କ ମର୍ତ୍ତ୍ୟାବତାର ଭାବରେ ଚିତ୍ରଣ କଲା ବେଳେ, ଯୁଧିଷ୍ଠିରଙ୍କୁ ଜଣେ ଆଦର୍ଶ, ସତ୍ୟସନ୍ଧ, ସଂଯମୀ ରାଜପୁରୁଷ ଭାବରେ, ଭୀମ ଚରିତ୍ର ଭିତରେ ଜଣେ ନିଷ୍କପଟ, ସରଳ, ହୁଣ୍ଡା, ହୁରୁମା ମଣିଷଙ୍କୁ ଦେଖିବାକୁ ମିଳେ। ମୂଳ ସଂସ୍କୃତ ମହାଭାରତରେ କିନ୍ତୁ ଏମାନଙ୍କୁ ଏଭଳି ଚିତ୍ରିତ କରାଯାଇନାହିଁ। ଏହା ପଛରେ ରହିଛି ସାରଳା ଦାସଙ୍କ ଜାତିପ୍ରୀତି ଓ ଅସ୍ମିତାବୋଧ।

ସାରୋଳଦାସ ଓଡ଼ିଆ ଲୋକକାହାଣୀ ପରମ୍ପରାର ଅନୁଗାମୀ। ଓଡ଼ିଆ ଜନପଦରେ, ଲୋକଶ୍ରୁତିରେ ବଞ୍ଚିଥିବା କାହାଣୀ ଓ ଲୋକଉକ୍ତିକୁ ସେ ଲିଖିତ ରୂପ ଦେଇଛନ୍ତି। ବ୍ୟାସକୃତ ମହାଭାରତର ମୂଳ କାହାଣୀ ସହିତ ଲୋକତୁଣ୍ଡ ଓ ଲୋକମାନସରେ ବଞ୍ଚିଥିବା କଥନିକାକୁ ଯୋଡ଼ି କବି ମହାଭାରଥକୁ ଜନପଦମୁଖୀ କରାଇଛନ୍ତି। ଲୋକଜୀବନ ସହିତ ପୁରାଣ ପରମ୍ପରା ସଂଯୁକ୍ତ ହୋଇଯାଇଛି। ଶାସ୍ତ୍ରୀୟତା ଅପେକ୍ଷା ସାଧାରଣ ମଣିଷ ଜୀବନର ଭାଷା ଓ ଭାବ ପୁରାଣର ବିଷୟବସ୍ତୁ ହୋଇଛି। ପ୍ରାକୃତ ସାହିତ୍ୟ ଜନସାଧାରଣଙ୍କର ନିକଟତର ହେଉଛନ୍ତି। ବସ୍ତୁତଃ ସାରୋଳ ଦାସ ଓଡିଆ ଜନଜୀବନଧାରାର ସମନ୍ୱୟ କରି ଓଡ଼ିଆ ବ୍ୟାସରେ ରୂପାନ୍ତରିତ ହୋଇଯାଇଛନ୍ତି। ଜନସାଧାରଣଙ୍କ ଭିତରେ ପ୍ରଚଳିତ "ଗଙ୍ଗା ବୋଇଲେ ଥିବି, ଗାଙ୍ଗୀ ବୋଇଲେ ଯିବି" ରେ ଗଙ୍ଗା ଓ ଶାନ୍ତନୁଙ୍କ ଦାମ୍ପତ୍ୟ ଜୀବନ, 'ଝିମିଟି ଖେଳରୁ ମହାଭାରତ'ରେ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ବିଦ୍ୱେଷଭାବ, 'କର୍ଣ୍ଣ ମଲେ ପାଞ୍ଚ ଅର୍ଜୁନ ମଲେ ପାଞ୍ଚ,' ଆଦି କଥାର ଚମତ୍କାର ସଂଯୋଜନା ସାରୋଳଦାସଙ୍କ ଉଚ୍ଚାଙ୍ଗ କବି ପ୍ରତିଭାର ମହତ୍ତ୍ୱ ଉପସ୍ଥାପନ କରେ। ଓଡ଼ିଶାର ବିଭିନ୍ନ ସାମାଜିକ ବିଧିବ୍ୟବସ୍ଥା ଓ ପ୍ରାଚୀନଓଡ଼ିଆ ଜନଜୀବନର ବହୁ ଘଟଣାର ସମନ୍ୱୟ ସାରୋଳଦାସଙ୍କୁ ଏକ ମହାନ କବିର ବୈଶିଷ୍ଟ୍ୟ ପ୍ରଦାନ କରେ।

ସାରୋଳଦାସଙ୍କ 'ମହାଭାରଥ'ରେ ଲୋକକଥା ଓ ଲୋକଉକ୍ତି କେଉଁଠୁ ଆସିଛି, ଏହାର ମୂଳ କେଉଁଠାରେ ସେ ବିଷୟରେ ଏପର୍ଯ୍ୟନ୍ତ ଆଲୋଚନା କରାଯାଇନାହିଁ। ଏଯାବତ୍ ସଂଗୃହୀତ ଓ ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଲୋକକଥା ଓ ଲୋକଉକ୍ତି ସହିତ ସାରୋଳଦାସଙ୍କ ସାହିତ୍ୟ କୃତିର ତୁଳନାତ୍ମକ ଅଧ୍ୟୟନ ହେବା ଉଚିତ।

ସାରୋଳଦାସଙ୍କ ସାହିତ୍ୟର ମୂଲ୍ୟାୟନ କରିବାକୁ ହେଲେ ସମସାମୟିକ ରାଜନୀତିକ ଓ ଭୌଗୋଳିକ ଅବସ୍ଥିତ ସଂପର୍କରେ ବିଚାର ଆଲୋଚନାର ଆବଶ୍ୟକତା ରହିଛି। ପ୍ରଥମତଃ କବି ଉତ୍ତ୍ରଦେଶ ବା ଉତ୍କଳରେ ଜନ୍ମ ଗ୍ରହଣ କରିଛନ୍ତି। ଗୋଟିଏ ପଟରେ ସମୁଦ୍ର ଓ ଅନ୍ୟପଟରେ ପାର୍ବତ୍ୟ ଭୂମି ଓ ଜଙ୍ଗଲରେ ପରିପୂର୍ଣ୍ଣ। ବିଭିନ୍ନ ସମୟରେ ବିଭିନ୍ନ ରାଜବଂଶ, ଯଥା ମୌର୍ଯ୍ୟ, ଚେଦୀ, ଭୌମକର, ଶୈଳୋଦଭବ, ସୋମ, ଗଂଗ, ସୂର୍ଯ୍ୟ, ମୋଗଲ ଓ ମରାଠା ଏହାକୁ ଶାସନ କରିଛନ୍ତି। ସଂସ୍କୃତଠାରୁ ଆରମ୍ଭକରି ମାଗଧୀ ଓ ତେଲୁଗୁ ଭାଷାକୁ ଶାସନରେ ଭାଷା ଭାବରେ ଗ୍ରହଣ କରାଯାଇଛି। ଶାସକମାନଙ୍କର ଭାଷା ପ୍ରଥମ ଭାଷା ହେଲେ ମଧ୍ୟ ଏକାଦଶ ଶତାବ୍ଦୀ ବେଳକୁ ଜନଗୋଷ୍ଠୀ ଓ ଶାସକଙ୍କ ଭାଷା ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇଛି। ସୂର୍ଯ୍ୟବଂଶୀ ଶାସନ କାଳକୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ବିକଶିତ ହୋଇଛି । ଲିପିର ରୂପ ନିର୍ଣ୍ଣୟ ହୋଇଛି। ବ୍ରାହ୍ମୀ ଓ ତେଲୁଗୁ ଲିପି ଓଡ଼ିଆ ଲେଖକମାନଙ୍କର ସର୍ଜନଶୀଳତାକୁ ନିୟନ୍ତ୍ରଣ କରିଛି। ସାରୋଳଦାସଙ୍କ ବେଳକୁ ଓଡ଼ିଆ ଲିପି ଓ ଭାଷାର ଏକ ବିକଶିତ ରୂପ ଦେଖିବାକୁ ମିଳେ। ସାରୋଳଦାସଙ୍କ ସାହିତ୍ୟର ଭାଷା ସଂସ୍କୃତ, ପ୍ରାକୃତ ଓ ଲୋକାୟତ ମିଶ୍ରିତ ରୂପ। ଓଡ଼ିଆ ଭାଷାରେ 'ମହାଭାରଥ' ଏକମାତ୍ର ଗ୍ରନ୍ଥ, ଯେଉଁଥିରେ ଓଡ଼ିଆ ଭାଷାର ଜୀବନ୍ତ ବିକାଶ ଅନୁଭବ କରିହୁଏ। ଲୋକଭାଷାରେ ଲିଖିତ ଏପରି ବିରାଟ ଗ୍ରନ୍ଥ ଅନ୍ୟାନ୍ୟ ଭାରତୀୟ ଭାଷାରେ ଦୁଷ୍ପ୍ରାପ୍ୟ।

ଓଡ଼ିଆ ଭାଷାର ଅସ୍ମିତା ଓ ମହତ୍ତ୍ୱ ପ୍ରତିପାଦନ ପାଇଁ ସାରୋଳଦାସଙ୍କ ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟାୟନ ହେବା ଉଚିତ। ୧୮୯୮-୯୯ ମସିହାରେ ପ୍ରଥମ ମହାଭାରଥ ଗ୍ରନ୍ଥ ପ୍ରକାଶନର ଆଲୋକ ଦେଖିଲା। ଏହାର ପ୍ରଥମ ପ୍ରକାଶକ ଥିଲା ପୁରାଣ ପ୍ରକାଶିକା କମ୍ପାନୀ ଓ ସମ୍ପାଦକ ଥିଲେ କପିଳେଶ୍ୱର ନନ୍ଦ। କିନ୍ତୁ ଦୁଃଖର କଥା, ପଣ୍ଡିତ ନନ୍ଦ ଗ୍ରନ୍ଥ ପ୍ରକାଶନ ସମୟରେ ଏହାର ଦୁର୍ଲଭ ଦାଣ୍ଡିବୃତ୍ତକୁ ଭାଙ୍ଗି ଚଉଦ ଅକ୍ଷର ବିଶିଷ୍ଟ ସହଜ ସୁଖପାଠ୍ୟ ପଦ୍ୟରେ ପରିଣତ କରିଦେଇଛନ୍ତି। ପରେ ଅରୁଣୋଦୟ ପ୍ରେସ, ରାଧାରମଣ ପ୍ରେସ, ଧର୍ମଗ୍ରନ୍ଥଷ୍ଟୋର ଏଥିରେ ବିଶେଷ କିଛି ପରିବର୍ତ୍ତନ କଲା ପରି ମନେ ହୁଏ ନାହିଁ। ସାରୋଳ ମହାଭାରଥର ତଥାକଥିତ ଶୁଦ୍ଧ ସଂସ୍କରଣ ପ୍ରକାଶିତ ହୁଏ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦନାରେ ଓଡ଼ିଶା ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ଦ୍ୱାରା। ପରବର୍ତ୍ତୀ ସମୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଏକ ଉଚ୍ଚାଭିଳାଷୀ ପ୍ରକଳ୍ପ ଆରମ୍ଭ ହୁଏ ଗୌରାଙ୍ଗ ଚରଣ ଦାଶ ଓ ସତୀର୍ଥ ବନ୍ଧୁମାନଙ୍କ ସହଯୋଗରେ। ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ସାରୋଳଦାସ ମହାଭାରଥର ଭାଷାତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ମୂଲ୍ୟାୟନ ସମ୍ଭବ ହେବ। ଫଳତଃ ଓଡ଼ିଆ ଭାଷାର ପ୍ରାଚୀନତା, ସ୍ୱତନ୍ତ୍ରତା ଓ ବ୍ୟାକରଣ ସଂରଚନା ସମ୍ପର୍କରେ ବହୁ ନୂତନ ଦିଗ୍‌ଦର୍ଶନ ମିଳିବ। ସୀମିତ ପାଠ୍ୟକୁ ନେଇ ଡଃ ଧନେଶ୍ୱର ମହାପାତ୍ର ସାରଳା ଦାସଙ୍କ ଭାଷା ସମ୍ପର୍କରେ ଆଲୋଚନାର ସୂତ୍ରପାତ କରିଥିଲେ ମଧ୍ୟ, ଏହା ଅଧିକ ତର୍ଜମା ଓ ବିଶ୍ଳେଷଣର ଅପେକ୍ଷା ରଖେ।

ସାରୋଳଦାସଙ୍କ ସାହିତ୍ୟର ଅନ୍ୟତମ ବୈଶିଷ୍ଟ୍ୟ ଧାର୍ମିକ ଭାବନା। ସମସ୍ତ ସାହିତ୍ୟକୃତିରେ ସେ ସାରୋଳାଚଣ୍ଡୀଙ୍କର ମହିମା ଗାନ କରିଥିଲେ ମଧ୍ୟ ବୈଷ୍ଣବ ଧର୍ମ ଓ ଦର୍ଶନର ଗଭୀର ପ୍ରଭାବ ଦେଖିବାକୁ ମିଳେ । ସେ ଗଣେଶ, ଶିବ, ରାମଚନ୍ଦ୍ର, ସୂର୍ଯ୍ୟ ଇତ୍ୟାଦି ଦେବଦେବୀଙ୍କର ବନ୍ଦନା କରିଥିଲେ ହେଁ, ଜଗନ୍ନାଥଙ୍କ ମଧ୍ୟରେ ସବୁ ଦେବଦେବୀଙ୍କୁ ସମନ୍ୱୟ କରିଛନ୍ତି। ସାରୋଳ ଦାସ ତାଙ୍କ ମହାଭାରଥରେ ନିଜକୁ ବୈଷ୍ଣବ ବୋଲି ସ୍ୱୀକାର କରିବା ସହିତ ଜଗନ୍ନାଥଙ୍କୁ ସମସ୍ତ ଉପାସନାର ମୂଳ ରୂପେ ଗ୍ରହଣ କରିଛନ୍ତି। ଧାର୍ମିକ ସମନ୍ୱୟଧର୍ମୀ ଉଦାରବାଦର ସେ ଜଣେ ବଳିଷ୍ଠ କବି ପ୍ରତିଭା, ତାହା ଏଥିରୁ ପ୍ରମାଣିତ ହୁଏ।

ସାରୋଳଦାସଙ୍କ ' ମହାଭାରଥ' କେବଳ ପୁରାଣ ନୁହେଁ, ପଞ୍ଚଦଶ ଶତାବ୍ଦୀର ଐତିହାସିକ ଘଟଣାକ୍ରମର ଏକ ବଳିଷ୍ଠ ଇତିହାସ। କୃଷ୍ଣଚନ୍ଦ୍ର ପାଣିଗ୍ରାହୀ 'ସାରଳା ମହାଭାରତରେ ଐତିହାସିକ ଚିତ୍ର' ପୁସ୍ତକରେ କେତେକ ଐତିହାସିକ ଘଟଣାକ୍ରମକୁ ଉପସ୍ଥାପନ କରିଛନ୍ତି। ମାତ୍ର ତାହା ଆହୁରି ବିଶ୍ଳେଷଣର ଅପେକ୍ଷା ରଖେ। କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବଙ୍କ ରାଜ୍ୟ ଜୟର କେତେକ ଐତିହାସିକ ଓ ଭୌଗୋଳିକ ବିବରଣୀ 'ମହାଭାରଥ'ରେ ସ୍ଥାନିତ ହୋଇଛି।

ସାରୋଳଦାସ ଓଡ଼ିଆ ସାହିତ୍ୟର ସାର୍ବକାଳିକ କବି। ବିଷୟ ସଂଯୋଜନା ଦାଣ୍ଡୀବୃତ୍ତର ପ୍ରୟୋଗ ତାଙ୍କ ସାହିତ୍ୟକୁ ମହିମା ମଣ୍ଡିତ କରିଛି। ମହାକବି ସାରୋଳଦାସ କେବଳ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ସୀମିତ ନୁହନ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ପରେ ମଧ୍ୟ ଓଡ଼ିଆ ଜନମାନସଠାରୁ ଭାରତୀୟ ଜନଚେତନା ପର୍ଯ୍ୟନ୍ତ ତାଙ୍କର କାବ୍ୟ ପରିଧି ପରିବ୍ୟାପ୍ତ। ସାରୋଳଦାସଙ୍କ ମହାଭାରଥ ସଂପର୍କରେ ନୃତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ଦୃଷ୍ଟିରୁ ଅଧିକ ଗବେଷଣା କରାଗଲେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରନ୍ତା।

ମୋ- ୯୪୩୭୧୨୫୯୫୯

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



ଫତେଗଡ଼

# ଅନ୍ୟ ଏକ ଅଯୋଧା!

ନୟାଗଡ଼ରୁ ଅନୀଲ ଓ ଭାପୁରରୁ ଶୁଭେନ୍ଦ୍ରଙ୍କ ରିପୋର୍ଟ







ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଦେବାଳୟଗୁଡ଼ିକ ମଧ୍ୟରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିର ଅନ୍ୟତମ । ମହାନଦୀଠାରୁ ଅନତି ଦୂରରେ ଅବସ୍ଥିତ ଫତେଗଡ଼ ଗ୍ରାମର ଗିରିଗୋବର୍ଦ୍ଧନ ପାହାଡ଼ରେ ନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିରର ପରିବେଶ, ଅବସ୍ଥିତି ନିହାତି ଭାବେ ଅଶାନ୍ତ ହୃଦୟକୁ ଶାନ୍ତି କରିବାରେ ସମର୍ଥ ହେବ ବୋଲି କୁହାଯାଉଛି । ସୁନୀଳ ଆକାଶକୁ ଛୁଉଁଥିବା ଏହି ପାହାଡ଼ ଉପରେ ବଉଳମାଳା ପଥରରେ ନିର୍ମାଣ କରାଯାଇଥିବା ଶ୍ରୀରାମ ମନ୍ଦିର ଏବଂ ଏହାର କାରୁକାର୍ଯ୍ୟ ଫତେଗଡ଼ ଗ୍ରାମକୁ ଇତିହାସରେ ଲିପିବଦ୍ଧ କରିବାର ସାମର୍ଥ ବହନ କରୁଛି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସାମିଲ ହେବାର ବଳିଷ୍ଠ ଦାବି ରଖୁଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ନିକଟରେ ସମାପନ ହୋଇଛି । ତେବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏହାକୁ ଅନେକ ଦ୍ୱିତୀୟ ଅଯୋଧ୍ୟ ଭାବେ ଅଭିହିତ କରୁଛନ୍ତି ।

## ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ଶ୍ରୀରାମ ମନ୍ଦିର ନୟାଗଡ଼ ଜିଲ୍ଲାର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ ପାଲଟି ସାରିଥିବା ବେଳେ ଏହାକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପ୍ରଦାନ କରାଯିବା ପାଇଁ ଫତେଗଡ଼ ଗ୍ରାମବାସୀଙ୍କ ସମେତ ଭାପୁର ବାସୀ ଦାବି କରିଛନ୍ତି । ଏହା ସହିତ ରାଜ୍ୟ ସରକାର ଏହାର ଆନୁସଙ୍ଗିକ ବିକାଶ ପାଇଁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି । ମନ୍ଦିରକୁ ମୁଖ୍ୟ ରାସ୍ତାଠାରୁ ନୂତନ ରାସ୍ତା ନିର୍ମାଣ କରାଯିବା ସହ ଉକ୍ତ ପାହାଡ଼କୁ ସୌନ୍ଦର୍ଯ୍ୟମୟ କରିବା ପାଇଁ ସ୍ୱତନ୍ତ୍ର ଭାବେ ସହାୟତା ଯୋଗାଇ ଦେବାକୁ ଫତେଗଡ଼ବାସୀ ଅନୁରୋଧ କରିଛନ୍ତି ।

## ଦର୍ଶନ କରି ସାରିଲେଣି ୧୦ ଲକ୍ଷରୁ ଅଧିକ ଭକ୍ତ

ମନ୍ଦିର ପ୍ରତିଷ୍ଠା ପାଇଁ ଜାନୁଆରୀ ୧୭ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖରେ ପୂର୍ଣ୍ଣାହୁତି ଶେଷ ହୋଇଛି । ୨୨ ତାରିଖ ପ୍ରାଣ ପ୍ରତିଷ୍ଠା ଅବସରରେ ୫ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଏବେ ସୁଦ୍ଧା ୧୦ ଲକ୍ଷ ଲୋକ ଶ୍ରୀରାମଙ୍କ ଦର୍ଶନ କରି ସାରିଲେଣି । ଫତେଗଡ଼ ଶ୍ରୀରାମ ମନ୍ଦିର ଏବେ ଦର୍ଶନାର୍ଥୀଙ୍କ ପାଇଁ ଆକର୍ଷଣୀୟ ପାଲଟିଛି । ପାହାଡ଼ ଉପରେ ନିର୍ମାଣ ହୋଇଥିବା ଏହି ମନ୍ଦିରକୁ ମିନି ଅଯୋଧ୍ୟା ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି । ମନ୍ଦିରଟି ନୟାଗଡ଼ ଜିଲ୍ଲାର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀରେ ପାଲଟି ସାରିଥିବା ବେଳେ ଆଧ୍ୟାତ୍ମିକ ଭାବାବେଗ ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା ରହିଛି ।

## ମୂର୍ତ୍ତିକୁ ନେଇ ଅଲୌକିକ ଘଟଣା

ମନ୍ଦିର ନିର୍ମାଣ ହେବା ପରେ ମାର୍ବଲ ମୂର୍ତ୍ତି ଆଣିବା ପାଇଁ ବେଣୁଧର ପ୍ରଧାନଙ୍କ ବଡ଼ ଭାଇ ମନୋଜ କୁମାର ପ୍ରଧାନ ତାଙ୍କ ବନ୍ଧୁ କରବର ଗ୍ରାମର ମାନସ ରଞ୍ଜନ ବେହେରା, ଫତେଗଡ଼ ଗ୍ରାମର ଅନୀଲ କୁମାର ମହାପାତ୍ର ଓ ସୂର୍ଯ୍ୟକାନ୍ତ ସାହୁ ରାଜସ୍ଥାନ ମାକ୍ରନ ଜିଲ୍ଲା ରାମଗଡ଼ରେ ପହଞ୍ଚି ଥିଲେ । ସେଠାରେ ଦୁର୍ମୂଲ୍ୟ ମାର୍ବଲ ମୂର୍ତ୍ତି ଚିହ୍ନଟ କରିବା ପରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭାଇ ଲକ୍ଷ୍ମଣ, ଭକ୍ତବୀର ହନୁମାନଙ୍କ ମୂର୍ତ୍ତି ସହ ଚାରି ପାର୍ଶ୍ୱ ମନ୍ଦିର ପାଇଁ ବିଘ୍ନବିନାସକ ଗଜାନନ, ଶିବ ଶଙ୍କର ଓ ଶିବ ଲିଙ୍ଗ, ସୂର୍ଯ୍ୟ ଦେବତା, ମହାବୀରଙ୍କ ସୌମ୍ୟ ବିଗ୍ରହ ସହ ସେମାନେ ବାହାନ ଗରୁଡ଼, ମୂଷା ମଧ୍ୟ ବରାଦ ଦେଇ ଫେରି ଆସିଥିଲେ । ସାଢ଼େ ଚାରିଫୁଟ ଉଚ୍ଚତା ବିଶିଷ୍ଟ ମୁଖ୍ୟ ମୂର୍ତ୍ତି ସହ ସମସ୍ତ ମୂର୍ତ୍ତିଗୁଡ଼ିକ ଆସି ଫତେଗଡ଼ ଗ୍ରାମରେ ଦୁଇମାସ ମଧ୍ୟରେ ପହଞ୍ଚି ଯାଇଥିଲା । ହେଲେ ଏତେବଡ଼ ମନ୍ଦିରକୁ ମୂର୍ତ୍ତି ଛୋଟ ହୋଇଯିବ ବୋଲି ଚିନ୍ତା ପଡ଼ିଥିଲା । କ'ଣ କରାଯିବା ବୋଲି କିଛି ନିଷ୍ପତ୍ତି ହୋଇ ପାରୁ ନ ଥିବା ବେଳେ ମୂର୍ତ୍ତି ନିର୍ମାଣ କରିଥିବା କାରିଗର ଫୋନ ନମ୍ବର ସଂଗ୍ରହ କରି ଯଦି ଏକ ମାସ ସମୟ ଦିଆଯାଏ ତାହା ହେଲେ ଆମେ ବଡ଼ ମୂର୍ତ୍ତି ନିର୍ମାଣ କରି ପଠାଇଦେବୁ ବୋଲି କହିଥିଲେ । ଏଥିରେ ବେଣୁଧର ପ୍ରଧାନ ରାଜି ହେବା ପରେ କୋଡ଼ିଏ ଲକ୍ଷ ଟଙ୍କାରେ ବ୍ୟୟରେ ଏକମାସ ପରେ ସାଢ଼େ ପାଞ୍ଚ ଫୁଟ୍‌ର ବଡ଼ ମୂର୍ତ୍ତି ଆସି ଫତେଗଡ଼ ମନ୍ଦିରରେ ପହଞ୍ଚି ଯାଇଥିଲା । ବର୍ତ୍ତମାନ ସୁଦ୍ଧା ପ୍ରଥମେ ଆସିଥିବା ମୂର୍ତ୍ତି ଏବେ ବି ଫତେଗଡ଼ଠାରେ ରହି ଯାଇଛନ୍ତି । ମନ୍ଦିର ପାଇଁ ପ୍ରଥମେ ଆସିଥିବା ମୂର୍ତ୍ତି ପ୍ରତିଷ୍ଠା ନ ହୋଇ ପଛେ ଆସିଥିବା ମୂର୍ତ୍ତି ପ୍ରତିଷ୍ଠା ହୋଇ ପ୍ରାଣ ପ୍ରତିଷ୍ଠା ହେବା ଏକ ଅଲୌକିକ ଘଟଣା ବୋଲି କୁହାଯାଏ ।

## ୧୯୧୨ ମସିହାରେ ମିଳିଥିଲା ସୁଦର୍ଶନଙ୍କ ଦାରୁ

ଫତେଗଡ଼, ଗଡ଼ଜିତ ଓ କୃଷ୍ଣଚନ୍ଦ୍ରପୁର ତିନୋଟି ଗ୍ରାମକୁ ନେଇ ବୃହତ୍ ଫତେଗଡ଼ ଗ୍ରାମ ଗଠିତ । ଏହା ବର୍ତ୍ତମାନ କୁହାଯାଉଥିବା ଶ୍ରୀରାମ ପାହାଡ଼ ଯାହାକୁ ଗ୍ରାମବାସୀମାନେ ବଡ଼ ମୁଣ୍ଡିଆ ବୋଲି କୁହନ୍ତି ତାହାର ପାଦ ଦେଶରେ ଅବସ୍ଥିତ । ଗ୍ରାମଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଥିବା ଡୁମାଳୁଣୀ ମନ୍ଦିର, ବଧି ପୋଖରୀ ନିକଟରେ ଥିବା ଶ୍ମଶାନ ନିକଟରୁ ୧୯୧୨ ମସିହାରେ ପ୍ରଭୁ ସୁଦର୍ଶନଙ୍କ ଦାରୁ ମିଳିଥିଲା । ସେତେବେଳେ ପରାଧୀନ ଭାରତରେ ଖଣ୍ଡପଡ଼ା ରାଜା ନଟବର ସିଂହ ସାମନ୍ତ ରାମଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ଶାସନ ଚାଲିଥାଏ । ଖଣ୍ଡପଡ଼ା ରାଜ୍ୟର ଏହା ପୂରପଟ ସୀମାନ୍ତ ଗଡ଼ ଥିବାରୁ ଏହା ବହୁ ଗୁରୁତ୍ୱ ବହନ କରୁଥିଲା । ସେଥିପାଇଁ ଫତଗଡ଼ ଗ୍ରାମରେ ରହିଥିଲେ ଅନେକ ସରବରକାର । ସରବରକାର ଦାମୋଦର ପ୍ରଧାନ, ନନ୍ଦ ସାମନ୍ତରାୟ, ଧରମ ସୁବୁଦ୍ଧି, ଦାମ ସାମନ୍ତରାୟ, କୁଞ୍ଜ ସୁମନ୍ତ, କାଶିନାଥ ଜଗତ ସିଂହ ଦଳବେହେରା, ରାମହରି ସପ୍ତଗ୍ରାମ ସିଂହ ଭଳି ବ୍ୟକ୍ତିମାନେ ସରବରକାର ଭାବେ ଅଞ୍ଚଳ ଦାୟିତ୍ୱରେ ରହିଥିଲେ । ସେହି ସମୟରେ ସୁଦର୍ଶନଙ୍କ ଦାରୁ ଏହି ସୁନାମଧନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଗ୍ରାମବାସୀମାନେ ଶଗଡ଼ ଯୋଗେ ପୁରୀ ନେଇଥିଲେ ।





## ମନ୍ଦିର ନିର୍ମାଣ ପଛର ଘଟଣା

ଫତେଗଡ଼ ଗ୍ରାମର ପୂର୍ବତନ ସରବରକାର ଦାମୋଦର ପ୍ରଧାନଙ୍କ ଅଣନାତି ଚକ୍ରଧର ପ୍ରଧାନଙ୍କ ମଝିଆ ପୁଅ ହେଲେ ବେଣୁଧର ପ୍ରଧାନ । ରାତିରେ ଶୋଇଥିବା ସମୟରେ ଚକ୍ରଧର ପ୍ରଧାନ ଏକ ରାମ ମନ୍ଦିର ନିର୍ମାଣ କଥା ସ୍ୱପ୍ନ ଦେଖିଥିଲେ । ବାପା ଚକ୍ରଧର ବଡ଼ପୁଅ ମନୋଜ, ମଝିଆ ପୁଅ ବେଣୁଧର ଓ ସାନପୁଅ କାହ୍ନୁଚରଣ ଙ୍କ ସହ ଏନେଇ ଆଲୋଚନା କରିଥିଲେ । ସେମାନେ ଏଥିପାଇଁ ଆଗ୍ରହ ଦେଖାଇଥିଲେ । ଏହାପରେ ଚକ୍ରଧର ଏ କଥା ଗ୍ରାମ୍ୟ କମିଟି ସମ୍ମୁଖରେ ଉପସ୍ଥାପନ କରିବାରୁ ଗ୍ରାମବାସୀମାନେ ମଧ୍ୟ ଖୁସି ହୋଇ ସମ୍ମତି ଦେଇଥିଲେ । ଏହାପରେ ୨୦୧୯ ମସିହା ଜୁନ ମାସରେ ପାହାଡ଼ ଶିଖରରେ ଶୁଭ ଦିଆଯାଇ ମନ୍ଦିର ପାଇଁ ପ୍ରଥମେ ରାସ୍ତା ନିର୍ମାଣ ହୋଇଥିଲା । ଏଥିପାଇଁ ଚକ୍ରଧର ପ୍ରଧାନ ପ୍ରଥମେ ନିଜେ ପ୍ରଥମେ ଏକ ଲକ୍ଷ ଟଙ୍କା ଦେଇଥିଲେ । ଏହି ଟଙ୍କା ସହ ଗ୍ରାମବାସୀମାନଙ୍କ ଆର୍ଥିକ ସହଯୋଗରେ ଏବେ ଏହି ମନ୍ଦିର ନିର୍ମାଣ ହୋଇଛି । ଏକ ଲକ୍ଷ ଟଙ୍କାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି ମନ୍ଦିରରେ ବର୍ତ୍ତମାନ ସୁଦ୍ଧା ୩୦ କୋଟି ଖର୍ଚ୍ଚ ହୋଇଛି ବୋଲି କମିଟି ତରଫରୁ ଜଣାପଡ଼ିଛି ।



## ଖଞ୍ଜା ହେବ ୨୦ ଏକର ଜମି

ଶ୍ରୀରାମ ମନ୍ଦିର ପରିଚାଳନା ପାଇଁ ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ପରିଚାଳନା ପରିଷଦ ସଭାପତି ବେଣୁଧର ପ୍ରଧାନ କହିଛନ୍ତି । ମନ୍ଦିର ପାଇଁ ୨୦ ଏକର ଜମି ଖଞ୍ଜା ଯିବା ପାଇଁ ଯୋଜନା ସରିଛି । ଏଥିସହିତ ଏକ ଗୋଶାଳା ନିର୍ମାଣ କରାଯିବାକୁ ମଧ୍ୟ ଯୋଜନା ହୋଇଛି । ମନ୍ଦିର ପ୍ରତିଷ୍ଠା କରିଥିବା ପୁରୋହିତଙ୍କ ମତନୁସାରେ, ମନ୍ଦିର ନିକଟରେ ବଟବୃକ୍ଷ ବଗିଚା, ଲିମ୍ବ ବଗିଚା, ତୁଳସୀ ବଣ ନିର୍ମାଣ କରାଯିବ । ମନ୍ଦିର ପାଇଁ ଆୟ ବ୍ୟବସ୍ଥା କରିବାକୁ ନିକଟରେ ଏକ ପାର୍କ ନିର୍ମାଣ କରାଯିବ । ଏହି ପାର୍କକୁ ଆସୁଥିବା ପର୍ଯ୍ୟଟକଙ୍କଠାରୁ ଯେଉଁ ଆୟ ହେବ ତାହା ଟ୍ରଷ୍ଟ ମାଧ୍ୟମରେ ମନ୍ଦିର କାର୍ଯ୍ୟରେ ଲାଗିବ । ସେହିଭଳି ଭାବେ ଦର୍ଶକ ପାହାଡ଼ ଉପରକୁ ଯିବା ପାଇଁ ରୋପ-ୱେ ବ୍ୟବସ୍ଥା କରାଯାଇଛି । ଉକ୍ତ ରୋପ-ୱେରୁ ଯେଉଁ ଆୟ ହେବ ତାହା ମଧ୍ୟ ମନ୍ଦିର ପରିଚାଳନା ଓ ଉନ୍ନତିକରଣ କାର୍ଯ୍ୟରେ ଲାଗିବ । ଏବେ ଠାକୁରଙ୍କ ଦୈନନ୍ଦିନ ପୂଜା ପାଇଁ ୩୬୫ ଜଣ ଦାତା ତଥା ସଦସ୍ୟ ଚୟନ ହୋଇଛନ୍ତି । ଉକ୍ତ ସଦସ୍ୟମାନେ ଗୋଟିଏ ଦିନର ଲେଖାଏଁ ଖର୍ଚ୍ଚ ଦାୟିତ୍ୱ ସମ୍ଭାଳିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ବର୍ଷା ପାଇଁ ହେଉଥିଲା ଗିରି ଗୋବର୍ଦ୍ଧନ ପୂଜା

ଦୀର୍ଘବର୍ଷ ତଳୁ ବର୍ଷାର ଅଭାବ ଦେଖାଦେଲେ ଏହି ପାହାଡ଼ ଉପରକୁ ଯାଇ ଫତେଗଡ଼ ଗ୍ରାମବାସୀ ଗିରିଗୋବର୍ଦ୍ଧନ ପୂଜାକରି ଆସୁଥିଲେ । ପୂଜା କରିବା ପରେ ନିଶ୍ଚିତ ବର୍ଷା ମଧ୍ୟ ହେଉଥିଲା । ଯାହାକୁ ନେଇ ଗ୍ରାମବାସୀ ସେଠାରେ ଏକ ମନ୍ଦିର ନିର୍ମାଣ କରିବାର ପରିକଳ୍ପନା ଆରମ୍ଭ କଲେ । ଫତେଗଡ଼ ଗ୍ରାମର ବେଣୁଧର ପ୍ରଧାନଙ୍କୁ ଉକ୍ତ ମନ୍ଦିର ନିର୍ମାଣ ପରିଷଦ ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ନିର୍ମାଣ ପରିଷଦ ଦ୍ୱାରା ଉକ୍ତ ସ୍ଥାନରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା ।

## ମନ୍ଦିର ନିର୍ମାଣରେ ସାକେରୀ କାରିଗର

ଉତ୍କଳର କଳା ଭାସ୍କର୍ଯ୍ୟ ପୃଥିବୀରେ ଅନନ୍ୟ । ନିହଣ ମୁନରେ ପଥର ଦେହରେ ଖୋଦେଇ ହୋଇଥିବା ଜୀବନ୍ତ କଳାଶୈଳୀ ପ୍ରତୀକ କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ଭୁବନେଶ୍ୱର ରାଜାରାଣୀ ଭଳି ଅନେକ ମନ୍ଦିର ଆଜି ବି ଜାଜ୍ୱଲ୍ୟମାନ । କୋଣାର୍କ ମନ୍ଦିର ମୁଖ୍ୟ ବିନ୍ଧାଣି ବିଶୁ ମହାରଣାର ବଂଶଧରମାନେ ଏବେ ବି ସେପରି କାରୁକାର୍ଯ୍ୟ ସ୍ଥାପତ୍ୟ ନମୁନା ପ୍ରଦର୍ଶନ କରିପାରନ୍ତି ତାହା ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ନିର୍ମିତ ହୋଇଥିବା ଭବ୍ୟ ଶ୍ରୀରାମ ମନ୍ଦିର ଦେଖିଲେ ଅନୁଭବ କରିହେବ । ଏହି ମନ୍ଦିର କାରୁକାର୍ଯ୍ୟ ରୋମାଞ୍ଚିତ କରିବା ସହ କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରୁଛି । ମନ୍ଦିରଟି ବଉଳମାଳା ପଥରରେ ନିର୍ମାଣ ହୋଇଛି । ଏହି ଦୁଷ୍ପାପ୍ୟ ପଥର ଓଡ଼ିଶା ମାଇନିଙ୍ଗ କର୍ପୋରେସନ ଅଧୀନରେ ଥିବା ତାପଙ୍ଗ ଭୋଗପୁର ଖଣିରୁ କିଣାଯାଇଛି । ଏହାକୁ ଫତେଗଡ଼ ଅଣାଯାଇ ପଲିସ କରି ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଆକାରରେ କଟାଯାଇ ମନ୍ଦିର ଗଢ଼ାଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାକେରୀ ପଞ୍ଚାୟତ ବାଲିଆଛତରା ଗ୍ରାମର ପ୍ରତିଭାବାନ ପଥର କାରିଗର ରାମ ସାହୁ(ଟୁକୁ) ଙ୍କ ନେତୃତ୍ୱରେ ୪୦ ଜଣ କାରିଗରଙ୍କ ଦୀର୍ଘବର୍ଷ ଅକ୍ଳାନ୍ତ ପରିଶ୍ରମ ବଳରେ ଏହା ସମ୍ଭବ ହୋଇପାରିଛି । ଅନ୍ୟ ନିପୁଣ କାରିଗରମାନେ ହେଲେ ବସନ୍ତ ପ୍ରଧାନ, ମଙ୍ଗୁଳି ବାରିକ, ଜିତୁ ପ୍ରଧାନ, ମନୋଜ ପ୍ରଧାନ, ମନୋଜ ସ୍ୱାଇଁ ଓ ଗୋପାଳ ସ୍ୱାଇଁ ଓ ଅନ୍ୟମନେ । ପୂର୍ବରୁ କନ୍ୟାକୁମାରୀ, ଓଡ଼ିଶାର ତାରାତାରିଣୀ ଭଳି ଅନେକ ମନ୍ଦିର ଗଢ଼ିଥିବା ଏହି କୁଶଳୀ କାରିଗରମାନେ ଏଠାରେ ତାଙ୍କର କଳାନିପୁଣତାର ନିଦର୍ଶନ କରିଛନ୍ତି ।

## ଭକ୍ତଙ୍କ ପାଇଁ ବାଇଶି ପାହାଚ

ଏହି ଭବ୍ୟ ଶ୍ରୀରାମ ମନ୍ଦିର ତିନୋଟି ମନ୍ଦିର ବିଶିଷ୍ଟ । ମୁଖ୍ୟ ମନ୍ଦିର ୬୫ ଫୁଟ ଉଚ୍ଚ, ମୁଖଶାଳା ୪୫ ଫୁଟ୍ ଓ ନାଟ ମଣ୍ଡପ ୩୫ ଫୁଟ ଉଚ୍ଚ ହୋଇଛି । ଏହା ସହ ମନ୍ଦିର ବେଢ଼ା ଭିତରେ ଚାରୋଟି ପାର୍ଶ୍ୱ ମନ୍ଦିର ସୂର୍ଯ୍ୟ ମନ୍ଦିର, ଗଣେଶ ମନ୍ଦିର, ରାମେଶ୍ୱର ମନ୍ଦିର ଓ ହନୁମାନ ମନ୍ଦିର ମଧ୍ୟ ନିର୍ମାଣ ହୋଇଛି । ଏହି ସମସ୍ତ ମନ୍ଦିରକୁ ସୁରକ୍ଷା ଦେବା ପାଇଁ ମେଘନାଦ ସଦୃଶ ପ୍ରାଚେରି ନିର୍ମାଣ ହୋଇଛି । ମନ୍ଦିର ଭିତରକୁ ଯିବା ପାଇଁ ଚାରି କଡ଼ରେ ସିଂହଦ୍ୱାର, ଅଶ୍ୱଦ୍ୱାର, ହସ୍ତିଦ୍ୱାର ଓ ବ୍ୟାଘ୍ରଦ୍ୱାର ନିର୍ମାଣ କରାଯାଇଛି । ମନ୍ଦିର ପୂର୍ବ ପଟେ ସିଂହଦ୍ୱାର ସମ୍ମୁଖରେ ବାଇଶି ପାହାଚ ଦେଇ ଭକ୍ତମାନେ ମନ୍ଦିରକୁ ପ୍ରବେଶ କରିବେ । ମନ୍ଦିର ପ୍ରାଙ୍ଗଣ ବଉଳମାଳା ପଥରରେ ନିର୍ମାଣ କରାଯାଇଛି ।

## ସେମାନେ କୁହନ୍ତି ...

ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କୁ ମର୍ଯ୍ୟଦା ପୁରୁଷ କୁହାଯାଏ । ଫତେଗଡ଼ ଗିରିଗୋବର୍ଦ୍ଧନ ପାହାଡ଼ ଉପରେ ପ୍ରତିଷ୍ଠା ହୋଇଥିବା ମନ୍ଦିର ଏକ ଅନନ୍ୟ କୀର୍ତ୍ତିରାଜି ଓ ଏହା ଭଗବାନଙ୍କ ପୂର୍ବ ନିର୍ଦ୍ଧାରିତ ବୋଲି କୁହାଯାଇପାରେ । ପ୍ରଭୁ ଜଙ୍ଗଲ ପାହାଡ଼କୁ ଭଲ ପାଆନ୍ତି, ଯେହେତୁ ଏହି ପାହାଡ଼ରେ ପୂର୍ବରୁ ଗିରିଗୋବର୍ଦ୍ଧନଙ୍କୁ ପୂଜା କରାଯାଉଥିଲା ତେଣୁ ଏଠାରେ ଏପରି ଏକ ମନ୍ଦିର କଥା ଗ୍ରାମବାସୀ ପରିକଳ୍ପନା କରୁଥିଲେ । ଯାହାକୁ ବାସ୍ତବ ରୂପ ନେଇଛି । ଫତେଗଡ଼ ଶ୍ରୀରାମ ମନ୍ଦିରକୁ ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ପାରିପାର୍ଶ୍ୱିକ ଅବସ୍ଥା, ଚାରିପଟେ ନୀଳ ସବୁଜ ବନାନୀ ଏହାକୁ ଆକର୍ଷଣୀୟ କରିଛି । ପ୍ରଭୁଙ୍କ ଆଗମନ ଅଞ୍ଚଳରେ ଧର୍ମ ଭାବନା, ଭାଇଚାର ବୃଦ୍ଧି କରିବ । ରାମ ରାଜ୍ୟ କଥା ସବୁବେଳେ ହିନ୍ଦୁମାନେ ସ୍ୱପ୍ନ ଦେଖିଥାନ୍ତି । ବର୍ତ୍ତମାନ ଅଯୋଧ୍ୟା ସହ ଫତେଗଡ଼ରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ଏକ ନୂଆ ଯୁଗ ଆରମ୍ଭର ସଙ୍କେତ ଦେଉଛି । ହିନ୍ଦୁମାନେ ବିଶେଷ କରି ଓଡ଼ିଆମାନେ ଅଧିକ ଦେବ ବିଶ୍ୱାସୀ । ଏବେ ଏହିପରି ରାମ ମନ୍ଦିର ଲୋକଙ୍କ ମଧ୍ୟରେ ଅଧିକ ରାମଭକ୍ତି ଜାଗରଣ କରିବ ବୋଲି ଆଶା କରାଯାଇପାରେ ।

**ଲୋକନାଥ ଆଚାର୍ଯ୍ୟ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଫତେଗଡ଼

ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ନିର୍ମିତ ଶ୍ରୀରାମ ମନ୍ଦିର ଏକ ଅନନ୍ୟ କୀର୍ତ୍ତିରାଜି ଓ ପଥର ଦେହରେ ନିଖୁଣ କାରିଗରୀର ଉଦାହରଣ । ସମୁଦ୍ର ପତ୍ତନଠାରୁ ୧୬ ଶହ ଫୁଟ ଉଚ୍ଚରେ ନିର୍ମିତ ୬୫ ଫୁଟର ସୁଉଚ୍ଚ ମନ୍ଦିର ହୋଇଛି ଆକର୍ଷଣୀୟ । ବଉଳମାଳା ପଥରରେ ନିର୍ମିତ ଏହି ରାମ ମନ୍ଦିର ଓଡ଼ିଶାରେ ଅନନ୍ୟ । ଏହା ଅଞ୍ଚଳର ଜନସାଧାରଣଙ୍କ ଧର୍ମ ଭାବନା ଓ ଭାଇଚାରକୁ ବୃଦ୍ଧି କରିବା ସହ ଅଞ୍ଚଳର ଆର୍ଥିକ ପ୍ରଗତିର ମାଧ୍ୟମ ପାଲଟିବ । ସରକାର ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଆର୍ଥିକ ଅନୁଦାନ ପ୍ରଦାନ କଲେ ଅନେକ ବ୍ୟକ୍ତି ବିଶେଷଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇପାରିବ ।

**ରବୀନ୍ଦ୍ର କୁମାର ପଟ୍ଟନାୟକ**
ବରିଷ୍ଠ ସାମ୍ବାଦିକ

ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ନିର୍ମିତ ଶ୍ରୀରାମ ମନ୍ଦିର ଏକ ଅଲୌକିକ କୀର୍ତ୍ତି । ଏହା ସାଧାରଣତଃ କଳ୍ପନା କରାଯାଇପାରେ ମାତ୍ର ବାସ୍ତବରେ ପରିଣତ ହେବା ଏକ ଦୈବୀ ଆଶୀର୍ବାଦ । ଏଠାରେ ପୂର୍ବରୁ ଗିରିଗୋବର୍ଦ୍ଧନ ଠାକୁରଙ୍କୁ ପୂଜା କରାଯାଉଥିବାରୁ ଏହା ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସ ସହ ଯୋଡ଼ି ହୋଇ ରହିଥିଲା । ଯାହା ବେଣୁଧର ପ୍ରଧାନଙ୍କ ଯୋଗୁଁ ବାସ୍ତବରେ ପରିଣତ ହୋଇଛି । ସୂର୍ଯ୍ୟ ବଂଶୀ , କୌଶଲ୍ୟା ନନ୍ଦନ ପ୍ରଭୁ ଶ୍ରୀରାମଙ୍କ ଗୁଣ ଗାଥା ବିଶ୍ୱ ବିଦିତ । ତାଙ୍କ ସୌମ୍ୟ ମନ୍ଦିର ନିର୍ମାଣ ହେବା ଫତେଗଡ଼ କାହିଁକି ସାରା ଜିଲ୍ଲାକୁ ଚର୍ଚ୍ଚିତ କରିଛି । ଧର୍ମ ବିନା ସଂସାର ଓ ମାନବ ସୃଷ୍ଟି ପରିକଳ୍ପନା ଅସମ୍ଭବ । ଏପରି ଏକ ଅନନ୍ୟ ମନ୍ଦିର ମାନବଜାତି ପାଇଁ ଅନେକ ମହତ୍ତ୍ୱ ରଖେ । ଏହି ମନ୍ଦିର ଅଞ୍ଚଳର ଆର୍ଥିକ ପ୍ରଗତିର ରଥ ପାଲଟିବ ବୋଲି ଆଶା କରାଯାଉଛି ।

**ରଘୁନାଥ ନନ୍ଦ**
ବରିଷ୍ଠ ବୈଦିକ ବ୍ରାହ୍ମଣ





# ଗୁଡ଼ ମର୍ଣ୍ଣିଂ ରିପୋର୍ଟର





**ରାଜଧାନୀ ଭୁବନେଶ୍ୱର ଠାରୁ ଖୋର୍ଦ୍ଧା ଯିବା ବାଟରେ ପଡ଼େ ଯାଁଳା । ଏକଦା ଯାଁଳାର ସ୍ୱତନ୍ତ୍ର ପରିଚୟ କହିଲେ ଲୋକେ ଶ୍ୟାମା ଟକିଜ୍ ବା ସିନେମା ହଲ୍‌କୁ ବୁଝୁଥିଲେ । କିନ୍ତୁ ସମୟ ଗଡ଼ିବା ସହ ଶ୍ୟାମା ଟକିଜ୍‌ରେ ତାଲା ପଡ଼ିଲା । କିନ୍ତୁ ଏବେ ବି ଯାଁଳାର ଆଖପାଖ ପାଖାପାଖି ୬୦ ଖଣ୍ଡ ଗାଁ'ର ସିନେପ୍ରେମୀ ଶ୍ୟାମା ଟକିଜ୍‌କୁ ଝୁରି ହେଉଛନ୍ତି ।**

## ଏକ ସିନେମା ହଲ୍‌ର ଅପମୃତ୍ୟୁ



ବୁଲା ବାରିକ

ଆଜକୁ ପ୍ରାୟ ୪୦ବର୍ଷ ତଳେ ରାଜଧାନୀରୁ ଖୋର୍ଦ୍ଧା ଷୋହଳ ନମ୍ବର ଜାତୀୟ ରାଜପଥ (ତତ୍କାଳୀନ ୫ ନମ୍ବର ଜାତୀୟ ରାଜପଥ) କଡ଼ରେ ଗଢ଼ି ଉଠିଥିଲା ଶ୍ୟାମା ଟକିଜ୍ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଯାଁଳାର ଅନ୍ୟତମ କଳାପ୍ରେମୀ ତଥା ଉଦ୍ୟୋଗୀ ଉମା ଚରଣ ପଟ୍ଟନାୟକ(ଟୁନବାବୁ)ଙ୍କ ଦ୍ୱାରା ଏହି ସିନେମା ହଲ୍ ପ୍ରତିଷ୍ଠା କରାଯାଇଥିଲା । ଏକସମୟରେ କାଳୁ ନନ୍ଦ ଓ ବୀର ନନ୍ଦଙ୍କ ଦ୍ୱାରା ଭୁବନେଶ୍ୱରରେ କେଶରୀ ସିନେମା ହଲ୍ ପ୍ରତିଷ୍ଠା କରାଯାଇଥିଲା । ତେଣୁ ଉପକଣ୍ଠବର୍ତ୍ତୀ ଅଞ୍ଚଳ ସମେତ ଖୋର୍ଦ୍ଧା ଓ ଜଟଣୀ ଅଞ୍ଚଳବାସୀଙ୍କ ମନୋରଞ୍ଜନର ଅନ୍ୟତମ ଭରସା ପାଲଟିଥିଲା ଶ୍ୟାମା ଟକିଜ୍ । ସିନେମା ହଲ୍ ପ୍ରତିଷ୍ଠାର ଦୁଇତିନିବର୍ଷ ଆଗରେ ଉମାଚରଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ୟାମା କାଳୀ ମନ୍ଦିରର ନାମାନୁସାରେ ସିନେମା ହଲ୍‌ର ନାମକରଣ କରାଯାଇ ଶ୍ୟାମା ଟକିଜ୍ ରଖାଯାଇଥିଲା । କୁହାଯାଏ ସରକାରୀ ସ୍ତରରେ ସିନେମା ହଲ୍ ପାଇଁ ଜାଗା ଲିଜ୍ ଅନୁମୋଦନ ଓ କାଗଜ ପତ୍ର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ହରେକୃଷ୍ଣ ମହତାବ୍ ମଧ୍ୟ ପରୋକ୍ଷରେ ସହଯୋଗ କରିଥିଲେ । ଆକାଶବାଣୀର ସମ୍ବାଦ ପାଠକ ବିଜୟ କେତନ ମଙ୍ଗରାଜ ଓ ଉମା ଚରଣଙ୍କ ସାଙ୍ଗରେ ଡା. ହରେକୃଷ୍ଣ ମହତାବଙ୍କ ଭଲ ସମ୍ପର୍କ ଥିବାରୁ ତାହା ସମ୍ଭବ ହୋଇଥିଲା । ନିର୍ମାଣ ଆରମ୍ଭର ମାତ୍ର ୭ ମାସରେ ଛିଡ଼ା ହୋଇଥିଲା ଶ୍ୟାମା ଟକିଜ୍ । ୧୯୮୭ ମସିହା ଫେବୃୟାରୀ ୨୨ତାରିଖରେ ଶ୍ୟାମା ଟକିଜ୍‌ର ଶୁଭ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ଜିଲ୍ଲାପାଳ ମହେଶ ପ୍ରସାଦ ପୁରୋହିତ । ଟକିଜର ପ୍ରଥମ ଚଳଚ୍ଚିତ୍ର ଥିଲା 'ଭକ୍ତ ସାଲବେଗ' । ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ସିନେମା ଏଠାରେ ଚାଲିଥିଲା । ବସନ୍ତ ନାୟକଙ୍କ 'ଯାହାକୁ ରଖିବେ ଅନନ୍ତ' ସିନେମା ପାଇଁ ଯାଁଳାରେ ଟିକଟ ବ୍ଲାକ୍‌ରେ ବିକ୍ରି ହୋଇଥିଲା । ପରେ 'ଏଇ ଆମ ସଂସାର' ଭଳି ଅନେକ ଭଲ ଭଲ ଚଳଚ୍ଚିତ୍ର ଦୀର୍ଘଦିନ ଧରି ପ୍ରଦର୍ଶିତ ହୋଇଥିଲା । ଏହାବ୍ୟତୀତ ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଏକ ସଙ୍ଗେ ମର୍ଣ୍ଣିଙ୍ଗ୍, ନୁନ୍, ମ୍ୟାଟିନ୍, ଇଭିନିଂ ଓ ନାଇଟ୍ ଶୋ'କୁ ମିଶାଇ ୫ଟି ଶୋ ମଧ୍ୟ ହାଉସ୍‌ଫୁଲ୍ ହେଉଥିଲା । ଏଠାରେ ଅନେକ ସ୍ଥାନୀୟ ଲୋକ ହଲ୍‌ରେ ନିଯୁକ୍ତି ପାଇଥିଲେ । ସେହିଭଳି ସିନେମା ହଲ୍ ପାଇଁ ଅନେକ ଦୋକାନ, ବଜାର ଗଢ଼ି ଉଠିଥିଲା । ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ଅଞ୍ଚଳବାସୀଙ୍କ ପାଇଁ ଏହି ସିନେମା ହଲ୍ ରୋଜଗାରର ମାଧ୍ୟମ ପାଲଟିଥିଲା । କିନ୍ତୁ ଏହା ବେଶୀଦିନ ତିଷ୍ଠି ପାରିଲା ନାହିଁ । କେତେକ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଧୀରେଧୀରେ ବ୍ୟବସାୟିକ ମାନ୍ଦା ପରିସ୍ଥିତି ଲାଗିଲା । ସମସ୍ତ ଜିନିଷ ପତ୍ର, ମେସିନ୍, ଚେୟାର, ଅନ୍ୟତ୍ର ବିକ୍ରି ହୋଇଗଲା । ହଲ୍ ଖାଲିଥିବା ଦେଖି ଏକ ଘରୋଇ ଟେଲିଭିଜନ କର୍ତ୍ତୃପକ୍ଷ ଏହାକୁ ଭଡ଼ାରେ ନେଇ ସେଠାରେ ଷ୍ଟୁଡିଓ ଚଲାଇଲେ । ପରବର୍ତ୍ତୀ ସମୟରେ ଅବସ୍ଥାରେ କିଛି ମଦ କମ୍ପାନୀ ଭଡ଼ାରେ ନେଇ ସେଠାରେ ମଦ ଗୋଦାମ କରିଥିଲେ । ସେମାନେ ବି କିଛି ଦିନ ପରେ ଭୁବନେଶ୍ୱରକୁ ଗୋଦାମ ନେଇଗଲେ । ହୁଏ ତ ଶ୍ୟାମା ଟକିଜ୍ ତାର ଅସ୍ତିତ୍ୱ ହରାଇଛି ହେଲେ ଏବେ ବି ବହୁ ପୁରୁଣା କଳାପ୍ରେମୀ ଓ ସିନେପ୍ରେମୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛି ଶ୍ୟାମା ଟକିଜ୍ ।

---

**ଗୋଟିଏ ଗୋଡ଼ ଅଚଳ ଆଉ ଗୋଟିଏ ଗୋଡ଼ରେ ସଂଘର୍ଷ କରି ହୋଇଛନ୍ତି ସ୍ୱାବଲମ୍ବୀ । ସଂଘର୍ଷର ଜୀବନ ଭିତରେ ଅଣ୍ଟା ବାନ୍ଧି ସଳଖି ଠିଆ କରିଛି ଛେଳି ପାଳନ । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗ୍ରାମର ବିପିନ ବିହାରୀ ପାଣିଙ୍କ ସଂଘର୍ଷର କାହାଣୀ ।**

## 'ଛେଳି' ଦେଉଛି ରୋଜଗାର





ଅମରେନ୍ଦ୍ର ଦାଶ

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ଗ୍ରାମର ବିଜୟ ପାଣିଙ୍କ ପୁଅ ବିପିନ(୩୪) ଅଷ୍ଟମ ଯାଏ ପାଠ ପଢ଼ିଛନ୍ତି । ପାଠ ପଢ଼ିବା ବନ୍ଦ ହେବା ପରେ ଭବିଷ୍ୟତରେ ଡ୍ରାଇଭର ହେବା ଲକ୍ଷ୍ୟରେ ଗାଡ଼ି ଚଳାଇବା ଶିଖିବା ପାଇଁ ଯାଇଥିଲେ । କିଛିଦିନ ପରେ ଦୁର୍ଘଟଣାର ଶିକାର ହୋଇ ଡାହାଣ ଗୋଡ ଅଚଳ ହୋଇଗଲା । ଧାରକରଜ କରି ମେଡିକାଲରୁ ସୁସ୍ଥ ହୋଇ ଫେରିବା ପରେ ଭାଙ୍ଗିନପଡ଼ି ଗୋଟିଏ ଗୋଡ଼ରେ ଆରମ୍ଭ କରିଥିଲେ ସଂଘର୍ଷର ଜୀବନ । ପ୍ରଥମେ ଦୁଇ ତିନୋଟି ଛେଳି ରଖି ପାଳନ କରିବା ଆରମ୍ଭ କଲେ । ଦିନକୁ ଦିନ ଗୋଟିଏ ଗୋଡରେ ଚାଲିବା ପାଇଁ ସୁଦୃଢ ହେବା ପରେ ଛେଳି ପାଳନରେ ଅଧିକ ମନ ଦେଲେ ଦିନକୁଦିନ ଛେଳି ସଂଖ୍ୟା ମଧ୍ୟ ବଢ଼ିଲେ ବର୍ତ୍ତମାନ ଶହେରୁ ଊର୍ଦ୍ଧ୍ୱ ଛେଳି ରହିଛନ୍ତି । ବଜାରରେ ଖାସି ମାଂସର ଚାହିଦା ରହିଥିବାରୁ ଛେଳି ପାଳନ ଲାଭବାନ ଦେଉଛି । ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ତିନି ଜଣଙ୍କୁ ରୋଜଗାର ମଧ୍ୟ ମଧ୍ୟ ଦେଉଛନ୍ତି । ଆମିଶ ବାରରେ ଭଲ ଖାସି ମାଂସ ପାଇଁ ବିପିନଙ୍କ ପାଖରେ ଗ୍ରାହକମାନଙ୍କର ଭିଡ଼ ଦେଖିବାକୁ ମିଳିଥାଏ । ଭିନ୍ନକ୍ଷମଙ୍କ ପାଇଁ ଉଦାହରଣ ପାଲଟିଥିବା ବିପିନଙ୍କୁ ସରକାରଙ୍କ ପକ୍ଷରୁ ଛେଳି ପାଳନର ତାଲିମ୍ ସହ ସହାୟତା ରାଶି ଯୋଗାଇ ଦେଲେ ଆହୁରି ଛେଳି ପାଳନକୁ ସୁଦୃଢ଼ କରିବା ପାଇଁ ଆଶା ବାନ୍ଧିଛନ୍ତି ।

---

### ମହିଳା ସରପଞ୍ଚଙ୍କ ହାତରେ

## ସଚେତନତାର ଡୋରୀ



ଅଭିଲାଷ ହୋତା

**ପଞ୍ଚାୟତରେ ଥିବା ପ୍ରସୂତି ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାଜନକ ରହୁଥିଲା । ୨୦୨୩ ଅଗଷ୍ଟ ମାସର ଆଇସିଡିଏସ୍ ରିପୋର୍ଟ ଅନୁସାରେ ୩୯ ଜଣ ପ୍ରସୂତି ଓ ଗର୍ଭବତୀଙ୍କ ମଧ୍ୟରୁ ୬ ଜଣ ମହିଳା ହଳଦିଆ ଜୋନ ଓ ୬ ଜଣ ମହିଳା ଲାଲ ଜୋନରେ ରହିଥିଲେ । ସୁଷମ ଓ ପୁଷ୍ଟିକର ଖାଦ୍ୟର ଅଭାବ ଯୋଗୁ ଏହି ମହିଳାମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଥିଲା । ଯାହାକୁ ସୁଧାରିବା ପାଇଁ ନିଜେ ସରପଞ୍ଚ ସୁନିତା ସାହୁ ଅଣ୍ଟା ଭିଡିଥିଲେ ।**





ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଝରଣୀପାଲି ସରପଞ୍ଚ ଭାବେ ସୁନୀତା ସାହୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିଲେ । ସେ ନିର୍ବାଚିତ ହେବା ପରେ ପରେ ହିଁ ଶିଶୁ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଆଜାଦୀ କା ଅମୃତ ମହୋତ୍ସବ ସମୟରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ କିଚେନ ଗାର୍ଡେନ କିଟ୍ ପଞ୍ଚାୟତ ତରଫରୁ ପ୍ରଦାନ କରାଯାଇଥିଲା । ଏହି କିଟ୍‌ରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଉଥିବା ଗଛ ବିହନ ପ୍ରଦାନ କରାଯାଇଥିଲା । ଯାହାକୁ ସେମାନେ ଲଗାଇ ସେଥିରୁ ଅମଳ ହେଉଥିବା ପନିପରିବାକୁ ଖାଇବେ । ସୁଷମ ଓ ପୁଷ୍ଟିକର ଖାଦ୍ୟର ଅଭାବ ଯୋଗୁ ମହିଳାମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା । ଯାହାକୁ ସୁଧାରିବା ପାଇଁ ସରପଞ୍ଚ ଶ୍ରୀମତି ସାହୁ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ଅବସରରେ ୩୯ ଜଣ ମହିଳା ଓ ୧୨ଟି ଅଙ୍ଗନବାଡ଼ି କେନ୍ଦ୍ରକୁ କିଚେନ ଗାର୍ଡେନ କିଟ୍ ପ୍ରଦାନ କରିଥିଲେ । ଏଥିପାଇଁ ସିଏଫସି ପାଣ୍ଠିରୁ ମାତ୍ର ୧୬ ହଜାର ୫ଶହ ଟଙ୍କା ଖର୍ଚ୍ଚ କରିଥିଲେ । ଏହାର ତିନି ମାସ ପରେ ଆଇସିଡିଏସ୍ ରିପୋର୍ଟ ଅନୁସାରେ ସମ୍ପୃକ୍ତ ମହିଳାଙ୍କ ମଧ୍ୟରୁ କେବଳ ଦୁଇ ଜଣ ହଳଦିଆ ଜୋନରେ ରହିଥିବା ଜଣାପଡ଼ିଛି । ଉକ୍ତ ପଞ୍ଚାୟତରେ ଥିବା ଝରନୀପାଲି, ଆଡେନଡୁଙ୍ଗୁରୀ, ଚୁଙ୍ଗିଦାଦର, କୁଦୋପାଲି, ପଣ୍ଡକିଟାଲ, ଆମଝରନ, ସାଲେଡୁଙ୍ଗୁରୀ, କେନ୍ଦୁମୁଣ୍ଡି, ପଥରମୁଣ୍ଡା ଓ ପୋଢମୁଣ୍ଡ ଗାଁରୁ ପ୍ରାୟ ୧୫ ଜଣ ମହିଳାଙ୍କୁ ଚୟନ କରାଯାଇଥିଲା । ସେମାନଙ୍କୁ ପଞ୍ଚାୟତ ପାଣ୍ଠିରୁ ପ୍ରାୟ ଲକ୍ଷେ ଟଙ୍କା ବିନିଯୋଗରେ ୧୫ଟି ସିଲେଇ ମେସିନ୍ ପ୍ରଦାନ କରିଛନ୍ତି । ଏହା ସହ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ସିଲେଇ ତାଲିମ ମଧ୍ୟ ପ୍ରଦାନ କରାଯିବ ବୋଲି ସରପଞ୍ଚ କହିଛନ୍ତି ।

---





ବିଶ୍ୱମ୍ବର ଦାସ

**ଘରେ ପ୍ରସ୍ତୁତ ହୋଇପାରୁଥିବା ଜୁସକୁ ନାମୀଦାମୀ ଡାକ୍ତରଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀର ଲୋକେ ସେବନ କରି ବହୁ ଜଟିଳ ରୋଗରୁ ଉପଶମ ପାଇ ପାରୁଛନ୍ତି । ଗୋଟିଏ ଶତାବ୍ଦୀ ପରେ ଏଭଳି ଏକ ସଞ୍ଜୀବନୀକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବର୍ତ୍ତମାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଆୟୁର୍ବେଦ ନିଦାନ ବିଭାଗ ପକ୍ଷରୁ ଏହା ଉପରେ ଗବେଷଣା ଆରମ୍ଭ କରିଥିବା ଜଣାପଡ଼ିଛି ।**

## ଘରେ ଘରେ ସଞ୍ଜୀବନୀ



ଭାରତରେ ପ୍ରତ୍ୟେକ ଦିନ ହୃଦଘାତ, କିଡନୀ ଜନିତ ରୋଗ, ଗ୍ୟାସ ଓ ଫୁସଫୁସ ଜନିତ ଭଳି ଜଟିଳ ରୋଗରେ ପୀଡିତ ହୋଇ ଲକ୍ଷ ଲକ୍ଷ ଲୋକେ ମୃତ୍ୟୁବରଣ କରୁଛନ୍ତି । ଆମ ଦେଶରେ ମଧୁମେହ (ଡାଇବେଟିସ) ରୋଗୀଙ୍କ ସଂଖ୍ୟା ସମଗ୍ର ବିଶ୍ୱରେ ଅଧିକ ବୋଲି ବିଭିନ୍ନ ସର୍ଭେରୁ ଜଣାପଡ଼ିଛି । ଏହି ସମୟରେ ତତ୍କାଳୀନ ଗାଁ ବୈଦ୍ୟମାନଙ୍କ ଦ୍ୱାରା ହାତ ପାଆନ୍ତାରେ ମିଳୁଥିବା ଗୁଳ୍ମ ଲତା ଭଳି ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏକ ପ୍ରକାରର ହର୍ବାଲ ଜୁସ ସେବନ ଦ୍ୱାରା ଉପରୋକ୍ତ ସମସ୍ତ ଜଟିଳ ରୋଗର ଚିକିତ୍ସା ସରଳ ହୋଇପାରୁଛି । ଏପରିକି ତ୍ରିଲୋକ୍ୟ ଡିଟକ୍ସ ନାମରେ ପରିଚିତ ଏହି ଜୁସକୁ ଏବେ ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ଲୋକେ ଆପଣାଇ ଥିବା ଜଣାପଡ଼ିଛି । ଏହି ତ୍ରିଲୋକ୍ୟ ଡିଟକ୍ସ ଜୁସ କଣ ଏହା କେଉଁଥିରୁ ପ୍ରସ୍ତୁତ ହେଉଛି ସେ ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ ଅଟେ । ଆଜକୁ ୧୩୫ ବର୍ଷ ପୂର୍ବରୁ ଯେତେବେଳେ ଚିକିତ୍ସା ବିଜ୍ଞାନ ଅଧିକ ବିକଶିତ ହୋଇ ନଥିଲା, ଗାଁ ଗହଳି ମଧ୍ୟରେ କୌଣସି ଡିଗ୍ରୀ ଧାରୀ ଡାକ୍ତର ନ ଥିଲେ କିମ୍ବା ଏଲୋପ୍ୟାଥି ଔଷଧର ପ୍ରଚଳନ ହୋଇ ନଥିଲା, ସେତେବେଳେ ଗାଁ ବୈଦ୍ୟ ମାନେ ପ୍ରକୃତିଦତ୍ତ ବଣ ଜଙ୍ଗଲରୁ ମିଳୁଥିବା ଗୁଳ୍ମ, ଲତା, ତଥା ଜଡି ବୁଟିକୁ ଭାଗ ମାପ କରି ରୋଗରେ ପୀଡିତ ବ୍ୟକ୍ତିଙ୍କୁ ଔଷଧ ହିସାବରେ ବ୍ୟବହାର କରିବାକୁ ଦେଉଥିଲେ । ଏବଂ ସେହି ଔଷଧ ଖାଇ ମଧ୍ୟ ଲୋକେ ରୋଗରୁ ଉପଶମ ପାଉଥିଲେ । ସେହିଭଳି ଜଣେ ବୈଦ୍ୟ ଥିଲେ ବାଲେଶ୍ୱର ଜିଲ୍ଲାର ଉପାନ୍ତ ଭୋଗରାଇ ବ୍ଲକ ତଲାଡ଼ି ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦୁର୍ଗା ଦାସଙ୍କ ପିତା ତ୍ରିଲୋକ୍ୟ ନାଥ ଦାସ । ଏତଦ ଅଞ୍ଚଳରେ ସେ ଥିଲେ ଜଣେ ଜଣାଶୁଣା ବୈଦ୍ୟ । ସେ ବାଡ଼ି ବଗିଚାରୁ ମିଳୁଥିବା ଅଁଳା, ଗାଜର, ବିଟ, ପାଣି କଖାରୁ, କଞ୍ଚା ହଳଦୀ, କାକୁଡ଼ି, ପାନପାତ୍ର, ଲେମ୍ବୁ, ମହୁ, ଗୋଲ ମରିଚ, ଅଦା, ଜିରା ସହିତ ସୈନ୍ଧବ ଲବଣ ଦ୍ୱାରା ପ୍ରସ୍ତୁତ କରୁଥିଲେ ଜୁସ । ସେହି ଜୁସକୁ ବିଭିନ୍ନ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଦେଇ ରୋଗ୍ୟରୁ ମୁକ୍ତି କରାଇ ପାରୁଥିଲେ । ଏକ ଶତାବ୍ଦୀ ପରେ ଦୁର୍ଗା ଦାସ ଫାଉଣ୍ଡେସନ ପକ୍ଷରୁ ସମାଜସେବୀ ଜୟଦେବ ଦାସ ହର୍ବାଲ ଜୁସର ଫର୍ମୁଲା ମାନବ ସମାଜ କଲ୍ୟାଣରେ ବ୍ୟବହାର ହେଉ, ତେଣୁ ଆଜି ଏହାକୁ ଲୋକ ଲୋଚନକୁ ଆଣିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଶ୍ରୀ ଦାସ ଆସାମ ଗୌହାଟୀରେ ଥାଇ ପଶ୍ଚିମବଙ୍ଗ, ଆସାମ, ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟ ତଥା ବିଦେଶରେ ଥିବା ଡାକ୍ତରଙ୍କ ଠାରୁ ଆରମ୍ଭ କରି ବହୁ ବୁଦ୍ଧିଜୀବୀ ବ୍ୟକ୍ତି ବିଶେଷଙ୍କ ସହିତ ଅନଲାଇନ ଭିଡିଓ କନଫରେନ୍ସି ଜରିଆରେ ଯୋଗାଯୋଗ କରି ଏହି ଡିଟକ୍ସ ଜୁସ ସମ୍ପର୍କରେ ସଚେତନ କରିବା ସହ ବ୍ୟବହାର କରିବାକୁ ପ୍ରବର୍ତ୍ତାଉଛନ୍ତି । ଏଥିରେ ସେ ପ୍ରାୟ ୩ ହଜାର ବ୍ୟକ୍ତି ବିଶେଷ ଯୋଡ଼ି ହୋଇଥିବା ବେଳେ ନିଜ ବାଡ଼ି ବଗିଚାରୁ ତଥା ବଜାରରୁ ଏହି ଜୁସ ତିଆରି ପାଇଁ ଆବଶ୍ୟକ ହେଉଥିବା ଦ୍ରବ୍ୟ କିଣି ଘରେ ତାହାକୁ ପ୍ରସ୍ତୁତ କରି ପାନ କରି ସୁଫଳ ପାଇ ସାରିଲେଣି । ଅପରପକ୍ଷରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଆୟୁର୍ବେଦ ନିଦାନ ବିଭାଗର ମୁଖ୍ୟ ଥିବା ଭୋଗରାଇ ଅଞ୍ଚଳର ପ୍ରଫେସର ଅନୁକୂଳ ଚନ୍ଦ୍ର କର ଏବଂ ପ୍ରଫେସର ଦେବବ୍ରତ ଦାସ, ବାୟୋକେମିଷ୍ଟ୍ରି, ଆୟୁର୍ବେଦ ନିଦାନ ପୂର୍ବ ମୁଖ୍ୟ ଏହି ତ୍ରୈଲୋକ୍ୟ ଡିଟକ୍ସ ଜୁସ ଉପରେ ଗବେଷଣା ଆରମ୍ଭ କରିଛନ୍ତି । ପ୍ରଫେସର ଶ୍ରୀ କର କହିବା ଅନୁଯାୟୀ ଏହି ଜୁସ ଏକ ପ୍ରାକୃତିକ ଉପଚାର । ଏଥିରେ ବ୍ୟବହାର ହେଉଥିବା ପ୍ରତିଟି ଉପାଦାନରେ ପ୍ରାକୃତିକ ଭିଟାମିନ, ମିନେରାଲସ ତଥା ଆଣ୍ଟି ଅକ୍ସିଡେଣ୍ଟ ଭରପୁର ଭାବେ ରହିଛି । ତେଣୁ ମାନବଶରୀରରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇପାରିବ । ତେବେ ଏହାକୁ ପରୀକ୍ଷଣ ପାଇଁ ଲାବୋଟୋରୀକୁ ପଠାଯାଇଛି ବୋଲି କହିଛନ୍ତି ।

# ଏନଟିପିସିର ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ ଲୋକାର୍ପିତ

**ସୁନ୍ଦରଗଡ଼, ୩।୨(ସମିସ)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶନିବାର ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଏନଟିପିସିର ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ ଲୋକାର୍ପିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ସମ୍ବଲପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆଭାସୀ ମାଧ୍ୟମରେ ୨୮.୯୭୮ କୋଟି ଟଙ୍କା ବିନିଯୋଗରେ ହୋଇଥିବା ଏହି ପାୱାର ଷ୍ଟେସନ (୨-୮୦୦ ମେଗାୱାଟ) ସମେତ ଏନ୍ଏସପିସିଏଲ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପ (୧-୨୫୦ ମେଗାୱାଟ)କୁ ଲୋକାର୍ପଣ କରିଛନ୍ତି। ସେହିପରି ଏନଟିପିସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ-୩ (୨-୬୬୦ ମେଗାୱାଟର ଶିଳାନ୍ୟାସ କରିଛନ୍ତି। ଦର୍ଲିପାଲି ଏସଟିପିଏସ ହେଉଛି ସୁପରକ୍ରିଟିକାଲ (ଅତି ପ୍ରଭାବଶାଳୀ) ପ୍ରଯୁକ୍ତି ଥିବା ଏହି ପିଟ ହେଡ୍ ପାୱାର ଷ୍ଟେସନ। ଏହା ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଗୁଜରାଟ ଓ ସିକିମ ଭଳି ହିତାଧିକାରୀ ରାଜ୍ୟଗୁଡ଼ିକୁ ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ ଯୋଗାଉଛି। ଏହି ଅବସରରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମଶୀଳତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ, ସଞ୍ଚାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ବିଜ୍ଞାନ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଜନଜାତି ବ୍ୟାପାର ଏବଂ ଜଳ ଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ନୀତେଶ ଗଙ୍ଗଦେବ, ବିଧାୟକ ନାଉରୀ ନାୟକ ଓ ଏନଟିପିସିର ସିଏମ୍‌ଡି ଗୁରୁଦୀପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ସାଇକଲ ଆରୋହୀ ଗୁରୁତର





**କୁତ୍ରା, ୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଝାରବେଡ଼ାଠାରେ ଏକ ପିକଅପ ଭ୍ୟାନ ଧକ୍କାରେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ୧ଟାରେ କୁତ୍ରା ପଟୁ ଏକ ପିକଅପ ଭ୍ୟାନ ଧାନ ନେଇ କୁନମୁରୁ ମିଲ୍‌କୁ ଯାଉଥିଲା। ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟ ସମ୍ମୁଖରେ ଏକ ସାଇକଲ ପିକ୍‌ଅପ୍ ଭ୍ୟାନ୍ ସାମ୍ନାକୁ ଆସିଯିବାରୁ ସାଇକଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ପିକ୍‌ଅପ୍ ଡ୍ରାଇଭର ଗାଡ଼ି ଉପରୁ ଭାରସାମ୍ୟ ହରାଇଥିଲେ। ଫଳରେ ପିକଅପ୍ ଭ୍ୟାନ୍ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। କିନ୍ତୁ ପିକଅପ ସାଇକଲକୁ ଧକ୍କାଦେବା ଫଳରେ ଆରୋହୀ ଯୁବକ ଜଣକ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଡାକ୍ତରଖାନା ପଠାଇଛନ୍ତି।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ସୁନ୍ଦରଗଡ଼, ୩।୨(ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାୟୋଜିତ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଉଦ୍‌ଯାପିତ ହୋଇଛି। ଗତବର୍ଷ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀମାନେ ପ୍ରବନ୍ଧ ଲିଖନ, କବିତା ଆବୃତି, ପ୍ରଶ୍ନମଞ୍ଚ, ଚିତ୍ରାଙ୍କନ, ଓଡ଼ିଆ ଶବ୍ଦ ଖେଳ ଆଦି ପ୍ରତିଯୋଗିତାରେ ଉତ୍ସାହ ସହ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଆ ଅଧ୍ୟାପକ ଦେବେନ୍ଦ୍ରନାଥ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ



**ବାଲିଶଙ୍କରା, ୩।୨(ସମିସ):** ବାଲିଶଙ୍କରା ସେଣ୍ଟ ଜନ ବସ୍କୋ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ବାଲିଶଙ୍କରା ବିଇଓ ସରୋଜଲକ୍ଷ୍ମୀ ନାଏକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷା ଗ୍ରହଣ ସାଙ୍ଗକୁ ଉତ୍ତମ ଚରିତ୍ର ଗଠନ ପାଇଁ ସେ ପରାମର୍ଶ ଦେଇଥିଲେ। ଲିଓ ଭାଲେରିଆସ ଲାକଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମାତୃଭାଷା ସାଙ୍ଗକୁ ଜାତୀୟ ତଥା ଅନ୍ତର୍ଜାତୀୟ ଯୋଗାଯୋଗ କ୍ଷେତ୍ର ପାଇଁ ଆବଶ୍ୟକ ଇଂରାଜୀ ଭାଷାରେ ନିପୁଣ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସୁଗ୍ରୀବ ବାଘ, ବିଦ୍ୟାଳୟ ସଭାପତି ଯାଲୁ କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ଆଶୋକ ଖାଲଖୋ ଓ ଅଧ୍ୟକ୍ଷ ବିଜୟ କୁମାର ଏକ୍କା ଏଥିରେ ଅଧ୍ୟକ୍ଷତା କରିବା ସହିତ ଜନ ବସ୍କୋ ଇଂଲିଶ ମିଡିୟମ ସ୍କୁଲର ଶିକ୍ଷାଦାନ ପଦ୍ଧତି ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଏକ୍କା ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ 'ବିଭିନ୍ନତା ମଧ୍ୟରେ ଏକତା' ଶୀର୍ଷକ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡୁଙ୍ଗାଯୋରରେ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ

**ସୁନ୍ଦରଗଡ଼, ୩।୨(ସମିସ):** ସବଡେଗା ବ୍ଲକ ଡୁଙ୍ଗାଯୋରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଇଓ କାଦମ୍ବିନୀ ମିଶିର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଷା ପ୍ରତି ପିଲାଙ୍କ ଆଗ୍ରହକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ଆର୍‌ଥିକ ପରାମର୍ଶଦାତା ରାଜେନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀବତ୍ସ ଚୌଧୁରୀ, ଏବିଇଓ ବେଦବ୍ୟାସ ପଟେଲ, ସରପଞ୍ଚ ରବି କୁଜୁର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ, କେନ୍ଦ୍ର ସାଧନ କର୍ମୀ ସୁସ୍ମିତ୍ ପଟେଲ ପ୍ରମୁଖ ଯୋଗଦେଇଥିଲେ।



ଛାତ୍ରଛାତ୍ରୀମାନେ କୁଇଜ୍, ପ୍ରାଚୀରପତ୍ର, ଚିତ୍ରାଙ୍କନ, ଅକ୍ଷର ଶିକ୍ଷା, କବି ଓ ଲେଖକ ପରିଚୟ, ଗଳ୍ପ ଲିଖନ ଓ ମୋ ଭାଷାରେ ମୋ ଦସ୍ତଖତ ଭଳି ବିଭିନ୍ନ ବିଭାଗରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅରୁଣା ପଟେଲ ଧନ୍ୟବାଦ ଦେଇଥିଲେ। ସ୍ନେହଲତା ନାଏକ, ବ୍ରଜମୋହନ ରଣା, ଧନେଶ୍ୱର କେରକେଟା ପ୍ରମୁଖ ସହଯୋଗ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

## ■ ଭେଡ଼ାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




**ସୁନ୍ଦରଗଡ଼, ୩।୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକର ଭେଡ଼ାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ବିଜୟ କୁମାର ସାହୁ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ମନୋବଳ ଉଚ୍ଚ କରି ସାହସୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଶୋକ ବରାଇ ତାଲିମ ଗ୍ରହଣ ପରେ ଆତ୍ମସୁରକ୍ଷା କୌଶଳକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସଂଯୋଜିକା ଅଧ୍ୟାପିକା ବନିତା ସାହୁ, ଅଧ୍ୟାପିକା ରଞ୍ଜିତା ଶର୍ମା, ଲିନା କୁମାରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ବିଭାଗ ମୁଖ୍ୟ ରୀନା ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଭାସିନୀ ଗର୍ଡ଼ିଆ ଶିବିର ପରିଚାଳନା କରିଥିଲେ।

## ■ ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଇ ମାନସିକ ଓ ଶାରୀରିକ ସ୍ତରରେ ସକ୍ଷମ ହେବାକୁ ଦିଗଦର୍ଶନ ଦେଇଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ନୂତନ ଖମାରୀ ଆତ୍ମସୁରକ୍ଷା ତାଲିମର ଇତିହାସ ଏବଂ ବର୍ତ୍ତମାନ ସମୟରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଧାନାଥ ମିଶ୍ର ଆତ୍ମସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ସୌଦାମିନୀ ଭୈଷାଲ, ଅଧ୍ୟାପକ ଅମ୍ରିତ କେରକେଟା, ଅରୁଣ କୁମାର ମେହେର ସହଯୋଗ କରିଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଅଧ୍ୟାପିକା ପ୍ରଜ୍ଞାପାରମିତା ଦାସ ଏହାକୁ ସଂଯୋଜନା କରିଥିବା ବେଳେ ପ୍ରଶିକ୍ଷିକା ପ୍ରଭାସିନୀ ଗାର୍ଡିଆ ୮ ଦିନ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ।



# ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା ଶିବିର



**ସୁନ୍ଦରଗଡ଼, ୩।୨(ସମିସ):** ଲେଫ୍ରିପଡ଼ା ବ୍ଲକରେ ସର୍ଗିପାଲି ପଞ୍ଚାୟତରୁ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଯୋଜନାରେ ରହିଥିବା ସୁବିଧାସୁଯୋଗ ହାତଛଡ଼ା ନ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓ ଆତସୀ ପରିଡ଼ା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୃଷଭାନୁ ଭୋଇ, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜଗଦୀଶ ଦେହୁରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶିଲା ଡୁଙ୍ଗଡୁଙ୍ଗ, ସମବାୟ ବ୍ୟାଙ୍କ ସର୍ଗିପାଲି ଶାଖା ପରିଚାଳକ ରୋହିତ କୁମାର ପଟେଲ, ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ନାଏକ, ଜିପିଇଓ ଲିଟୁନ ମହାନନ୍ଦିଆ, ଏଏଫ୍‌ଓ ଜ୍ୟୋତିର୍ମୟୀ ଦାସ, ଏଏଓ ସସ୍ମିତା ମୁର୍ମୁଙ୍କ ସମେତ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ କର୍ମକର୍ତ୍ତା ଓ ମିଶନ ଶକ୍ତି କର୍ମକର୍ତ୍ତା ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ମହାନନ୍ଦିଆ ଶିବିର ପରିଚାଳନା କରିଥିଲେ।



## ଓଏଭିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ସୁନ୍ଦରଗଡ଼, ୩।୨(ସମିସ):** ଲେଫ୍ରିପଡ଼ା ବ୍ଲକ ଛଟେନପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ନିମାଇଁ ପିଙ୍ଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ଷଷ୍ଠରୁ ନବମ ଶ୍ରେଣୀର ୮୬ ଛାତ୍ରଛାତ୍ରୀ ୩୦ଟି ବିଭାଗରେ ଅଂଶଗ୍ରହଣ କରି ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଚାମ୍ପିଅନ ହୋଇଛନ୍ତି। ଇଂରାଜୀ ଶିକ୍ଷକ ସମୀର କଚରିଆ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ହେମଗିରି, ୩।୨(ସମିସ):** ହେମଗିରି ବ୍ଲକ କନିକା ଏବଂ ତିଳିଆ ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ, ଯୁବ ବିଜେଡି ସଭାପତି କଳକାହ୍ନୁ ମେହେରଙ୍କ ସମେତ ବହୁ ଦଳୀୟ କର୍ମୀ ତଥା ଜନସାଧାରଣ ଉପସ୍ଥିତ ଥିଲେ।

## ■ ବନଡେଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବନଡେଗାକୁ ହରାଇ ରତନପୁର ଚାମ୍ପିଅନ

**ବାଲିଶଙ୍କରା, ୩।୨(ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବନଡେଗା ଖେଳପଡ଼ିଆରେ ପାଞ୍ଚଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲରେ ଆୟୋଜକ ବନଡେଗା ଦଳକୁ ହରାଇ ରତନପୁର ଦଳ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ମହମ୍ମଦ ହାରୁନ୍ ରସିଦ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବନଡେଗା ସମିତି ସଭ୍ୟ ବିନୟ ସାଏ, ଲୁଲୁକିଡିହି ସମିତି ସଭ୍ୟା ସିଆପତି ମୁଣ୍ଡ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ।



ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଖ ସେହେବାଜ୍ ଆଲମ୍, କାସିଦ୍ ହୁସେନ, ନାହିଦ ହୁସେନ, ଏମଡି ନସିବ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏମଡି ଜାବେଦ ଓ ଏମଡି ଆଜାଦ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଅର୍ଜୁନ ମହାକୁଳ ଧାରାବିବରଣୀ ପ୍ରଦାନ କରିଥିଲେ।

## କୃମିନାଶକ ବଟିକା ପ୍ରଦାନ ପାଇଁ ତାଲିମ ଶିବିର



**ହେମଗିରି, ୩।୨(ସମିସ):** ଫେବୃଆରୀ ୧୦ ତାରିଖରେ ହେବାକୁ ଥିବା ଜାତୀୟ କୃମିନାଶକ ଦିବସ ପାଳନ ତଥା କୃମିନାଶକ ବଟିକା ପ୍ରଦାନ ଉପଲକ୍ଷେ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ହେମଗିରି ବ୍ଲକ ଲୁଆବାହାଲ ହାଇସ୍କୁଲ ଏବଂ ହେମଗିରି ହାଇସ୍କୁଲଠାରେ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ୧୦ ତାରିଖରେ ୧୦ରୁ ୧୯ ବର୍ଷ ବୟସ୍କ ସମସ୍ତ ପିଲାଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯିବ। ଏହି ବଟିକା କିପରି ଓ କାହାକୁ ଖୁଆଇବେ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଯଦି କୌଣସି ପିଲା କିଛି କାରଣରୁ ଖାଇ ନ ଥିବେ ସେମାନେ ୧୭ ତାରିଖରେ ଏହି ବଟିକା ଖାଇବେ। ହେମଗିରି ହାଇସ୍କୁଲରେ ଡା. ଦୀପକ ପଟେଲ ଓ ପୂର୍ଣ୍ଣ ନାଏକ ଏବଂ ଲୁଆବାହାଲ ହାଇସ୍କୁଲରେ ପିଏଚଓ ସୁରେନ୍ଦ୍ର ପଶାୟତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ'

**ବାଲିଶଙ୍କରା, ୩।୨(ସମିସ)**



ବାଲିଶଙ୍କରା ବ୍ଲକ ବାଲିଶଙ୍କରା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିସରରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଭଲ ମଣିଷ ହେବା ଏବଂ ଶୃଙ୍ଖଳା ଓ ସଂଯମତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି କହିଥିଲେ। ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ପଟେଲ ଏଥିରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ଶିକ୍ଷକ ସୂରଜ କୁମାର ପଟେଲ ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଶିକ୍ଷାଧିକାରୀ ସରୋଜଲକ୍ଷ୍ମୀ ନାଏକ, ବିରକାଲଡିହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳାଚାନ୍ଦ ପଟେଲ, ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ଶିକ୍ଷକ ଶେଷଦେବ ନନ୍ଦ, ଡୁଡ଼ାଲଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବାବୁଲାଲ ପଟେଲ, ତିଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପଟେଲ, ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶି ବାଦୀ, ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକ, ରାଉଳଡେଗା ସେବାଶ୍ରମ ପ୍ରଧାନଶିକ୍ଷକ ଶିକାନ୍ତ ପଟେଲ, ଅଧ୍ୟାପକ ବିମଳ ନାଏକ, ଅଧ୍ୟାପିକା ମଞ୍ଜୁଲତା ପଟେଲ, ଅଧ୍ୟାପକ ସରୋଜ କୁମାର ବେହେରା, ମଳୟ ରଞ୍ଜନ ସାମଲ, ବିମଲ ନାଏକ, ରାକେଶ ରୋଶନ ବାର୍ଲା, ରାଜେନ୍ଦ୍ର କୁମାର ନାଏକ, ଦୀପାଞ୍ଜଳି ଓରାମ, ଅହଲ୍ୟା ପଟେଲ, ସରବାହାଲ କ୍ଲଷ୍ଟର ସିଆରସିସି ରତ୍ନାକର ଖଡ଼ିଆ ପ୍ରମୁଖ ଯୋଗଦେଇ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାପାମାଆଙ୍କ କଥାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀଙ୍କୁ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯାଇଥିଲା। ଶିକ୍ଷକ ସୂରଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ



**ରାଜନଗର, ୩।୨(ସମିସ):** ରାଜନଗର ବ୍ଲକ କୁରୁଣ୍ଡି ପଞ୍ଚାୟତ ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ ଅନାଦି ଚରଣ ଜେନା ମୁଖ୍ୟବକ୍ତା ଓ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ତଥା ଓଡିଶା ସରକାରଙ୍କ ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ଜଗନ୍ନାଥାଷ୍ଟକ ପାଠ କରିଥିବାବେଳେ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପାଲ ଅତିଥି ପରିଚୟ ପ୍ରଦାନ, ସଂଯୋଜିକା ଭଗବତୀ ରାଉତ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ପଞ୍ଚୁପାଣ୍ଡବ,୩।୨ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ୧୯୭୬ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅନାମ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ନଙ୍ଗୁଳି ମଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦ ଚରଣ ମଲିକ, କୁଞ୍ଜବିହାରୀ ମଲିକ, ବାସନ୍ତୀଲତା ଦାସ, ରେଖାରାଣୀ କର, ରମାକାନ୍ତ ମଲିକ, ପରୀକ୍ଷିତ ମଲିକ, ବାବୁଲି ନାୟକ, ଦାଶରଥି ଦାଶ ଓ ଅନ୍ୟସାଥୀ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ




**ରଘୁନାଥପୁର, ୩।୨(ସମିସ):** ମଣିଜଙ୍ଗ ଗ୍ରାମର ଉତ୍ତରକୂଳ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ଚୌଧୁରୀ (୭୪)ଙ୍କ ତାଙ୍କ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଚୌଧୁରୀ ଉତ୍ତରକୂଳସ୍ଥ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ଚିତ୍ରୋତ୍ପଳା ନଦୀ ଘାଟରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁତ୍ର ଶ୍ରଦ୍ଧାରଞ୍ଜନ ମୁଖାଗ୍ନି ଦେଇଥିଲେ।

## ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ




**ଡେରାବିଶ, ୩।୨ (ସମିସ):** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ରତ୍ନମଣି ମିଶ୍ର ସଭାପତିତ୍ୱରେ ଆୟୋଜିତ ସଭାରେ ଡେରାବିଶ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଧନେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ଭାବେ ମୋନାଲିସା ନାୟକ ଓ ସୌଦାମିନୀ ପାଗଳ ୧୧୩ରୁ ଅଧିକ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳର କେତୋଟି କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପିକା ଚିନ୍ମୟୀ ପଣ୍ଡା ବିବରଣୀ ପାଠ କରିଥିଲେ। ଅଧ୍ୟାପିକା କନକଲତା ନାୟକ, ପୁଷ୍ପିତା ରାଉତ, ମିନତୀପ୍ରଭା ବିହାରୀ, କାନ୍ତିମୟୀ ପଣ୍ଡା, ଜ୍ୟୋତ୍ସ୍ନାମୟୀ ଶତପଥୀ ଓ ଦିଲ୍ଲୀପ କୁମାର ସାହୁ, ସସ୍ମିତା ଦାସ, ଅରକ୍ଷିତ ଦାସଙ୍କ ସମେତ ଅଣଶିକ୍ଷକ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ। ଶ୍ରୀନିବାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଆଣ୍ଡବି ରାସ୍ତା ଖାଲରେ ପଡ଼ିଲା ପଥର ଓ ବାଲି

ଡେରାବିଶ, ୩।୨ (ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଖରିଦାସାହି ଛକଠାରୁ ଦାନପୁର ଲୁଣାନଦୀ ସେତୁଯାଏ ତିନିକିଲୋମିଟର ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ସଦାସର୍ବଦା ହାଇୱା ଭଳି ଭାରୀଯାନ ବାଲି ପରିବହନ କରୁଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ

### ଦ୍ୱିଗୁଣିତ ହେଲା ଦୁଃଖ

ପଞ୍ଚାୟତବାସୀଙ୍କର ଏହା ମୁଖ୍ୟ ରାସ୍ତା ଅଟେ। ଆରଆଣ୍ଡବି ବିଭାଗ ଅଧୀନରେ ଥିବା ଏହି ରାସ୍ତାଟିକୁ ବିଭାଗ ପକ୍ଷରୁ ବର୍ଷକୁ ଥରେ ନିର୍ମାଣ ଓ ଦୁଇଥର ମରାମତି କରାଯିବା କାର୍ଯ୍ୟ ଦୀର୍ଘବର୍ଷ ହେବ ହୋଇ ଆସୁଥିଲେବି ରାସ୍ତାର ଭାଗ୍ୟ



ବଦଳୁ ନାହିଁ। ନିର୍ମାଣର ଏକମାସ ପରେ ଓ ମରାମତିର ଏକ ସପ୍ତାହ ପରେ ରାସ୍ତା ତାର ପୂର୍ବବସ୍ଥାକୁ ଫେରି ଆସିଥାଏ। ଗତ ସପ୍ତାହକ ତଳେ ରାସ୍ତାର ଦୂରାବସ୍ଥା ଓ ଭାରୀଯାନ ଚଳଚଳକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ମହିଳାମାନେ ରାସ୍ତାରୋକ କରିଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ଧାରଣାର ପରଦିନ ଆରଆଣ୍ଡବି ବିଭାଗ ଅଧିନରେ ଥିବା ଏହି ରାସ୍ତାର ଖାଲ ଖମା ଉପରେ ଟ୍ରକଦ୍ୱାରା ବଡ଼ ବଡ଼ ପଥର ଖଣ୍ଡ ବିଛାଯାଇ ଏହା ଉପରେ ବାଲି ପକାଯାଇଥିବା ଦେଖିବାକୁ ମିଳୁଛି। ଏବେ ଏହି ରାସ୍ତାରେ ଭାରିଯାନ ଯିବା ପାଇଁ ଅସୁବିଧା ହେଉଥିବା ବେଳେ ପଥଚାରୀ ଠାରୁ ଆରମ୍ଭ କରି ସାଇକେଲ ଓ ବାଇକ୍ ଆରୋହୀମାନଙ୍କର ଦୁର୍ଦ୍ଦଶା ଦୁଇଗୁଣିତ ହୋଇଛି। । ତେଣୁ ତୁରନ୍ତ ଏହି ବ୍ୟସ୍ତବହୁଳ ରାସ୍ତାରୁ ବଡ଼ବଡ଼ ପଥର ଗୁଡ଼ିକୁ କାଢି ପିଚୁ କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ | ପୃଥିବୀର ଅସ୍ତିତ୍ୱ ପାଇଁ ଆର୍ଦ୍ରଭୂମି ଗୁରୁତ୍ୱପୂର୍ଣ୍ଣ

**ରାଜନଗର, ୩।୨(ସମିସ):** ପୃଥିବୀର ଅସ୍ତିତ୍ୱ ପାଇଁ ଆର୍ଦ୍ରଭୂମି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଅନେକ ପକ୍ଷୀ ଓ ପ୍ରାଣୀ ଏହା ଉପରେ ନିର୍ଭର କରନ୍ତି। ଆର୍ଦ୍ରଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ। ପ୍ରଦୂଷଣ ଓ ଅତ୍ୟଧିକ ବ୍ୟବହାର ଭଳି ମାନବ କାର୍ଯ୍ୟକଳାପ ଯୋଗୁ ଶୀଘ୍ର ନଷ୍ଟ ହେବାରେ ଲାଗିଛି। ଏହି କ୍ଷୟ ଯୋଗୁ ଜୈବ ବିବିଧତା, ଜଳବାୟୁ ଓ ବିଶ୍ୱର ଅର୍ଥନୀତି ପାଇଁ ଗଭୀର ପ୍ରଭାବ ରହିଛି। ଏହାର ସମାଧାନ ପାଇଁ ଧାରଣା ପରିବର୍ତ୍ତନ କରିବା ଓ ଆର୍ଦ୍ରଭୂମି ସଂରକ୍ଷଣକୁ ପ୍ରାଥମିକତା ଦେବା ଆବଶ୍ୟକ। ବିଶେଷକରି ବିଶ୍ୱ ଆର୍ଦ୍ରଭୂମି ଦିବସରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତରୋପ କରାଯାଉଛି ବୋଲି ରାଜନଗର ବନ ବିଭାଗ ପକ୍ଷରୁ କନିକା ରେଞ୍ଜ କାର୍ଯ୍ୟାଳୟରେ ଆୟୋଜିତ ବିଶ୍ୱ ଆର୍ଦ୍ରଭୂମି ଦିବସରେ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ।



ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଶ୍ୱ ଆର୍ଦ୍ରଭୂମି ଦିବସ ଉତ୍ସବରେ ଏସିଏଫ ଗଗନ ବିହାରୀ ମଲ୍ଲିକ, ଏସିଏଫ ମାନସ କୁମାର ଦାସ, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା, ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ଭିତରକନିକା ଅଞ୍ଚଳରେ ମ୍ୟାନଗ୍ରୁଭ ମିତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ଆର୍ଦ୍ରଭୂମି ସୁରକ୍ଷା ଓ ଲୁଣା ଜଙ୍ଗଲ ପରିସର ବୃଦ୍ଧି କରିବାକୁ ଜମି ଦାନ କରିଥିବା ୩୦ ଜଣଙ୍କୁ ଆଜି ଡ୍ରାଫ୍ଟ ପ୍ରଦାନ କରାଯାଇଥିଲା। ୩୦ ଜଣ ସେମାନଙ୍କ ବ୍ୟକ୍ତିଗତ ୨୩ ଏକର ୩୪ ଡେସିମିଲ ଜମି ଲୁଣା ଜଙ୍ଗଲ ପାଇଁ ଦାନ କରିଛନ୍ତି। ଜମି ମାଲିକଙ୍କୁ ଏକର ପିଛା ୧୦ ହଜାର ଟଙ୍କା ଲେଖାଏଁ ଡ୍ରାଫ୍ଟ ପ୍ରଦାନ କରାଯାଇଥିଲା। ମ୍ୟାନଗ୍ରୁଭ ମିତ୍ର ଦିଲ୍ଲୀପ ମଣ୍ଡଳ, କାର୍ତ୍ତିକ ଚନ୍ଦ୍ର ବେହେରା ସେମାନେ ଭିତରକନିକା ସୁରକ୍ଷାରେ ସାମିଲ ହୋଇ ଆତ୍ମତୃପ୍ତି ପାଇପାରିଥିବା କହିଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ନବୀନ ଚନ୍ଦ୍ର ମଲ୍ଲିକ, ଲକ୍ଷ୍ମୀଧର ବାରିକ, ସୁନୀଲ ରଞ୍ଜନ ରାଉତରାୟ ପ୍ରମୁଖ ପରିଚଳନା କରିଥିଲେ।

## ମିଶନଶକ୍ତିର ବ୍ଲକସ୍ତରୀୟ ଓଡ଼ିଆ କବି ସମ୍ମିଳନୀ



**ଡେରାବିଶ,୩।୨(ସମିସ):** ଡେରାବିଶ ବ୍ଲକ ସଭାକକ୍ଷରେ ବ୍ଲକସ୍ତରୀୟ ମିଶନଶକ୍ତିର ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସିଡିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ଏଚଏପ୍‌ଏସ୍ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଶଶୀଭୂଷଣ ଜେନା ଓ ଡେରାବିଶ କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ ଡକ୍ଟର କିଶୋର ଚନ୍ଦ୍ର ମଲିକ, ବିପିଏମ୍ ହିମାଂଶୁ ଭଦ୍ର, ବିପିସି ବିଜୟଲକ୍ଷ୍ମୀ ବେହେରା, ବ୍ଲକ ମିଶନଶକ୍ତିର ସମ୍ପାଦିକା ମନୋରମା ରାଉତ ଯୋଗ ଦେଇଥିଲେ। ସମ୍ମିଳନୀରେ ୩୦ ଜଣ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## ଆଜାଦ୍ ହିନ୍ଦ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ | ଜେସିସିକୁ ହରାଇ ପାଗା ଚାମ୍ପିଅନ୍

**ପଟ୍ଟାମୁଣ୍ଡାଇ,୩।୨(ସମିସ):** ପଟ୍ଟାମୁଣ୍ଡାଇ ପରେଡ ପଡ଼ିଆରେ ଆଜାଦ ହିନ୍ଦ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୫ତମ ଜିଲ୍ଲାସ୍ତରୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମହମ୍ମଦ ପପୁଙ୍କ ପ୍ରାୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲାର ୧୬ଟି ଦଳ ଭାଗ ନେଇଥିଲେ।



ଫାଇନାଲ ମ୍ୟାଚ୍ ପାଗା କ୍ରିକେଟ କ୍ଲବ ସାଲେପୁର ଓ ପଟ୍ଟାମୁଣ୍ଡାଇ ଜେସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ପାଗା ୭.୪ ଓଭରରେ ୩ ୱିକେଟ ହରାଇ ୮୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସେକ ଜାକିର ହୁସେନଙ୍କ ପୌରେହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟବକ୍ତା, କାଉନସିଲର ସାନିଆ ପରବିନ ସାହେବା, ଯୁବନେତା ମହମ୍ମଦ ପପୁ, ନିରାକାର ସାହୁ, ଅବଦୁଲ ବାରି, ସେକ ସରାଫୁଲ୍ଲା, ସୌରନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ଚାମ୍ପିଅନ ଦଳକୁ ଟ୍ରଫି ସହିତ ନଗଦ ୨୫୦୦୦ ଓ ରନର୍ସଅପ ଦଳକୁ ନଗରପାଳ ଶ୍ରୀ ସାହୁ ଟ୍ରଫି ସହିତ ନଗଦ ୧୫୦୦୦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ସାଲେପୁର ଦଳର ରାକେଶ କର ଓ ମ୍ୟାନ ଅଫ ଦି ସିରିଜ ପଟ୍ଟାମୁଣ୍ଡାଇ ଦଳର ସତ୍ୟଜିତ ଓଝାଙ୍କୁ ପୁରସ୍କୃତ କରାଯାଇଥିଲା।

## ୱାଇଏମ୍‌ସିସି କ୍ରିକେଟ୍; ଉତ୍ତରକୂଳ ଚାମ୍ପିଅନ୍



**ତିର୍ତ୍ତୋଲ,୩।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶାରଳାରୋଡ ମିନି ଷ୍ଟାଡିୟମରେ ବାବା ୱାଇଏମସିସି କ୍ରିକେଟ କ୍ଲବ ଆନୁକୂଲ୍ୟ ଓ ପରିଜା ମୋଟର୍ସ, ଗୋରେଖନାଥ ସ୍ପୋର୍ଟିଂ ସହଯୋଗରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉତ୍ତରକୂଳ ୫୦ ରନରେ ଶଙ୍ଖାରିସାହି ଟିମକୁ ହରାଇ ଚାମ୍ପିଅନ୍ ହୋଇଛି। ଉତ୍ତରକୂଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଶଙ୍ଖାରିସାହି ଟିମ ୧୯ ଓଭରରେ ୧୩୨ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ସମ୍ମାନିତ ଅତିଥି ଗୋବିନ୍ଦପୁର ସମିତି ସଭ୍ୟ ଦେବପ୍ରସାଦ ନାୟକ, ସମାଜସେବୀ ସରୋଜ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

■ ଅବଦୁଲ କରିମ ଖାନ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଇଣ୍ଡିପେଣ୍ଡେନ୍ସ କ୍ଲବକୁ ହରାଇ ଲେବର ସ୍ପୋର୍ଟିଂ ଚାମ୍ପିଅନ୍



**କେନ୍ଦ୍ରାପଡ଼ା,୩।୨(ସମିସ):** ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଚତୁର୍ଥ ଅବଦୁଲ କରିମ ଖାନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌କୁ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ କେନ୍ଦ୍ରାପଡା ଲେବର ସ୍ପୋର୍ଟିଂ କ୍ଲବ ଓ କଟକର ଇଣ୍ଡିପେଣ୍ଡେନ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲେବର ସ୍ପୋର୍ଟିଂ କ୍ଲବ ଇଣ୍ଡିପେଣ୍ଡେନ୍ସ କ୍ଲବକୁ ୨-୧ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଲେବର ସ୍ପୋର୍ଟିଂର ବେନ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ରିଚ୍ ମ୍ୟାନ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଲେବର ସ୍ପୋର୍ଟିଂ କ୍ଲବକୁ ୨୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ରନର୍ସଅପ ଇଣ୍ଡିପେଣ୍ଡେନ୍ସ କ୍ଲବକୁ ନଗଦ ୧୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସୁଜିତ ଦାସ, ଲକ୍ଷ୍ମଣ ସୋରେନ୍, ସନ୍ଦୀପ ଦାସ, ଯୋଗୀ ପଲେଇ ଓ ସେକ ମୋକିମ ଖେଳ ପରିଚାଳନା କରିଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ଉପଦେଷ୍ଟା ସୟଦ ଅବଦୁଲ ସତ୍ତାର, ଉପସଭାପତି ସେକ ସଫାତୁଲ୍ଲା, ସମିଉଲ୍ଲା ଖାନ(ଜୁମା), ଅକିଲ ଅହେମ୍ମଦ, ସେକ ଫରିଦୁଦ୍ଦିନ, ସେକ ବୁରାନ ଅଲ୍ଲୀ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ସମ୍ପାଦକ ମୀର ଜରାର ପ୍ରମୁଖ ଉପସ୍ଥିତ ଥିଲେ।

# ‘ଛାତ୍ରଛାତ୍ରୀ ନୂଆ ଓଡିଶା ଗଢିବାରେ ସହାୟକ ହୁଅନ୍ତୁ’

କେନ୍ଦ୍ରାପଡା,୩।୨(ସମିସ)

ନିକିରାଇସ୍ଥ ବୀର ହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ- ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତ ବରାଳ ଅଧ୍ୟକ୍ଷତା କରି ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଜଗନ୍ନାଥଙ୍କ ମହିମା ଓ ଜଗନ୍ନାଥ ସଂସ୍କୃତିର ଗୁଢ ରହସ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ହିମାଂଶୁ ଭୂଷଣ ପରିଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ନୂଆ-ଓ ସଂଯୋଜକ ଡ. ଆଲୋକ କୁମାର ରାୟ ଓଡିଆ ଭାଷା ସାହିତ୍ୟର ଉତ୍ଥାନ ନିମନ୍ତେ ଶପଥ ନେବାକୁ ପରାମର୍ଶ ଦେଇଥିଲେ।





**ରାଜନଗର:** ରାଜନଗର ବ୍ଲକ ଡାଙ୍ଗମାଳସ୍ଥ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ ପ୍ରତିଯୋଗିତା ଅଧ୍ୟକ୍ଷ ମାନସ ରଂଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓମ୍ ପ୍ରକାଶ ବାରିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନସ କୁମାର ଦାସ, ଦୀପ୍ତିରଞ୍ଜନ ରାଉତ (ଡାଙ୍ଗ), ଶଶୀଭୂଷଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରବିନ୍ଦ ପ୍ରଧାନ, ବରିଷ୍ଠ ଶିକ୍ଷକ ସୁଶୀଲ ମଣ୍ଡଳ, ପ୍ରାକ୍ତନ ସିଆରସିସି ନିରୋଜ କୁମାର ଦାସ, ଅମର ପ୍ରସାଦ ମଲ୍ଲିକ, ପ୍ରତାପ ଧଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୃତ୍ୟ, ଅଭିନୟ, ବକ୍ତୃତା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କର ବିକାଶ ହୋଇପାରିବ ବୋଲି ମତପୋଷଣ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଚୁଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ।

**ଆଳି:** ରାଜ୍ୟ ସରକାର ‘ନୂଆ-ଓ’ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା, ନୃତ୍ୟ, ସଂଗୀତ, ସାହିତ୍ୟ, ତର୍କ ଓ ସାଧାରଣ ଜ୍ଞାନର ଆଦିରେ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଛାତ୍ରଛାତ୍ରୀମାନେ ଏହିସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସଙ୍ଗେସଙ୍ଗେ ନୂଆ ଓଡିଶା ଗଢିବାରେ ସହାୟକ ହୁଅନ୍ତୁ ବୋଲି ଆୟତପୁର ଲକ୍ଷ୍ମୀବରାହ କଲେଜର ‘ନୂଆ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ଅତିଥିମାନେ କହିଛନ୍ତି। ଅଧ୍ୟକ୍ଷ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ କବି ତଥା ସାହିତ୍ୟକ ପ୍ରମୋଦ ମଲ୍ଲିକ ମୁଖ୍ୟଅତିଥି, ସାମ୍ବାଦିକ ସୁଶାନ୍ତ କୁମାର ଦାଶ ମୁଖ୍ୟବକ୍ତା, କଳସପୁର ସରପଞ୍ଚ ସୁଧିର ମଲିକ, ଭୂଇଁପୁର ସରପଞ୍ଚ ରେଶମାରାଣୀ ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ନୂଆ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ପ୍ରସନ୍ନ କୁମାର ଦାଶ ଓ ରବୀନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ସଂଚାଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟାପକ ଦୋଳଗୋବିନ୍ଦ ନାୟକ, ଅଧ୍ୟାପିକା ଅରୁନ୍ଧତୀ ନାୟକ, ଅଧ୍ୟାପକ ରାଜୀବଲୋଚନ ଦାସ, ଅଧ୍ୟାପକ ସମୀର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ଅଞ୍ଜୁସ୍ମିତା ନାୟକ ଓ ଅଧ୍ୟାପକ ଅମର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।



## ‘ନୂଆ- ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ



**କୁଜଙ୍ଗ,୩।୨(ସମିସ):** ରାଜ୍ୟରେ ପ୍ରଥମକରି ତିନିଦିନ ଧରି ପାଳିତ ହେବାକୁ ଯାଉଥିବା 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପରିପ୍ରେକ୍ଷୀରେ ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗୀତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି ଅନ୍ତିମ ଦିବସରେ ଅଧ୍ୟକ୍ଷା ଡଃ ବନପ୍ରଭା ପରିଡ଼ାଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ଯୋଗଦେଇ ଭାଷା ହେଉଛି ଜାତିର ପରିଚୟ।ଏ କ୍ଷେତ୍ରରେ ଓଡ଼ିଆ ଭାଷା ଯେ ଭାଷା ତୁଳନାରେ ଶାସ୍ତ୍ରୀୟ ମାନ୍ୟତା ପାଇ ଯଥେଷ୍ଟ ଶୀର୍ଷରେ ଥିବାରୁ ଖାଲି ଗର୍ବ କଲେ ହେବନାହିଁ,ବହୁଳ ବ୍ୟବହାର କରିବାର ଅଛିବୋଲି ସେ କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ ସୁଭାଷ ଚନ୍ଦ୍ର ବିଶ୍ୱାଳ ଭାଷା ସାହିତ୍ୟ ସଂସ୍କୃତି ଓ ସଭ୍ୟତାର ମୂଳ ଭିତ୍ତିଭୂମି,ଏହାର ଯଥେଷ୍ଟ ବିକାଶ ପାଇଁ ପ୍ରତିଟି ଓଡିଆ ମା', ମାଟି ଓ ମାତୃଭାଷାର ଜୟଗାନ କରିବାର ଆବଶ୍ୟକତା ଅଛିବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ନିରଂଜନ ସାହୁ, ମହାବିଦ୍ୟାଳୟ ପ୍ରତିଷ୍ଠାତ୍ରୀ ସଂଯୁକ୍ତା ବେହେରା, ସାହିତ୍ୟିକା କଳ୍ପନା ସୂତାର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତାକ୍ଷର, ସ୍ଲୋଗାନ, କବିତା ଆବୃତ୍ତି, ନୃତ୍ୟ,ସଙ୍ଗୀତ,ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁଷ୍ପାଞ୍ଜଳି ପତି,ଆମେଲୀ ଜେନା,ପିଙ୍କି ତରାଇ,ସୀମା ମାଝୀ,ପିଙ୍କିରାଣୀ ଲେଙ୍କା ପ୍ରମୁଖଙ୍କୁ ମୁଖ୍ୟ ଅତିଥି ଉପଢୌକନ, ଉତ୍ତରୀୟ, ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରଦୀପ ସାମଲ,କିଶୋର ଜେନା, ସୌଦାମିନୀ କର,କୁସୁମ ମାଝୀ,ସୁଷମା ମହାପାତ୍ର,ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃଷ୍ଣଚନ୍ଦ୍ର ମାଝୀ ଧନ୍ୟବାଦ ଜଣାଇଥିଲେ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ‘ଓଡିଆ ଭାଷା ଯଦି ପରଶମଣି, କଳାହାଣ୍ଡି ଭାଷା ତା’ର ସୁବର୍ଣ୍ଣ’







**କୋକସରା, ୩।୨(ସମିସ)**

ଓଡିଆ ଭାଷା ଯଦି ପରଶମଣି, ତେବେ କଳାହାଣ୍ଡି ଭାଷା ତା’ର ସୁବର୍ଣ୍ଣ। ଓଡ଼ିଆ ଭାଷା ଯଦି ମାଣିକ୍ୟ ତା’ହେଲେ କଳାହାଣ୍ଡିଆ ଭାଷା ସେ ମାଣିକ୍ୟର ଦାନା। ଓଡ଼ିଆ ଭାଷା ଯଦି ମୋତି, ତେବେ ମୋତିର ଗୋଟିଏ ଗୋଟିଏ ଦାନା ହେଉଛି କଳାହାଣ୍ଡିଆ ଭାଷା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆମ ଭାଷାକୁ ସବୁବେଳେ କହିବା, ଆମ ଭାଷାକୁ ନେଇ ଗର୍ବ କରିବା, ଆମର କବି ଆମ ଭାଷାକୁ ଲିଖିତ ଆକାରରେ ରୂପାନ୍ତରିତ କରିବେ ସେତେବେଳେ ଆମ ଓଡ଼ିଆ ଭାଷା ସମୃଦ୍ଧ ହେବ ବୋଲି କୋକସରା ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରଥମ ଓଡିଆ ଭାଷା ସମ୍ମିଳନୀରେ ମତପ୍ରକାଶ ପାଇଛି। କୋକସରା ବିଡ଼ିଓ ସ୍ନେହପ୍ରଭା ମାଝୀଙ୍କ ତତ୍ତ୍ୱାବଧାନରେ ପାଳିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟଅତିଥି, କବି, ଗାଳ୍ପିକ ତଥା ସ୍ତମ୍ଭକାର ମୋହନ ଚରଣ ବିଶି, ଅଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। କୋକସରା ତହସିଲଦାର ନବୀନ କିଶୋର ପାତ୍ରୀ, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପରାଜ ମେହେର, ଗୋଷ୍ଠୀ ଶିକ୍ଷାଧିକାରିଣୀ ରଶ୍ମିତା ନେତାମ୍ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ସାହିତ୍ୟ ସାଧକ ଲୋକନାଥ ପଟ୍ଟନାୟକ, ପଙ୍କଜ ଚୌଧୁରୀ, ଡ଼ ଗୋପୀନାଥ ବାଗ, ଚିନ୍ତାମଣି ପଟେଲ, ଡ଼ ସଞ୍ଜୟ କୁମାର ବାଗଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମରେ ଟେମରା ଗାଁର କୁନି କଳାକାର ମୋନାଲିସା ବଞ୍ଜାରୀ ବନ୍ଦେ ଉତ୍କଳ ଜନନୀ ଗୀତରେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ଲେଖକ ଲେଖିକା, କବି କବୟିତ୍ରୀ, ପ୍ରାବନ୍ଧିକ, ଗାଳ୍ପିକ, ଭାଷାବିତ, ବୁଦ୍ଧିଜୀବୀ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୋକସରା ଜବାହର ଉଚ୍ଚବିଦ୍ୟାପୀଠର ପ୍ରଧାନଶିକ୍ଷକ ତଥା ବରିଷ୍ଠ ଭାଷାବିତ ସୁଧୀର କୁମାର ପଣ୍ଡା ସମ୍ମିଳନୀ ପରିଚାଳନା କରିଥିଲେ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ କିରଣ କୁମାର ମହାନ୍ତି, ଏଇ ସାଲକୋ ହେମ୍ବ୍ରମ, ବ୍ଲକ ବିଏସଏସଓ ଅରବିନ୍ଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣଙ୍କୁ ପୁଷ୍ପ ଗୁଚ୍ଛ, ଉପଢୌକନ ଏବଂ ମାନପତ୍ର ଦେଇ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜଗନ୍ନାଥପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହି ଅଧିକାରୀ ତାପସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ମୁଗୁନା ମାଝୀ, ସମିତି ସଭ୍ୟ ପ୍ରଦୀପ ମାଝୀଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକର ଚପ୍ରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲିଆପାଲି କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରେଖରାମ ନାଏକ ଯୋଗଦାନ କରି ଆମ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ବିଷୟରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଡମ୍ବରୁଧର ବାଗଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟରେ ବିଦ୍ୟାଳୟର ଶିକ୍ଷକ ପଙ୍କଜ କୁମାର ତାଣ୍ଡି, ହସ୍ତ ଜୟ ବାଗ, ମାନସ ସାହୁ, ମଳୟ ରଞ୍ଜନ ପରିଡ଼ା, ସର୍ବେଶ୍ୱର ସାମନ୍ତରା ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଅଞ୍ଜଳି ସିଂ, କିରଣମୟୀ ବାଗ, ଝରଣା ମେହେର, ଯଶୋବନ୍ତୀ ନାଗ ଓ ସିଦ୍ଧି ବାଗ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରୀ ଝରଣା ମେହେର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସର୍ବେଶ୍ୱର ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏଇ ଅବସରରେ କୁଇଜ୍, ଗଳ୍ପ କଥନ, ରଚନା ଶ୍ରୁତ ଲିଖନ, ହସ୍ତାକ୍ଷର, ଡ୍ରଇଂ, ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।

**ପଲମ:** ନର୍ଲା ବ୍ଲକ ପଲମ ଗ୍ରାମ ପଞ୍ଚାୟତ ଖଇରମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ଓଡ଼ିଆ ଦିବସ ଖଇରମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁବରାଜ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା ସଭାପତି ଘନଶ୍ୟାମ ଧାରୁଆ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇଥିଲା। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ମ.ରାମପୁର:** ମ.ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବିଡ଼ିଓ ସବ୍ୟସାଚୀ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିପିଓ କୁଳମଣି ସିଂରାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ମୁଖ୍ୟବକ୍ତା ଡକ୍ଟର ରାଜେଶ କୁମାର ସାହୁ, ସମ୍ମାନିତ ଅତିଥି ଏବିଡ଼ିଓ ଲକ୍ଷ୍ମଣ କୁମାର ପଧାନ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ସାହିତ୍ୟିକ, କବି, ଲେଖକଙ୍କ ଏକ ସମାବେଶ ହୋଇଥିଲା। ଏଥିରେ ଖିତିପତି ପଧାନ, ଘାସି ମିଶ୍ର, ସୁରେନ୍ଦ୍ର ମହାଖୁଡ, ଉଦୟ ନାଏକ, ସରସ୍ୱତୀ ମିଶ୍ର, ସୁଶାନ୍ତ ମିଶ୍ର, ପରମାନନ୍ଦ ବିଶି, ନାରାୟଣ ମହାଲିକ, ରମେଶ ମିଶ୍ର, ରାମେଶ୍ୱର ପ୍ରସାଦ ସାହୁ, ହୃଦାନନ୍ଦ ସାହୁ, ଲିପ୍ସାମୟୀ ଦୁବେ, ଯୋଗିମତ ଜାଲ, ମାନସ ରଞ୍ଜନ ପ୍ରହରାଜ, ବିଶ୍ୱନାଥ ସାହୁ, କାହ୍ନୁ ଚରଣ ସାହୁ, ବଟ କିଶୋର ପ୍ରଧାନ, ବାମନ ମହାପାତ୍ର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରତିଯୋଗିତାରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏବିଡ଼ିଓ ଶ୍ରୀ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

**ଭବାନୀପାଟଣା:** କିସ୍ କଳାହାଣ୍ଡି ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପଡ଼ିଆରେ ଓଡ଼ିଶାର ମାନଚିତ୍ର ରୂପରେ ଛିଡ଼ାହୋଇ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ। ଏହା ପରେ ରାଜ୍ୟ ସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲାଇଭ ଟିଭି ମାଧ୍ୟମରେ ଅବଲୋକନ କରିଥିଲେ। କିସ୍ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କିସ୍ କଳାହାଣ୍ଡିର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅନୁଷ୍ଠାନରେ ରହି ଏହିଭଳି କାର୍ଯ୍ୟକ୍ରମ ରେ ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀ ସମେତ ସମସ୍ତ କର୍ମଚାରୀ ସାମନ୍ତ ସାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ପ୍ରାଣୀଧନ ଚିକିତ୍ସକଙ୍କ ସମୂହ ଛୁଟି ସତର ଦିନରେ ପହଞ୍ଚିଲା

**ଭବାନୀପାଟଣା, ୩।୨(ସମିସ):** ଜାନୁଆରୀ ୧୮ ତାରିଖରୁ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟି ନେବା ଘଟଣା ଜନ ଅସନ୍ତୋଷକୁ ବୃଦ୍ଧି କରୁଛି। ଅନ୍ୟପଟେ ପ୍ରାଣୀଧନ ବିଭାଗରେ କାର୍ଯ୍ୟରତ ଏଲଆଇ ଓ ଅନ୍ୟ ତଳିଆ ଟେକ୍ନିସିଆନ ମାନେ ପ୍ରାଣୀଧନ ଚିକିତ୍ସାର ଦାୟିତ୍ୱ ମୁଣ୍ଡାଇ ସେବା ଯୋଗାଇ ଆସୁଛନ୍ତି।

## ଜନ ଅସନ୍ତୋଷ ବୃଦ୍ଧି ପାଉଛି

ଏପରିକି ଡାକ୍ତରମାନଙ୍କ ସମୂହ ଛୁଟି ନେଇଥିବା ଜାଣି ସରକାର ଏଲଆଇ ମାନେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ରାଜ୍ୟର ସମସ୍ତ ସିଡିଭିଓଙ୍କୁ ଚିଠି ମାଧ୍ୟମରେ ଜଣାଇଦେଇଛନ୍ତି। ନିଜ ଦାବି ପୂରଣ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା ଚିକିତ୍ସକମାନେ ଏଭଳି ନୀତିକୁ ହଜମ କରିପାରିନାହାନ୍ତି। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରେ ବର୍ତ୍ତମାନ ୩୮ ଜଣ ପ୍ରାଣୀ ଚିକିତ୍ସକ ଛୁଟିରେ ଅଛନ୍ତି। ସେମାନଙ୍କ ସ୍ଥାନରେ ୮୧ଜଣ ଏଲଆଇ ଓ ଅନ୍ୟ ବିଭାଗୀୟ ଷ୍ଟାଫ ଦାୟିତ୍ୱ ତୁଲାଇ ଆସୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କିଛି ଗୁରୁତର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଲକ୍ଷ୍ୟ କରାଯାଇଛି। ବିଭାଗର ପୂର୍ଣ୍ଣାଙ୍ଗ ରୂପାନ୍ତରଣ, କ୍ୟାଡର ପୁନର୍ଗଠନ ଏବଂ କେନ୍ଦ୍ର ସରକାରୀ ସେବା ଅଧୀନରେ ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ




ଡିଏସିପି ଦୃଷ୍ଟିରୁ ସମାନତା ଆଣିବା ଏବଂ ଅଣ ପ୍ରାକ୍ଟିସିଂ ଭତ୍ତା ପ୍ରଦାନ ଆଦି ଦାବିରେ ରାଜ୍ୟରେ ଚାକିରୀ କରିଥିବା ସମସ୍ତ ପ୍ରାଣୀ ଚିକିତ୍ସକ ୧୮ ଜାନୁଆରୀ ୨୦୨୪ରୁ ସମୂହ ଛୁଟିରେ ଅଛନ୍ତି। ଏହି ୧୭ ଦିନ ମଧ୍ୟରେ ସ୍ପେଶାଲାଇଜଡ ପ୍ରାଣୀ ଚିକିତ୍ସା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବା ସହିତ ଗୋସମ୍ପଦ କ୍ଷେତ୍ରର ବିପୁଳ କ୍ଷତି ଘଟିଛି। ଏହି ଦିନଗୁଡିକରେ ବହୁ ବୀମାକୃତ ପ୍ରାଣୀଙ୍କର ମୃତ୍ୟୁ ଘଟିଛି ଯେଉଁମାନଙ୍କର ଦାବି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ନମିଳିବା କାରଣରୁ ଫଇସଲା ହୋଇପାରିନାହିଁ ବୋଲି ଆଜି ଏହି ପ୍ରାଣୀଧନ ଚିକିତ୍ସକମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏଥିସହିତ ସେମାନେ କହିଛନ୍ତି ଯେ ରାଜ୍ୟର ପ୍ରାଣୀ ଚିକିତ୍ସକମାନଙ୍କୁ ସେମାନଙ୍କର ବିଭିନ୍ନ ଆର୍ଥିକ ସୁବିଧା ଏବଂ ପଦୋନ୍ନତି ଆଦି ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭଳି ମିଳୁନାହିଁ। ଏ ସମ୍ପର୍କରେ କଳାହାଣ୍ଡି ସିଡିଭିଓଙ୍କୁ ପଚାରିବାରୁ ସେ କହିଥିଲେ ସରକାରଙ୍କ ନିର୍ଦ୍ଦେଶ ମତେ ଏଲଆଇ, ଭିଏସ୍ଏଏସ୍ ଓ ଭିଟି ମାନେ କୌଣସି ମତେ ପ୍ରାଣୀଧନ ଚିକିତ୍ସା ସେବାରେ ସହାୟକ ହେଉଛନ୍ତି। କିନ୍ତୁ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କୁ ପ୍ରାଣୀଧନ ପାଳନ ୟୁନିଟ୍ ପ୍ରତିଷ୍ଠା କ୍ଷେତ୍ରରେ ରହିଥିବା ଯୋଜନା ଗୁଡିକ ଧର୍ମଘଟ କାରଣରୁ ହୋଇପାରିନାହିଁ କି ସବସିଡି ଗୁଡିକ ରିଲିଜ ହୋଇପାରୁନାହିଁ। ଦ୍ୱିତୀୟରେ ବୀମାକରଣ ଓ ପୋଷ୍ଟମର୍ଟମ ଦିଗରେ ସମସ୍ୟା ସୃଷ୍ଟି ହେଉଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଡା. ଅଶୋକ ଚନ୍ଦ୍ର ପଣ୍ଡା, ସଭାପତି, ଓଡ଼ିଶା ଭେଟେରିନାରୀ ସର୍ଭିସ ଆସୋସିଏସନ (ଓଭିଏସ୍ଏ), କଳାହାଣ୍ଡି ଶାଖା ଏବଂ ଡା. କେଦାରନାଥ ଖମାରୀ, ସାଧାରଣ ସମ୍ପାଦକ, (ଓଭିଏସ୍ଏ), କଳାହାଣ୍ଡି ଶାଖା, ଡା. ଦିବ୍ୟ ରଞ୍ଜନ ଲେଙ୍କା, ଡା. ଅଜୟ କୁମାର ମାଝୀ, ଡା. ରଞ୍ଜିତ କୁମାର ସାହୁ ଏବଂ ଡା. ପ୍ରୀତି ମଞ୍ଜରି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

# ବିଧାୟକଙ୍କ ପଲଟୁ ଚରିତ୍ର ପ୍ରତି ବଲାଙ୍ଗିରବାସୀ ସାବଧାନ ହୁଅନ୍ତୁ: ବିଜେଡି

**ବଲାଙ୍ଗିର, ୩।୨(ସମିସ) :** ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଦେଉଥିବା ମନ୍ତବ୍ୟକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛି। ମୁଖ୍ୟତଃ ବଲାଙ୍ଗିର ସହରରେ ଗରିବଙ୍କ ଘରକୁ ଜବରଦଖଲ ନାଁରେ ଉଚ୍ଛେଦ କରିବାକୁ ବିଧାୟକ ପ୍ରଥମେ ଜବରଦଖଲ ଉଚ୍ଛେଦ ପ୍ରସ୍ତାବ ଦେଇ ସରକାରଙ୍କୁ ଚାପଗ୍ରସ୍ତ କରି ବିଫଳ ହେଲା ପରେ ଏବେ ସେହି ପ୍ରସଙ୍ଗରେ ନିଜର ମତ ଓଲଟାଉଛନ୍ତି। ବଲାଙ୍ଗିର ରେ ଉଚ୍ଛେଦକୁ ନେଇ ତାଙ୍କର ଦୋଗଲାପନ୍‌କୁ ନେଇ ବିଜେଡି ତୀବ୍ରନିନ୍ଦା କରୁଛି। ବଲାଙ୍ଗିରବାସୀ ବିଧାୟକ ନରସିଂହ ମିଶ୍ରଙ୍କ ଏଭଳି ପଲଟୁଚରିତ୍ରକୁ ନେଇ ସାବଧାନ ହେବାକୁ ନିବେଦନ କରାଯାଉଛି। ବିଜେଡି କହିଛି ଯେ, ବଲାଙ୍ଗିର ବିଧାୟକ ଭାବରେ ନରସିଂହ ମିଶ୍ର ଜିଣିଲା ପରେ ଲକ୍ଷ୍ମୀଯୋରକୁ ବ୍ୟାଙ୍କକ୍ କରାଇବାର ସ୍ୱପ୍ନ ଦେଖେଇ କେବଳ ତାଙ୍କ ପରିବାର ଓ ଠିକାଦାର ପୋଷିବା ନୀତି ଆପଣେଇ ଲକ୍ଷ୍ମୀଯୋର ଖଣ୍ଡିରେ ରହୁଥିବା ଗରିବ ଲୋକଙ୍କୁ ବେଘର କରିବାର ଉଦ୍ୟମ କରିଥିଲେ। କିନ୍ତୁ ଏହାକୁ ସେଠାରେ ରହୁଥିବା ଲୋକ ବିରୋଧ କରି ଆସୁଛନ୍ତି। ୨୦୧୯ ମସିହା ନିର୍ବାଚନ ବେଳେ ମଧ୍ୟ ଲକ୍ଷ୍ମୀଯୋର ଖଣ୍ଡି ର କାହାରି ଘର ଭଙ୍ଗାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ଜିଣିଲାପରେ ଲୋକଙ୍କୁ ଧୋକାଦେଇ ଲକ୍ଷ୍ମୀଯୋର ଖଣ୍ଡିର ଉଭୟ ପକ୍ଷେ ୭୦ ଫୁଟ ଲେଖାଏଁ ଜବରଦଖଲ ମୁକ୍ତ କରିବାକୁ ସରକାରକୁ ବାରମ୍ବାର ଚାପ ପକାଇଥିଲେ। ସାରା ବିଶ୍ୱରେ ମହାମାରୀ ସମୟରେ ଲୋକମାନେ ହାହାକାର ହେଉଥିବାବେଳେ ପୌରପାଳିକାରେ ନିର୍ବାଚନ କାଉନସିଲ ନ ଥିବା ସମୟରେ ପ୍ରଶାସନକୁ ଚାପଗ୍ରସ୍ତ କରି ସୂର୍ଯ୍ୟନଗର ଓ ବ୍ରାହ୍ମଣ ପଡ଼ାରେ ଲୋକଙ୍କ ଘର ଭାଙ୍ଗିଥିଲେ। ଯଦି ସେ ଘର ଭଙ୍ଗାଇ ନ ଥିଲେ ତେବେ ସେ ବିସ୍ଥାପିତଙ୍କର ସେହି ଅସମୟରେ ତାଙ୍କ ସାଙ୍ଗରେ ଛିଡା ହୋଇଥିଲେ କି? ସେହିପରି ଇନ୍ଦିରାନଗରରୁ ସେ ଭୋଟ ପାଇ ନ ଥିବାରୁ ଆକ୍ରୋଶମୂଳକ ଭାବରେ ସେହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘର କୁ ଭଙ୍ଗାଇବାକୁ ବାରମ୍ବାର ଅପଚେଷ୍ଟା କରିଥିଲେ। ସେ କେବେ ମଧ୍ୟ ଇନ୍ଦିରାନଗର ବାସୀଙ୍କ ଅସମୟରେ ଛିଡ଼ାହୋଇ ନଥିଲେ କି ଆଜି ମଧ୍ୟ ନାହାନ୍ତି। ଇନ୍ଦିରାନଗର ବାସୀ ବିଧାୟକଙ୍କ ପାଖକୁ ଗୁହାରି କରିବାକୁ ଯାଇଥିବା ବେଳେ ଧମକ ଦେଲା ଭଳି କଥା କହି ସେମାନଙ୍କୁ ନିରାଶ କରି ଫେରାଇଦେଇଥିବା କଥା ବିଧାୟକ ଭୁଲି ଯାଇଛନ୍ତି ବୋଧହୁଏ। ବଲାଙ୍ଗିର ରେ ବିଜେଡି ପୌରପାରିଷଦରେ ଜିଣିଲାପରେ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଓ ଅନ୍ୟ ସମସ୍ତ ବିଜେଡିର କାଉନସିଲରଗଣ ସବୁବେଳେ ଗରିବ ପରିବାର ସାଙ୍ଗରେ ଛିଡା ହୋଇଛନ୍ତି। ପୌରପାଳିକାରେ ୨୦୨୨ ଏପ୍ରିଲ ୨୨ରେ ହୋଇଥିବା କାଉନସିଲ ବୈଠକରେ ପ୍ରସ୍ତାବ ନଂ ୨ ରେ ଲୋକଙ୍କ ସହିତ ଆଲୋଚନ ପରେ ଲକ୍ଷ୍ମୀଯୋର ଖଣ୍ଡିରେ ମାତ୍ର ୨୦ ଫୁଟ ଉଚ୍ଛେଦ କରାଯିବ ଓ ଇନ୍ଦିରାନଗରର ଗରିବଙ୍କ ଘର ନ ଭାଙ୍ଗିବାକୁ ପ୍ରସ୍ତାବ ପାରିତ କରାଯାଇଥିଲା। ଏହା ସହିତ ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପତ୍ର ରେ ଲିଖିତ ଭାବରେ ଜଣାଇଥିଲେ ଯେ, ଇନ୍ଦିରାନଗରରେ ଗତ ୧୯୭୦ ମସିହାରୁ ୯୦୦ ପରିବାର ର ୬୦୦୦ ଲୋକ ବସବାସ କରିଆସୁଛନ୍ତି। ଏଠାରେ ରାସ୍ତା ଘାଟ, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ଇତ୍ୟାଦି ମଧ୍ୟ କରାଯାଇଥିବା ବିଷୟରେ ଜଣାଇଥିଲେ। ଆଗକୁ ନିର୍ବାଚନରେ ଲୋକଙ୍କୁ ଭୁତାଇ ତାଙ୍କର ଭୋଟ ହାତେଇବାକୁ ମନ୍ଦବୁଦ୍ଧି ପୁରାଇ ନିଜ ମତ ଓ ମନ୍ତବ୍ୟକୁ ବଦଳାଇ ଗରିବଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବେହେରାପାଲିରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ବିଜେଡି ସାଙ୍ଗରେ ଜଣେ ବିଜେପି ବିଧାୟକଙ୍କ ପ୍ରଶ୍ନ କୁ ଯୋଡୁଛନ୍ତି। କିନ୍ତୁ ବଲାଙ୍ଗିରରେ ତାଙ୍କ ବିଜେପି ସାଙ୍ଗରେ କି ସମ୍ପର୍କ ରହିଛି ତାହା ବଲାଙ୍ଗିରର ସମସ୍ତଙ୍କୁ ଜଣା। ଦେବଗଡ଼ର ବିଜେପି ବିଧାୟକଙ୍କ ସହିତ କାହାର ଭିତିରି ସମ୍ପର୍କ ରହିଛି ତାହାର ଉଚିତ ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରୁଛି। ସେହିପରି ବଲାଙ୍ଗିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଶିଳାନ୍ୟାସ ଓ ଉଦ୍‌ଘାଟନୀ ପ୍ରକଳ୍ପରେ ପୁଣି ବିଧାୟକ ନିଜର ଫଳକ ଲଗାଇ ବାହା ବା ନେଉଛନ୍ତି। ରାଜ୍ୟ ସରକାର କରୁଥିବା ବିକାଶ କାମରେ ବିଧାୟକ ଅସହିଷ୍ଣୁ ହୋଇପଡ଼ିଥିବା ଓ ପୌରପାଳିକାର ଦକ୍ଷ ପୌରପାରିଷଦର କାର୍ଯ୍ୟକଳାପରେ ବିଧାୟକ ଭୟଭୀତ ହୋଇ ତାଙ୍କର ମତ ବଦଳାଇ ଦେଇଛନ୍ତି। ତେଣୁ ବଲାଙ୍ଗିରର ପଲଟୁ ବିଧାୟକଙ୍କ ପ୍ରତି ବଲାଙ୍ଗିରବାସୀ ସାବଧାନ ରହିବାକୁ ବିଜେଡି ତରଫରୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଏକ ପ୍ରେସ୍ ବିବୃତିରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ପ୍ରଫେସର ଅଜିତ ବେହେରାଙ୍କୁ ଓଡ଼ିଶା ରତ୍ନ ସମ୍ମାନ

**ନର୍ଲା, ୩।୨(ସମିସ):** କଳାହାଣ୍ଡି ଜିଲ୍ଲା କଣ୍ଟପଡ଼ା ମହାବିଦ୍ୟାଳୟରେ ଉଦଯାପିତ ହୋଇଥିବା ଓଡ଼ିଆ ଭାଷା ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ, ଗବେଷକ ଅଧ୍ୟାପକ ଡକ୍ଟର ଅଜିତ କୁମାର ବେହେରାଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ‘ଓଡ଼ିଆ ସାହିତ୍ୟ ରତ୍ନ ସମ୍ମାନ’ ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର ମୁଖ୍ୟଅତିଥି ଭାବରେ ଯୋଗଦେଇ ମାନପତ୍ର ଟ୍ରଫି ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଡକ୍ଟର ବେହେରା ନିକଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମର୍ଯ୍ୟାଦାଜନକ ଡ଼ି.ଲିଟ୍ ଡ଼ିଗ୍ରୀ ପୂର୍ବତନ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲଙ୍କଠାରୁ ଗ୍ରହଣ କରିଥିଲେ। ସେ ଭାରତ ସରକାରଙ୍କ ସଂସ୍କୃତି ବିଭାଗରୁ ଜୁନିୟର ରିସର୍ଚ୍ଚ ଫେଲୋସିପ, କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରଣାଳୟରୁ କଳାହାଣ୍ଡି ଯୁବ ପୁରସ୍କାର, ଭକ୍ତକବି ଗୋପାଳ କୃଷ୍ଣ ସମ୍ମାନ, ସରସ୍ୱତୀ ସମ୍ମାନ, ହରଗୌରୀ ସାହିତ୍ୟ ସମ୍ମାନ, ମୁନିଗୁଡ଼ା ସାହିତ୍ୟ ସମ୍ମାନ, କନ୍ଧାନ ଭାଷା ଗୌରବ ସମ୍ମାନ, ରାଜ୍ୟ ଜନଜାତି ଗବେଷକ ସମ୍ମାନ, ଓଡ଼ିଆ ଭାଷା ଗୌରବ ସମ୍ମାନ ଭଳି ବହୁ ରାଜ୍ୟ ଓ ଜାତୀୟସ୍ତରୀୟ ସମ୍ମାନ ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।




# ଗର୍ଭବତୀଙ୍କ ପାଇଁ ଦେବଦୂତ ସାଜିଲେ ଆମ୍ବୁଲାନ୍ସ କର୍ମଚାରୀ

**ଲଡୁଗାଁ, ୩।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଗିରଲିମାଲ ଗାଁରେ ଜଣେ ଗର୍ଭବତୀଙ୍କ ଲାଗି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଦେବଦୂତ ପାଲଟିଛନ୍ତି। ଗାଁର ଲିଙ୍ଗୁରୁ ଖିଲୋଙ୍କ ପତ୍ନୀ ଦୀପାଳି ଖିଲୋ (୨୪)ଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ୧୦୮ ନମ୍ବରରେ କଲ୍ କରିଥିଲେ। ତାଙ୍କୁ ଆଣିବା ପାଇଁ ଯାଇଥିବା ଆମ୍ବୁଲାନ୍ସ ଗାଁର ୩ କିମି ପୂର୍ବରୁ ଆଉ ଯାଇପାରି ନ ଥିଲା। ପ୍ରସବ ବେଦନାରେ ଛଟପଟ ହେଉଥିବା ମହିଳାଙ୍କୁ କର୍ମଚାରୀ କୌଣସି ଉପାୟ ନ ପାଇ ୩ କିଲୋମିଟର ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିବା ପରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଫାର୍ମାସିଷ୍ଟ ଦେବେନ୍ଦ୍ର ନାଏକ, କର୍ମଚାରୀ ବୈବସ୍ୱତ ଛତ୍ରୀଆ, ବେଲାଳସେନ ନାଏକଙ୍କ ଏହି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।



# ଓଷ୍ଟା ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

**ଭବାନୀପାଟଣା, ୩।୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ପକ୍ଷରୁ ଶନିବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦିବସୀୟ ଧାରଣା ପ୍ରଦାନ କରିବା ସହିତ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।




## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଶତାଧିକ ଶିକ୍ଷକ ସମବେତ ହୋଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣ ଶିକ୍ଷାମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ଗଣଶିକ୍ଷା ସଚିବଙ୍କୁ ଦାବି ପତ୍ର ପ୍ରେରଣ କରାଯାଇଛି। ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବା, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ଘୋଷଣା କରିବା, ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କ ୬ବର୍ଷ ଚାକିରୀ କାଳ କୁ ୧:୧ ଭିତ୍ତିରେ ମୂଳ ଚାକିରୀ କାଳ ସହିତ ଗଣନା କରିବା, ୨୮୦୦ ଗ୍ରେଡ ପେ ପାଉଥିବା ଶିକ୍ଷକ ମାନଙ୍କ ଅସଙ୍ଗତିକୁ ଦୂରୀକରଣ କରିବା ସହିତ ଅନ୍ୟାନ୍ୟ ୧୨ ଦଫା ରହିଛି। ଓଷ୍ଟା ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ରଥଙ୍କ ନେତୃତ୍ୱରେ ଏହି ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ବିଷ୍ଣୁ ଗୌଡ଼, ସମୀର ବେହେରା, ସାମନ୍ତ ପଟ୍ଟଯୋଷୀ, ସୁଶୀଲ ସାମଲ, ଚନ୍ଦ୍ରହାସ୍ୟ ମେହେର, ଅଜୟ ସାହୁ, ଆଶିଷ ମେହେର ସମେତ ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଧାରଣାସ୍ଥଳରେ ଶିକ୍ଷକ ନେତୃତ୍ୱ ସ୍ୱର୍ଗତ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ଦାଦନ ଖଟିବାକୁ ଯାଇ ଗୁପ୍ତାଙ୍ଗ ହରାଇଲେ ଯୁବକ

**ଜୟପାଟଣା, ୩।୨(ସମିସ)**

ଦାଦନ ଖଟିବାକୁ ଯାଇ ପାଲଟିଲେ ଗରିବ ବୃଦ୍ଧ ବାପା ମାଆଙ୍କ ଉପରେ ବୋଝ। ଗୁପ୍ତାଙ୍ଗ ହରାଇ ଯୁବକ ଜଣଙ୍କ ଦୁର୍ବିସହ ଜୀବନ କାଟୁଛନ୍ତି। ଏବେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏଭଳି

## ସରକାରୀ ସହାୟତା ପାଇଁ ନେହୁରା ହେଉଛନ୍ତି ବୃଦ୍ଧ ବାପା ମା’

ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାଞ୍ଜିବାହାଲର ଛିଲପଡ଼ା ଠାରେ। ଦାନା ପାଇଁ ଦାଦନ ଯାଇଥିଲେ। ଭାବିଥିଲେ ଦୁଇ ପଇସା ରୋଜଗାର କରି ବୃଦ୍ଧ ବାପା ମାଆଙ୍କ ପେଟ ପୋଷିବେ। ହେଲେ ଏବେ ନିଜ ପରିବାର ପାଇଁ ପଲଟି ଯାଇଛନ୍ତି ବୋଝ। ଘରର ଏକମାତ୍ର ରୋଜଗାରିଆ ପୁଅ ଏବେ ଶଯ୍ୟାଶାୟୀ ହୋଇପଡ଼ିଛି। ଗରିବ ବୃଦ୍ଧା ବାପା ମାଁଙ୍କ ଦୁଃଖ ଦୂର କରିବା ପାଇଁ ଜୟପାଟଣା ବ୍ଲକ ବାଞ୍ଜିବାହାଲ ଗାଁର ବନମାଳି ନାଏକ ଏବଂ ତାରା ନାଏକଙ୍କ ଏକମାତ୍ର ପୁଅ ସୁମନ୍ତ ନାଏକ ଯାଇଥିଲେ ସୁଦୂର ଆନ୍ଧ୍ରପ୍ରଦେଶର ବର୍ଦ୍ଧରାଜପୁରମ। ସେଠାରେ ଗୋଟେ ଚିଙ୍ଗୁଡି ଫାର୍ମରେ କାମ କରି ଘରକୁ ପଇସା ମଧ୍ୟ ପାଉଥିଲେ। ସବୁ କିଛି ଠିକ ଠାକ ଚାଲିଥିବାବେଳେ ହଠାତ ଗୋଟେ ଘେରିରୁ ଅନ୍ୟ ଘେରି ଆଡେ ଗଲାବେଳେ ଚିଙ୍ଗୁଡି ଘେରି କଡରେ ଲାଗିଥିବା ଫ୍ୟାନ ବାଜି କଟିଗଲା ଗୁପ୍ତାଙ୍ଗ। ଅଭାବୀ ଖଟିଖିଆ ବୃଦ୍ଧ ବାପା ମାଁ କାମ କରି ଦୁଇ ପଇସା ଆଣିଲେ ଚୁଲି ଜଳୁଥିବାବେଳେ ପୁଅର ଚିକିତ୍ସା ପାଇଁ କୁଆଡୁ ପଇସା ଆଣିବେ ବୋଲି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ଚିଙ୍ଗୁଡି



ଫାର୍ମରେ ଦୁର୍ଘଟଣା ଘଟିବାପରେ ଫାର୍ମର ମାଲିକ ଆନ୍ଧ୍ରପ୍ରଦେଶ ବିମାବରମ ଠାରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇ ପାଖାପାଖି ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ମେଡିକାଲ କଲେଜକୁ ପଠାଇ ଦେଇଥିଲେ। ବୁର୍ଲା ଡାକ୍ତରଖାନାରେ ଏହି ଚିକିତ୍ସା ସୁବିଧା ନଥିବାରୁ ସୁମନ୍ତଙ୍କୁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲକୁ ନେଇଯିବା ପାଇଁ କହିଥିଲେ ଡାକ୍ତର। ଭୁବନେଶ୍ୱର ଏମ୍ସରେ ପ୍ରଥମ ଅସ୍ତ୍ରୋପଚାର କରି ପୁଣିଥରେ ଦୁଇ ସପ୍ତାହ ପରେ ଆସିଲେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଥିବାବେଳେ ଅର୍ଥ ଅଭାବରୁ ଆଉ ଯାଇ ପାରୁନାହାନ୍ତି ସୁମନ୍ତ। ପୁଅର ଅସହାୟ ଅବସ୍ଥା ଦେଖି ଜିଲ୍ଲାପାଳଙ୍କ ନିକଟରେ ସହାୟତା ମାଗିବାପରେ ପ୍ରତିଶୃତି ମିଳିଛି। ହେଲେ କେବେ ଟଙ୍କା ମିଳିବ ଓ ପୁଅର ଚିକିତ୍ସା ହେବ ବୋଲି ବୃଦ୍ଧ ବାପା ମାଁ ହାତ ଯୋଡି ସାହାଯ୍ୟ ପାଇଁ ନେହୁରା ହୋଇଛନ୍ତି।

## କାଳ ହେଲା କୁହୁଡ଼ି

# ଦୁଇ ଦୁର୍ଘଟଣାରେ ୬ ମୃତ

**ଘର କାନ୍ଥକୁ ଧକ୍କା ଦେଲା କାର୍; ୪ ମୃତ**
**ବାଇକକୁ ଧକ୍କା ଦେଲା ବସ୍; ଦୁଇ ମୃତ**

**ତିଗିରିଆ/ନିଶ୍ଚିନ୍ତକୋଇଲି,୩।୨(ସମିସ):** କାଳ ହେଲା ଘନ କୁହୁଡ଼ି। କୁହୁଡ଼ି ଯୋଗୁଁ ଗୁରୁବାର ବିଳମ୍ବିତ ରାତ୍ରିରେ ଦୁଇଟି ପୃଥକ୍ ପୃଥକ୍ ଦୁର୍ଘଟଣାରେ ମୋଟ ୬ଜଣ ପ୍ରାଣ ହରାଇଛନ୍ତି। କଟକ ଜିଲ୍ଲାର ତିଗିରିଆ ଓ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏହି ଅଘଟଣ ଘଟିଛି। ତିଗିରିଆ ବ୍ଲକ ଅନ୍ତର୍ଗତ ବିଦ୍ଧାଣିମାଠାରୁ ମହାନଦୀ ଉତ୍ତରକୁଲାଟ ଅଞ୍ଚଳ ସହ ଯୋଗାଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କୋଇଲିକନ୍ୟା ଛକ ନିକଟରେ ଏକ ମର୍ମନ୍ତୁଦ କାର ଦୁର୍ଘଟଣାରେ ୪ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ, ବାଙ୍କି ଥାନା ଅଧୀନ ଖଜୁରୀପଦା ଗ୍ରାମର ତପନ ରାଉତ (୨୮), ଟିଲୁ ପରିଡ଼ା (୨୮), ହରିରାଜପୁର ଗ୍ରାମର ରାମଚନ୍ଦ୍ର ସ୍ୱାଇଁ (୪୬) ଓ ବଡ଼ମ୍ବା ଥାନା ଅଧିନ ଚଣ୍ଡିମଙ୍ଗଳ ଗ୍ରାମର ଦିଲ୍ଲୀପ ମଲ୍ଲିକ (୪୮)। କାର୍‌ଟି ଏକ ନିର୍ମାଣାଧୀନ ଘର କାନ୍ଥକୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି।

ସୂଚନା ମୁତାବକ, ତପନଙ୍କ ବଡ଼ଭାଇ ବାହାଘର ଭୋଜି ଖାଇବାକୁ ଟିଲୁ, ରାମଚନ୍ଦ୍ର ଓ ଦିଲ୍ଲୀପ ଯାଇଥିଲେ। ବିଳମ୍ବିତ ରାତିରେ ଦିଲ୍ଲୀପ ନିଜ ଘରକୁ ଫେରିବାକୁ କହିବାକୁ ତପନ ନିଜର ହୋଣ୍ଡା ଆଇକନ୍ କାର (ନଂ-ଓଡି୩୩ଇ ୭୭୭୦) ଯୋଗେ ସମସ୍ତଙ୍କୁ ସାଥିରେ ଧରି ବଡ଼ମ୍ବା ଅଭିମୁଖେ ଆସୁଥିଲେ। ତେବେ ଘନ କୁହୁଡ଼ି ଓ ଗାଡ଼ିର ବେଗ ଅଧିକ ଥିବାରୁ ତପନ କୋଇଲିକନ୍ୟା ଛକଠାରେ ଥିବା ଏକ ଅର୍ଦ୍ଧନିର୍ମିତ ଘରକୁ ଦେଖିପାରିନଥିଲେ। ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିଲେ ହେଁ ତାହା ଜଣାପଡ଼ିନଥିଲା। ଆଜି ସକାଳେ କିଛି ଲୋକ ଏହା ଦେଖି ତିଗିରିଆ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରୁ ସମସ୍ତଙ୍କୁ ଉଦ୍ଧାର କରି ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

ସେହିଭଳି ଅନ୍ୟ ଏକ ଘଟଣାକ୍ରମେ, କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ବିବିଏନ ପ୍ଲାଷ୍ଟିକ କାରଖାନା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଉପରେ ବସ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମର ସୁବ୍ରତ ସିଂ(୨୫) ଓ କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ବିଶ୍ୱଜିତ୍ ପଣ୍ଡା(୨୬)। ଦୁହେଁ ଏକ ବାଇକ୍‌ରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ସେମାନଙ୍କୁ ମୁହାମୁହିଁ ଧକ୍କା ଦେଇ ରାସ୍ତାକଡ଼ ବିଲକୁ ଖସି ଯାଇଥିଲା। ବସ୍‌ର ଆଗ ଚକ ତଳେ ବାଇକଟି ରହିଯାଇଥିଲା ବେଳେ ୨ ଯୁବକ ଛିଟିକି ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁବ୍ରତଙ୍କ ଦାଦା ସୁବାଶିଷଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ଯୁବକଦ୍ୱୟଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାସ୍ଥଳରୁ ବାଇକ ଏବଂ ବସ୍‌କୁ ସାଲେପୁର ପୁଲିସ ଜବତ କରି ତଦନ୍ତ ଚଳାଇଛି।

# ପାଣିଟାଙ୍କିକୁ ଧକ୍କା ଦେଲା ବାଇକ୍; ୨ ମୃତ

**ନର୍ଲା, ୩।୨ (ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଳା ନିକଟରେ ଶୁକ୍ରବାର ମଧ୍ୟରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ମୁସ୍କୁଟି ପଞ୍ଚାୟତ କେନ୍ଦୁପଡ଼ା ଗାଁର ନଳିନୀ ମାଝୀ, ଅଞ୍ଜନ ମାଝୀ, ଦେବିଲାଲ ମାଝୀ ଓ ରାମକୃଷ୍ଣ ମାଝୀ ସଇଁତଳା ଥାନା କେନ୍ଦୁଗୁଡ଼ା ଗାଁକୁ ବିବାହ ଭୋଜି ଖାଇ ଫେରୁଥିବା ସମୟରେ କୁସୁମଖାଲ ନିକଟରେ ଥିବା ଏକ ପାଣି ଟାଙ୍କିରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନଳିନୀ ମାଝୀ ଓ ଦେବିଲାଲ ମାଝୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଇଁତଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଆହତଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଆଇସିୟୁରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# କେବେ ସରିବ ଦୁଇ ରେଳ ପ୍ରକଳ୍ପ

## ଦଶନ୍ଧି ଦଶନ୍ଧି ଧରି ଲଟକିଛି ଖୋର୍ଦ୍ଧାରୋଡ୍- ବଲାଙ୍ଗୀର ଓ ତାଳଚେର- ବିମଳାଗଡ଼ ରେଳପଥ ପ୍ରକଳ୍ପର ଭାଗ୍ୟ

**ତାଳଚେର, ୩।୨(ଚିତ୍ତରଞ୍ଜନ ପାଣି):**

ଖୋର୍ଦ୍ଧାରୋଡ-ବଲାଙ୍ଗୀର ଏବଂ ତାଳଚେର-ବିମଳାଗଡ଼ ରେଳପଥ ପାଇଁ ପୁଣି ରେଳ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା ହୋଇଛି। କିନ୍ତୁ ଦଶନ୍ଧି ଦଶନ୍ଧି ଧରି କାମ ଚାଲିଥିବା ଏହି ଦୁଇ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେବେ ଶେଷହେବ, ତାହାର ନିର୍ଦ୍ଦିଷ୍ଟ ଉତ୍ତର କାହା ପାଖରେ ନାହିଁ। ଖୋର୍ଦ୍ଧାରୋଡ-ବଲାଙ୍ଗିର ରେଳପଥ କାମ ୧୯୯୪-୯୫ ବର୍ଷରେ ଆରମ୍ଭ ହୋଇଥିବା ବେଳେ ତାଳଚେର-ବିମଳାଗଡ଼ ରେଳପଥ କାମ ଆରମ୍ଭ ହୋଇଥିଲା ୨୦୦୪-୦୫ରେ। ଇତିମଧ୍ୟରେ ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳପଥର ଖୋର୍ଦ୍ଧାରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଚଳାଚଳ ଆରମ୍ଭ ହୋଇଛି। ବଲାଙ୍ଗିର ପଟୁ ବି ଅନ୍ତବାଟ ପର୍ଯ୍ୟନ୍ତ ରେଳ ଗଡ଼ିଛି। ତେବେ ପ୍ରାୟ ୮୦ ବର୍ଷ ଧରି ଏହି ରେଳପଥ ନିର୍ମାଣ ଲାଗି ବ୍ୟାପକ ଦାବି ଉଠୁଥିବା ବେଳେ ବର୍ଷବର୍ଷ ଧରି କାମ କିନ୍ତୁ ଅତି ଧିମା ଗତିରେ ଚାଲିଥିବା ଅଭିଯୋଗ ହୋଇଛି।

୨୮୯ କିଲୋମିଟର ଦୈର୍ଘ୍ୟର ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳପଥ ନିର୍ମାଣ ଆରମ୍ଭର ପ୍ରାୟ ୩୦ ବର୍ଷ ଅତିକ୍ରମ କରିବାକୁ ଯାଉଥିବା ବେଳେ ଏବେ ବି ତାହା ଅସମ୍ପୂର୍ଣ୍ଣ



ଭାବେ ରହିଛି। ସେହିପରି ତାଳଚେର-ବିମଳାଗଡ଼ ପ୍ରାୟ ୧୫୦ କିଲୋମିଟର ଦୈର୍ଘ୍ୟର ଏହି ରେଳପଥ ୨୦ ବର୍ଷ ଭିତରେ ସେମିତି କିଛି ଆଖିଦୃଶିଆ ଅଗ୍ରଗତି କରିପାରିନାହିଁ। ଏହି ଦୁଇଟି ରେଳପଥ ପାଇଁ ପ୍ରଥମରୁ ବ୍ୟୟ ଅଟକଳ ଯାହା ଥିଲା, ବିଳମ୍ବିତ କାରଣ ଯୋଗୁଁ ତାହା ବହୁଗୁଣିତ ହୋଇସାରିଲାଣି। ତାଳଚେର-ବିମଳାଗଡ଼ ରେଳପଥ କାର୍ଯ୍ୟକ୍ଷମ ହେଲେ ରାଉରକେଲାରୁ ତାଳଚେର ମଧ୍ୟରେ ଦୂରତା ୧୨୬ କିଲୋମିଟର କମିଯିବ। ଭୁବନେଶ୍ୱରରୁ ରାଉରକେଲା ମଧ୍ୟ ଅଧିକ ପାଖ ହେବ। ଏମିତିକି ରାଉରକେଲା ଇସ୍ପାତ କାରଖାନାରୁ ପାରାଦୀପ ବନ୍ଦର ବାଟେ ସାମଗ୍ରୀ ରପ୍ତାନି କରିବା ସହଜ ହେବ। ଏହା ଫଳରେ କୋଇଲା, ଲୁହାପଥର ଓ ଅନ୍ୟାନ୍ୟ କଞ୍ଚାମାଲ ଏବଂ ଇସ୍ପାତ ଆଦି ପରିବହନ ବାବଦରେ ଯେତେ ଖର୍ଚ୍ଚ ହେଉଛି, ତାହା ଢେର୍ କମିଯିବ। କେବଳ ସେତିକି ନୁହେଁ, ରାଉରକେଲା ଭୁବନେଶ୍ୱର ମଧ୍ୟରେ ଦୂରତା ହ୍ରାସ ପାଇବାରୁ ରେଳଭଡ଼ା ମଧ୍ୟ ଢେର୍ କମ୍ ଦେବାକୁ ପଡ଼ିବ। କୁହାଯାଉଛି ଯେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପ ଲାଗି ଏଯାବତ୍ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନାହିଁ। ସବୁଠାରୁ ବଡ଼ ପ୍ରତିବନ୍ଧକ ରହିଛି ଜଙ୍ଗଲ ଜମିର ଉପଯୋଗ ଲାଗି ପରିବେଶ ମଞ୍ଜୁରୀ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ରେଳ ଓ ପରିବେଶ ବିଭାଗ ସମ୍ମିଳିତ ଭାବେ ଉଦ୍ୟମ କଲେ, ଏହି ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି କୁହାଯାଉଛି। ଇତିମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ବାରମ୍ବାର ସମୀକ୍ଷା କରିଛନ୍ତି। ତାଳଚେର-ବିମଳାଗଡ଼ ରେଳପଥ ତାଳଚେରଠାରୁ ସୁନାଖଣି ପର୍ଯ୍ୟନ୍ତ ଶେଷ ହୋଇଥିବା ବେଳେ ସୁନାଖଣିରୁ ଅନୁଗୋଳ ଜିଲ୍ଲାର ପରବିନ୍ ପର୍ଯ୍ୟନ୍ତ କାର୍ଯ୍ୟ ପ୍ରାୟ ସରି ଆସୁଥିବା କୁହାଯାଉଛି। ତେବେ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜମି ସମସ୍ୟା ଏହି ପ୍ରକଳ୍ପକୁ ଆଗେଇ ନେବାରେ ପ୍ରତିବନ୍ଧକ ସାଜିଛି।

# ୩ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଫିରିଙ୍ଗିଆ, ୩।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ପୁଣି ୩୪ଏକର ଜଙ୍ଗଲ ଜମିରୁ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ୩ କୋଟି ଟଙ୍କାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରିଛି। ଫୁଲବାଣୀ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲିକଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ରଙ୍କ ଉପସ୍ଥିତିରେ ଫିରିଙ୍ଗିଆ ଥାନା ଡିମିରିଗୁଡ଼ା ପଞ୍ଚାୟତର କେକ୍ରିଙ୍ଗିଆ, ଦଣ୍ଡସାହି, ରୁଗୁଡ଼ିସାହି ଓ ବାଘାଳି ଗାଁ ପାଖ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ଦିଆଯାଇଥିଲା। ଏ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ସହକାରୀ ପୁଲିସ ଅଧିକାରୀ ଅଜୟ କୁମାର ସାହୁ, ଏଏସ୍‌ଆଇ ଶ୍ରୀକାନ୍ତ ପାତ୍ର, ଅବକାରୀ ବିଭାଗ କର୍ମଚାରୀ, ଥାନାରେ କାର୍ଯ୍ୟରତ ୧୦ ଜଣ ହୋମଗାର୍ଡ ସାମିଲ ଥିବା ବେଳେ ୩୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ପୁଲିସ ଉପରକୁ ଗୁଳି ଚଳାଇବା ମାମଲା

# ଦୋଷୀକୁ ୭ ବର୍ଷ ଜେଲ୍

**କଟକ, ୩।୨(ସମିସ):** କର୍ତ୍ତବ୍ୟରତ ପୁଲିସ ଉପରକୁ ଗୁଳି ଚଳାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳର ବୁଦ୍ଧିଆ ଓରଫ ତ୍ରିଲୋଚନ ନାୟକ(୪୮)କୁ ଅତିରିକ୍ତ ଦୌରାଜଜ୍‌ଙ୍କ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ତ୍ରିଲୋଚନକୁ ୭ ବର୍ଷ ସଶ୍ରମ କରାଦଣ୍ଡ ସହିତ ତ୍ରିଲୋଚନକୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଛି। ଜରିମାନା ରାଶି ପଇଠ ନ କଲେ ଅଭିଯୁକ୍ତକୁ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅଦାଲତ ଆଇପିସିର ଦଫା ୩୦୭ ଓ ଆର୍ମସ ଆକ୍ଟର ଧାରା ୨୭(୧)ରେ ତ୍ରିଲୋଚନକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୧୮, ଜାନୁଆରି ୪ରେ ଗୋପାଳପୁର ପୁରୁଣା ତନଖି ଫାଟକ ପାଖରେ ସନ୍ଦେହଜନକ ଅବସ୍ଥାରେ ତ୍ରିଲୋଚନ ଏକ ମୋଟରସାଇକେଲ ଧରି ଯାଉଥିଲା। ପୁଲିସ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲା ବେଳେ ତ୍ରିଲୋଚନ ଘଟଣାସ୍ଥଳରୁ ପଳାଇବାକୁ ଉଦ୍ୟମ କରିଥିଲା। ପୁଲିସ ତାର ପିଛା କରିବାରୁ ତ୍ରିଲୋଚନ ପୁଲିସ ଉପରକୁ ଗୁଳି ଚଳାଇଥିଲା। ସଦର ଥାନାର ତତ୍କାଳୀନ ସବ୍-ଇନ୍ସପେକ୍ଟର କୃପାସିନ୍ଧୁ ବରାଡ଼ ଆତ୍ମରକ୍ଷା ପାଇଁ ଚଳାଇଥିବା ଗୁଳି ତ୍ରିଲୋଚନ ଗୋଡ଼ରେ ବାଜିଥିଲା। ଏହାପରେ ତ୍ରିଲୋଚନକୁ ପୁଲିସ କାବୁ କରିଥିଲା। ତ୍ରିଲୋଚନ ନିକଟରୁ ୯ ଏମଏମ ପିସ୍ତଲ, ଜୀବନ୍ତ ଗୁଳି, ମୋଟରସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରାଯାଇଥିଲା। ତଦନ୍ତ ପରେ ସଦର ଥାନା ପୁଲିସ ୨୦୧୮, ମାର୍ଚ୍ଚ ୧୭ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତରେ ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ ତରଫରୁ ୧୫ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲାୟ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରାମ ପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।






## ଅବଶିଷ୍ଟାଂଶ...

### ଓଡ଼ିଶାରେ 'ଭାଷା'...

ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ କହିଛନ୍ତି ଯେ ଏହି ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଅଧିକ ଲୋକପ୍ରିୟ କରିବା ଏବଂ ଆମ ଭାଷାକୁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଜରିଆରେ କିଭଳି ଆଗକୁ ନେଇ ପାରିବା, ତା ହେଉଛି ଏହି ସମ୍ମିଳନୀର ଆଭିମୁଖ୍ୟ ବୋଲି ଅଶ୍ୱିନୀ ମତବ୍ୟକ୍ତ କରିଛନ୍ତି । ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ ଆଜି ଆମ ସମସ୍ତଙ୍କ ପାଇଁ ଏହି ସମ୍ମିଳନୀ ଏକ ଭାଷାର ପର୍ବ ଓ ଉତ୍ସବ। ଆଜି ଓଡ଼ିଶାରେ ରୂପାନ୍ତର ପ୍ରକ୍ରିୟା ଜାରି ରହିଛି। ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ଼ ଭୂମିକା ରହିଛି। ସେଥିପାଇଁ ଆମ ଭାଷାର ଗୌରବ ବୃଦ୍ଧି ଓ ଜୟଗାନ ପାଇଁ ମୁଖ୍ୟମନ୍ତ୍ରୀ ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିଛନ୍ତି। ଏହି ସମ୍ମିଳନୀର ପ୍ରସଙ୍ଗ ରହିଛି 'ଭାଷା ହିଁ ଭବିଷ୍ୟତ'। ଆଜି ଏହି ସମ୍ମିଳନୀରେ ୪ଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ ଏକତ୍ରିତ ହୋଇଛନ୍ତି। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଆମ ଭାଷାର ଅଭିବୃଦ୍ଧି ପାଇଁ ସେମାନେ ଆମକୁ ଦିଗ୍‌ଦର୍ଶନ ଦେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗ ଦେଇ ସାଉଥ-ଇଷ୍ଟ ଏସିଆ ଷ୍ଟଡି ପ୍ରଫେସର ଆର୍ଲୋ ଗ୍ରୀଫିଥ୍ କହିଲେ ଯେ ସେ ଓଡ଼ିଶାରେ ରହୁଛନ୍ତି । ଭାରତ ଭିତରେ ଓଡ଼ିଶା ତାଙ୍କୁ ବହୁତ ଭଲ ଲାଗେ। ମୁଁ ଜଗନ୍ନାଥଙ୍କୁ ଭଲପାଏ, ଓଡ଼ିଆ ଭାଷାକୁ ଭଲ ପାଏ ଏବଂ ଓଡ଼ିଆ ଭାଷାକୁ ବ୍ୟବହାର କରେ ବୋଲି କହିଛନ୍ତି ।କାର୍ଯ୍ୟକ୍ରମରେ ଯୁବ ଲେଖିକା ସ୍ୱର୍ଣ୍ଣ ସମ୍ପୂର୍ଣ୍ଣା କର ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ ଯୁବଶକ୍ତି...

ବୋଲିକହିଛନ୍ତିମୁଖ୍ୟମନ୍ତ୍ରୀନବୀନପଟ୍ଟନାୟକ।ଆଜିସମ୍ବଲପୁରରେଆଇଆଇଏମ୍‌ର ନୂତନ କ୍ୟାମ୍ପସ୍ ଉଦ୍‌ଘାଟନ କାର୍ଯକ୍ରମରେ ଜୟ ଜଗନ୍ନାଥ, ଜୟ ସମଲେଶ୍ୱରରୀରୁ ନିଜ ଅଭିଭାଷଣ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଜର ଗୁଣାତ୍ମକ ଶିକ୍ଷାଦାନ ପାଇଁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍), ସମ୍ବଲପୁର ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଛି। ବହୁତ କମ୍ ସମୟ ଭିତରେ ଏହି ଶିକ୍ଷାନୁଷ୍ଠାନ ଅନେକ ଦକ୍ଷ ଗ୍ରାଜୁଏଟ୍ ସୃଷ୍ଟି କରି ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଏଠାରୁ ଶିକ୍ଷା ସମାପ୍ତ କରିବା ପରେ ଆପଣମାନଙ୍କ ମଧ୍ୟରୁ ଅନେକ କର୍ପୋରେଟ୍ କମ୍ପାନୀ ତଥା ବିଶ୍ୱର ଶ୍ରେଷ୍ଠ କମ୍ପାନୀରେ ନିଯୁକ୍ତି ମିଳିବ। କିନ୍ତୁ ଯେଉଁମାନେ ଜୀବନରେ ସଫଳ ହେଉଛନ୍ତି ସେମାନେ ନିଜ ରାଜ୍ୟପାଇଁ ଚିନ୍ତା କରିବା ଆବଶ୍ୟକ। ଆପଣମାନଙ୍କର ଉଚ୍ଚଶିକ୍ଷା, ଆପଣମାନଙ୍କର ଅଭିଜ୍ଞତା ରାଜ୍ୟର ହିତରେ ଉପଯୋଗ କରନ୍ତୁ। ଆଲୁମିନି ଭାବେ ନିଜ ବିଦ୍ୟାଳୟକୁ ନୁହେଁ ବରଂ ରାଜ୍ୟର ସମସ୍ତ ବିଦ୍ୟାଳୟର ଆଲୁମିନି ବୋଲି ଭାବନ୍ତୁ। ରାଜ୍ୟର ଛାତ୍ରଛାତ୍ରୀଙ୍କ ବିକାଶରେ ଆପଣମାନେ ନିଜ ସାଧନ ବିନିଯୋଗ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହା ଦ୍ୱାରା ରାଜ୍ୟରେ ପ୍ରକୃତ ରୂପାନ୍ତରଣ ହୋଇପାରିବ। ସବୁ ବାଧା ବିଘ୍ନକୁ ପ୍ରତିହତ କରି ବିକାଶର ଶୀର୍ଷରେ ପହଞ୍ଚିବାରେ ଓଡ଼ିଶାକୁ କେହି ରୋକିପାରିବେ ନାହିଁ। ଏକ ସମୟରେ ଜଣଙ୍କ ସହିତ ରୂପାନ୍ତରଣ ଘଟିଥାଏ, ଏହି ରୂପାନ୍ତରଣ ଆପଣମାନଙ୍କ ଠାରୁ ଆରମ୍ଭ ହେଉ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେ ଆଇଆଇଏମ୍, ସମ୍ବଲପୁରର କ୍ୟାମ୍ପସ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଆଇଆଇଏମ୍, ସମ୍ବଲପୁରର ନୂତନ ଭିତ୍ତିଭୂମି ପାଇଁ ବିଶେଷକରି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଅଭିନନ୍ଦନ ଜଣାଉଛି। ଏଠାରେ ଶିକ୍ଷାଗ୍ରହଣ କରିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅନନ୍ୟ ଅଭିଜ୍ଞତା ହେବ। ଭାରତରେ ଷ୍ଟାର୍ଟଅପ୍ ମାନଙ୍କ ପାଇଁ ଏହା ହେଉଛି ସୁବର୍ଣ୍ଣ ସମୟ। ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ବିବେଚିତ ହୋଇଛି। ଆମର ଯୁବକ ଯୁବତୀମାନେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନିଜ ଅଭିନବ ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ପାଇଁ ଉଦ୍ୟମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଓଡ଼ିଶା ହେବ...

ଜାତୀୟ ରାଜପଥ ନିର୍ମାଣ ହୋଇଛି। ଖଣି, ବିଜୁଳି ଓ ଇସ୍ପାତ ପାଇଁ ପରିଚିତ ଓଡ଼ିଶାରେ ସୋନପୁର-ପୁରୀ ରେଳ ଚଳାଚଳ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟକଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କୁ ଭାରତ ରତ୍ନ ପ୍ରଦାନ ପ୍ରସଙ୍ଗ ଉଲ୍ଲେଖ କରି ତାଙ୍କର ଦୀର୍ଘଜୀବନ କାମନା କରିଛନ୍ତି । ଶ୍ରୀ ଆଡ଼ଭାନୀଙ୍କୁ ପ୍ରଧାନମନ୍ତ୍ରୀ ଦେଶର ସୁପୁତ୍ର, ନିଷ୍ଠାବାନ ରାଜନେତା ଭାବରେ ଉଲ୍ଲେଖ କରିଛନ୍ତି। ସେବା କରୁଥିବା ଲୋକଙ୍କୁ ଦେଶ କେବେ ବି ଭୂଲେ ନାହିଁ ବୋଲି ଉଲ୍ଲେଖ କରି ଆଡ଼ଭାନୀଙ୍କ ମାର୍ଗଦର୍ଶନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି। ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁର ସାଂସଦ ନୀତେଶ ଗଂଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୈସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଘର ପିଣ୍ଡାରୁ...

ମାତ୍ର ଓଡ଼ିଶାପ୍ରେମୀ, ତାହା ପାଇଁ ମଧ୍ୟ ଏହି ପର୍ବ। ତେଣୁ ଏହି ପର୍ବ ପାଇଁ ସମସ୍ତେ ହାତ ମିଳାଇ ମା' ମାଟି ଏବଂ ଆମ ଭାଷର ଗୌରବ ବୃଦ୍ଧି କରିବାକୁ ଉଦ୍ୟମ କରିବା ଲାଗି ଶ୍ରୀମତୀ କାର୍ତ୍ତିକେୟନ ଆହ୍ୱାନ ଦେଇଛନ୍ତି। ଆମ ମାଟିର ଭାଷାକୁ ଆମେ ସମସ୍ତେ ଘର ପିଣ୍ଡାରୁ ଆରମ୍ଭ କରି ବିଶ୍ୱ ଜଗତରେ ସଶକ୍ତ, ସମୃଦ୍ଧ ଓ ବୁଦ୍ଧିମନ୍ତ କରିବା ପାଇଁ ସେ କହିଛନ୍ତି। ଶ୍ରୀମତୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଇଛି। ଆଜି ଓଡ଼ିଶାରେ ରୂପାନ୍ତର ପ୍ରକ୍ରିୟା ଜାରି ରହିଛି। ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ଼ ଭୂମିକା ରହିଛି। ସେଥିପାଇଁ ଆମ ଭାଷାର ଗୌରବ ବୃଦ୍ଧି ଓ ଜୟଗାନ ପାଇଁ ମୁଖ୍ୟମନ୍ତ୍ରୀ ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିଛନ୍ତି। ସମ୍ମିଳନୀର ପ୍ରସଙ୍ଗ ରହିଛି 'ଭାଷା ହିଁ ଭବିଷ୍ୟତ'। ଆଜି ଏହି ସମ୍ମିଳନୀରେ ୪ଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ ଏକତ୍ରିତ ହୋଇଛନ୍ତି। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଆମ ଭାଷାର ଅଭିବୃଦ୍ଧି ପାଇଁ ସେମାନେ ଆମକୁ ଦିଗ୍‌ଦର୍ଶନ ଦେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆଧୁନିକ ଯୁଗରେ କିପରି ଉଚ୍ଚଶିକ୍ଷା, ବୈଜ୍ଞାନିକ ଶିକ୍ଷାରେ ଭାଷାର ପ୍ରୟୋଗ ବୃଦ୍ଧି କରାଯାଇପାରିବ, ତାହା ଉପରେ ମାନସ ମନ୍ଥନ କରାଯିବ ବୋଲି ସେ କହିଛନ୍ତି। ସେହିପରି ସମ୍ମିଳନୀ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଏଭଳି ୩ଟି ବିଭାଗରେ ବିଭକ୍ତ କରି ଏକ ଅଭିନବ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ତେଣୁ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହେବା ଓ ପ୍ରଦର୍ଶନୀ ବୁଲି ଦେଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀମତୀ କାର୍ତ୍ତିକେୟନ ମିଶନ୍ ଶକ୍ତି ସଚିବ ଭାବେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରାଇବାରେ ବଡ଼ ଭୂମିକା ନିର୍ବାହ କରିବା ପରେ ଅଳ୍ପ କିଛି ଦିନ ପୂର୍ବେ ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଭାବେ ମୁଖ୍ୟମନ୍ତ୍ରୀ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀମତୀ ପାଣ୍ଡିଆନ୍ ଏହି ବିଭାଗ ଦାୟିତ୍ୱ ନେବା ପରେ ଓଡ଼ିଆ ଭାଷାର ଯଶ ଉଡ଼ାଇବା ପାଇଁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସଫଳ ହୋଇଛନ୍ତି। ଏଭଳି ଆୟୋଜନ ଯୋଗୁଁ ଭାଷାପ୍ରେମୀଙ୍କଠାରୁ ଆରମ୍ଭ କରି ରାଜ୍ୟ, ରାଜ୍ୟ ବାହରେ ରହୁଥିବା ବହୁ ଓଡ଼ିଆ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରୁଛନ୍ତି। ଏହାସହ ଭାଷା ସମ୍ମିଳନୀରେ ଯୋଡ଼ି ହୋଇ ଏହି ଗୌରବମୟ ମୁହୂର୍ତ୍ତ ଓ ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଉଛନ୍ତି।

### ୧.୨ ଲକ୍ଷ କୋଟି...

ଜଣାପଡ଼ିଛି। ତେବେ ନିର୍ବାଚନ ପୂର୍ବରୁ ଏହା ରାଜ୍ୟ ସରକାରଙ୍କ ଶେଷ ବଜେଟ ହୋଇଥିବାରୁ ରାଜ୍ୟ ସରକାର କିଛି ଲୋକାଭିମୁଖୀ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବଜେଟରେ ଭିତ୍ତିଭୂମି, ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ପ୍ରଦାନ ସହ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ସମ ପରିମାଣରେ ଗୁରୁତ୍ୱ ଦେଇପାରନ୍ତି ଏବଂ ଏପ୍ରିଲ-ଜୁଲାଇ ଚାରିମାସ ପାଇଁ ୧.୨ ଲକ୍ଷ କୋଟି ଟଙ୍କାର କାମଚଳା ବଜେଟ୍ ଅଗାତ କରିପାରନ୍ତି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।



ସମ୍ବଲପୁରସ୍ଥିତ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଲକ୍ଷ୍ମୀ ବସ୍ ନିଯୁକ୍ତିରେ ଦୁର୍ନୀତି ହୋଇନାହିଁ

## କେହି ମିଥ୍ୟା ବିଜ୍ଞାପନ ଦେଉଥିଲେ ସୂଚନା ଦିଅନ୍ତୁ

**ଭୁବନେଶ୍ୱର, ୩।୨(ସମିସ):** ବଲାଙ୍ଗିରରେ ଲକ୍ଷ୍ମୀ ବସ୍‌ରେ କର୍ମଚାରୀ ନିଯୁକ୍ତି ନେଇ ଯେଉଁ ଦୁର୍ନୀତି ଅଭିଯୋଗ ଆସିଛି, ତାହା ସମ୍ପୂର୍ଣ୍ଣ ଅମୂଳକ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛି ବୋଲି ଓଏସ୍ଆରଟିସିର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି। ଆଜି ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଥିଲେ, ଲକ୍ଷ୍ମୀ ବସ୍‌ରେ କର୍ମଚାରୀଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ପାରଦର୍ଶିତାର ସହ ସମ୍ପାଦିତ ହୋଇଥାଏ। ସେଥିପାଇଁ ୭ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ତେବେ ବଲାଙ୍ଗିରରେ ଏକ ଠକ ଗୋଷ୍ଠୀ ଲକ୍ଷ୍ମୀ ବସ୍‌ରେ ନିଯୁକ୍ତି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇଥିଲେ। ଏହା ଜଣାପଡ଼ିବା ପରେ ପୁଲିସ୍‌ରେ ଏତଲା ଦିଆଯାଇଥିଲା। ଆମେ ଜନସାଧାରଣଙ୍କୁ ଅନୁରୋଧ କରୁଛୁ ଯେ ଯଦି କେହି ଲକ୍ଷ୍ମୀ ବସ୍‌ରେ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ବିଜ୍ଞାପନ ଦେଉଥାନ୍ତି ଅବା କହୁଥାନ୍ତି ତା ହେଲେ ତୁରନ୍ତ ଓଏସ୍ଆରଟିସିକୁ ଫୋନ୍ କରି ସୂଚନା ଦେଲେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ଶ୍ରୀ ସେଠୀ କହିଛନ୍ତି।

# ୪୨ ଜେଲ୍‌ରେ ନିଯୁକ୍ତହେବେ ମେଡ଼ିକାଲ ଅଫିସର୍

**ଭୁବନେଶ୍ୱର, ୩।୨(ସମିସ):** ରାଜ୍ୟର ବିଭିନ୍ନ ଜେଲ୍‌ରେ ହେଉଥିବା ମେଡିକାଲ ସମସ୍ୟାର ହେବ ସମାଧାନ। କାରଣ ଜେଲ୍ ବିଭାଗ ୪୨ ଜେଲ୍ ପାଇଁ ମେଡ଼ିକାଲ ଅଫିସର ନିଯୁକ୍ତି ଦେବ। ଏନେଇ ମଧ୍ୟ ଏକାଧିକ ଡାକ୍ତର ଆବେଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଡାକ୍ତରମାନଙ୍କୁ ବିଭିନ୍ନ ଜେଲ୍‌ରେ ନିଯୁକ୍ତି ଦିଆଯିବ। ଜାମୁଝରୀ, ଆନନ୍ଦପୁର, ଆସ୍କା, ଆଠମଲିକ, ବାଲିଗୁଡ଼ା, ବାଙ୍କି, ବଡମ୍ବା, ବଡ଼ବିଲ, ବୀରମହାରାଜପୁର, ବିଷମକଟକ, ଚମ୍ପୁଆ, ଛତ୍ରପୁର, ଦଶପଲା, ଧର୍ମଗଡ଼, ଦିଗପହଣ୍ଡି, ଜି.ଉଦୟଗିରି, ହିନ୍ଦୋଳ, ଯାଜପୁରରୋଡ୍, ଜଳେଶ୍ୱର, କାମାକ୍ଷାନଗର, କଣ୍ଟାବାଞ୍ଜି, କରଞ୍ଜିଆ, ଖରିଆର, କୋଦଳ, କୋଟପାଡ଼, କୁଚିଣ୍ଡା, କୁଜଙ୍ଗ, ଏମ୍. ରାମ୍‌ପୁର, ନରସିଂହପୁର, ନିଳଗିରି, ନିମାପଡ଼ା, ପଦ୍ମପୁର, ରାଇରଙ୍ଗପୁର, ରଣପୁର, ସୋର, ସୋହେଲା, ଟିଟିଲାଗଡ଼ ଆଦି ୪୨ଟି ଜେଲ୍‌କୁ ଜେଲ୍ ମେଡ଼ିକାଲ ଅଫିସର ନିଯୁକ୍ତି ଦିଆଯିବ।

ଜେଲ୍ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବାଜ୍ଞପ୍ତିରେ କୁହାଯାଇଛି ଯେ ୭୦ ବର୍ଷରୁ ଅଧିକ ହୋଇନଥିବା ଏମ୍‌ବିବିଏସ୍ ଏବଂ ଅବସରପ୍ରାପ୍ତ ମେଡ଼ିକାଲ ଅଫିସର ଆବେଦନ କରିପାରିବେ। ଜେଲ ବିଭାଗରେ ନିଯୁକ୍ତି ପାଇବାକୁ ଥିବା ଏହି ଜେଲ୍ ମେଡ଼ିକାଲ ଅଫିସରଙ୍କୁ ଚୁକ୍ତିଭିତ୍ତିକ ଭାବେ ରଖାଯିବ। ସେମାନଙ୍କୁ ମାସିକ ଦରମା ଆକାରରେ ୫୫ ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଛି। ତେଣୁ ଆସନ୍ତା ଫେବୃଆରୀ ଶେଷ ସୁଦ୍ଧା ଜେଲ୍ ମେଡ଼ିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ଜେଲ୍‌ରେ ଏହି ଜେଲ୍ ମେଡ଼ିକାଲ ଅଫିସର ନିଯୁକ୍ତି କରାଯିବା ପରେ ସେଠାରେ ଥିବା ଡାକ୍ତର ସମସ୍ୟା ଦୂର ହେବ। ସେମାନେ ଜେଲ୍ ମେଡ଼ିକାଲରେ ହେଉଥିବା ବିଭିନ୍ନ ସମସ୍ୟାକୁ ସେ ସମାଧାନ କରିବେ। ତାଙ୍କର ପରାମର୍ଶକ୍ରମେ ଜେଲ୍ ମେଡ଼ିକାଲର ସବୁ କାର୍ଯ୍ୟ କରାଯିବ। ଆବଶ୍ୟକ ପଡ଼ିଲେ, ମେଡ଼ିକାଲ ଅଫିସର ମଧ୍ୟ କଏଦୀଙ୍କୁ ଚିକିତ୍ସା କରିବେ। ଅନେକ ସମୟରେ ମେଡ଼ିକାଲକୁ ନେବା ସମୟରେ ଅଧା ବାଟରେ କଏଦୀଙ୍କ ମୃତ୍ୟୁ ଘଟୁଥିଲା। କିନ୍ତୁ ଏବେ ଆଉ ସେ ସମସ୍ୟା ହେବ ନାହିଁ ବୋଲି ଜେଲ୍ ବିଭାଗ ଆଶା ରଖିଛି।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions on Employability Skills.** **(4×1=4)**

i. When it is difficult to communicate with someone who is not willing to talk or express their feelings and views it means there is a/an ______.
(a) Culture Barrier (b) Interpersonal Barrier
(c) Physical Barrier (d) Language Barrier
ii. Kartik's Computer was running very slow, hangs and often restarts. He is very confused and tensed as he was working on a very important assignment. Kartik's friend gave him the following suggestions. Identify who has given him a genuine suggestion.
(a) Radha : Restart your machine
(b) Ishan : Install reliable antivirus software and update
(c) Amar : Don't use Pendrive
(d) Sam : Install free antivirus from net
iii. ______ refers to focusing human efforts for maintaining a healthy body and mind capable of better withstanding stressful situations.
(a) Self-Motivation (b) Stress Management
(c) Self-Awareness (d) Self-Regulation
iv. High expectations from self can leave with chronic anxiety and stress, thus leading to ______ stress.
(a) Physical (b) Emotional (c) Mental (d) Financial
v. Which of the following is/are a myth about Entrepreneurship?
(a) Need a lot of Money (b) Must have a great Idea
(c) Should know everything about business (d) All of these
vi. Name the organization that has the Sustainable Development Goals?
(a) UNICEF (b) League of Nations
(c) United Nations (d) World Health Organization

2. **Answer any 5 out of the given 6 questions.** **(1×5 = 5)**

i. Which one is not the tab of the insert/index Table window of Writer Document?
(a) Entries (b) Background (c) Style (d) Row
ii. In the custom styles, each ______ field on the Structure line represents a blank space in a document.
(a) Black (b) White (c) Blue (d) Yellow
iii. Saurabh has made an advertisement in Digital Document. He is facing difficulty in positioning the images within the text. Suggest him how he can adjust the image?
(a) Wrap text (b) Crop (c) Alignment (d) Layout
iv. A ______ is a collection of records that store data in Mail merge.
(a) Data Source (b) Main Document (c) Document (d) Merge Field
v. To increase the contrast of an image, ______ option is used in a document.
(a) Smooth (b) Sharpen (c) Aging (d) mosaic
vi. ______ provides Internet access by transmitting digital data over wires of a local telephone network.
(a) ISP (b) DSL (c) Dial-up connection (d) Modem

3. **Answer any 5 out of the given 6 questions.** **(1×5 = 5)**

i. ______ is specifically designed to minimize the results according to a set rules that we define in a spreadsheet.
(a) Goal Seek (b) Scenario (c) Solver (d) Subtotal
ii. Sahil and his partners have created a list of their company employees in one of the spreadsheets in the office. Now the rest of the task they want to complete from home. Which option they should use to access the same Spreadsheet from home?
(a) Consolidate Worksheet (b) Link Worksheet
(c) Merge Worksheet (d) Lock Worksheet
iii. ______ can help to clarify the relation between cells while using "Multiple Operations".
(a) Detective (b) Solver (c) Navigation (d) Hyperlink
iv. Identify the part of a Spreadsheet using which a user can manage multiple sheets.
(a) Status Bar (b) Sheet Tab (c) Formula Bar (d) Worksheet Area
v. Spreadsheet software can find the changes by ______ sheets.
(a) Changing (b) Comparing (c) Renaming (d) Editing
vi. At the bottom of each worksheet, left tab indicates the ______ of the worksheet in a workbook.
(a) Size (b) Type (c) Name (d) Color

4. **Answer any 5 out of the given 6 questions.** **(1×5 = 5)**

i. It enables users to view, enter, and change data directly in database objects.
(a) Report (b) Query (c) Form (d) Database
ii. There are ______ types of Relationships in a table of a database.
(a) One (b) 3 (c) 4 (d) Many
iii. A Relational database uses ______ commands which is a standard user application that provides an easy programming interface for database interaction.
(a) Access (b) Python (c) SQL (d) Protocol
iv. Suraj wants to create a database for his clients. For this purpose, she needs to store the Email IDs of his clients. Which datatype should he use to accomplish this purpose?
(a) Numeric (b) Varchar (c) Binary (d) Boolean
v. Geet has written a SQL query in SQL view. But he doesn't know how to execute the query using keyboard keys. Suggest him the shortcut key to complete the task.
(a) Enter (b) Ctrl + E (c) Space bar (d) F5
vi. A table can have only ______ primary key in a database.
(a) 1 (b) 2 (c) 3 (d) Many

5. **Answer any 5 out of the given 6 questions.** **(1×5 =5)**

i. ______ key is an accessibility feature that assists people having difficulty in using keyboard and mouse.
(a) Guide (b) Sticky (c) Serial (d) Home
ii. Anaisha is a wildlife photographer. She wants to create her website where she can update the pictures and discuss about different events, reviews, announcements, news etc. Suggest her a suitable option to complete the task.
(a) Blog (b) E-Mail (c) Instant Messaging (d) Mail Merge
iii. Which of the following is not a web browser?
(a) Safari (b)Internet Explorer (c) Google (d) Firefox
iv. Which out of the following is the best example of a strong password?
(a) 9412356789 (b) 14Hd{]$_Sb10
(c) HarryPotterSeries (d) 14Oct2004
v. Bharat has set up his company with 20 computers in a building. He wants to connect all the computers together. Which type of Network will be the best suitable for this purpose?
(a) LAN (b) WAN (c) PAN (d) MAN
vi. IP stands for ______
(a) International Protocol (b) Internet Protocol
(c) Intranet Protocol (d) Interpersonal Protocol

**Section B (Subjective Type)**

**Answer any 3 out of the given 5 questions on Employability Skills**
**Answer each question in 20-30 words.** **(2×3 =6)**

6. What are the learning objectives of communication?
7. Why do we say that an entrepreneur should be open-minded?
8. How is self-regulation connected to the ability to work independently?
9. How we can prevent computer against attack by viruses.
10. "Green economy promotes sustainable development". Justify the statement.

**Answer any 4 out of the given 6 questions in 20 - 30 words each (2×4= 8)**

11. What do you understand by Anchoring in Word Processor?
12. What do you mean by Sorting in a Spreadsheet?
13. State any four etiquettes to be followed while chatting on the internet.
14. How is Goal Seek different from Solver in a Spreadsheet?
15. Differentiate between a Primary key and Foreign key.
16. What is the importance of healthy lifestyle? Give any four points related to it.

**Answer any 3 out of the given 5 questions in 50–80 words each. (4×3= 12)**

17. What do you understand by the term Table of Contents? List the characteristics of a good 'Table of content' in a word processor.
18. Explain the term 'Scenarios' in relation to the Spreadsheets with example.
19. Explain different kinds of online threats.
20. Explain the term "Referential Integrity". Why is it important in a database?
21. Consider the following Vendor table and write the queries for the following:
22. Table Datasheet

| Sub_code | Sub_Name | DateofExam | Days |
|---|---|---|---|
| E001 | English | 11-03-2021 | Monday |
| H002 | Hindi | 15-03-2021 | Friday |
| S003 | Social Sci. | 18-03-2021 | Monday |
| S004 | Science | 21-03-2021 | Thursday |

23. Write a SQL command to display the records in ascending order by date of exam.
24. Write a query to display the above date sheet.
25. Write a query to display the subject name and date of the exam held on 'Monday'
26. Write a SQL command to display the date of exam and Sub_Name of Science subject.

*****

*All the Best...*

**ANSWER KEY**

**1.** i. (d) ii. (b) iii. (b) iv. (c) v. (d) vi. (c)
**2.** i. (c) ii. (b) iii. (d) iv. (a) v. (b) vi. (a)
**3.** i. (c) ii.(b) iii. (d) iv. (b) v. (b vi. (c)
**4.** i. (c) ii. (d) iii. (c) iv. (b) v. (b) vi. (a)
**5.** i. (c) ii. (a) iii. (d) iv. (b) v. (a) vi. (b)

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ବାରବାଟୀରେ ଗୋବିନ୍ଦ ୮୦, ବିପ୍ଳବ ୮୨

# ଓଡ଼ିଶାକୁ ପୁଡୁଚେରୀର ଲଢୁଆ ଜବାବ

ଭୁବନେଶ୍ୱର, ୩।୨ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏଲିଟ୍ ରଣଜୀ ଟ୍ରଫି ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଆୟୋଜକ ଓଡ଼ିଶାକୁ ଭ୍ରମଣକାରୀ ପୁଡୁଚେରୀ ଲଢୁଆ ଜବାବ ଦେଇଛି। ଏହି ମ୍ୟାଚ୍‌ରେ ଦୁଇ ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ୮୦ ଓ ବିପ୍ଳବ ସାମନ୍ତରାୟ ୮୨ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ପାଳିରେ ୩୨୨ ରନ୍ କରିଥିଲା। ଜବାବରେ ଅଧିନାୟକ କେବି ଅରୁଣ କାର୍ତ୍ତିକଙ୍କ ଅର୍ଦ୍ଧଶତକ ଓ ଫବିଦ ଅହମ୍ମଦ୍‌ଙ୍କ ସହ ଅବିଭକ୍ତ ୫ମ ୱିକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ବଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ପୁଡୁଚେରୀ ୪ ୱିକେଟ ହରାଇ ୧୨୭ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଓଡ଼ିଶା ଏବେ ସୁଦ୍ଧା ପ୍ରଥମ ପାଳିରେ ୧୯୫ ରନ୍‌ରେ ଆଗୁଆ ରହିଛି।

### ୨୧ ରନ୍‌ରେ ୫ ୱିକେଟର ପତନ

ଶନିବାର ସକାଳେ ଓଡ଼ିଶା ଦଳ ତାହାର ଅସମାପ୍ତ ପ୍ରଥମ ପାଳି ୫ ୱିକେଟରେ ୨୩୦ ରନ୍‌ରୁ ଖେଳ ଆରମ୍ଭ କରିବା ମାତ୍ରେ ବିପଦରେ ପଡ଼ିଥିଲା। ପୂର୍ବଦିନ ସୁନ୍ଦର ବ୍ୟାଟିଂ କରି ୮୦ ରନ୍‌ରେ ଅପରାଜିତ ରହିଥିବା ଗୋବିନ୍ଦ ପୋଦ୍ଦାର ଆଉ କିଛି ରନ୍ ଯୋଡ଼ିବା ପୂର୍ବରୁ ଆଉଟ ହୋଇଯାଇଥିଲେ। ତାଙ୍କ ଆଉଟ ପରେ ବରିଷ୍ଠ ବିପ୍ଳବ ଓ କନିଷ୍ଠ ଆଶୀର୍ବାଦ ସ୍ୱାଇଁ ୬ଷ୍ଠ ୱିକେଟରୁ ୭୧ ରନ୍ ଉଠାଇ ଓଡ଼ିଶାକୁ ଏକ ବିଶାଳ ସ୍କୋର ଅଭିମୁଖେ ନେଇଥିଲେ। କିନ୍ତୁ ପ୍ରତିପକ୍ଷ ବୋଲର ସୌରଭ ଯାଦବ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରୁଥିବା ବିପ୍ଳବଙ୍କୁ ୮୨ ରନ୍‌ରେ ଆଉଟ କରି ଏହି ଯୋଡି ଭାଙ୍ଗିଦେବା ଫଳରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୨୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏକଦା ଦଳ ୫ ୱିକେଟରେ ୩୦୧ ରନ୍ କରିଥିଲାବେଳେ ବିପ୍ଳବ ଆଉଟ ହୋଇଥିଲେ। ଏହା ପରେ ଜଣଙ୍କ ପରେ ଜଣେ ଖେଳାଳି ପାଭିଲିୟନରୁ କ୍ରିଜ୍‌କୁ ଯିବା ଆସିବା କରିଥିଲେ। ଓଡ଼ିଶା ତାହାର ଶେଷ ୫ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା। ଦଳ ପକ୍ଷରୁ ବିପ୍ଳବ ୨୦୫ ବଲ୍ ଖେଳି ୮ ଚୌକା ଓ ଗୋଟିଏ ଛକା ସହ ସର୍ବାଧିକ ୮୨ ରନ୍ କରିଥିଲେ। ଯୁବ ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ମଧ୍ୟ ୪୦ ରନ୍‌ର ଯୋଗଦାନ ଦେଇଥିଲେ। ପୂର୍ବରୁ ଫର୍ମରେ ଥିବା ସନ୍ଦୀପ ପଟ୍ଟନାୟକ ୪୪ ଓ ଅଧିନାୟକ ଶାନ୍ତନୁ ମିଶ୍ର ୪୦ ରନ୍‌ର ଯୋଗଦାନ ଦେଇଥିଲେ। ପୁଡୁଚେରୀ ପକ୍ଷରୁ ୩ ଯାଦବଙ୍କୁ ସମସ୍ତ ୧୦ଟି ଯାକ ୱିକେଟ ମିଳିଥିଲା। ସେମାନଙ୍କ ମଧ୍ୟରୁ ଗୌରବଙ୍କୁ ୫, ସୌରଭଙ୍କୁ ୪ ଓ ରବି ଯାଦବଙ୍କୁ ଗୋଟିଏ ୱିକେଟ ମିଳିଥିଲା।



ବିପ୍ଳବ ସାମନ୍ତରାୟ



ଗୋବିନ୍ଦ ପୋଦ୍ଦାର

### ସୁଯୋଗ ହାତଛଡ଼ା

ଘରୋଇ ଦଳ ୩୨୨ରେ ଅଲଆଉଟ ହେବା ପରେ ପୁଡୁଚେରୀ ପାଳି ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ଫାଷ୍ଟ ବୋଲର ରାଜେଶ ମହାନ୍ତି ୨ଟି ଓ ଦେବବ୍ରତ ପ୍ରଧାନ ୭ ଓଭର ମଧ୍ୟରେ ୩ଟି ୱିକେଟ ଅକ୍ତିଆର କରିନେଇଥିଲେ। ୨୨ତମ ଓଭରରେ ଓପନର ଜୟ ପାଣ୍ଡେ ୧୦ ରନ୍ କରି ରନ୍‌ଆଉଟ ହୋଇଯାଇଥିଲେ। ପୁଡୁଚେରୀ ୫୬ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ଅଧିନାୟକ ଅରୁଣ କାର୍ତ୍ତିକ ଓ ଫବିଦ ଅହମ୍ମଦ୍ ଆକର୍ଷଣୀୟ ଖେଳପ୍ରଦର୍ଶନ କରି ଦଳକୁ ବିପଦରୁ ରକ୍ଷା କରିଥିଲେ। ଏମାନେ ଅବିଭକ୍ତ ୫ମ ୱିକେଟ ଭାଗୀଦାରିରୁ ୭୧ ରନ୍ ଉଠାଇବା ଫଳରେ ଷ୍ଟମ୍ପ ଅପସାରଣ ବେଳକୁ ପୁଡୁଚେରୀ ୪ ୱିକେଟରେ ୧୨୭ ରନ୍ କରିଥିଲା। ଏହି ସମୟରେ କାର୍ତ୍ତିକ ୧୦୪ ବଲ୍‌ରେ ୧୨ ଚୌକା ସହ ୭୭ ଓ ଅହମ୍ମଦ୍ ୭୩ ବଲ୍ ଖେଳି ୨ ଚୌକା ସହ ୩୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟ ୩ଜଣ ଖେଳାଳି ଦୁଇ ଅଙ୍କ ଛୁଇଁପାରି ନଥିଲେ।

# ପ୍ରଥମ ଶ୍ରେଣୀ କ୍ରିକେଟରେ ରାଜେଶଙ୍କୁ ୧୦୦ ୱିକେଟ

ଭୁବନେଶ୍ୱର, ୩।୨ (ସମିସ): ଓଡ଼ିଶାର ୨୩ ବର୍ଷୀୟ ଫାଷ୍ଟ ବୋଲର ରାଜେଶ ମହାନ୍ତି କଟକ ବାରବାଟୀରେ ଚାଲିଥିବା ପୁଡୁଚେରୀ ବିପକ୍ଷ ରଣଜୀ ଏଲିଟ ଗ୍ରୁପ୍-ଡି' ମ୍ୟାଚ୍‌ରେ ପ୍ରତିପକ୍ଷ ଓପନର ଆକାଶ କରଗେଭଙ୍କୁ ବୋଲ୍ଡ କରି ପ୍ରଥମଶ୍ରେଣୀ କ୍ରିକେଟରେ ୧୦୦ତମ ୱିକେଟ ପୂରଣ କରିଛନ୍ତି। ଏଥିଲାଗି ତାଙ୍କୁ ୨୪ଟି ମ୍ୟାଚ୍‌ର ସହାୟତା ନେବାକୁ ପଡ଼ିଥିଲା। ଏଥିରେ ସେ ୪୦୪୨ଟି ବଲ ବୋଲିଂ କରି ୨୧.୧୯ ହାରରେ ୧୦୧ଟି ୱିକେଟ ଅକ୍ତିଆର କରିଛନ୍ତି। ୨୦୧୮-୧୯ରୁ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିବା ଏହି ଡାହାଣହାତୀ ଫାଷ୍ଟ ବୋଲର ଓଡ଼ିଶା ପକ୍ଷରୁ ୨୩ଟି ରଣଜୀ ମ୍ୟାଚ୍ ଓ ଇଣ୍ଡିଆ ଗ୍ରିନ୍ ପକ୍ଷରୁ ଗୋଟିଏ ମ୍ୟାଚ୍ ଖେଳିଛନ୍ତି। ରାଜେଶ ଗୋଟିଏ ପାଳିରେ ୭ଥର ୫ଟି କିମ୍ବା ତା'ଠାରୁ ଅଧିକ ଓ ଗୋଟିଏ ମ୍ୟାଚ୍‌ରେ ୩ଥର ୧୦ଟି କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି। ଗୋଟିଏ ପାଳିରେ ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା ହେଉଛି ୪୭ ରନ୍ ଦେଇ ୬ଟି ୱିକେଟ ନେବା। ରାୟପୁରରେ ଖେଳାଯାଇଥିବା ଛତିଶଗଡ଼ ବିପକ୍ଷ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ସେ ସର୍ବାଧିକ ୩ଥର ଗୋଟିଏ ପାଳିରେ ୫ଟି କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି। ରାୟପୁର, ଆସାମର ବର୍ଷାପଡ଼ା ଓ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ସେ ଥରେ ଲେଖାଏଁ ଗୋଟିଏ ମ୍ୟାଚ୍‌ରେ ୧୦ଟି କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି। ଏହି ସମୟରେ ସେ ଆସାମ ବିପକ୍ଷରେ ସର୍ବାଧିକ ୧୬ଟି, ଜମ୍ମୁ-କାଶ୍ମୀର ବିପକ୍ଷରେ ୧୨ଟି ଓ ଛତିଶଗଡ଼ ବିପକ୍ଷରେ ୧୦ଟି ୱିକେଟ ନେଇଛନ୍ତି।



● ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ୧ ପ୍ଲେ-ଅଫ୍

# ପାକିସ୍ତାନ ବିପକ୍ଷରେ ଭାରତ ୨-୦ରେ ଅଗ୍ରଣୀ




ଇସଲାମାବାଦ, ୩।୨(ଏଜେନ୍ସି): ଇସଲାମାବାଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ୧ ପ୍ଲେ-ଅଫ୍ ଆରମ୍ଭ ହୋଇଛି। ଭାରତ ସଫଳତାର ସହ ନିଜର ନିଜର ପୂର୍ବ ପ୍ରଦର୍ଶନ ଦୋହରାଇବାରେ ସଫଳ ହୋଇଛି। ପ୍ରଥମ ଦିବସରେ ଭାରତୀୟ ଖେଳାଳିମାନେ ଦୁଇଟି ଏକକ ମ୍ୟାଚ୍ ଜିତି ଦଳକୁ ୨-୦ରେ ଅଗ୍ରଣୀ କରାଇଛନ୍ତି। ଭାରତର ରାମକୁମାର ରାମନାଥନ ଓ ଏନ୍ ଶ୍ରୀରାମ ବାଲାଜୀ ସେମାନଙ୍କ ଏକକ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ରଥମ ଏକକ ମୁକାବିଲାରେ ରାମନାଥନ ଦୁଇ ଘଣ୍ଟାରେ ୬-୭, ୭-୬, ୬-୦ ସେଟ୍‌ରେ ୪୩ ବର୍ଷୀୟ ଏଇସାମ ଉଲ ହକ କୁରେସିଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ଏକକ ମ୍ୟାଚ୍‌ରେ ବାଲାଜୀ ଏକ ଘଣ୍ଟା ୧୫ ମିନିଟ୍‌ରେ ୭-୫, ୬-୩ ସେଟ୍‌ରେ ପାକିସ୍ତାନର ଅକିଲ ଖାନଙ୍କୁ ହରାଇ ଦଳକୁ ଅଗ୍ରଣୀ କରାଇଥିଲେ। ରବିବାର ଯୁଗଳ ଓ ଦୁଇଟି ରିଭର୍ସ ଏକକ ମ୍ୟାଚ୍ ଖେଳାଯିବ। ଦୀର୍ଘ ୬୦ ବର୍ଷ ପରେ ଡେଭିସ କପ୍ ଖେଳିବାକୁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିଛି। ଫଳରେ ଏହି ଗସ୍ତର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି। ୧୯୬୪ରେ ଶେଷଥର ପାଇଁ ଭାରତ ପାକିସ୍ତାନ ଗସ୍ତ କରି ୪-୦ରେ ବିଜୟୀ ହୋଇଥିଲା।

# ଦ୍ୱିତୀୟ ସନ୍ତାନର ଜନକ ହେବେ କୋହଲି

ନୂଆଦିଲ୍ଲୀ, ୩।୨(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରୁ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓହରିଯିବାର କାରଣ ଏବେ ସ୍ପଷ୍ଟ ହୋଇଛି। କୋହଲି ଖୁବଶୀଘ୍ର ଦ୍ୱିତୀୟ ସନ୍ତାନର ଜନକ ହେବାକୁ ଯାଉଛନ୍ତି। ଏ ନେଇ ତାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ସାଥି ଖେଳାଳି ତଥା ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ ବ୍ୟାଟର ଏବି ଡିଭିଲର୍ସ ସୂଚନା ଦେଇଛନ୍ତି। କୋହଲି ଏବେ ନିଜ ପରିବାର ସହ ସମୟ ବିତାଉଛନ୍ତି। ଖାସ୍ ଏଥିପାଇଁ ସେ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡିଭିଲର୍ସ ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ୍‌ରେ କହିଛନ୍ତି। କୋହଲି ଭଲ ଅଛନ୍ତି ବୋଲି ସେ କହିଛନ୍ତି। ପ୍ରଥମ ଦୁଇଟି ଟେଷ୍ଟ ଖେଳୁ ନଥିବାରୁ କୋହଲିଙ୍କୁ ନେଇ ବିଭିନ୍ନ ଗୁଜବ ଶୁଣିବାକୁ ମିଳିଥିଲା। କୋହଲି କିମ୍ବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ କୌଣସି ସୂଚନା ଦେଇ ନଥିଲେ। ଫଳରେ ପ୍ରଶଂସକ ମନରେ ଉତ୍କଣ୍ଠା ବଢ଼ିବାରେ ଲାଗିଥିଲା। ଉଲ୍ଲେଖଥାଉ କି, କୋହଲି ଓ ତାଙ୍କ ବଲିଉଡ ଅଭିନେତ୍ରୀ ପତ୍ନୀ ଅନୁଷ୍କା ଶର୍ମାଙ୍କର ଭାମିକା ନାମରେ ୩ ବର୍ଷର ଝିଅ ଅଛି।

ତୃତୀୟ ଅନ୍ ଅଫିସିଆଲ ଟେଷ୍ଟ

# ଇଂଲଣ୍ଡ ଲାୟନ୍ସର ବିଜୟ ଲକ୍ଷ୍ୟ ୪୦୩

ଅହମ୍ମଦାବାଦ, ୩।୨(ଏଜେନ୍ସି): ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ପ୍ରଥମ ପାଳିରେ ୭ ରନ ପଛରେ ପଡ଼ିବା ପରେ ଭାରତ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ପାଳିରେ ୧୦୭.୧ ଓଭରରେ ୪୦୯ ରନର ବଡ଼ ସ୍କୋର ହାସଲ କରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ସମ୍ମୁଖୀନରେ ୪୦୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୪ ଓଭରରେ ୨ ୱିକେଟ ହରାଇ ୮୩ ରନ ସଂଗ୍ରହ କରିଛି। ଫଳରେ ଇଂଲଣ୍ଡ ୮ ୱିକେଟ ବାକିଥାଇ ବିଜୟ ପାଇଁ ଆଉ ୩୨୦ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଆଲେକ୍ସ ଲିଜ୍ ୪୧ ଓ ମାଥ୍ୟୁ ଫିସର ୧ ରନକରି ଅପରାଜିତ ରହିଛନ୍ତି। କିଟନ ଜେନିଙ୍ଗସ ୨୭ ଓ ଓଲିଭର ପ୍ରାଇସ୍ ୧୧ ରନକରି ଅଫ୍‌ସ୍ପିନର ସାରାଂଶ ଜୈନଙ୍କ ଦ୍ୱାରା ଆଉଟ ହୋଇଛନ୍ତି।



### ସୁଦର୍ଶନଙ୍କ ଲଢୁଆ ଶତକ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୪୮/୩ରୁ ଖେଳ ଆରମ୍ଭ କରି ଭାରତ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟର ସାଇ ସୁଦର୍ଶନ ୫୪ରୁ ଖେଳ ଆରମ୍ଭ କରି ୧୧୭ ରନର ଶତକୀୟ ପାଳି ଖେଳି ଫିସରଙ୍କ ବଲ୍‌ରେ ଓଲି ରବିନସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଳକ ବର୍ମା ୪୬, ରିଙ୍କୁ ସିଂ ୩୮, ୱିକେଟରକ୍ଷକ ବ୍ୟାଟର କୁମାର କୁଶାଗ୍ର ୪୦, ସାରାଂଶ ଜୈନ ୬୩, ଆକାଶଦୀପ ୩୧ ରନକରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ଜେମ୍ସ କୋଲେସ ଓ ଡାନ ମାଉସଲି ୩ଟି ଲେଖାଏ ମାଥ୍ୟୁ ପଟ୍ସ ଓ ମାଥ୍ୟୁ ଫିସର ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ମାଥ୍ୟୁସ, ଚାଣ୍ଡିମଲଙ୍କ ଶତକ: ଶ୍ରୀଲଙ୍କା ବୃହତ୍ ଅଗ୍ରଣୀ

କଲମ୍ବୋ, ୩।୨(ଏଜେନ୍ସି): ସ୍ଥାନୀୟ ସିଂହଳି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ବୃହତ୍ ଅଗ୍ରଣୀ ହାସଲ କରିବା ସହ ସ୍ଥିତି ଦୃଢ଼ କରିଛି। ଟସ୍ ହାରି ପ୍ରଥମେ ପାଳିରେ ଆଫଗାନିସ୍ତାନ ୬୨.୪ ଓଭରରେ ୧୯୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରି ଶ୍ରୀଲଙ୍କା ଆଞ୍ଜେଲୋ ମାଥ୍ୟୁସ୍ ଓ ଦୀନେଶ ଚାଣ୍ଡିମଲଙ୍କ ଶତକ ସହାୟତାରେ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୦୧.୨ ଓଭରରେ ୬ ୱିକେଟ ହରାଇ ୪୧୦ ରନ ସଂଗ୍ରହ କରିଛି। ଫଳରେ ୪ ୱିକେଟ ବାକି ଥାଇ ଶ୍ରୀଲଙ୍କା ଏବେ ୨୧୨ ରନର ବୃହତ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସାଦିରା ସମରବିକ୍ରମା ୨୧ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ପାଳି ସ୍କୋର ୮୦/୦ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରିଥିଲା। ମାଥ୍ୟୁସ୍ ୧୪୧ ଓ ଚାଣ୍ଡିମଲ ୧୦୭ ରନର ଶତକୀୟ ପାଳି ଖେଳିଥିବା ବେଳେ ଓପନର ଦ୍ରୁମିଥ କରୁଣାରତ୍ନେ ୭୭, ନିଶାନ ମଦୁସ୍କା ୩୭, କୁଶଲ ମେଣ୍ଡିସ୍ ୧୦ ଓ ଅଧିନାୟକ ଧନଞ୍ଜୟ ଡିସିଲଭା ବିନା ସ୍କୋରରେ ଆଉଟ ହୋଇଥିଲେ। ମାଥ୍ୟୁସ ଏଥିସହ ୧୬ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ବୋଲିଂରେ ଆଫଗାନିସ୍ତାନ ପାଇଁ ନଭିଦ ଜଦ୍ରାନ ଓ କାଇସ୍ ଅହମ୍ମଦ ଦୁଇଟି ଲେଖାଏ ନିଜତ ମାସୁଦ ଗୋଟିଏ ୱିକେଟ ନେଇଥିଲେ।




୨୩ ବର୍ଷରୁ କମ୍ ମହିଳା କ୍ରିକେଟ

# ସୌରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୩।୨ (ସମିସ): ମୁମ୍ବଇରେ ଚାଲିଥିବା ୨୩ ବର୍ଷରୁ କମ୍ ଦିନିକିଆ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଏଥର ଦଳ ସୌରାଷ୍ଟ୍ର ନିକଟରୁ ୨ ୱିକେଟରେ ହାରିଛି। ଏହି ମ୍ୟାଚ୍‌ରେ ଶୁଭ୍ରନିର୍ଝରିଣୀ ସ୍ୱାଇଁ ୮୪ ବଲ୍‌ରେ ଅପରାଜିତ ୫୪ ଓ କୁସୁମ ତିରିଆ ୯୦ ବଲ୍‌ରେ ୪୦ ରନ୍ କରିବା ଫଳରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୧୭୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଟି ଧରଣୀ ୩ଟି ଓ ତିଶା ୨ଟି ୱିକେଟ ପାଇଥିଲେ। ଜବାବରେ ସୌରାଷ୍ଟ୍ର ୪୮.୧ ଓଭରରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଉମେଶ୍ୱରୀ ଜେଠୱା ୬୪ ଓ ଭି ହୀରା ୩୪ ରନ୍ କରି ଦଳକୁ ଜିତାଇଥିଲେ। ଶୁଭ୍ରନିର୍ଝରିଣୀ ଓ ସୂର୍ଯ୍ୟସ୍ନାତା ସ୍ୱାଇଁ ୨ଟି ଲେଖାଏଁ ୱିକେଟ ପାଇଥିଲେ ମଧ୍ୟ ଦଳକୁ ଜିତାଇ ପାରି ନଥିଲେ।




ଶୁଭ୍ରନିର୍ଝରିଣୀ ସ୍ୱାଇଁ

ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡମିଣ୍ଟନ

# ସେମିରେ ହାରିଲେ ଚଲିହା

ବ୍ୟାଙ୍କକ୍, ୩।୨(ଏଜେନ୍ସି): ଏଠାରେ ଚାଲିଥିବା ଥାଇଲାଣ୍ଡ ମାଷ୍ଟର୍ସ ସୁପର ୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଉଦୀୟମାନ ମହିଳା ଖେଳାଳି ଅଶ୍ମିତା ଚଲିହା ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ସେମି ମୁକାବିଲାରେ ଗୁଆହାଟିର ୨୪ ବର୍ଷୀୟା ଚଲିହା ବିଶ୍ୱର ୧୭ ନଂ ଖେଳାଳି ଥାଇଲାଣ୍ଡର ସୁପାନିଦା କେଟ୍‌ଥୋଙ୍ଗଙ୍କଠାରୁ ୧୩-୨୧, ୧୨-୨୧ରେ ମାତ୍ର ୩୫ ମିନିଟ୍ ମଧ୍ୟରେ ପରାସ୍ତ ହୋଇ ଫାଇନାଲ ଖେଳିବାର ବଞ୍ଚିତ ହୋଇଛନ୍ତି। ଏଥିସହ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ପୂର୍ବରୁ ପୁରୁଷ ଏକକରେ କିଦାମ୍ବି ଶ୍ରୀକାନ୍ତ, ମିଥୁନ ମଞ୍ଜୁନାଥ, ମହିଳା ଯୁଗଳରେ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଭଳି ଖେଳାଳି କ୍ୱାର୍ଟରରେ ପରାସ୍ତ ହୋଇ ବିଦାୟ ନେଇସାରିଛନ୍ତି। ପୁରୁଷ ଏକକରେ ତାଇୱାନର ଚୋଉ-ତିଏନ ଚେନ୍ ଓ ସିଙ୍ଗାପୁରର ଲୋହ କିନ ୱେଇ ଫାଇନାଲରେ ରବିବାର ପରସ୍ପରକୁ ଭେଟିବେ। ସେହିପରି ମହିଳା ଏକକ ଫାଇନାଲରେ ଜାପାନର ଆୟା ଓହରି ଓ ସ୍ଥାନୀୟ ଖେଳାଳି ସୁପନିଦା କେଟଥୋଙ୍ଗ ଟାଇଟଲ ପାଇଁ ପରସ୍ପରକୁ ଭେଟିବେ।

● ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜ୍ ୨୨ରୁ

# ଭାରତୀୟ ଦଳରେ ୪ ଓଡ଼ିଆ



ଦେବରାଜ ବେହେରା



ନକୁଳ ବଡ଼ନାୟକ



ପଙ୍କଜ ଭୁଏ



ସୁଖରାମ ମାଝୀ

ଭୁବନେଶ୍ୱର, ୩।୨ (ସମିସ): ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କାକୁ ନେଇ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଦୁବାଇରେ ଫେବୃଆରୀ ୨୨ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ଏକ ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପଙ୍କଜ ଭୂଏ, ନକୁଳ ବଡ଼ନାୟକ, ସୁଖରାମ ମାଝୀ ଓ ଦେବରାଜ ବେହେରା। ସୁଖରାମ ଦୀର୍ଘ ୭ ବର୍ଷ ପରେ ଭାରତୀୟ ଦଳକୁ ଫେରିଛନ୍ତି। ସେହିପରି ଦେବରାଜ ବେହେରା ପ୍ରଥମଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ନଗେସ ଟ୍ରଫିରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଦେବରାଜଙ୍କ ସହ ୪ଜଣ ଖେଳାଳିଙ୍କୁ ପ୍ରଥମଥର ଏହି ଦଳରେ ସ୍ଥାନ ମିଳିଛି। ଏହି ତ୍ରିରାଷ୍ଟ୍ରୀୟ ପ୍ରତିଯୋଗିତା ଲାଗି ପ୍ରଶିକ୍ଷଣ ଶିବିର ବେଙ୍ଗାଲୁରୁରେ ଫେବୃଆରୀ ୮ରୁ ୨୦ ତାରିଖଯାଏ ଅନୁଷ୍ଠିତ ହେବ। ଏହା ପରେ ଦଳ ଦୁବାଇ ଅଭିମୁଖେ ଯାତ୍ରା କରିବ। ଏହି ତିରାଷ୍ଟ୍ରୀୟ ପ୍ରତିଯୋଗିତା ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ସର୍ବାଧିକ ପଏଣ୍ଟ ପାଇଥିବା ଦୁଇ ଦଳ ଫାଇନାଲ ଖେଳିବେ। ଫେବୃଆରୀ ୨୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ବ୍ଲୁ ରକ୍ ଷ୍ଟାରକୁ ହରାଇ ରାଇଜିଂ ଷ୍ଟାର ଚାମ୍ପିଅନ

ଭୁବନେଶ୍ୱର, ୩।୨ (ସମିସ): କୁମାରବସ୍ତର ରାଇଜିଂ ଷ୍ଟାର ଏକ ରୋମାଞ୍ଚକ ଫାଇନାଲରେ ଯାଁଳାର ବ୍ଲୁ ରକ୍‌ଷ୍ଟାରକୁ ମାତ୍ର ୮ ରନ୍‌ରେ ହରାଇ ଷଷ୍ଠ ତମାଣ୍ଡୋ ପ୍ରିମିୟର ଲିଗ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର ୧୯.୩ ଓଭରରେ ୧୭୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଉତ୍ତମ ମହାନ୍ତି ୩୫ ଓ ଶେଖର ସ୍ୱାଇଁ ୧୬ ବଲ୍‌ରେ ୪୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ସଲମାନ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଜବାବରେ ୧୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ଲୁ ରକ୍ ଷ୍ଟାର ୧୯ ଓଭରରେ ୮ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ଦଳ ଲାଗି ୧୬ ରନ୍ ଆବଶ୍ୟକ ହେଉଥିଲା। ଶେଷ ଓଭର ପ୍ରଥମ ବଲ ୱାଇଡ୍ ହେବା ପରେ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଯାଇଥିଲା। କିନ୍ତୁ ଏହାର ପର ବଲ୍‌କୁ ଛକା ମାରି ବ୍ଲୁ ରକ୍‌ଷ୍ଟାର ବିଜୟ ଆଶା ସଞ୍ଚାର କରିଥିଲା। କିନ୍ତୁ ରାଇଜିଂ ଷ୍ଟାର ଦଳ ବାକିଥିବା ୨ଟି ଯାକ ୱିକେଟକୁ ଗୋଟିଏ ରନ୍ ଦେଇ ଅକ୍ତିଆର କରିନେଇଥିଲେ। ଫଳରେ ରକ୍ ଷ୍ଟାର ୧୯.୩ ଓଭରରେ ୧୭୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ସେକ୍ ସଲମାନଙ୍କ ୩୩ ବଲ୍‌ରେ ୫୧ ଓ ରଶ୍ମିରଞ୍ଜନଙ୍କ ୨୬ ବଲ୍‌ରେ ୩୬ ରନ୍ ଦଳକୁ ଜିତାଇ ପାରି ନଥିଲା। ବିଜୟୀ ଦଳର ବିକାଶ ରାଉତଙ୍କୁ ୪ଟି ୱିକେଟ ମିଳିଥିଲା। ଅଲରାଉଣ୍ଡ ସଫଳତା ଲାଗି ପରାଜିତ ବ୍ଲୁ ରକ୍ ଷ୍ଟାରର ସେକ୍ ସଲମାନଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଓ ବିଜୟୀ ରାଇଜିଂ ଷ୍ଟାରର ବିକାଶଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ରଶ୍ମିରଞ୍ଜନ ସାହୁ ଓ ଜନ୍ମେଜୟ ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶିଶିର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍‌ର ସଭାପତି ଆଶିଷ ପଟ୍ଟନାୟକ ସଭାପରିଚାଳନା ଓ ସୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ପାୟାର ଅବିନାଶ ପଟ୍ଟନାୟକ ଓ ରତିକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଅଭିଷେକ ବେହେରା ଧାରାବିବରଣୀ ପ୍ରଦାନ କରିଥିଲାବେଳେ ବେଣୁଧର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



## ଏଫ୍ଆଇଏଚ୍ ପ୍ରୋ ଲିଗ୍
# ପରାଜୟରୁ ଭାରତର ଅଭିଯାନ

ଭୁବନେଶ୍ୱର, ୩।୨ (ସମିସ): ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିବା ଭାରତୀୟ ମହିଳା ହକି ଦଳ ଶନିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ପରାଜୟରୁ ଅଭିଯାନ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚାଇନା ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୨-୧ ଗୋଲରେ ଭାରତକୁ ହରାଇଦେଇଛି। ଏଥିସହ ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା ଚାଇନା ମହିଳା ଦଳ ୩ ପଏଣ୍ଟ ଅର୍ଜନ କରି ଖାତା ଖୋଲିଛି। ଘରୋଇ ଭାରତ ଆଗାମୀ ମୁକାବିଲାରେ ସୋମବାର ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସକୁ ଭେଟିବ। ଏହି ମ୍ୟାଚ୍ ରବିବାର ରାତି ୭ଟା ୩୦ରେ ଆରମ୍ଭ ହେବ। ସେହିଭଳି ଚାଇନା ରବିବାର ସନ୍ଧ୍ୟା ୫ଟା ୩୦ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍ଆଇଏଚ୍ ପ୍ରୋ ଲିଗ୍ ସହ ଓଡ଼ିଶାକୁ ପୁଣିଥରେ ହକି ଫିଭର ଫେରିଛି। ଶନିବାର ସନ୍ଧ୍ୟାରେ ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ଘରୋଇ ଭାରତୀୟ ମହିଳା ଦଳ ସହ ଚାଇନାର ସାମ୍ନାସାମ୍ନି ହୋଇଥିଲା। କିନ୍ତୁ ବିଶ୍ୱ ମାନ୍ୟତାରେ ଭାରତଠାରୁ ୨ଟି ସ୍ଥାନ ତଳେ ରହିଥିଲେ ମଧ୍ୟ ଚାଇନା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ୨-୧ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚର ପ୍ରଥମ କ୍ୱାର୍ଟରର ୧୫ତମ ମିନିଟ୍‌ରେ ବନ୍ଦନା କାଟାରିୟା ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ଏହି ସ୍ଥିତିକୁ ବଳବତ୍ତର ରଖିଥିଲା। କିନ୍ତୁ ୩ୟ ଓ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏ ଗୋଲ୍ ଦେଇ ଚାଇନା ଭାରତ ହାତରୁ ବିଜୟ ଛଡ଼ାଇ ଆଣିଥିଲା। ୪୦ତମ ମିନିଟ୍‌ରେ ଡାନ୍ ୱେନ ଏକ ଫିଲ୍ଡ ଗୋଲ୍ ଦେଇ ମ୍ୟାଚକୁ ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ଏହାପରେ ୫୨ତମ ମିନିଟ୍‌ରେ ଗୁ ବିଙ୍ଗଫେଙ୍ଗ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ଚାଇନାକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଭାରତ ଶେଷ ୮ ମିନିଟ୍‌ରେ କିଛିଟା ଲଢ଼େଇ କରିଥିଲେ ମଧ୍ୟ ମ୍ୟାଚକୁ ଫେରିପାରି ନ ଥିଲା। ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ଡାନ୍ ୱେନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

**ଆଜିର ମ୍ୟାଚ୍**

**ଚାଇନା-ଅଷ୍ଟ୍ରେଲିଆ**
ସନ୍ଧ୍ୟା- ୫ଟା ୩୦
**ଭାରତ-ନେଦରଲାଣ୍ଡସ**
ରାତି ୭ଟା ୩୦ରୁ
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

# ନେଦରଲାଣ୍ଡସର ବୃହତ୍ ବିଜୟ

ଭୁବନେଶ୍ୱର, ୩।୨ (ସମିସ): ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ (ମହିଳା)ରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଚଳିତ ଭୁବନେଶ୍ୱର ଲେଗ୍‌ର ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ ମହିଳା ହକି ଦଳ ୭-୦ ଗୋଲରେ ଏକପାଖିଆ ଭାବେ ଆମେରିକାକୁ ପରାସ୍ତ କରିଛି। ବିଜୟୀ ଦଳର ପିଏନ୍ ଡିକେ ଏକାକି ୪ଟି ଗୋଲ ଦେଇ ବିଜୟରେ ପ୍ରମୁଖ ଭୂମିକା ନିଭାଇଥିଲେ। ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୩-୨୪ ସଂସ୍କରଣରେ ନେଦରଲାଣ୍ଡସର ଏହା ୫ମ ମ୍ୟାଚରୁ ୫ମ ବିଜୟ ଥିଲା। ଦଳ ୯ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଅପରପକ୍ଷରେ ଆମେରିକା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ନେଦରଲାଣ୍ଡସ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଘରୋଇ ଭାରତକୁ ଭେଟିବ। ସେହିଭଳି ଆମେରିକା ୬ ତାରିଖରେ ଅଷ୍ଟ୍ରେଲିଆ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ନେଦରଲାଣ୍ଡସ ଓ ଆମେରିକା ମଧ୍ୟରେ ଏହା ମୋଟ୍ ଉପରେ ୨୪ତମ ମୁକାବିଲା ଥିଲା। ଯେଉଁଥିରେ ନେଦରଲାଣ୍ଡସ ୨୧ ଓ ଆମେରିକା ମାତ୍ର ୨ଟି ମ୍ୟାଚ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି।

## ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍
# ବୋରିସ୍‌ଙ୍କୁ ହରାଇ ସାୟନ୍ତନ ଶୀର୍ଷରେ

ଭୁବନେଶ୍ୱର, ୩।୨(ସମିସ): ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଥମ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟସ (ଜିଏମ୍) ଚେସ୍ ଫେଷ୍ଟିଭାଲର ଶନିବାର ସପ୍ତମ ଦିବସରେ ୯ମ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମ ବୋର୍ଡରେ ରୁଷିଆ ଜିଏମ୍ ବୋରିସ୍‌ଙ୍କୁ ଭାରତୀୟ ଜିଏମ୍ ସାୟନ୍ତନ ଦାସ ପରାସ୍ତ କରି ଏକକ ଅଗ୍ରଣୀ ହାସଲ କରିଛନ୍ତି। ଦ୍ୱିତୀୟ ବୋର୍ଡରେ ଜିଏମ୍ ଦିପ୍ତାୟନ ଘୋଷ ପ୍ରତିପକ୍ଷ ସୋହମ କାମୋତ୍ରୋଙ୍କୁ ପରାସ୍ତ କରିଥିଲେ। ତୃତୀୟ ବୋର୍ଡରେ ଆଇଏମ୍ ସମ୍ବିତ ପଣ୍ଡା ପ୍ରତିପକ୍ଷ ବିଘ୍ନେସ ଭେମୁଲାଙ୍କ ସହ ଓ ଚତୁର୍ଥ ବୋର୍ଡରେ ଜିଏମ୍ ଫଓଜି ଆଦାମ ଶ୍ରୀଲଙ୍କା ଆଇଏମ୍ ରାନନଦୁ ଦିଲସାନଙ୍କ ସହ ମ୍ୟାଚ୍ ଅମୀମାଂସିତ ରଖିଥିଲେ। ସେହିପରି ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଜିଏମ୍ ଆରଆର ଲକ୍ଷ୍ମଣ, ଆଇଏମ୍ ଅତି ଅମେୟ, ଜୟଭିର ମହେନ୍ଦ୍ରୁ, ଅଜୟ ସନ୍ତୋଷ, ନିତିନ ବାବୁ, ଆଇଏମ୍ ନିଶା ମହୋତୋ, ଡେରେ ପୁସ୍କର, ଅର୍ପଣ ଦାସ, ଜିଏମ୍ ଫେଡେରୋଭ ଆଲେକ୍ସ ବିଜୟୀ ହୋଇଥିଲେ। ଓଡ଼ିଆ ଖେଳାଳି ପ୍ରିୟଂଶ ଦାସ ଓ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ନିଜର ମ୍ୟାଚ୍ ଅମୀମାଂସିତ ରଖିଥିଲେ।

୯ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ସୋହମ କାମୋତ୍ରା ଓ ବିଘ୍ନେସ ଭେମୁଲା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିଛନ୍ତି। ୯ମ ରାଉଣ୍ଡ ଶେଷ ସୁଦ୍ଧା ୭.୫ ପଏଣ୍ଟ ସହ ସାୟନ୍ତନ ଦାସ ପ୍ରଥମ, ୭ ପଏଣ୍ଟ ସହ ଦିପ୍ତାୟନ ଘୋଷ ଦ୍ୱିତୀୟ, ୬.୫ ପଏଣ୍ଟ ସହ ବିଘ୍ନେସ, ଶୁଭାୟନ କୁଣ୍ଡୁ, ସମ୍ବିତ ପଣ୍ଡା, ନିଲେଶ ସାହ ଓ ସାହିଲ ଦେ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ରବିବାର ଅନ୍ତିମ ରାଉଣ୍ଡ ଖେଳ ହେବ।

## ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ, ଯଶପ୍ରୀତ ବୁମ୍‌ରାଙ୍କୁ ୬ ୱିକେଟ
# ଦ୍ୱିତୀୟ ଟେଷ୍ଟରେ ଭାରତର ସ୍ଥିତି ମଜଭୁତ

ବିଶାଖାପାଟଣା, ୩।୨ (ଏଜେନ୍ସି): ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ସ୍ଥିତି ମଜଭୁତ ହୋଇଛି। ଏହି


ଯଶସ୍ୱୀ ଜୟସ୍ୱାଲ

ମ୍ୟାଚ୍‌ରେ ଜୟସ୍ୱାଲ ତାଙ୍କ ଟେଷ୍ଟ ଜୀବନର ପ୍ରଥମ ଦ୍ୱିଶତକ (୨୦୯ରନ୍) କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ପାଳିରେ ୩୯୬ ରନ୍ କରିଥିଲା। ଜବାବରେ ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ଉଚିତ ମୁକାବିଲା କରି ନପାରି ଇଂଲଣ୍ଡ ପ୍ରଥମ ପାଳିରେ ୨୫୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ବୁମ୍‌ରା ଘାତକ ବୋଲିଂ କରି ୪୫ ରନ୍‌ରେ ୬ଜଣଙ୍କୁ ଆଉଟ କରିବା ସହ ଟେଷ୍ଟ କ୍ରିକେଟରେ ୧୫୦ତମ ୱିକେଟ ପୂରଣ କରିଛନ୍ତି। ଘରୋଇ ଦଳ ପ୍ରଥମ ପାଳିରେ ୧୪୩ ରନ୍‌ର ଅଗ୍ରଣୀ ନେବା ପରେ ଦ୍ୱିତୀୟ ପାଳିରେ ଚମତ୍କାର ବ୍ୟାଟିଂ କରି ୫ ଓଭରରେ କୌଣସି ୱିକେଟ ନ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜୟସ୍ୱାଲ ୧୫ ଓ ରୋହିତ ଶର୍ମା ୧୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଖେଳ ଆଉ ୩ ଦିନ ବାକି ଥିଲାବେଳେ ଭାରତ ୧୭୧ ରନ୍‌ରେ ଆଗୁଆ ରହିଛି। ସୂଚନାଯୋଗ୍ୟ ହାଇଦରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ଦ୍ୱିତୀୟ ଦିନ ଖେଳ ଶେଷରେ ସମାନ ସ୍ଥିତିରେ ଥିଲା। ଏବେ ଦେଖିବାର କଥା ଭାରତ ପ୍ରଥମ ଟେଷ୍ଟ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହେଉଛି କିମ୍ବା ଦ୍ୱିତୀୟ ପରାଜୟ ବରଣ କରୁଛି।

### ଟେଷ୍ଟ ଜୀବନର ପ୍ରଥମ ଦ୍ୱିଶତକ

ପୂର୍ବରୁ ଭାରତ ତାହାର ଅସମାପ୍ତ ପ୍ରଥମ ପାଳି ୬ ୱିକେଟରେ ୩୩୬ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପୂର୍ବଦିନ ୧୭୯ ରନ୍‌ରେ ଅପରାଜିତ ଥିବା ଓପନର ଜୟସ୍ୱାଲ ଶନିବାର ଦ୍ୱିତୀୟ ଦିନରେ ଆଉ ୩୦ ରନ୍ ଯୋଗ କରିବା ପରେ ଆଉଟ ହୋଇଥିଲେ। ୨୭୭ ବଲ୍‌ରେ ୧୮ ଚୌକା ଓ ୭ ଛକା ସହ ଜୟସ୍ୱାଲ ଏଠାରେ ଜୀବନର ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିଥିଲେ। ସେ ମୋଟ ୨୦୯ ରନ୍ କରିଥିଲେ। ଭାରତ ଆଉ ୬୦ ରନ୍ କରିବା ପରେ ୩୯୬ ରନ୍‌ରେ ଅଲଆଉଟ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ, ସୋଏବ ବସିର ଓ ରେହାନ ଅହମ୍ମଦ୍ ୩ଟି ଲେଖାଏଁ ୱିକେଟ ପାଇଥିଲେ।

### ବୁମ୍‌ରାଙ୍କ ଘାତକ ବୋଲିଂ

ଇଂଲଣ୍ଡ ଦଳ ଆକ୍ରମଣାତ୍ମକ ଭଙ୍ଗୀରେ ପାଳି ଆରମ୍ଭ କରି ପ୍ରଥମ ୱିକେଟରୁ ୫୯ ରନ୍ ଉଠାଇଥିଲା। ଓପନର ଜ୍ୟାକ୍ କ୍ରଲି ସର୍ବାଧିକ ୭୬ ରନ୍ କରିଥିଲେ। ଏହା ପରେ ବେନ ଷ୍ଟୋକ୍ସଙ୍କୁ ଛାଡି ଦେଲେ ଇଂଲଣ୍ଡର ଅନ୍ୟ କୌଣସି ବ୍ୟାଟର ଭାରତର ଦୁଇ ବୋଲର ବୁମ୍‌ରା ଓ କୁଲଦୀପ ଯାଦବଙ୍କୁ ମୁକାବିଲା କରିବାରେ ଅସମର୍ଥ ହୋଇଥିଲେ। ଷ୍ଟୋକ୍ସ ଦ୍ୱିତୀୟ ସର୍ବାଧିକ ୪୭ ରନ୍ କରିଥିଲେ। ବୁମ୍‌ରା ଏଠାରେ ସୁନ୍ଦର ବୋଲିଂ ପ୍ରଦର୍ଶନ କରି ଇଂଲଣ୍ଡ


ବୁମ୍‌ରା ଓ କୁଲଦୀପ

ବ୍ୟାଟରଙ୍କୁ ବୋକା ବନାଇ ଦେଇଥିଲେ। ସେ ମାତ୍ର ୧୫.୫ ଓଭର ବୋଲିଂ କରି ୫ଟି ମେଡେନ୍ ସହ ୪୫ ରନ୍ ଦେଇ ୬ଟି ୱିକେଟ ପାଇଥିଲେ। ସେ ପକାଇଥିବା ଆଉଟସୁଇଙ୍ଗରରେ ଜୋ ରୁଟ (୫), ଇନ୍‌ସୁଇଙ୍ଗରରେ ଓଲି ପୋପ୍ (୨୩) ଓ କଟରରେ ଷ୍ଟୋକ୍ସଙ୍କୁ ଆଉଟ କରିଥିଲେ। ବାମହାତୀ କୁଲଦୀପ ୩ଟି ୱିକେଟ ନେଇ ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର